

ବ୍ରହ୍ମପୁତ୍ର ୱିଙ୍ଗ୍‌ର ଉଦ୍‌ଘାଟନ କଲେ |୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିଗ୍‌ବସ୍‌ରେ ନିଜ ଜଲୱା ଦେଖାଉଛନ୍ତି ତାନ୍ୟା |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୦ Vol. 22 No-150 30 AUGUST 2025 SATURDAY, BHUBANESWAR ଶନିବାର, ୩୦ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଏସ୍‌ସି,ଏସ୍‌ଟି ଜାତୀୟ ସଂସଦୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଓମ୍ ବିର୍ଲା

# ସମତା ଭିତ୍ତିକ ସମାଜ ଗଠନ ଆହ୍ୱାନ



- ଅନୁସୂଚୀତ ଜାତି, ଜନଜାତିଙ୍କ ଉତ୍‌ଥାନ ଜରୁରି: ମୁଖ୍ୟମନ୍ତ୍ରୀ
- ବଞ୍ଚିତ ବର୍ଗଙ୍କ ବିକାଶ ହେଲେ ଦେଶ, ରାଜ୍ୟର ଉନ୍ନତି ହେବ: ଧର୍ମେନ୍ଦ୍ର
- ଆଦିବାସୀଙ୍କ ବିକାଶ ହେଲେ ନକ୍ସଲବାଦର ନିୟନ୍ତ୍ରଣ ସମ୍ଭବ: ହରିବଂଶ
- ବିଧାନସଭା ଗଣତନ୍ତ୍ରର କେନ୍ଦ୍ର: ବାଚସ୍ପତି

ଭୁବନେଶ୍ୱର, ୨୯।୮ (ଭାସ୍କର ନ୍ୟୁଜ): ଶୁକ୍ରବାର ଭୁବନେଶ୍ୱରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଗଣଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ଏହି ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଉର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଥିଲେ। ସେ ଆହୁରି ମଧ୍ୟ କହିଲେ ଯେ, ଭୁବନେଶ୍ୱରର ବର୍ତ୍ତମାନର ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି ସମ୍ମିଳନୀରେ, କମିଟି ଯାହା ପ୍ରସ୍ତାବ ଦେବ, ତାହାକୁ କାର୍ଯ୍ୟକାରୀ କରାଯିବ। ଏହାଫଳରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିବ। ଏହାଦ୍ୱାରା ବିକଶିତ ଭାରତ ଗଠନର ଲକ୍ଷ୍ୟ ମଧ୍ୟ ସଫଳ ହେବ ବୋଲି • ପୃଷ୍ଠା ୫ ଦେଖନ୍ତୁ

## ଜାପାନରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

# ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ସାମିଲ



ନୂଆଦିଲ୍ଲୀ, ୨୯।୮: ଜାପାନରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ଟୋକିଓରେ ଆୟୋଜିତ ୧୫ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ସେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଭାରତରେ ପୁଞ୍ଜିନିବେଶ ପାଇଁ ବିଦେଶୀ କମ୍ପାନୀ ଆଗ୍ରହୀ ରହିଛନ୍ତି। ବିକଶିତ ଭାରତ ଗଠନ କରିବା ଆମର ସର୍ବୋଚ୍ଚ ଲକ୍ଷ୍ୟ। ଦ୍ରୁତ ଅର୍ଥନୀତି ଆଡକୁ ଭାରତ ଅଗ୍ରସର ହେଉଛି। ବିଗତ ୧୧ ବର୍ଷରେ ଭାରତର ଦ୍ରୁତ ପ୍ରଗତି ଘଟିଛି। ମୋଦୀ ଆହୁରି କହିଥିଲେ ଯେ ଭାରତରେ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ଆସିଛି। ଅଟୋମୋବାଇଲ କ୍ଷେତ୍ରରେ ଭାରତ ଆଗକୁ ବଢ଼ି ଚାଲିଛି। ବ୍ୟବସାୟ ପାଇଁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ ସ୍ଥାପନ କରାଯାଇଛି। ଗ୍ରୀନ୍ ଏନର୍ଜୀ କ୍ଷେତ୍ରରେ ମିଳିମିଶି କାମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ବୈଠକ ପରେ ମୋଦୀ ଚୀନ୍ ଗସ୍ତରେ ଯିବେ। ଗସ୍ତ ସମୟରେ ଜାପାନ ସହିତ ବୈଷୟିକ ଏବଂ ନିବେଶ ସହଯୋଗକୁ ଏକ ନୂତନ ଦିଗଦର୍ଶନ ଦେବା ଉପରେ ମଧ୍ୟ ସେ ଗୁରୁତ୍ୱ ପ୍ରଦାନ କରିବେ। ଏହାପରେ ଚୀନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଭାରତ ବହୁପାକ୍ଷିକ ପ୍ରସଙ୍ଗରେ ନିଜର ସକ୍ରିୟ ଭୂମିକା ଉପସ୍ଥାପନ କରିବ। ଚୀନ୍ ସହିତ ସଂପର୍କ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦିଆଯିବାର ସମ୍ଭାବନା ରହିଛି। ଜାପାନଠାରେ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୨୯।୮ (ଭାସ୍କର ନ୍ୟୁଜ): ଆସନ୍ତା ୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହା ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ, ୨୯।୮ (ଭାସ୍କର ନ୍ୟୁଜ) : ଆସନ୍ତା ୩ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ । ନୂତନ କମିଟିର ଏହା ପ୍ରଥମ ବୈଠକ । ବୈଠକରେ ନୂତନ ସବ୍ କମିଟି ଗଠନ ହେବ । ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା, ରତ୍ନଭଣ୍ଡାର ଗଣତି, ମଣତି ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ । ନିଳାଦ୍ରୀ ଭକ୍ତ ନିବାସ ଠାରେ ଦିନ ୧୦ଟା ୩୦ମିନିଟ୍‌ରେ ବୈଠକ ବସିବ ।


### ଜାତୀୟ ରାଜପଥରେ ଜଳିଗଲା କାର୍

ଭଦ୍ରକ, ୨୯।୮ (ଭାସ୍କର ନ୍ୟୁଜ): ବାଲେଶ୍ୱରରୁ ଭୁବନେଶ୍ୱର ଆସୁଥିବା ଏକ କାର୍ ୧୬ନମ୍ବର ଜାତୀୟ ରାଜପଥର ଆଖୁଆପଦା ନିକଟରେ ଜଳି ଯାଇଥିବା ସୂଚନା ମିଳିଛି। ତେବେ ଏଥିରେ ଥିବା ୪ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। କାର୍‌ରେ କିପରି ନିଆଁ ଲାଗିଲା ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଖବରପାଇ ସ୍ଥାନୀୟ ଲୋକେ ଗାଡ଼ି ଭିତରକୁ ସେମାନଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସେନ୍‌ସେକ୍ସ: ୭୯,୮୦୯.୬୫
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

### ୨୯।୮।୨୦୨୫ ର ମତାମତ

ବିହାରରେ ପଶିଥିବା ଆତଙ୍କବାଦୀଙ୍କୁ ଧରିବାକୁ ସୁରକ୍ଷାକର୍ମୀ ସମର୍ଥ ହେବେ କି?




### ଆଜିର ପ୍ରସଙ୍ଗ

ମୋଦୀଙ୍କ ଚୀନ୍ ଗସ୍ତ ଦ୍ୱିପାକ୍ଷିକ ସଂପର୍କରେ ଉନ୍ନତି ଆଣିପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ବନ୍ୟା ଛାଡ଼ିଗଲା ବିପତ୍ତି ବଢ଼ିଲା
ଯୁଆଡ଼େ ଦେଖିବ ପାଣି
ବିପନ୍ନଙ୍କ ଦୁଃଖ ବଢି ବଢି ଚାଲେ
ସମସ୍ତେ ଅଜଣା ଜାଣି
ଲଘୁଚାପ ଆସେ ପୁଣି
ବନ୍ୟା ବିପତ୍ତିକୁ ବରଷାର ଦାଉ
ସହିହେବ କିହେ ପୁଣି...

## ଅପରେସନ 'ମନସୁନ୍'

# ମାଓ କ୍ୟାମ୍ପରୁ ବିପୁଳ ଅସ୍ତ୍ର ଜବତ



ମାଲକାନଗିରି, ୨୯।୮ (ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ଶେଷସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ସୁରକ୍ଷାକର୍ମୀ ମାଓପ୍ରବଣ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି। ଏହି କ୍ରମରେ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଅପରେସନ ମନସୁନ୍ ଶୁକ୍ରବାର ବେଶ୍ ସଫଳତା ହାସଲ କରିଛି। ଆଇଟିବିପି, ସିଆରପିଏଫ ଓ ଡିଆରଜିର ମିଳିତ ସହଯୋଗରେ ଏହି ଅପରେସନ ଅବୁଝମାଡ଼ ଜଙ୍ଗଲର କୋହକମେଟାର କୁତୁଲ ଅଞ୍ଚଳରେ କରାଯାଇଥିଲା। ଏହି ସମୟରେ ଉଭୟପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ଘଟିଥିଲା। ତେବେ ମିଳିତ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ମାଓବାଦୀମାନେ ଆହତ ହୋଇଥିଲେ ମଧ୍ୟ ପଛଘୁଞ୍ଚା ଦେଇ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଜବତ ଅସ୍ତ୍ରଗୁଡ଼ିକ ମଧ୍ୟରେ ୩୦୩ ରାଇଫଲ, ଏକେ-୪୭ ବନ୍ଧୁକ, ଏସ୍‌ଏଲ୍‌ଆର୍, ଇନସାସ୍, ଷ୍ଟେନଗନ୍, ପିସ୍ତଲ, • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ଅର୍ଥନୀତିର ଚମତ୍କାର ପ୍ରଦର୍ଶନ

# ଜିଡିପି ଅଭିବୃଦ୍ଧି ହାର ୭.୮%




ନୂଆଦିଲ୍ଲୀ, ୨୯।୮: ଭାରତ ବିଶ୍ୱର ସବୁଠାରୁ ମଜବୁତ ଅର୍ଥନୀତି ବୋଲି ପୁଣିଥରେ ପ୍ରମାଣିତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଭାରତୀୟ ଅର୍ଥନୀତି ଚମତ୍କାର ପ୍ରଦର୍ଶନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଏପ୍ରିଲରୁ ଜୁନ୍‌ରେ ଦେଶରେ ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି। କେବଳ ଏତିକି ନୁହେଁ, ଗତ ୫ ତ୍ରୈମାସରେ ଏହା ହେଉଛି ସବୁଠାରୁ ଅଧିକ ଜିଡିପି ଅଭିବୃଦ୍ଧି ହାର। ଜୁନ୍ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ରହିବା ନେଇ ଆରବିଆଇ ପୂର୍ବାନୁମାନ କରିଥିଲା। ପୂର୍ବବର୍ଷ ସମାନ ତ୍ରୈମାସରେ ଜିଡିପିର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ଥିଲା। ଆର୍ଥିକବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିଥିଲା। ବିଶେଷକରି ସେବାକ୍ଷେତ୍ରରେ ବୃଦ୍ଧି, ନିରନ୍ତର ନିବେଶ ଏବଂ ସରକାରୀ ଖର୍ଚ୍ଚରେ ବୃଦ୍ଧି ନେଇ ସକାରାତ୍ମକ ସଂକେତ ରହିଛି। • ପୃଷ୍ଠା ୫ ଦେଖନ୍ତୁ

## ବନ୍ୟାପାଣି ଛାଡ଼ିନି, ପୁଣି ବର୍ଷା ସମ୍ଭାବନା

# ଆସୁଛି ଆଉ ଦୁଇଟି ଲଘୁଚାପ

ଭୁବନେଶ୍ୱର, ୨୯।୮ (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଆସିଥିବା ବନ୍ୟାପାଣି ଏପର୍ଯ୍ୟନ୍ତ ଛାଡ଼ିନାହିଁ। ବନ୍ୟା ପ୍ରଭାବିତ ଅଞ୍ଚଳରେ ପୀଡ଼ିତମାନେ ଏବେ ବି ଦୁର୍ଦ୍ଦଶାରେ ରହିଛନ୍ତି। ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ,ଜଳକା ଓ ବୁଢ଼ାବଳଙ୍ଗ ନଦୀର ବନ୍ୟାପାଣି ହ୍ରାସ ପାଇଥିଲେ ମଧ୍ୟ ବିଭିନ୍ନ ଗାଁରେ ପଶିଥିବା ବନ୍ୟାପାଣି ଏବେ ବି ଗାଁ ଦାଣ୍ଡ ଓ ଚାଷ ଜମିରେ ଲହଡି ମାରୁଛି। ଲୋକଙ୍କ ଘର ଭିତରେ ପାଣି ଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକରେ ବନ୍ୟା ନାହିଁନଥିବା କ୍ଷତି ଘଟାଇଥିବାବେଳେ ବୈତରଣୀ ବନ୍ୟାଜଳରେ ଭଦ୍ରକର ଧାମନଗର ଓ ଭଣ୍ଡାରିପୋଖରୀ, ଯାଜପୁରର ଦଶରଥପୁର ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ସେହିପରି କାଣୀନଦୀ ଓ ବ୍ରାହ୍ମଣୀ ନଦୀର ବନ୍ୟା ଫଳରେ ପଟାମୁଣ୍ଡାଇ ଅଞ୍ଚଳର ପେଣ୍ଠପାଳ, • ପୃଷ୍ଠା ୫ ଦେଖନ୍ତୁ


DSPL-204



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR 10003/13/0252/2526

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ନିର୍ବାଚନ ମଣ୍ଡଳୀ ପୋଟଲାମପୁର ପଞ୍ଚାୟତ ହଂସପୁର ଠାକୁରାଣୀ ମନ୍ଦିର ଠାରେ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କନଭେନର ତ୍ରିନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଗଞ୍ଜାମ ଜିଲ୍ଲା ପ୍ରଭାରୀ ତୁଳେଶ୍ୱର ନାୟକ ଯୋଗଦେଇଥିଲେ । ଜିଲ୍ଲା କୋ-କନଭେନର ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ସାଙ୍ଗଠନିକ ବୈଠକରେ ଛତ୍ରପୁର ବ୍ଲକ ହଂସପୁର ଠାରେ କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଥିବା କଂଗ୍ରେସ କର୍ମୀମାନଙ୍କୁ ଯେପରି ଏକତ୍ରିତ କରି ଦଳର ସଂଗଠନକୁ ମଜବୁତ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ସଞ୍ଜୟ ମଣ୍ଡଳ, ଗୋପାଳପୁର ବିଧାୟକ ପ୍ରାର୍ଥୀ ଶ୍ୟାମ ସୁନ୍ଦର ସାହୁ, ଗଂଜାମ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ, କୃଷକ ନେତା ବୃନ୍ଦାବନ ଖଡ଼େଇ, ପଦ୍ମ ଚରଣ ସାହୁ, ଗଣପତି ବାରିକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ନାହାକ, ପୂର୍ବତନ ସମିତିସଭ୍ୟ ରଙ୍କ ଦାସ, କୁନା ଦାସ, ଅଶୋକ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।



## ମିଆଁମାରରୁ ଫେରିଲେ ଦୁଇ ଯୁବକ, ବଖାଣିଲେ କେମିତି କରାଯାଉଥିଲା ଅତ୍ୟାଚାର

### ଆଉ ଦୁଇ ଜଣ ହେବେ କେବେ ଉଦ୍ଧାର ?



ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ଜଲାରପୁର ଓ ବାହାରଣା ପଂଚାୟତରୁ ଚାକିରୀ ଆଶାରେ ୪ ଜଣ ଯୁବକ ମିଆଁମାର ଚାଲିଯାଇଥିଲେ । ସେଠାରେ ତାଙ୍କୁ ଖାଇବାକୁ ଦିଆଯାଉନଥିବାବେଳେ ତାଙ୍କ ଉପରେ ଅତ୍ୟାଚାର କରାଯାଇ ୧୫ ଦିନ କାଳ ବନ୍ଦ କୋଠରୀରେ ରଖିଥିଲେ । ଏମିତିକି ସେମାନଙ୍କ ମୋବାଇଲ ନେଇଯାଇଥିବାରୁ ପରିବାର ସହ କୌଣସି ଯୋଗାଯୋଗ ସମ୍ଭବ ହୋଇପାରୁନଥିଲା ।ଏଭଳି ଅକଥନୀୟ ଅତ୍ୟାଚାର ଦେଉଥିଲେ ମିଆଁମାରର ଏଜେଣ୍ଟମାନେ । ଦୀର୍ଘ ୬ ମାସ ପରେ ଚାରିଜଣଙ୍କ ମଧ୍ୟରୁ କଟକ ଜିଲ୍ଲା କୂଜଜଲାରପୂର ଗାଁର ପ୍ରତ୍ୟୁଷ ସ୍ୱାଇଁ ଏବଂ ବିଜୟ ନାୟକଙ୍କ ରାଜ୍ୟ ସରକାର ଏବଂ ନିଆଳି ବିଧାୟକ ଛବି ମଲିକଙ୍କ ଉଦ୍ୟମ ରେ ଫେରିଛନ୍ତି । ଏହି ଦୁଇ ଜଣ ଯୁବକ ଗତ ଫେବୃଆରୀ ୨୦୨୫ରେ ଘରୁ ଯାଇଥିଲେ । ୨୬ ଅଗଷ୍ଟ ୨୦୨୫ରେ ଘରେ ପହଁଚିଛନ୍ତି । ସେମାନଙ୍କ କହିବା କଥା ଆମ ଘର ପାଖର ସୌମ୍ୟରଂଜନ, ଜଣେ ଏଜେଣ୍ଟଙ୍କ ମାଧ୍ୟମରେ ଆମକୁ ନେଇଥିଲେ । ପ୍ରଥମେ କାମ୍ବୋଡ଼ିଆ ଭିସା ମିଳିଥିଲା । ଫୁଟ ପ୍ୟାକିଙ୍ଗ କାମ କରିବାକୁ କହି ନେଇଥିଲା । ପ୍ରଥମେ କଲିକତାରେ ୧୦ ଦିନ ରଖିବା ପରେ ବ୍ୟାଙ୍କକ ନେଇଥିଲା । ସେଠାରେ କମ୍ପୁଟର ଟାଇପ କାମ କରିବାକୁ କହିଥିଲେ । ଏମାନେ ମନା କରିବାରୁ ସେଠାରେ ଥିବା ଏଜେଣ୍ଟ ମାନେ ଏମାନଙ୍କ ଠାରୁ ମୋବାଇଲ ନେଇଯାଇଥିଲେ । ବିନା ଭିସାରେ ଜଙ୍ଗଲ ବାଟ ଦେଇ ବିଭିନ୍ନ ରାସ୍ତା ଦେଇ ମିଆଁମାର ନେଇଯାଇଥିଲେ । ଆମେ ମନା କରିବାରୁ ଖାଇବା ପିଇବାକୁ ନ ଦେଇ ଗୋଟିଏ ଘରେ ରଖି ନିର୍ଯାତନା ଦେଉଥିଲେ । ୧୦ ଦିନ ପରେ ବନ୍ଦ କୋଠରୀରେ ଗୋଟିଏ ବେଳ ଖାଇବାକୁ ଦେଇ ଘର ଲୋକ ସହ ଯୋଗାଯୋଗ କରାଉନଥିଲେ । ଏମିତିକି ଅଧିକ ଅର୍ଥ ଲୋଭ ଦେଖାଇ ସାଇବରରେ ଠକେଇ କରିବା ପାଇଁ ବାଧ କରାଉଥିଲେ । ଏଭଳି ଦୁଃଖଦ ଘଟଣା ବଖାଣିଛନ୍ତି ପ୍ରତ୍ୟୁଷ ଓ ବିଜୟ । ଏବେ ବି ବାହାରଣା ପଂଚାୟତ ବରିମୁଣ୍ଡେଇ ଗ୍ରାମର ସୌମ୍ୟ ରଂଜନ ବିହାରୀ ଓ ଲକ୍ଷ୍ମୀକାନ୍ତ ପଣ୍ଡା ଉଦ୍ଧାର ହୋଇପାରିନାହାନ୍ତି । ଓଡିଶା ସରକାର ଏବଂ ଭାରତ ସରକାରଙ୍କ ରାଷ୍ଟ୍ରଦୂତଙ୍କ ଜରିଆରେ ଚାପ ପକାଇବା ପରେ ଗତ ଜୁଲାଇ ୨୦ ତାରିଖରେ ମିଆଁମାର ସେନା ଆମକୁ ଉଦ୍ଧାର କରିଥିଲେ । ସେଠାରେ ତାଙ୍କ କ୍ୟାମ୍ପରେ ରଖି ଭାରତ ସରକାରଙ୍କ ସହ ଯୋଗାଯୋଗ କରାଇଥିଲେ । ଏହା ପରେ ଥାଇଲାଣ୍ଡ ସରକାର ଉଦ୍ଧାର କରି ଭାରତ ସରକାରଙ୍କୁ ହସ୍ତାନ୍ତର କରିଥିଲେ । ଏବେ ବି ଅନ୍ୟ ଦୁଇଜଣ ଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାର ଓ ଭାରତ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ।

## ଜାତୀୟ କ୍ରୀଡା ଦିବସ ପାଳିତ



ଯାଜପୁର (ଭାସ୍କର ନ୍ୟୁଜ): ଅଗଷ୍ଟ ୨୯ ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା,ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ଯାଜପୁର ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ଚରଣ ଟୁଡୁ, ହକି ପ୍ରଶିକ୍ଷକ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକିର ଯାଦୁଗର, ପଦ୍ମଭୂଷଣ, ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ କର କହିଥିଲେ ଯେ ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି । ତେଣୁ ରୋଗ ଠାରୁ ଦୁରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ । ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ ।ପରେ ପରେ ଜିଲ୍ଲାପାଳ ଇଣ୍ଡୋର ଷ୍ଟାଡ଼ିୟମରେ ବ୍ୟାଡ଼ମିଣ୍ଟନ, ତାଇକାଣ୍ଡୋ ଏବଂ ଅନ୍ୟାନ୍ୟ କ୍ରୀଡ଼ାବିତ ମାନଙ୍କୁ ଭେଟି କ୍ରୀଡା କ୍ଷେତ୍ରରେ ନିଜର ଉତ୍ତମ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ହକି ପ୍ରଶିକ୍ଷକ ଅମୂଲ୍ୟ କୁମାର ବେହେରା, କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ମମତା କିଣ୍ଡୋ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପରେ ପରେ ଜିଲ୍ଲା ସ୍କୁଲ ଓ ହକିପ୍ରଶିକ୍ଷଣ କେନ୍ଦ୍ର, ଏନ. ସି. କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏନ ସି କଲେଜ ଦଳ ଚାମ୍ପିୟନ ହୋଇଥିଲେ ।

## ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଯଦୁପୁର ଗ୍ରାମର ସ୍ୱରାଜ ବେହେରା ନାମକ ଅଟୋ ଚାଳକଙ୍କ ଇଣ୍ଡିକା କାର ନମ୍ବର OD ୧୩ X ୦୦୪୯ ଧକ୍କା ହୋଇ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଘଟଣାରୁ ପ୍ରକାଶ ଯେ ସ୍ୱରାଜ ଗତକାଲି ଅପରାହ୍ନ ସମୟରେ ଅଟୋ ନେଇ ସାତପଡା ଅଭିମୁଖେ ଯିବା ସମୟରେ ପୁରୀ ଅଭିମୁଖେ ଯାଉଥିବା ଯାତ୍ରୀବାହୀ କାର୍‌ଟି ଯଦୁପୁର ଛକର ଅନତି ଦୂରରେ ଅଟୋଟିକୁ ଧକ୍କା କାରିଥିବା ବେଳେ ଘଟଣା ସ୍ଥଳରେ ଅଟୋ ଚାଳକ ଗାଡିରୁ ଛିଟିକି ମୁମୁର୍ଷ ଅବସ୍ଥାରେ ପଡିଥିବାବେଳେ ଅଟୋ ଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇ ଖଣ୍ଡବିଖଣ୍ଡିତ ହୋଇ ପଡିଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଅରଖାକୁଦା ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗାଡି ଜବତ କରିବା ସହ ଆହତ ଅଟୋ ଚାଳକଙ୍କୁ ନିକଟସ୍ଥ ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡାକ୍ତର ତାଙ୍କୁ ଏଠାରେ ମୃତ୍ୟୁ ଘୋଷଣା କରିଥିବା ସୂଚନା ମିଳିଛି ।

## କାରିଗରପଡା ପୂଜା କମିଟି ପୁରସ୍କୃତ

ତାଳଚେର(ଭାସ୍କର ନ୍ୟୁଜ): ଗତବର୍ଷ ଗଣେଶ ପୂଜା ସମୟରେ ପ୍ରତିଦ୍ୱନ୍ଦିତା ମୂଳକ ପୂଜା ଓ ଭସାଣି ଉତ୍ସବ ପାଳନ ହେଉଥିଲାବେଳେ ବିଭିନ୍ନ କମିଟି ଗୁଡ଼ିକ ଭଲ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ତେବେ କିଛି କାରଣକୁ ନେଇ ଅବା ପୁରସ୍କାରରେ ଅସନ୍ତୁଷ୍ଟ ହୋଇ ଅଭିମାନ କରି ଗତ ବର୍ଷ ଗଣେଶ ପୂଜାର ପୁରସ୍କାର ପାଇଥିବା ସତ୍ତ୍ୱେ କାରିଗର ପଡା ପୂଜା କମିଟି ଉକ୍ତ ପୁରସ୍କାରକୁ ଗ୍ରହଣ କରିନଥିଲେ । ତେବେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଏହାକୁ ହୃଦୟଙ୍ଗମ କରି ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ପାଣି ଓ ଉପସଭାପତି ଡଃ ରଶ୍ମି ରଞ୍ଜନ ମିଶ୍ର, ପ୍ରକାଶ ଚନ୍ଦ୍ର ମହାରଣା, ସହ ସମ୍ପାଦକ ସୌଭାଗ୍ୟ ମହାରଣା, ମେଡିଆ ସଂଯୋଜକ ତପନ କୁମାର ମହାରଣା କାରିଗର ପଡା ପୂଜା ମଣ୍ଡପ ନିକଟରେ ପହଞ୍ଚି ସଭାପତି ପ୍ରୀତେଶ ପଟ୍ଟନାୟକ, ସମ୍ପାଦକ ଟୁନା ମହାପାତ୍ର, ଉପଦେଷ୍ଟା ଜୀତେନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ବୁଝାଇ ତାଙ୍କ ପାଇଥିବା ପ୍ରାଇଜକୁ ପ୍ରଦାନ କରିଥିଲେ । ଏଥିସହିତ ୫୦୦୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରୀୟ କମିଟିର ଏହି ପ୍ରୟାସ ତଥା ଉଚ୍ଚକୋଟିର ମନୋଭାବ ଯୋଗୁଁ କାରିଗରପଡା ପକ୍ଷରୁ କେନ୍ଦ୍ରୀୟ କମିଟିର ଆସିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିବା ସହ ତାଳଚେର କେନ୍ଦ୍ରୀୟ ପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନା (IAS) ,ସମସ୍ତ କେନ୍ଦ୍ରୀୟ କମିଟିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## ସାହିତ୍ୟ ସଂସଦର କାର୍ଯ୍ୟକାରିଣୀ ବୈଠକ



ବ୍ୟାସନଗର(ଭାସ୍କର ନ୍ୟୁଜ): ୧୯୬୯ ମସିହାରୁ ବ୍ୟାସନଗର ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ପଦ୍ମନାଭ ମଲ୍ଲଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟାସନଗର ସାହିତ୍ୟ ସଂସଦର ଏକ ବୈଠକ ବ୍ୟାସନଗର ଷ୍ଟାଡିଅମ ରୋଡ ସ୍ଥିତ କ୍ରିଷ୍ଟା ଇଣ୍ଟେରନାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଅଧ୍ୟାପକ ଡ଼କ୍ଟର ପଦ୍ମଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅଧ୍ୟାପକ ଡ଼କ୍ଟର ଅକ୍ଷୟ କୁମାର ପଣ୍ଡା ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସର୍ବସମ୍ମତିକ୍ରମେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ପଦ୍ମନାଭ ମଲ୍ଲଙ୍କ ୮୫ତମ ଜନ୍ମଦିନ ଅକଟୋବର ୮ ରିଖରେ ପାଳନ କରିବାକୁ ସ୍ଥିର କରାଗଲା । ଏହି ଉପଲକ୍ଷେ ସଂସଦର ମୁଖପତ୍ର ବ୍ୟାସନଗର ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଯାଇ ବ୍ୟାସନଗରର ଐତିହ, ସଂସ୍କୃତି ଓ ପରମ୍ପରା ଉପରେ ଏକ ବିଶେଷାଙ୍କ ପ୍ରକାଶନ ପାଇଁ ସ୍ଥିର କରାଗଲା । ଆଗାମୀ ସେପଟ୍ଟେମ୍ବର ୧୫ ରିଖ ଭିତରେ ଲେଖା ପଠାଇବାକୁ ସମସ୍ତଙ୍କୁ ଅନୁରୋଧ କରାଗଲା । ସଂସଦର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡ଼କ୍ଟର କୁଶଚନ୍ଦ୍ର ପ୍ରଧାନ, emailkushapradhan@gmail.com, WhatsApp ୯୪୩୭୦୯୧୩୮୭ ଓ ସମ୍ପାଦକ ଋmail :akshaya.panda8@gmail. com । ibû_Zò email : padmalochanrouteco@gmail. com ରେ ଟାଇପି କରି ୱାର୍ଡ ଫାଇଲରେ ପଠାଇବାକୁ ଅନୁରୋଧ । ଉକ୍ତ ବୈଠକରେ ବର୍ଷିଆନ ସାହିତ୍ୟିକ ମଧୁସୂଦନ ମହାପାତ୍ର, କାଁହୁ ଚରଣ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼କ୍ଟର ମୋହନ ଚରଣ ଖୁଣ୍ଟିଆ,, ଆଡ଼ଭୋକେଟ ବ୍ରଜ କିଶୋର ପତି, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ସାମ୍ବାଦିକ ପ୍ରଶାନ୍ତ କୁମାର ପାତ୍ର, ସାମ୍ବାଦିକ ନିତ୍ୟାନନ୍ଦ ମହାଳିକ, ନିତ୍ୟାନନ୍ଦ ଦାଶଙ୍କ ସମେତ ବହୁ ସଭ୍ୟ ସଭ୍ୟା ଅଂଶଗ୍ରହଣ କରିଥିଲେ । ଶେଷରେ ଆଡ଼ଭୋକେଟ ଶୁଭଦର୍ଶୀ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେପ୍ଟେମ୍ବର ୬ରେ କଳା ଦିବସ ପାଳନ କରିବ କୁଡୁମୀ ସେନା



ବାରିପଦା(ଭାସ୍କର ନ୍ୟୁଜ): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି ।ଏହିକ୍ରମରେ ଆସନ୍ତା ସେପ୍ଟେମ୍ବର ୬ ତାରିଖ କୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।ଏଠାରେ ସ୍ମରଣଯୋଗ୍ୟ ଯେ ଗତ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍‌ଟି) ବର୍ଗରୁ ବାଦ୍ ଦିଆଯାଇଥିଲା ।କୁଡୁମି ଜାତି ପ୍ରତି ହେଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦ ରେ ସେପ୍ଟେମ୍ବର ୬ ତାରିଖ କୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପଲ୍ଲୀ ରୁ ଦିଲ୍ଲୀର ଜନ୍ତର ମନ୍ତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମି ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି । ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା ରେ ଏହି ବୈଠକ ରେ କୁଡୁମୀ ସେନା ର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ୍, ବିଶ୍ୱନାଥ, ଦୁର୍ଗା, ବିରେନ୍ଦ୍ର, ନୁକୁ,ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନା ର ବରୁଣ ମହାନ୍ତ,ଗୌତମ ମହାନ୍ତ, ଅଜିତ, ଦିପୁ,ଚକ୍ର, ଦେବାଶିଷ, ତୁଷାର, ଲିପୁନ କୁଡୁମୀ ମହିଳା ସେନା ର ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

## ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ପକ୍ଷରୁ ପାରିବାରିକ ବନ୍ଧୁମିଳନ



ବ୍ୟାସନଗର(ଭାସ୍କର ନ୍ୟୁଜ): ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ବ୍ୟାସନଗର ଶାଖାର ତୃତୀୟ ବାର୍ଷିକ ଶ୍ରୀଗଣେଶ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ସହରର ଦଳାସ୍ଥିତ ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ଅନୁଷ୍ଠିତ ପୂଜା ଉତ୍ସବର ଦ୍ୱିତୀୟ ଦିବସରେ ଜିଲା ସଭାପତି ବସନ୍ତ ପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ପାରିବାରିକ ବନ୍ଧୁମିଳନ ଅୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ମଧୁ ବୈଶ୍ୟ ପରିବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉକ୍ତ ସମାବେଶରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଧୁ ବୈଶ୍ୟ ସମାଜର ଏକତା ଓ ଭାଇଚାରାକୁ ଭୂୟସୀ ପ୍ରଶଂସା କରିଥିଲେ । ଏକ ଗଣେଶ ମନ୍ଦିର ନିର୍ମାଣ ପାଇଁ ସଂଗଠନ ଦୀର୍ଘ ଦିନ ଧରି ଦାବି କରି ଆସୁଥିବାରୁ ବିଧାୟକ ମନ୍ଦିର ପାଇଁ ଜମି ଓ ଆର୍ଥିକ ଅନୁଦାନ ର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରସଂସ୍ଥାର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଯୋଗଦେଇ ସାମାଜିକ ନିରାପତ୍ତା ପାଇଁ ଏଭଳି ସଂଗଠନର ଆବଶ୍ୟକତା ରହିଥିବା ତାଙ୍କ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଧର୍ମଶାଳା ବ୍ଲକର ରଘୁନାଥ ପାତ୍ର, ପ୍ରଶାନ୍ତ ସାହୁ ଓ ଅଶୋକ ସାହୁ ଉପସ୍ଥିତ ପ୍ରମୁଖ ସାଙ୍ଗଠନିକ ବିକାଶ ପ୍ରସଙ୍ଗରେ କହିଥିଲେ । ସେହିପରି ସୁବର୍ଣ୍ଣପୁର ଠାରେ ଅବସ୍ଥାପିତ ଜିଲା ଦକ୍ଷତା ବିକାଶ ଅଧିକାରୀଣୀ ସଞ୍ଜୁ କୁମାରୀ ସାହୁ ମଧୁ ବୈଶ୍ୟଙ୍କ ଅଭିବୃଦ୍ଧି ପାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ । ଉତ୍ସବ ଆୟୋଜନରେ ବୀର କିଶୋର ସାହୁ, ବିଷ୍ଣୁଚରଣ ସାହୁ, ବଳରାମ ସାହୁ, ରାମଚନ୍ଦ୍ର ସାସମଲ, ଭକ୍ତବନ୍ଧୁ ସାହୁ, ଲକ୍ଷ୍ମୀଧର ସାହୁ, ବଳରାମ ସାହୁ, ବୈରାଗୀ ଚରଣ ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ମୋହିନୀ ମୋହନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଗଙ୍ଗାଧର ସାହୁ, ସୁଧାଂଶୁ ଶେଖର ସାହୁ ଓ ସତୀଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଗଣେଶ ମହୋତ୍ସବ ଓ ନୂଆଖାଇ ଭେଟ୍‌ଘାଟ୍



ଜଳେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ଦିନ ଜଳେଶ୍ୱରସ୍ଥିତ ଖୁସି ପ୍ଲାଜା ଠାରେ ନୃତ୍ୟଶିଖା ଫାଉଣ୍ଡେସନ ତରଫରୁ ୨୨ତମ ଗଣେଶ ମହୋତ୍ସବ ଓ ନୂଆଖାଇ ଭେଟଘାଟ ଆୟୋଜିତ ହୋଇ ଯାଇଛି ।ଏହି ଉତ୍ସବରେ ଅପରାହ୍ନ ଅଧିବେଶନରେ ପ୍ରାୟ ତିରିଶ ଜଣ ନୃତ୍ୟ ଶିଳ୍ପୀ ସେମାନଙ୍କ ନୃତ୍ୟ ପ୍ରତିଭା ପରିବେଷଣ କରିଥିଲେ । ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱରର ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଜ ଇଲୋକ୍ଟ୍ରୋନିକର ପ୍ରତିଷ୍ଠାତା ଗିରିଜା ଶଙ୍କର ଦାସ, ୬ ନମ୍ବର ୱାର୍ଡର କାଉନସିଲର ଚନ୍ଦନ କୁମାର ଦାସ, ୨ ନମ୍ବର ୱାର୍ଡର କାଉନସିଲର ସୁରଜ କୁମାର ଚୌରାଶିଆ, ସାମ୍ବାଦିକ ମନୋଜ କୁମାର ଭୂୟାଁ ଓ ମେ ଆଇ ହେଲ୍ପ ୟୁ ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଖାଇ ପର୍ବ ଉପରେ ବହୁତ ଶିକ୍ଷଣୀୟ ଅଭିଭାଷଣ ରଖିଥିଲେ । ଅଗଷ୍ଟ ୧୫ ରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତା ୮୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କୃତି ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦେବା ସହିତ ଜନ୍ମାଷ୍ଟମୀରେ ୫୦ ଜଣ କୃଷ୍ଣବେଶ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ଦିଆଯାଇଥିଲା ।ଚିତ୍ରାଙ୍କନ ଓ କୃଷ୍ଣବେଶ ପ୍ରତିଯୋଗିତାରେ ଚିତ୍ରଗୁରୁ ବିଷ୍ଣୁପଦ ସେନାପତି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଅଜୟ କୁମାର ପଣ୍ଡା ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ଗଣେଶ ପୂଜା ମହୋତ୍ସବ ଓ ନୂଆଖାଇ ଭେଟଘାଟରେ ନୃତ୍ୟଶିଖା ଫାଉଣ୍ଡେସନର ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପୀମାନେ ଓଡିଶୀ, ସେମି କ୍ଲାସିକ, ସମ୍ବଲପୁରୀ, ଭଜନ, ଦେଶାତ୍ମବୋଧ ଓ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟଶିଖା ଫାଉଣ୍ଡେସନର ପ୍ରତିଷ୍ଠାତା ନୃତ୍ୟଗୁରୁ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆଖାଇ ଭେଟଘାଟ ବହୁତ ଆଡମ୍ବରରେ ପାଳନ କରା ଯାଇଥିଲା । ଅଭିଭାବକମାନଙ୍କ ସହଯୋଗରେ ମହୋତ୍ସବଟି ସର୍ବାଙ୍ଗ ସୁନ୍ଦର ହୋଇ ଜଳେଶ୍ୱରର ସାଂସ୍କୃତିକ ଚେତନାକୁ ଆହୁରି ଋଦ୍ଧିମନ୍ତ କରିଥିଲା । ସର୍ବଶେଷରେ ଛାତ୍ରଛାତ୍ରୀମାନେ ଆନନ୍ଦର ସହିତ ପାଳନ କରି ସମସ୍ତେ ରାତ୍ର ଭୋଜନ କରି ଘରକୁ ଫେରିଥିଲେ ।

## ୩୪ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦବୀ ଫାଙ୍କା

କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡ଼ିଶାର ୩୯ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦବୀ ମଧ୍ୟରୁ କେନ୍ଦୁଝର ସମେତ ୩୪ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦବୀ ଫାଙ୍କା ପଡ଼ିଛି । ୩ ଟି ଜିଲ୍ଲା ଛାଡ଼ିଦେଲେ ଆଉ କୌଣସି ଜିଲ୍ଲାରେ ନାହାନ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ । ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଏବଂ ନୟାଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟ ସମସ୍ତ ଜିଲ୍ଲା ଗୁଡ଼ିକ ଭାରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଓଡ଼ିଶାରେ ପ୍ରାୟ ୧୬ ଲକ୍ଷ ୯୯ଜଣ ଲୋକଙ୍କ ଜୀବିକା ମତ୍ସ୍ୟସମ୍ପଦ ଉପରେ ନିର୍ଭରଶୀଳ । ପ୍ରାୟ ୯୪.୭୫ଶତକଡା ଲୋକ ମାଛ ଖାଉଥିବା ସ୍ଥଳେ ଜଣେ ଲୋକ ବର୍ଷକୁ ହାରାହାରି ୧୮.୩୩ କିଲୋ ମାଛ ଖାଇଥାଏ ଯାହାକି ଆମ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଠାରୁ ମଧ୍ୟ ଅଧିକ । ଓଡିଶାରେ ଦୈନିକ ୩୩୧୦ ଟନ୍ ମାଛ ଉତ୍ପାଦନ ହେଉଥିବା ସ୍ଥଳେ ଦୈନିକ ୨୫୦୦ ମ୍ୟାଟ୍ରିକ ଟନ୍ ମାଛ ଓଡିଶାର ଲୋକେ ଖାଇଥାନ୍ତି । ପ୍ରତିଦିନ ଓଡ଼ିଶାରୁ ୮୧୦ ଟନ୍ ମାଛ ରାଜ୍ୟ ବାହାରକୁ ପଠାଯାଉଛି । ତାଛଡା ବର୍ତ୍ତମାନ ମତ୍ସ୍ୟସମ୍ପଦ ଜାତୀୟ ସ୍ତରରେ ଏକ ବିକାଶଶୀଳ ସମ୍ପଦ ହୋଇ ଉଭାହୋଇଛି । ସେଥିପାଇଁ କେନ୍ଦ୍ର ସରକାର ମତ୍ସ୍ୟ ସମ୍ପଦର ବିକାଶକୁ ଅଧିକ ପ୍ରାଥମିକତା ଦେଉଥିବାବେଳେ ରାଜ୍ୟ ସରକାର ମଧ୍ୟ ମତ୍ସ୍ୟ ସମ୍ପଦର ବିକାଶ କରିବା ପାଇଁ ବିଭିନ୍ନ ପଦକ୍ଷେପ ତଥା ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଉକ୍ତ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକ୍ଷମ କରିବାରେ ସାଧାରଣତଃ ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଦୁଃଖର ବିଷୟ ଏହିକି ଯେ, ୩୧୪ ଟି ବ୍ଲକରୁ ୧୦୧ ଟି ବ୍ଲକ ରେ ନାହାଁନ୍ତି ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ୩୯ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦବୀ ମଧ୍ୟରୁ ୩୪ ଟି ଦୀର୍ଘ ୫ବର୍ଷ ଧରି ଫାଙ୍କା ପଡ଼ିରହିଛି । ନାହିଁ ନାହିଁରେ ଚାଲିଛି ସମସ୍ତ ଜିଲ୍ଲା ମତ୍ସ୍ୟ ବିଭାଗ । ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଓ ନୟାଗଡ ଏଇ ତିନୋଟି ଜିଲ୍ଲାକୁ ଛାଡ଼ିଦେଲେ ଆଉ ସମସ୍ତ ଜିଲ୍ଲାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦବୀ ଫାଙ୍କା ପଡ଼ିଛି କ୍ଷ ରାଜ୍ୟ ସରକାରଙ୍କ ଓଡିଶା ଭିଜନ-୨୦୩୬ ରେ ମତ୍ସ୍ୟ ଉତ୍ପାଦନ ୩.୩ ମିଲିୟନ ମେଟ୍ରିକ ଟନରେ ପହଞ୍ଚାଇବା ଏବଂ ଓଡ଼ିଶାକୁ ଚତୁର୍ଥରୁ ପ୍ରଥମ ସ୍ଥରକୁ ନେବାର ଆକାଂକ୍ଷା ତଥା ମତ୍ସ୍ୟ ସମ୍ପଦ ର ୧୦ ଗୁଣ ବିକାଶ କରିବାର ସଂକଳ୍ପ ଯେ କେତେଦୂର ସଫଳ ହେବ ତାହା ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚି ସୃଷ୍ଟି କରିଛି ।

## ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ଚୟନ



ଫୁଲନଖରା (ଭାସ୍କର ନ୍ୟୁଜ): କଟକ ସଦର ଥାନା ଅଧୀନସ୍ଥ ଅରଡିଆପଦା ଗ୍ରାମର ମାନବ ମଲ୍ଲିକାଙ୍କ ପୀଠସ୍ଥଳୀରେ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ଗଠନ କରାଯାଇଛି । ବାରଂଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ ୮ ଗୋଟି ପଂଚାୟତ ଯଥାକ୍ରମେ ନଗରୀ, ସାଇଁସୋ, ହରିଅନ୍ତା, କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ଉସୁମା, କୋରକରା, ଖଲର୍ଦା, ସଦର ବ୍ଲକ୍ ଅନ୍ତର୍ଗତ ଖଣ୍ଡେଇତା, ଉରାଳି, ଆମଣ, କଟକ ମ୍ୟୁନିସିପାଲଟି ଅନ୍ତର୍ଗତ ୫୬,୫୭, ୫୮,୫୯ ନମ୍ବର ୱାର୍ଡ଼, ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତକୁ ନେଇ ଏହି ସ୍ୱେଚ୍ଛାସେବୀ ନିରପେକ୍ଷ ଓ ନିଃସ୍ୱାର୍ଥପର ଅନୁଷ୍ଠାନ ଗଢ଼ି ଉଠିଛି ,ଯାହାର ମୂଳ ଲକ୍ଷ ବିଭିନ୍ନ ପ୍ରକାର ସାମାଜିକ ସଚେତନତା କାର୍ଯ୍ୟକ୍ରମ, ଭାଷା, ସାହିତ୍ୟ ସଂସ୍କୃତି ର ପ୍ରଚାର ଓ ପ୍ରସାର, ଅବହେଳିତ ଓ ନିଷ୍ପେସିତ ଜନ ସାଧରଣଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଓ ଅଞ୍ଚଳର ବିଭିନ୍ନ ସାମୂହିକ ସମସ୍ୟା ଦୂରୀକରଣ ନିମନ୍ତେ ସର୍ବଦା ଚେଷ୍ଟା କରିବ । ପରିଷଦର କର୍ମକର୍ତ୍ତା ଯଥାକ୍ରମେ ପ୍ରତିଷ୍ଠାତା ସଭାପତି ଭାବରେ ପ୍ରକାଶ ଚନ୍ଦ୍ର ନାୟକ, ସଭାପତି ଭାବରେ ବରିଷ୍ଠ ସାମ୍ବାଦିକ ଯଥା କଟକ ସଦର ପ୍ରେସ କ୍ଲବ୍ ର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ସମ୍ପାଦକ ଭାବରେ ଅମିତ୍ କୁମାର୍ ପରିଜା,ଉପସଭାପତି ଭାବରେ , ଧୀରେନ୍ଦ୍ର ସାହୁ, ଚିନ୍ମୟୀ ମହାରଣା, କାର୍ଯ୍ୟକାରୀ ସଭାପତି ଭାବରେ ଦେବ ରଞ୍ଜନ ବୈଠାଲୁ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ ସହ ସମ୍ପାଦକ ଭାବରେ ଜ୍ୟୋତିମୟୀ ବେଉରା, କୋଷାଧ୍ୟକ୍ଷ ଭାବରେ ଧରଣୀଧର ବେହେରା , ସାମାଜିକ ଗଣମାଧ୍ୟମ ସଂଯୋଜକ ଆଶିଷ ରଂଜନ ସ୍ୱାଇଁ, ସିନିୟର୍ ସିଟିଜେନ୍ ସଂଯୋଜକ ଭାବେ ଚତୁର୍ଭୁଜ ମହାପାତ୍ର, ସଦସ୍ୟ ସଂଯୋଜକ ଭାବେ ବିଶ୍ୱ ରଂଜନ ଦାସ, ସାଂସ୍କୃତିକ ସଂଯୋଜକ ଭାବେ ଚନ୍ଦ୍ରଶେଖର ରାଉତ୍, ନିରଞ୍ଜନ ପରିଜା, କାର୍ଯ୍ୟକ୍ରମ ସଂଯୋଜକ ଭାବେ ପ୍ରଭାକର ସେଠୀ, ସଂଧ୍ୟାରାଣୀ ନାୟକ, ମହିଳା ବିଭାଗ ସଂଯୋଜକ ଭାବେ ସୁଭାଷିନୀ ସେଠୀ, କବିତା ଦାସ, ଅନୁସୂଚିତ ଜାତି ସଂଯୋଜକ ଭାବେ ହେମନ୍ତ କୁମାର ମଲ୍ଲିକ,ସଦସ୍ୟ ଭାବେ ଶୋଭନ ମହାପାତ୍ର, ନିରଞ୍ଜନ ପରିଜା ବୁଲୁ ପାତ୍ର, ଶଶିଭୂଷଣ ଦାଶ, ପ୍ରତିସ କୁମାର୍ ବେଉରା, ପ୍ରମୋଦ କୁମାର ବୈଠାଲୁ ଓ ହୃଷିକେସ ଛୋଟରାୟ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ପରିଷଦର ଉପଦେଷ୍ଟା ଭାବରେ ବିଶିଷ୍ଟ ବାସ୍ତୁବିତ୍ ମନୋଜ ଲେଙ୍କା, ଶ୍ରୀ ଗୁରୁ ଅନୁଷ୍ଠାନର ପ୍ରତିଷ୍ଠାତା ତ୍ରିଲୋଚନ ରାୟ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ପୂର୍ବତନ ପ୍ରଶାସନିକ ଅଧିକାରୀ ଗଣେଷ ପ୍ରସାଦ ଦାଶ, ପୂର୍ବତନ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଇଂ ସୁଶାନ୍ତ କୁମାର ତ୍ରିପାଠୀ, ବଶିଷ୍ଟ ରାଜନୀତି ସମୀକ୍ଷକ ଶେଷ ଦେବ ପାତ୍ର, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ପତି, ଚନ୍ଦ୍ରମଣି ପ୍ରଧାନ, ଦିଗମ୍ବର ସାହୁ, ପ୍ରମୋଦ କୁମାର ସାହୁ, ବଶିଷ୍ଠ ଲେଖକ ରାଧାଶ୍ୟାମ ମହାନ୍ତି, ମା ଧାକୁଲେଇ ଟ୍ରିପର ସଂଘ ସଭାପତି ଛବିନ୍ଦ୍ର ବେହେରା, ବିଶିଷ୍ଟ ବ୍ୟବସାୟୀ ଗୁଣ୍ଡୁଚି ଚରଣ ସାହୁ, ଅରଡିଆପଦା ଗ୍ରାମ୍ୟ କମିଟି ସଂପାଦକ ଅଜୟ କୁମାର ବେଉରା, କୋଷାଧ୍ୟକ୍ଷ ଶୈଳଜାନନ୍ଦ ସାହୁ, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ବାରିକ, ବଶିଷ୍ଠ ରାଜନୀତିଜ୍ଞ ପ୍ରଶାନ୍ତ ମହାନ୍ତି, ଷ୍ଟେଟ୍ ବ୍ୟାଙ୍କ୍ ଅଫ ଓଡିଶାର କର୍ମଚାରୀ କ୍ରିତି କାନ୍ତ ସ୍ୱାଇଁ, ଶାରଦା ପ୍ରସାଦ ବେହେରା, ବାରଂଗ ବ୍ଲକ୍ ବିଜେଡ଼ି ଉପ ସଭାପତି ଅଶୋକ କୁମାର ରଥ, ପ୍ରଭାତ କୁମାର ନାୟକ ପ୍ରମୁଖଙ୍କୁ ଗ୍ରହଣ କରାଯାଇଥିଲା । ଆଗାମୀ ଦିନରେ ପରିଷଦର କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ରାଜ୍ୟର କୋଣ ନୁ କୋଣରେ ପହଞ୍ଚାଇବା ନିମନ୍ତେ ଚେଷ୍ଟା ଜାରି ରହିବ ବୋଲି ଯୁବ ସଂଗଠକ ଶଶିଭୂଷଣ ଦାଶ ପରି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଲୋକ ସ୍ୱତ ପ୍ରୋତ ଭାବରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି ।

## ନିର୍ମାଣ ହୋଇଥିବା ସାମୂହିକ ଶୌଚାଳୟ ଖୋଲିବ କେବେ ?

ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ସାପ୍ତାହିକ ହାଟ ପଡ଼ିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ସାମୁହିକ ଶୌଚାଳୟ ଅବ୍ୟବହୃତ ଅବସ୍ଥାରେ ପଡିଥିବା ଜଣାପଡିଛି । ସୂଚନା ଅନୁସାରେ ,ସ୍ୱଚ୍ଛ ଭାରତ ଅଭିଯାନ ରେ ୨୦୨୦/୨୧ (ଜି କେ ଆର ଅଭିଯାନ )ଆର୍ଥିକ ବର୍ଷରେ ବାଲିତୁଠ ହାଟ ପଡ଼ିଆରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ ସାମୁହିକ ଶୌଚାଳୟ ଆଜକୁ ପ୍ରାୟ ବର୍ଷେ ଉପରେ ହେବ ନର୍ମାଣ ସରିଛି ।ଏହି ସାପ୍ତାହିକ ହାଟରେ ଶହ ଶହ ଦୋକାନୀଙ୍କ ସମେତ ହାଟ ବଜାରକୁ ଆସୁଥିବା ଲୋକମାନେ ଶୌଚ ପାଇଁ ବଡ଼ ଅସୁବିଧା ଭୋଗୁଥିଲେ । ବ୍ୟବସାୟୀ ମାନଙ୍କ ବାରମ୍ବାର ଦାବି ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ସାମୁହିକ ଶୌଚାଳୟ ନିର୍ମାଣ କରାଯାଇଥିଲା । କିନ୍ତୁ ପରିତାପର ବିଷୟ ,ଆଜକୁ ବର୍ଷେ ପାଖାପାଖି ହେବ ଉକ୍ତ ସାମୁହିକ ଶୌଚାଳୟ ନିର୍ମାଣ ସରିଥିଲେ ମଧ୍ୟ ବ୍ୟବହାର କରିବାକୁ ଦିଆନଯାଇ ଅବ୍ୟବହୃତ ଅବସ୍ଥାରେ ତାଲା ପକାଇ ରଖାଯାଇଛି । ସରକାର ବଦଳିଲା ଆଶା କରାଯାଉଥିଲା ଶୌଚାଳୟ ତାଲା ଖୋଲିବ କିନ୍ତୁ ତାଲା ଖୋଲିଲା ନାହିଁ ।ଏଣୁ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବାଲିତୁଠ ହାଟର ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।

ଓଡ଼ିଶା ଭାସ୍କର
ODISHA BHASKAR
ମହାନଗର



କଟକ(ଭାସ୍କର ନ୍ୟୁଜ): ଓଡିଶାର ସର୍ବପ୍ରଥମ ଦେୟମୁକ୍ତ ନାବାଳକ ନିଶାସେବନକାରୀଙ୍କ ପାଇଁ ଅନୁଷ୍ଠାନ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ଚୌଦ୍ୱାର କଟକ । ଏହି ପରିବର୍ତ୍ତନ କେନ୍ଦ୍ରରେ ଓଡିଶାର ଯେଉଁ ନାବାଳକ ନିଶାସେବନକଲରୀ ରାଜ୍ୟ ଜିଲ୍ଲା ପ୍ରଶାସନ ଓ ପରିବାର ବର୍ଗଙ୍କ ଚିନ୍ତାର କାରଣ ହୁଅନ୍ତି । ବିଦ୍ୟାଳୟ ଶିକ୍ଷା ଗ୍ରହଣ ନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରୁହନ୍ତି ସେଇ ନାବାଳକଙ୍କୁ ଉଦ୍ଧାର ଫାଉଣ୍ଡେସନ ସଂଗଠନ ପଞ୍ଜିକରଣ ଦ୍ୱାରା ଏକ ପ୍ରକଳ୍ପ ରୂପେ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରରେ ରଖାଯାଏ । ଏହି କେନ୍ଦ୍ରରେ ଓଡିଶାର ଅଧିବାସୀ ଅଞ୍ଚଳ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ବସ୍ତି ଅଞ୍ଚଳର ନିଶାସେବନ କରୁଥିବା ନାବାଳକ (ବୟସ ୧୮ ରୁ କମ୍ ) ଯାହାଙ୍କର ଆର୍ଥିକ ପରିସ୍ଥିତି ଖରପ ଓ ପାରିବାରିକ ସମସ୍ୟା ମଧ୍ୟରେ ଗତି କରୁଥିବା ନାବାଳକ ଅନ୍ତେବାସୀଙ୍କୁ ରଖି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଶାମୁକ୍ତ କରିବା ସହ ଶିକ୍ଷା, ମନୋରଞ୍ଜନ ଓ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ଅଛି । ବର୍ତ୍ତମାନ ସୁଧା ଏହି ପରିବର୍ତ୍ତନ କେନ୍ଦ୍ରରେ ୭୨ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୩୨ଜଣ ସୁସ୍ଥ ହୋଇ ଘରକୁ ଫେରି ସୁସ୍ଥ ଜୀବନ ଅତିବାହିତ କରୁଥିବା ବେଳେ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଛନ୍ତି ।



### ବିକଶିତ ଓଡ଼ିଶା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# 'ସାଢେ ୪କୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ଭିଜନ ୨୦୩୬'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଉପରେ ଏକ ଆଲୋଚନାଚକ୍ରର ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ଓଡିଶାକୁ ସ୍ଥାନ ଦେବା ଆମ ସରକାରଙ୍କ ପ୍ରଥମ ଏବଂ ଏକମାତ୍ର ଲକ୍ଷ୍ୟ। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇ କହିଥିଲେଯେ ଆଗାମୀ ମାସରେ ହେବାକୁ ଥିବା ଜିଏସଟି ସଂସ୍କାର, ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ। କାରଣ ଜିଏସଟି ଦର କମ୍ ହେଲେ ଦେଶରେ କନଜପସନ୍ ବୃଦ୍ଧି ହେବ, କନଜପସନ୍ ବୃଦ୍ଧି ହେଲେ ଅଧିକ ମାନୁଫାକ୍ଚରିଂ ହେବ, ଅଧିକ ରୋଜଗାର ବଢିବ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍ସ-ପେଟ୍ରୋକେମିକାଲ୍ସ, ଆଇ.ଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଏମ୍ଏସ୍ଏମ୍ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। ଓଡିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ, ଏହା ହେଉଛି ଆମ ରାଜ୍ୟର ସାଢେ ଚାରିକୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମୃଦ୍ଧ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ। ଶିକ୍ଷା, ସ୍ୱାସ୍ଥ୍ୟଠୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ। ବିଶ୍ୱସ୍ତରୀୟ ଭିତିଭୂମି ନିର୍ମାଣ କରିବାକୁ ପଡିବ। ଏହା ସହିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଓଡିଶାକୁ ଅଗ୍ରଣୀ କରିବାକୁ ପଡିବ। ଆମର ବିକଶିତ ଓଡ଼ିଶା ୨୦୩୬ର ରୋଡମ୍ୟାପ ୩ ମୁଖ୍ୟ ମାର୍ଗଦର୍ଶିକା ଉପରେ ଆଧାରିତ। ପ୍ରଥମଟି ହେଲା ପିପୁଲ ଫାଷ୍ଟ- ଆମର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମର କେନ୍ଦ୍ରରେ ରହିଛନ୍ତି ଜନସାଧାରଣ। ଦ୍ୱିତୀୟଟି ହେଉଛି ପ୍ରସପେରିଟି ଫର ଅଲ୍-ରାଜ୍ୟର ବିକାଶ କେବଳ ସାମଗ୍ରିକ ଉନ୍ନତି ଦ୍ୱାରା ସମ୍ଭବ। ତୃତୀୟଟି ହେଉଛି ଟେକ୍ନୋଲୋଜି ଲିଡ୍ ଡେଭଲପମେଣ୍ଟ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଯୁଗ ଉପଯୋଗୀ କରିବା, ଆଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ସହରକୁ ଆମେ ଆଧୁନିକ ସହର ଭିତିଭୂମିର ମଡେଲ ଭାବେ ବିକଶିତ କରିବୁ। ଏମ୍ଏସ୍ଏମ୍ଇ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର । ଏହା ମଧ୍ୟ ଅର୍ଥନୈତିକ ପ୍ରଗତିକୁ ଇନ୍‌କ୍ଲୁସିଭ୍ ବା ସମାବେଶୀ କରିଥାଏ। ଏଥିପାଇଁ କ୍ଲଷ୍ଟର ବେସଡ୍ ଡେଭଲପମେଂଟ, ସହଜ ଋଣ ବ୍ୟବସ୍ଥା ଏବଂ ବଜାର ପ୍ରବେଶ ପାଇଁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଆମେ ଆମର ଏମ୍.ଏସ୍.ଏମ୍.ଇ ଗୁଡିକୁ ଦକ୍ଷ କରିବା ପାଇଁ କାର୍ଯ୍ୟକ୍ରମ କରୁଛୁ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡିଶାରେ ବିକଶିତ ଓଡିଶା ଗଠନ ପାଇଁ ସମୟ ଧାର୍ଯ୍ୟ ହୋଇସାରିଛି। ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି। ଆମେ ଚିନ୍ତା କରିବା ସ୍ୱପ୍ନ ଦେଖିଲେ ହେବ ନାହିଁ କଠିନ ପରିଶ୍ରମ ଦରକାର। ଆମ ପାଖରେ ପ୍ରଚୁର ସମ୍ପଦ ରହିଛି। ଆମ ପାଖରେ ଯୁବଶକ୍ତି ଅଛି। ଆମେ ସେମାନଙ୍କୁ ଉପଯୋଗୀ କରି ଆଗକୁ ଯିବା ଦରକାର। ତେବେ ଯାଇ ବିକଶିତ ଓଡିଶା ସ୍ୱପ୍ନ ପୁରଣ ହୋଇପାରିବ। କାର୍ଯ୍ୟକ୍ରମରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଆଇସିସି ଡିଜି ଡ.ରାଜୀବ ସିଂ ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧକ୍ଷ ରାଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



ଆଗକୁ ଦୁର୍ଗା ପୂଜା, ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ଶିଳ୍ପୀ

## ନାବାଳିକାକୁ ଯୌନ ନିର୍ଯାତନା ଅଭିଯୋଗରେ ଆସାମୀକୁ ୪ବର୍ଷ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ): ଜଣେ ୧୬ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ମନମୋହନ ନାୟକ ଓରଫ ଝୁମି (୩୭)କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହ ତାକୁ ୩୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୩ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ବିବରଣୀ ମୁତାବକ ଗତ ୨୦୨୫ ମସିହା ମଇ ୧୮ରେ ନାବାଳିକା ନିକଟସ୍ଥ କେନାଲ୍‌କୁ ଗାଧୋଇବାକୁ ଯାଇଥିବା ବେଳେ ଆସାମୀ ଆଠଗଡର ସଠିଲୋର ମନମୋହନ ନାୟକ ଓରଫ ଝୁମି ତାକୁ ଯୌନ ନିର୍ଯାତନା ଦେବା ସହ ବଳତ୍କାର ଉଦ୍ୟମ କରିଥିଲା । ଘଟଣା ପରେ ପିଡିତା ଜଣକ ତାର ପରିବାର ସଦସ୍ୟଙ୍କ ନିକଟରେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲା । ଏ ନେଇ ପୀଡିତାର ପରିବାର ପକ୍ଷରୁ ଘଟଣା ଦିନ ହିଁ ଆଠଗଡ ଥାନାରେ ଏତଲା ରୁଜୁ କରାଯାଇଥିଲା । ଘଟଣା ସମ୍ପର୍କରେ ତଦନ୍ତ କରି ଆଠଗଡ ପୋଲିସ୍ ୨୦୨୫ ମଇ ୩୦ରେ କୋର୍ଟରେ ଅଭିଯୁକ୍ତ ବିରୋଧରେ ଅଭିଯୋଗପର୍ଦ୍ଧ ଦାଖଲ କରିଥିଲା । ଜୁନ୍ ୨୩ ତାରିଖ ୨୦୨୫ ମସିହାରେ କୋଟ ଆସାମୀ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । ଏହା ପରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା । କୋର୍ଟ ପୀଡିତାର ବୟାନ ଓ ସମସ୍ତ ପ୍ରମାଣିକ ତଥ୍ୟ ଆଧାରରେ ଆଠଗଡ ସଠିଲୋର ଆସାମୀ ମନମୋହନ ନାୟକକୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି ।

## ୩୧ରେ ନୂଆ ମ୍ୟୁନିସିପାଲିଟି ଓ ଏନ୍ଏସି ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ଅଗଷ୍ଟ ୩୧ରେ ନୂଆ ମ୍ୟୁନିସପାଲଟି ଓ ଏନଏସି ଘୋଷଣା ହେବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ଘୋଷଣା କରିଛନ୍ତି। ଏହାସହ ସରକାର ରାଜ୍ୟରେ ସହରୀକରଣ ବୃଦ୍ଧି କରିବେ। ରାଜ୍ୟରେ ସହରୀକରଣ ୧୭%ରୁ ୪୦%କୁ ବୃଦ୍ଧି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱରର ଡ୍ରେନ ଓ ପାଣି ସମସ୍ୟା ଦୂର ପାଇଁ ପ୍ରସ୍ତୁତ ହେଉଛି ନୂଆ ପ୍ଲାନ। ରାଜ୍ୟରେ ପ୍ରମୁଖ ସହରକୁ ଏନ୍ଏସିରେ ସାମିଲ କରାଯିବ। ସେଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ସହର ବୃଦ୍ଧି ସହ ବିକାଶ କରାଯିବ। ଭୁବନେଶ୍ୱରରେ ବସ୍ତି ବୃଦ୍ଧି ଘଟୁଛି। ତାର କାରଣ କଣ ତାହା ତର୍ଜମାର ଆବଶ୍ୟକ। ସେଥିପାଇଁ ବସ୍ତି ଲୋକଙ୍କୁ କେମିତି ଶୀଘ୍ର ଘର ଦିଆଯିବ ଏବଂ ସେମାନେ ଘର କିଣିପାରିବେ। ୧୪ ଲକ୍ଷରୁ ୫୦ ଲକ୍ଷ ଭିତରେ ଘର ଦେବାକୁ ସରକାର ପ୍ରସ୍ତୁତ କରିଛନ୍ତି। ପ୍ରଥମେ ୯୦ ଘର ଦିଆଯିବ। ବଡ଼ବଡ଼ ସହରର ବିକାଶ ପାଇଁ ଟିପି ପ୍ରସ୍ତୁତ ସରିଛି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଟାଟା ଷ୍ଟିଲ୍ ଏମ୍‌ଡି ଟି.ଭି.ନରେନ୍ଦ୍ରନ୍

## ବିହାର କଂଗ୍ରେସ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ହିଂସାକାଣ୍ଡକୁ ଦୃଢ ନିନ୍ଦା କଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିହାରରେ ଭୋଟ ଅଧିକାର ଯାତ୍ରା ବର୍ତ୍ତମାନ ବିପୁଳ ଜନ ସମର୍ଥନ ହାସଲ କରୁଛି। ଏହି ପରିପ୍ରେକ୍ଷୀରେ ଅସହିଷ୍ଣୁ ବିଜେପି ଦଳ ହୀନ ଚକ୍ରାନ୍ତ କରି ରାଜ୍ୟରେ ହିଂସାକାଣ୍ଡ ଭିଆଉଛି। ଯାହାର ଉଦାହରଣ ବିହାରରେ ଘଟିଥିବା ଘଟଣାରୁ ଜଣାଯାଉଛି। ଗତକାଲି ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରାକୁ ଭଣ୍ଡୁର କରିବା ପାଇଁ ବିହାରରେ ବିଜେପି ତାର ସଂଖ୍ୟାଲଘୁ ବିଭାଗର ଜଣେ କର୍ମୀଙ୍କୁ ନିୟୋଜିତ କରିଥିଲା। ଉକ୍ତ କର୍ମୀ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗୀୟା ମାଆଙ୍କୁ ଗାଳି ଦେଇଥିଲା। ସଦାକତ ଆଶ୍ରମ ଯାହା କି ଏବେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରୁଛି ଏବଂ ଉକ୍ତ ଆଶ୍ରମ ଏକଦା ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ବାସଭବନ ଥିଲା। ସେଠାରେ ବିଜେପିର ଗୁଣ୍ଡାବାହିନୀ ପ୍ରବେଶ କରି ବ୍ୟାପକ ହିଂସାକାଣ୍ଡ ଭିଆଇବା ସହ ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ ପାଟନା ଗସ୍ତରେ ଥିବା ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ପାଟନାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଦୃଢ ନିନ୍ଦା କରିଛନ୍ତି। ସେ କହିଛନ୍ତି ସାଧାରଣ ଜନତା ଏଭଳି ଘଟଣାରେ କେବେ ବି ବିଜେପିକୁ କ୍ଷମା ଦେବେ ନାହିଁ। ବିଜେପିର ଏହି ହୀନ ଚକ୍ରାନ୍ତ ସମସ୍ତଙ୍କ ସାମନାକୁ ଚାଲି ଆସିଛି। ବିଜେପିର ଅସଲ ଚରିତ୍ର ଓ ଚେହେରା ଆଉ କାହାକୁ ଅଛପା ନାହିଁ। ସେ କହିଛନ୍ତି ଯେ ବିଜେପିର ଗୁଣ୍ଡା ବାହିନୀ ଏଭଳି ଘଟଣା ଘଟେଇ ଆମ ପ୍ରିୟ ରାହୁଳ ଗାନ୍ଧୀଙ୍କୁ ଏବଂ କଂଗ୍ରେସକୁ ଭୟଭୀତ କରି ପାରିବେ ନାହିଁ। ଯେତେ ବାଧା ବିଘ୍ନ ଘଟିଲେ ବି ଭୋଟ ଚୋରି ପ୍ରସଙ୍ଗକୁ ନେଇ କଂଗ୍ରେସ ବିହାର ଏବଂ ସାରା ସାରା ଭାରତ ବର୍ଷରେ ଉଜାଗର କରିବ।

## ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ କ୍ରୀଡ଼ା ଦିବସ ତଥା ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ, ସମସ୍ତେ ମିଶି ଆମ ରାଜ୍ୟକୁ ସମଗ୍ର ବିଶ୍ୱରେ କ୍ରୀଡ଼ାର ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଗଢ଼ି ତୋଳିବା ଏବଂ ଆମର କ୍ରୀଡ଼ା ପ୍ରତିଭା ମାନଙ୍କୁ ବିଶ୍ୱ କ୍ରୀଡ଼ାର ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା।

## ଜାତୀୟ କ୍ରୀଡା ଦିବସର ଶୁଭକାମନା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡା ଦିବସର ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ହକି ଯାଦୁଗର ମେଜର ଧ୍ୟାନଚନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି । ଏହି ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ। ଏହି ପ୍ରସିଦ୍ଧ ହକି ଖେଳାଳି ତାଙ୍କର ଅଦ୍ୱିତୀୟ ହକି କୌଶଳ ଓ କ୍ରୀଡ଼ା ପ୍ରତି ଅଗାଧ ଭଲପାଇବା ଦ୍ୱାରା କ୍ରୀଡ଼ା ପ୍ରେମୀମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କର ଏହି ଦକ୍ଷତା ଏବଂ ଉତ୍ତମତା ଏକ ଅମର ଦାୟିତ୍ୱ ଭାବେ ରହିଯିବ ଓ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଦେଉଥିବ ।

## ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ରାସ୍ତାରେ ଡ୍ରଗ୍ସ ସ୍କ୍ୱାର୍ଡ଼ ଓ ଏସଟିଏଫ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ଚଢାଉ ବେଳେ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ ହୋଇଥିବା ଜଣାପଡିଛି । ଏହି ମାମଲାରେ ଏସଟିଏଫ୍ ୫ ପାନ ଦୋକାନୀଙ୍କୁ ଅଟକ ରଖି ପଚରା ଉଚରା କରୁଛି । ଶିକ୍ଷାନୁଷ୍ଠାନ ନିକଟରେ ନିଶାକୁ ନା ନେଇ ଏନଫୋର୍ସମେଣ୍ଟକୁ କଡାକଡି କରିଛି ଏସଟିଏଫ୍ । ସେଥିପାଇଁ ଏସଟିଏଫ୍ ଓ ଡ୍ରଗ୍ସ ସ୍କ୍ୱାର୍ଡ଼ ସ୍ପେଶାଲ ଡ୍ରାଇଭ କରୁଛି।

### ଚିନ୍ତା ଓ ଚେତନାର ୪୮ତମ ସଂସ୍କରଣ

## ଅନ୍ତଃରାଜ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାହିତ୍ୟ, ସଙ୍ଗୀତ, ନୃତ୍ୟର ସମ୍ମିଳିତ ସମ୍ମିଳନ ଚିନ୍ତା ଓ ଚେତନାର ୪୮ତମ ରାଷ୍ଟ୍ରୀୟ ସଂସ୍କରଣ ଓ ସଂସ୍କୃତି ସମାରୋହ ବର୍ଷା ଆଧାରିତ ନୃତ୍ୟ ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ନୃତ୍ୟଶିଳ୍ପୀଙ୍କ ମନୋରମ ନୃତ୍ୟ ପ୍ରଦର୍ଶନରେ ରବିନ୍ଦ୍ର ମଣ୍ଡପ ଉଛୁଳି ପଡୁଥିଲା। ନୃତ୍ୟରେ ବର୍ଷାର ଆଗମନ, ପ୍ରସ୍ଥାନ ଓ ବର୍ଷା ବୈଭବକୁ ନୃତ୍ୟଶିଳ୍ପୀମାନେ ଖୁବ୍ ଦକ୍ଷତାର ସହ ଉପସ୍ଥାପନ କରୁଥିଲେ। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ମନୋରନ ପାଣିଗ୍ରାହୀ, ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରି ନିଜକୁ ଗୌରବ ଅନୁଭବ କରୁଛନ୍ତି ବୋଲି କହୁଥିବା ବେଳେ ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ପ୍ରତିଷ୍ଠାତା ମହାସଚିବ ସୁରେନ୍ଦ୍ର ଦାସଙ୍କ ବଳିଷ୍ଠ ଆୟୋଜନରେ ଦୀର୍ଘ ୪୮ ବର୍ଷ ଧରି ଆୟୋଜିତ ହେଉଥିବା ଏହି ନୃତ୍ୟ ସଙ୍ଗୀତ ଉତ୍ସବକୁ ସବୁ ବର୍ଗର ଦର୍ଶକମାନେ କରତାଳି ଦେଇ ଉତ୍ସାହିତ କରୁଥିଲେ। ଉତ୍ସବକୁ ବିଶିଷ୍ଟ ମଞ୍ଚ ସଞ୍ଚାଳକ ତଥା ଦକ୍ଷ କଥାଶିଳ୍ପୀ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ଚାନ୍ଦା ଆଦାୟକାରୀଙ୍କ ଉପରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାର୍ବଣ ସମୟରେ ଚାନ୍ଦା ଆଦାୟକାରୀଙ୍କ ଉପରେ ହେବ କଠୋର କାର୍ଯ୍ୟାନୁଷ୍ଠାନ । ଏନେଇ ସବୁ ଜିଲ୍ଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ପୋଲିସ ଡିଜି । ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ସିସିଟିଭି, ଡ୍ରୋନ୍ ବ୍ୟବହାର ହେବ । ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ପୋଲିସ ଡିଜି କହିଛନ୍ତି ।

## ଆଇନଜୀବୀ ଜଳିଯିବା ଘଟଣାର ଖୋଳତାଡ କରିବ ସାଇଣ୍ଟିଫିକ୍ ଟିମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରାରେ ପାରିବାରିକ କଳହକୁ ନେଇ ଆଇନଜୀବୀ ଦୀପକ କୁମାର ସାହୁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ଖୋଳତାଡ଼ କରିବ ସାଇଣ୍ଟିଫିକ ଟିମ । କ୍ରାଇମସ୍ପଟରୁ ସମସ୍ତ ନମୁନା ସଂଗ୍ରହ କରିବ ସାଇଣ୍ଟିଫିକ ଟିମ ।

## 'ମହିଳାଙ୍କ ପାଇଁ ଭୁବନେଶ୍ୱର ସବୁଠୁ ସୁରକ୍ଷିତ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁମ୍ବାଇ ଏବଂ ଭୁବନେଶ୍ୱର ମହିଳା ମାନଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସହର । ନରି ପକ୍ଷରୁ ଏଭଳି ରିପୋର୍ଟ ସାର୍ବଜନୀନ ହେବା ପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ଭୁବନେଶ୍ୱରକୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଯଥା ଶକ୍ତି ଉଦ୍ୟମ ଚାଲିଛି । କେବଳ ଭୁବନେଶ୍ୱରରେ ମହିଳା ଜନିତ ଅପରାଧକୁ ନେଇ ଯେଉଁ ସର୍ବେକ୍ଷଣ ହୋଇଛି, ତାହା ଗତବର୍ଷ ତୁଳନାରେ ୨୦୨୪ , ୨୦୨୫ ମସିହାରେ ଅପରାଧର ସଂଖ୍ୟା ବହୁଳ ଭାବେ କମିଛି। କା ଭା ଘଟଣାକୁ ନେଇ ବିରୋଧି ଦଳ ଉତ୍ପାତ ମଚାଉଛନ୍ତି । ଯେଉଁ ସ୍ଥାନରେ ମହିଳା ମାନଙ୍କ କ୍ଷେତ୍ର ଆକ୍ରମଣ ଘଟିଛି ସେହି ସ୍ଥାନରେ ସରକାର ତୁରନ୍ତ ଆକ୍ସନ ନେଇଛନ୍ତି । ଏବଂ ପୋଲିସ ତୁରନ୍ତ ତତ୍ପରତା ଦେଖାଇ ଦୋଷୀଙ୍କ ଧରିବା ସହ ଦଣ୍ଡ ବିଧାନର ପ୍ରକ୍ରିୟା ଚାଲିଛି । ତେଣୁ ସ୍ପଷ୍ଟ ଭାବେ ଅପରାଧୀଙ୍କ ମନର ଡର ଅଛି । ଏବଂ ଆଶା କରୁଛି ମହିଳା ମାନଙ୍କୁ କିଭଳି ଅଧିକରୁ ଅଧିକ ସୁରକ୍ଷା ବ୍ୟବସ୍ଥା କରିବେ ସେ ଦିଗରେ ସରକାର ଯତ୍ନବାନ ଅଛନ୍ତି । ଆଗାମୀ ଦିନରେ ସମ୍ପୂର୍ଣ୍ଣ ଓଡ଼ିଶା ମଧ୍ୟ ସୁରକ୍ଷିତ ହୋଇ ରହିବ, ଏହି ଦୃଢ଼ ବିଶ୍ୱାସ ଆମ ସମସ୍ତଙ୍କ ମନରେ ଅଛି ।

## କଂଗ୍ରେସ ନେତୃବୃନ୍ଦଙ୍କ ସିଏମ୍‌ସି ୪ ନମ୍ବର ୱାର୍ଡ ପରିଦର୍ଶନ




କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୪ ନମ୍ବର ୱାର୍ଡ ଅନ୍ତର୍ଗତ ସେକ୍ଟର-୮, ସେକ୍ଟର-୯, ବ୍ୟାଙ୍କ କଲୋନୀ, ସେକ୍ଟର-୯ ବେଲେଶ୍ୱର ମନ୍ଦିର, ମଙ୍ଗଳାମନ୍ଦିର, ଶିବମନ୍ଦିର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ୱାର୍ଡ ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ସ୍ୱରେଜ, ପାର୍କ ଆଦି ବୁଲି ଦେଖିଥିଲେ । ୱାର୍ଡରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଅସଂପୂର୍ଣ୍ଣ କାମ ଗୁଡିକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟିକା କହିଥିଲେ । ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୱାର୍ଡ ଅଞ୍ଚଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ, ବିଚିତ୍ରାନନ୍ଦ ପ୍ରଧାନ, ରମେଶ ବେହେରା, ନିତ୍ୟାନନ୍ଦ ବେଉରିଆ, ଯଦୁନାଥ ବିଶ୍ୱାଳ, ଜ୍ୟୋତି ମହାପାତ୍ର, ରବି ମିଶ୍ର, ହରିବନ୍ଧୁ ମହାନ୍ତି, ମୌସୁମୀ ଘୋଷ, ସ୍ମିତା ଦାସ, ପ୍ରଦୀପ୍ତ କୁମାର ଦାସ, ରାମଚନ୍ଦ୍ର ବେହେରା, ଅଶୋକ ଚୌଧୁରୀ, ବାମଦେବ ଦାସ, ପ୍ରଫୁଲ୍ଲ ଲେଙ୍କା, ବିଜୟ କୁମାର ଓଝା, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶାଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବାକୁ ୧ରୁ ସ୍ୱତନ୍ତ୍ର ଅଭିଯାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରରେ ଡ୍ରଗ୍ସ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନ, ଚୋରାଚାଲାଣ ଏବଂ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ସଂପର୍କରେ ଶୁକ୍ରବାର ରାଜ୍ୟ ଆଇନ୍, ପୂର୍ତ୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୋଲିସ୍ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ଅଧିକାରୀମାନେ ଯୋଗଦେଇ ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବେଆଇନ୍ ମାଦକ ଦ୍ରବ୍ୟ ବିକ୍ରି, ଚୋରାଚାଲାଣରେ ଅଙ୍କୁଶ ଲଗାଇବା ପାଇଁ ସେପ୍ଟେମ୍ବର ୧ ତାରିଖରୁ ସମ୍ପୃକ୍ତ ସବୁ ବିଭାଗମାନଙ୍କର ମିଳିତ ସମନ୍ୱୟରେ ଭୁବନେଶ୍ୱର ସହର ତଥା ରାଜ୍ୟର ସବୁ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ନିଶା ଦ୍ରବ୍ୟ ଚୋରାଚାଲାଣ ଗ୍ରୁପ୍ ଗୁଡ଼ିକୁ ଧରିବା ଏବଂ ଏସବୁର ପ୍ରଚ୍ଛଦ ପଟରେ ଥିବା ଚାଲାଣକାରୀଙ୍କୁ ମଧ୍ୟ ବନ୍ଧାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ପେଶାଲ ଟାସ୍କ ଫୋର୍ସ-ଅବକାରୀ-ଏନସିବି-ବିଏମସି ମିଳିତ ଭାବେ ଭୁବନେଶ୍ୱରକୁ ଏକ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ । ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ୍) ଦ୍ୱାରା ଅପରେସନ ପ୍ରହାର ଆରମ୍ଭ କରାଯିବ । ପେଶାଦାର ଅପରାଧୀଙ୍କୁ ବାନ୍ଧିବା ପାଇଁ ମାଦକ ଦ୍ରବ୍ୟ ଏବଂ ମାନସିକ ସ୍ନାୟବିକ କ୍ଷତିକାରକ ତଥା ବ୍ୟବହାରିକ କୁପ୍ରଭାବ ପକାଉଥିବା ପଦାର୍ଥର ଅବୈଧ ଚାଲାଣ ପ୍ରତିରୋଧ ଅଧିନିୟମ ( ପିଆଇଟି-ଏନଡିପିଏସ୍) ଧାରା ଏବଂ ସିଆରପିସି ୧୧୦ ( ବିଏନଏସଏସ-୧୨୯) ଧାରା ଲଗାଯିବ । ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ମଡେଲ ନିଶା ନିବାରଣ କେନ୍ଦ୍ର ରାଜ୍ୟ ସରକାର ସ୍ଥାପନ କରିବେ। ଶିକ୍ଷା ନଗରୀ ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢାଉ ବ୍ୟାପକ କରାଯିବ। ମନ୍ତ୍ରୀ କହିଛନ୍ତି ଯେ, ଡ୍ରଗ୍ସ, ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ବିଭିନ୍ନ କ୍ରିମିନାଲ କାର୍ଯ୍ୟକଳାପ ବଢୁଛି । ସେଥିପାଇଁ ବ୍ୟାପକ ଚଢାଉର ଆବଶ୍ୟକତା ରହିଛି । ମନ୍ତ୍ରୀ ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ପୂର୍ଣ୍ଣ ପ୍ରୟାସ ଦ୍ୱାରା ନିଶା ନିବାରଣ କରିବା ଏବଂ ନିଶା ବେପାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣକୌଶଳ ଅବଲମ୍ବନ ତଥା ଟେକ୍ନୋଲେଜି ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ପଥ ଦେଇ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ବିସ୍ତୃତ ଆଲୋଚନା କରାଯାଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବେଆଇନ୍ ମାଦ୍ରକ ଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ ବ୍ୟବହାର ବିଭିନ୍ନ ଅପରାଧର କାରଣ ହେଉଥିବା ଏବଂ ଏହା ସମାଜ ପ୍ରତି କ୍ଷତିର କାରଣ ହେଉଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଜି- ସିଆଇଡି-ସିବି (ସ୍ୱତନ୍ତ୍ର ଟାସ୍କ ଫୋର୍ସ) ଡଃ. ସାର୍ଥକ ଷଡ଼ଙ୍ଗୀ, ଅବକାରୀ କମିଶନର, ଓଡ଼ିଶା ପି.ଅନ୍ୱେଷା ରେଡ୍ଡୀ, ଏନସିବିର ଆଞ୍ଚଳିକ ନିର୍ଦ୍ଦେଶକ, କୁଳଦୀପ ଶର୍ମା, ଭୁବନେଶ୍ୱର-କଟକ ଏସିପି ନରସିଂହ ଭୋଳଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



## ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ବୋଝ

# ଦେଶର ରପ୍ତାନି ବାଣିଜ୍ୟ ଉପରେ କଳାବାଦଲ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ପୂର୍ବ ଘୋଷଣା ଅନୁଯାୟୀ ଗତ ବୁଧବାର ଠାରୁ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ (ଟାରିଫ୍) ଲାଗୁ କରିଛନ୍ତି। ପ୍ରଥମେ ଅଗଷ୍ଟ ୭ ତାରିଖରୁ ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୁଷ୍‌ରୁ ତୈଳ ଆମଦାନି ବନ୍ଦ ନକରିବାରୁ କ୍ରୋଧାନ୍ୱିତ ଟ୍ରମ୍ପ୍ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କଲେ, ଯାହା ବୁଧବାର ଠାରୁ ବିଧିବଦ୍ଧ ଭାବରେ କାର୍ଯ୍ୟକାରୀ ହୋଇଛି। ଆମେରିକାର ଏଭଳି ପଦକ୍ଷେପ ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ୍ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି। ଆମ ଦେଶର ୩୦ ଲକ୍ଷରୁ ଅଧିକ ଲୋକଙ୍କ ଚାକିରି ଏବେ ବିପନ୍ନ ହେବାର ଆଶଙ୍କା ଦେଖାଦେଇଛି। ବିଶେଷ କରି ଏହା ରପ୍ତାନି ପାଇଁ ଉଦ୍ଦିଷ୍ଟ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ। ଇଞ୍ଜିନିୟରିଂ ସାମଗ୍ରୀ, ଅଳଙ୍କାର, ବୟନ ଶିଳ୍ପ, ଅଟୋ ଯନ୍ତ୍ରାଂଶ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି ଆମେରିକାର ଶୁଳ୍କ ଧାର୍ଯ୍ୟ ଦ୍ୱାରା ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବାକୁ ଯାଉଛି। ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ଦୀର୍ଘ ବର୍ଷ ଧରି ଏକ ବଡ଼ ବଜାର ରୂପେ ପରିଗଣିତ ହୋଇଆସିଛି। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଅଚାନକ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ଆମ ଦେଶର ରପ୍ତାନିକାରୀଙ୍କୁ ଯେ ଏକ ବଡ଼ ଝଟ୍‌କା ଦେଇଛି, ଏଥିରେ ସନ୍ଦେହ ନାହିଁ। ସବୁଠାରୁ ବଡ଼ କଥା ହେଉଛି ଯେ, ଆମେରିକାର ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କଲେଣି। ଅନ୍ୟପକ୍ଷରେ ଆମେରିକାର ଏତାଦୃଶ ପଦକ୍ଷେପ ଯୋଗୁଁ ଯେଉଁ ଆର୍ଥିକ ଓ ବାଣିଜ୍ୟିକ କ୍ଷତି ଘଟିବ, ତାହାକୁ ଭରଣା କରିବା ଲାଗି ଭାରତ ଏବେ ବିକଳ୍ପ ବଜାର ଓ ସହଭାଗୀତା ସନ୍ଧାନରେ ଲାଗି ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଭାରତ ପ୍ରତିବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥାଏ। ବର୍ତ୍ତମାନ ଏହାର ଦୁଇ ତୃତୀୟାଂଶ ଅର୍ଥାତ୍ ପ୍ରାୟ ୬୦.୨ ବିଲିୟନ୍ ଡଲାର୍ ମୂଲ୍ୟର ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଗଣିବାକୁ ପଡ଼ିବ। ଏଥିରେ ବୟନ ଶିଳ୍ପଜାତ ସାମଗ୍ରୀ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର ଆଦି ଅନ୍ତର୍ଭୁକ୍ତ। ପୂର୍ବରୁ ଭିଏତ୍‌ନାମ ଓ ବାଂଲାଦେଶରୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୋଇ ଭାରତୀୟ ପୋଷାକ ଶିଳ୍ପ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ଟ୍ରମ୍ପ୍‌ଙ୍କ ୫୦ ପ୍ରତିଶତ ଶୁଳ୍କ ଲାଗୁ ଯୋଗୁଁ ଏହା ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ ହୋଇଛି। ବୁଧବାର ନୂଆ ଶୁଳ୍କ ଲାଗୁ ହେବା ମାତ୍ରେ ତତ୍‌କ୍ଷଣାତ୍ ଏହାର ପ୍ରଭାବ ଗୁଜରାଟର ସୁରଟ୍, ତାମିଲନାଡୁର ତିରୁପୁର ଓ ନୋଇଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବୟନ ଓ ପୋଷାକ ନିର୍ମାତାମାନେ ସୂତାକଳଗୁଡ଼ିକୁ ବନ୍ଦ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଯଦ୍ୱାରା ଏ ସବୁରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକଙ୍କ ଭାଗ୍ୟ ଅନିଶ୍ଚିତତା ଆଡ଼କୁ ଟାଣି ହୋଇଯାଇଛି। ଆମ ରାଜ୍ୟ ଓଡ଼ିଶାରୁ କେବଳ ୫ ଲକ୍ଷ ଶ୍ରମିକ ଏଠାରେ ନିୟୋଜିତ ଥିବା ବେଳେ ଏବେ ବେକାର ହୋଇ ଘରକୁ ଫେରିବାର ସମ୍ଭାବନା ଦେଖାଦେଇଛି। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପଦକ୍ଷେପ ଭାରତକୁ ଏବେ ରୁଷ୍ ଓ ଚୀନ୍‌ର ନିକଟତର କରିଛି ଏବଂ ପ୍ରଧାନମନ୍ତ୍ରୀ ମୋଦି ଖୁବ୍ ନିକଟରେ ଚୀନ୍ ଓ ଜାପାନ୍ ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବିକଳ୍ପ ବଜାର ସନ୍ଧାନରେ କେତେଦୂର ସହାୟତ ହେବ, ତାହା କେବଳ ଭବିଷ୍ୟତ ହିଁ କହିବ।

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପଦିନ ତଳେ ରିଲିଜ୍ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ୍ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲେ ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲେ କିନ୍ତୁ ସେସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା'ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ୍ ଓ ଶିକ୍ଷାବିତ୍ ମାନେ ମଧ୍ୟ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଳାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସ୍‌ବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଡଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡ଼ୁଛି। ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି। ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦ୍‌ବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡ଼ୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଜେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟିକୁ ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡ଼ୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧାପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

# ଜିଇଁ ଚାଲିଥିବା ନା ମଣିଷ ହେବା ?-୨

ସମ୍ପତ୍ତି ପାଇଁ ଭାଇ ଭାଇ ଭିତରେ ମାରପିଟ୍ ଗଣ୍ଡଗୋଳ। ଘଟଣା ପହଞ୍ଚୁଛି ଥାନା କୋର୍ଟ କଚେରୀରେ। ଦଶ କୋଡ଼ିଏ ବର୍ଷ ତଳେ ଯଦି ଗାଆଁରେ କାହା ଘରେ କିଛି ଭୋଜିଭାତର ଆୟୋଜନ ହେଉଥିଲା, ଆପଣାଛାଏଁ ସାହି ଲୋକ ସବୁ କାମରେ ସହଯୋଗର ହାତ ବଢଉଥିଲେ। ଆଉ ଅଛି କି ଏମିତି ଅବସ୍ଥା ? ଏବେ ଦଶଥର ଡାକିଲେ କିଏ କେମିତି ଆସୁଛନ୍ତି। ଗାଁ ନିମନ୍ତ୍ରଣ ଖାଇବାକୁ ଯିବା କେତେ ଖୁସିର କଥା ଥିଲା। କିନ୍ତୁ ଏବେ ଅଧିକାଂଶ ଜାଗାରେ ଗାଁ ନିମନ୍ତ୍ରଣ ରକ୍ଷାକରି ଖାଇବାକୁ ଯିବା ଭିତରେ ଦୁନିଆ ପ୍ରକାରର ରାଜନୈତିକ କେଁ ର ଦୁର୍ଗନ୍ଧ। ଅପ୍ରିୟ ସତକଥା ହେଲା ଆଜିର ଦୁନିଆରେ ସମ୍ପର୍କର ସେତୁ ସ୍ୱାର୍ଥ ଉପରେ ଅଧିକ ପର୍ଯ୍ୟବସିତ। ଲୋଭ, ମୋହ, ମାୟା, ନ୍ୟସ୍ତ ସ୍ୱାର୍ଥ, କ୍ରୋଧ, ଈର୍ଷା, ଅହଂକାର, ପ୍ରତିଶୋଧ ପରାୟଣ ଚିନ୍ତା, ବଡପଣିଆ ଦେଖେଇବାର କୁତ୍ସିତ ମାନସିକତା ଓ ପରଶ୍ରୀକାତରତା ଭଳି କୁ-ଗୁଣ ଆମ ଭିତରେ ଖୁନ୍ଦିହେଇ ରହିଛି ଓ ଏହି କୁ-ଗୁଣ ଗୁଡିକ ଧିରେଧିରେ କାୟା ବିସ୍ତାର କରି ଚାଲିଛନ୍ତି। ମାନବୀୟ ଗୁଣ ପାଖରୁ ଆମେ ଧିରେଧିରେ ଦୂରେଇ ଦୂରେଇ ଯାଉଛୁ। ଭଲପାଇବା, ଭାଇଚାରା, ସ୍ନେହ, ତ୍ୟାଗ ,ଶ୍ରଦ୍ଧା ମମତା,ଆଦର , ଗୁରୁଜନ ବିଜ୍ଞ ଜ୍ଞାନୀ ଗୁଣୀ ମାନଙ୍କୁ ସମ୍ମାନ, ଭକ୍ତି, କଷ୍ଟ ସହିଷ୍ଣୁତା, ସହନଶୀଳତା, ଉଦାରତା, ଦୟା କ୍ଷମା ଆଉ ଆଗଭଳି ପରିଲକ୍ଷିତ ହେଉନି। ଭୁଲ୍‌କୁ ଭୁଲ୍ ଓ ଠିକ୍‌କୁ ଠିକ୍ ବୋଲି କହିବାର ସାମର୍ଥ୍ୟ, ସାହସ ଓ ଶକ୍ତି ଆମ ଭିତରେ ମଳିନ ପଡ଼ିଗଲା ଭଳି ମନେହେଉଛି ଯାହା ସୂଚେଇ ଦେଉଛି ଆମ ଭିତରେ ନୈତିକ ମୂଲ୍ୟବୋଧର ଅଧପତନକୁ। ଆମ ଭିତରେ ଯେତେବେଳେ ନୀତି ନୈତିକତା, ସଚ୍ଚୋଟତା, ଶିଶୁ ସୁଲଭ ସରଳତା ଓ ମାନବୀୟ ମୂଲ୍ୟବୋଧ ନାହିଁ, ଆମେ ନିଜକୁ ମଣିଷ ବୋଲି କେମିତି କହିପାରିବା ? ଅନ୍ୟର ଦୁଃଖରେ ଦୁଃଖି ହେବା ବଦଳରେ ଆମେ ପରା ଜାଣିଶୁଣି ଛଳନା କରି ଅନ୍ୟକୁ ବିପଦ ମୁହଁକୁ ଠେଲିଦେଇ ଖୁସିରେ ହସୁଛୁ। ଆମେ ପିନ୍ଧିଥିବା ମଣିଷର ମୁଖାତଳେ ଲୁଚିଛି ଏକ ଭୟଙ୍କର ଦାନବ ଯାହାକୁ ଖୁଆଇ ପିଆଇ ଆମେ ଆହୁରି ଶକ୍ତିଶାଳୀ କରୁଛୁ।

ଆଶ୍ଚର୍ଯ୍ୟର କଥା ଅନ୍ୟର ଦୁଃଖରେ ଆମେ ଯେତିକି ଦୁଃଖି ନୁହେଁ, ଅନ୍ୟର ସୁଖ ସମୃଦ୍ଧିରେ ଆମେ ଅଧିକ ଦୁଃଖି। ଆମ ନିଜର ଦୁଃଖ ଆମ ପାଇଁ ଯେତେ ଯନ୍ତ୍ରଣା ଦାୟକ ନୁହେଁ, ଅନ୍ୟର ସୁଖ ସମୃଦ୍ଧି ଆମ ପାଇଁ ଅତ୍ୟଧିକ ଯନ୍ତ୍ରଣା ଦାୟକ। ଆମ ଭିତରେ ବସା ବାନ୍ଧିଛି ଏକ ଭିନ୍ନ ପ୍ରକାରର ବିଚିତ୍ର ଅସୂୟା ଭାବ। ମନେ କରାଯାଉ ଜୀବନରେ ଆପଣ ଏକ ବିଶେଷ ସଫଳତା ହାସଲ କଲେ। ସଫଳତାରେ ଆପଣ ଖୁସି ହେବା ସହିତ ଆପଣଙ୍କ ଖୁସିକୁ ସ୍ୱାଭାବିକ ଭାବରେ ଅନ୍ୟମାନଙ୍କ ସହିତ ବାଣ୍ଟିବାକୁ ଚାହିଁବେ। ଲକ୍ଷ୍ୟ କରିବେ, ଆପଣଙ୍କ ସଫଳତାରେ କିଛି ଲୋକ ଖୁସି ହେବେ ଓ ଆପଣଙ୍କୁ ଶୁଭେଚ୍ଛା ଜଣେଇବେ। ସେହି ସ୍ଥାନରେ ଆଉ କିଛି ଲୋକଙ୍କର ମନ ଆମ୍ବିଳା ହେଇଯିବ। ଉପରେ ଯଦିଓ ସେମାନେ ଖୁସି ହେବାର ଅଭିନୟ କରୁଥିବେ ଭିତରେ କିନ୍ତୁ ଈର୍ଷାରେ ଜଳୁଥିବେ। ଗତକାଲି ଏ ଲୋକ ସୁବିଧା ଅସୁବିଧାରେ ଆମକୁ ପଚାରୁଥିଲା, ଆଜି ଏତେବଡ଼ ସଫଳତା ପାଇଗଲା !!! ଏଇଠି ଲୁଚିଛି ଆମର କଙ୍କଡା ସ୍ୱଭାବ। ଆମେ ଆତ୍ମଗର୍ବୀ , ଆତ୍ମ ଅହଂକାରର ପଙ୍କ ଭିତରେ ଗଡୁଛୁ। ସୁବିଧାବାଦର ବୁନିଆଦ ଉପରେ ହସୁଛୁ ପିଶାଚର ଠୋ ଠୋ କାନ ଫଟା ହସ।

ଖାଲି ମଣିଷର ଜନ୍ମ ପାଇଛନ୍ତି ବୋଲି ଆମେ ନିଜକୁ ମଣିଷ କହିବା ଠିକ୍ ନୁହେଁ। ମାନବବାଦ ଓ ମାନବୀୟ ମୂଲ୍ୟବୋଧରେ ଆମ ହୃଦୟ ବତୁରିଯିବା ଦରକାର। ଅନ୍ୟର ଦୁଃଖରେ ଆମେ ଯଦି ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ କୁଣ୍ଠାବୋଧ କରୁଛୁ, ଜଣେ ଅସହାୟର ଯନ୍ତ୍ରଣାକୁ ଆମେ ଯଦି ଅନୁଭବ କରି ପାରୁନୁ, ତେବେ ଆମେ କି ପ୍ରକାରର ମଣିଷ ଯେ ? ନିଜର ଯନ୍ତ୍ରଣା ଆମେ ଯେମିତି ନିଜେ ଅନୁଭବ କରୁଛନ୍ତି, ଅନ୍ୟର ଦୁଃଖ ବେଦନା, ଯନ୍ତ୍ରଣା ଓ ଲୁହକୁ ଆମେ ସେମିତି ହୃଦୟଙ୍ଗମ କରି ପାରୁନୁ କାରଣ ଆମ ହୃଦୟ ଏକ ଶୁଷ୍କ ମରୁଭୂମି ପାଲଟି ଯାଇଛି। ସମବେଦନା, ସମ୍ବେଦନଶୀଳତା, ପରୋପକାର, ଭଲପାଇବା ଆମ ଭିତରେ ପ୍ରାୟ ସମାଧି ନେଇ ସାରିଛି। ମଣିଷ ଭାବରେ ଆମ ଭିତରେ ଈଶ୍ୱରୀୟ ଭାବନା ଓ ଚିନ୍ତା ପ୍ରାୟ ନାହିଁ। ଆମେ ମନେ ରଖିବା ଉଚିତ୍ ଯେ ବିଜ୍ଞାନର କରାମତି ଯେଉଁଠି ଶେଷ, ସେଉଠୁ ଆରମ୍ଭ ହୁଏ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ରହସ୍ୟମୟ ଶକ୍ତିଙ୍କର କାର୍ଯ୍ୟ। କ୍ଷଣଭଙ୍ଗୁର ଦୁନିଆରେ ଆମର ପଦ ପଦବୀ, ରୋଜଗାର, ରୂପ, ଗର୍ବ , ଅହଂକାର ଅହମିକା ସବୁକିଛି ମାଟିରେ ମିଶିଯିବ ଦିନେ। ଛଅ ଖଣ୍ଡ ବାଉଁଶରେ ତିଆରି କୋକେଇରେ ଶୋଇ ଶ୍ମଶାନ ଘାଟରେ ଏ ଶରୀର ପାଉଁଶ ହେଇଯିବ। ଗଲାବେଳେ କିଛି ନେଇ ଯାଇ ପାରିବାନି। ଆମ ସହିତ ଯିବ କେବଳ ଆମର ସୁକର୍ମ। ଏସବୁ ବୁଝିବା ପାଇଁ ଆମ ଚିନ୍ତା ଓ ଭାବନା ବଡ଼ ହେବା ଦରକାର। ଆମ ହୃଦୟ ସରଳ ଓ ବିଶାଳ ହେବା ଆବଶ୍ୟକ। ଅତ୍ୟଧିକ ବସ୍ତୁବାଦୀ ଚିନ୍ତାଧାରା, ସ୍ୱାର୍ଥପରତା ଓ ସଂକୀର୍ଣ୍ଣତାର ସଂକ୍ରମଣରୁ ଆମେ ଦୂରେଇବା ଅତ୍ୟନ୍ତ ଜରୁରୀ। ଖାଲି ଜିଇଁବା ଛାଡ଼ି ଆମେ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ୍। ଯେଉଁଦିନ ଆମ ଭିତରେ ଏମିତି ଶୁଦ୍ଧ ପବିତ୍ର ଭାବନା, ଚିନ୍ତା ଓ ଅନୁଭବ ଦୃଢ଼ୀଭୂତ ହେବ, ସେହିଦିନଠାରୁ ଆମେ ପ୍ରକୃତ ଅର୍ଥରେ ନିଜକୁ ମଣିଷ ବୋଲି କହିପାରିବା। ନହେଲେ ଟଲଷ୍ଟୟଙ୍କର ଭାଷାରେ ଆମେ ଖାଲି ଫମ୍ପା ଜୀବନ ଜିଇଁ ଚାଲିଥିବା ଓ ପ୍ରକୃତ ଅର୍ଥରେ କେବେ ବି ମଣିଷ ପଦବାଚ୍ୟ ହେଇ ପାରିବାନି।

# ପିତାର ତ୍ୟାଗ...



ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଭାରତୀୟ ସଂସ୍କୃତିରେ ସମାଜ, ପରିବାର ଆଉ ବ୍ୟକ୍ତିଗତ ଜୀବନକୁ ଉତ୍କୃଷ୍ଟ ବନେଇବା ପାଇଁ ନୈତିକ ଆଉ ଅଧ୍ୟାତ୍ମିକ ମୂଲ୍ୟର ବର୍ଣ୍ଣନା କରାଯାଇଛି। ପିତାଙ୍କୁ ଧାର୍ମିକ ଗ୍ରନ୍ଥରେ ଦେବତୁଲ୍ୟ କୁହାଯାଇଛି। ଏହି ଭୂପୃଷ୍ଠରେ ପିତାଠୁ ବଢିକରି ଆଉ କେହି ଶ୍ରେଷ୍ଠ ମାର୍ଗଦର୍ଶକ ନାହାନ୍ତି। ପିତାଙ୍କ ସଂଘର୍ଷ, ଅନୁଭବ ଆଉ ଜ୍ଞାନ ସନ୍ତାନକୁ କଠିନ ପରିସ୍ଥିତିରେ ଆଗକୁ ବଢିବାରେ ଶକ୍ତି ଆଉ ଉର୍ଜା ପ୍ରଦାନ କରିଥାଏ। ପରିବାରର ପ୍ରତି ନିଜର ପ୍ରତିବଦ୍ଧତା ଆଉ ସ୍ନେହକୁ ପିତାର ଶବ୍ଦରେ ନୁହେଁ, ନିଜର କାର୍ଯ୍ୟରୁ ପ୍ରକଟ କରିଥାଏ। ସେ ଜୀବନସାରା ସଂଘର୍ଷ କରି ନିଜର ସନ୍ତାନର ସୁନ୍ଦର ଭବିଷ୍ୟର ମୂଳଦୁଆ ରଖିଥାନ୍ତି। ବିଷ୍ଣୁ ପୁରାଣରେ କୁହାଯାଇଛି କି ପୁତ୍ର ଯେତେବି ନିର୍ଦ୍ଦୟୀ ସ୍ୱଭାବର ହେଇଥାଉ ନା' କାହିଁକି ପିତା ତା' ପ୍ରତି ମମତା ଆଉ ପ୍ରେମ ତ୍ୟାଗ କରେ ନାହିଁ। କାହିଁକି ତା' ପାଇଁ ପିତା କେତେ ବିପତ୍ତିର ସାମ୍ନା କରିଥାନ୍ତି। ପିତାର ହୃଦୟରେ ପୁତ୍ର ପାଇଁ ସଦୈବ ମମତା ଅଉ ପ୍ରେମ ହିଁ ଅଙ୍କୁରିତ ହୋଇଥାଏ। ସେଥିପାଇଁ ପିତାର ବିରାଟ ବ୍ୟକ୍ତିତ୍ୱ ସ୍ୱର୍ଗରୁ ମଧ୍ୟ ଉଚ୍ଚରେ ଗଣା ଯାଏ। ଆମର ଋଷିମାନେ ମଧ୍ୟ କହିଛନ୍ତି ପିତାଙ୍କ ଠାରେ ସବୁ ଦେବତାଙ୍କର ନିବାସ ହୋଇଥାଏ, ସେଥିପାଇଁ ସନ୍ତାନକୁ ସର୍ବଦା ପିତାର ସମ୍ମାନ ଆଉ ଆଦର କରିବା ଦରକାର। ଯେତେବେଳେ ବାଳକର ଯଜ୍ଞ ପବିତ୍ର ନାମ କରଣ ସଂସ୍କାର ହେଇଥାଏ। ସେଥିରୁ ଗୋଟିଏ ଧାଗା ପିନ୍ଧାଯାଏ ଯାହା ପିତୃଋଣର ପ୍ରତୀକ ହୋଇଥାଏ। ଏହି ଧାଗା ସନ୍ତାନକୁ ନିଜର ମାତା-ପିତାର ପ୍ରତି ଦାୟିତ୍ୱର ବୋଧ କରେଇଥାଏ। ପିତା ନିଜର ସନ୍ତାନକୁ ମାର୍ଗଦର୍ଶନ କରେଇ ତା'ର ଜୀବନକୁ ସୁଦୃଢ ବନେଇଥାଏ। ପୁରା ଦୁନିଆରେ କେବଳ ପିତା ହିଁ, ଯିଏ ନିଜର ସନ୍ତାନକୁ ନିଜଠୁ ମଧ୍ୟ ବେଶୀ ଶ୍ରେଷ୍ଠ ଆଉ ସଫଳ ଦେଖିକରି ପ୍ରସନ୍ନ ହୋଇଥାନ୍ତି। ପିତୃ ଦିବସ, ପିତାର ପ୍ରତି କୃତଜ୍ଞତା ପ୍ରକଟ କରିବାର ଗୋଟିଏ ମହତ୍ୱପୂର୍ଣ୍ଣ ଅବସର ହୋଇଥାଏ। ଏହି ଦିନ ଆମକୁ ମନେ ପକେଇ ଥାଏ କି ପିତାର ଯୋଗଦାନ ଆଉ ତ୍ୟାଗ ଆମର ଜୀବନରେ କେତେ ମହତ୍ୱପୂର୍ଣ୍ଣ ଅଟେ। ଆମେ ନିଜର ପିତା ପ୍ରତି ସମ୍ମାନ ଆଉ ପ୍ରେମ ପ୍ରକଟ କରିବା ଜରୁରି। କାହିଁକି ତାଙ୍କର ସଂଘର୍ଷ ଆଉ ବଳିଦାନ ଆମ ପାଇଁ ମୂଲ୍ୟବାନ ଅଟେ।



ଡ. ମନସା ଶ୍ରୀଚନ୍ଦନ ରାୟ
ବରିଷ୍ଠ ଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର, ଲକ୍ଷ୍ମୀସାଗର
ଭୁବନେଶ୍ୱର, ମୋ: ୭୭୩୫୬୧୦୬୧୯

# ମାସିକଧର୍ମ : ଋଷି ପଞ୍ଚମୀ

ଭାରତୀୟ ସଂସ୍କୃତିରେ ଯୁଗ ଯୁଗ ଧରି ମାନବ ସମାଜର କଲ୍ୟାଣକୁ ଦୃଷ୍ଟିରେ ରଖି ଅନେକ ଓଷା, ବ୍ରତ, ପୂଜା ପାର୍ବଣ ପାଳନ କରାଯାଏ ସେଥି ମଧ୍ୟରୁ ଋଷି ପଞ୍ଚମୀ ଅନ୍ୟତମ। ପ୍ରାଚୀନ ପରମ୍ପରା ଅନୁସାରେ ଋଷି କହିଲେ ଅତୁଟଧ୍ୟାନ ଓ ଜ୍ଞାନଦ୍ୱାରା ଉନ୍ନତ ଏବଂ ପ୍ରଜ୍ଞାବାନ ବ୍ୟକ୍ତିଙ୍କୁ ବୁଝାଏ। ସେମାନଙ୍କ ଉଲ୍ଲେଖ ବିଭିନ୍ନ ବୈଦିକଗ୍ରନ୍ଥରୁ ମିଳିଥାଏ। ଅମର ସିଂହଙ୍କର 'ଅମରକୋଷ'ରେ ଋଷି ଶବ୍ଦର ଅର୍ଥ ଜ୍ଞାନୀ ବ୍ୟକ୍ତି ବା ମହାପୁରୁଷ ଯିଏ ବେଦମନ୍ତ୍ର ଗୁଡ଼ିକୁ ପ୍ରତ୍ୟକ୍ଷ କରିଛନ୍ତି ଏବଂ ତପସ୍ୟା ମାଧ୍ୟମରେ ସର୍ବୋଚ୍ଚ ସତ୍ୟକୁ ଉପଲବ୍ଧି କରିଛନ୍ତି, ସେମାନେ ମହର୍ଷି, ବ୍ରହ୍ମର୍ଷି, ରାଜର୍ଷି ଆଦି ଭେଦରେ ବିଭକ୍ତ। ସନ୍ନ୍ୟାସୀ, ଭିକ୍ଷୁ, ପରିବ୍ରାଜକ, ତପସ୍ୱୀ, ମୁନି, ବ୍ରହ୍ମଚାରୀ, ଯତି ଇତ୍ୟାଦି ଠାରୁ ଭିନ୍ନ ଏକ ଧ୍ୟାନସ୍ଥିତରେ ଥିବା ବ୍ୟକ୍ତିଙ୍କୁ ବୁଝାଯାଇଛି। ପରବର୍ତ୍ତୀ ବେଦୋତ୍ତର ହିନ୍ଦୁ ପରମ୍ପରାରେ ଋଷିମାନଙ୍କୁ ଏକ ବିଶିଷ୍ଟ ମାନବ ଶ୍ରେଣୀର ମୁନି, ସନ୍ଥ, ମହାଯୋଗୀ କିମ୍ବା ମହାମୁନି ଭାବେ ଗ୍ରହଣ କରାଯାଏ। ବୌଦ୍ଧ ଦାର୍ଶନିକ ତାରାନାଥଙ୍କ ବ୍ୟାଖ୍ୟାନ ଅନୁଯାଇ, "ଋଷତି ଜ୍ଞାନେନ ସଂସାର ପାରମ" ଅର୍ଥାତ ଯିଏ ଆତ୍ମଜ୍ଞାନ ଦ୍ୱାରା ସଂସାରର ପାରକୁ ପହଞ୍ଚେ।ବିବେକାନନ୍ଦ ଋଷିମାନଙ୍କୁ ମନ୍ତ୍ରଦ୍ରଷ୍ଟା ବା ଚିନ୍ତନଦ୍ରଷ୍ଟା ବୋଲି ଅଭିହିତ କରିଛନ୍ତି। 'ତରୁଣ ଶବ୍ଦକୋଷ' ଅନୁଯାୟୀ ଋଷି ଶବ୍ଦର ଆଭିଧାନିକ ଅର୍ଥ ହେଉଛି (ଋଷ ବା ଦୃଶ –ଇ) ଶାସ୍ତ୍ରଜ୍ଞ ତପସ୍ୱୀ, ବେଦମନ୍ତ୍ର ରଚୟିତା ମୁନିଙ୍କୁ ବୁଝାଏ।

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଭାଦ୍ରବମାସ ଶୁକ୍ଲପକ୍ଷ ପଞ୍ଚମୀଦିନଟି ଋଷିମାନଙ୍କ ପାଇଁ ଉତ୍ସର୍ଗୀକୃତ ଦିନ। ଅର୍ଥାତ ଗଣେଶ ଚତୁର୍ଥୀ ପରଦିନ ଏହି ବ୍ରତ ପାଳନ କରାଯାଏ। ଭାରତୀୟ ସନାତନ ଧର୍ମରେ ଆମେ ସମସ୍ତେ ଋଷି ପରମ୍ପରାରୁ ହିଁ ସୃଷ୍ଟି ହୋଇଛେ, ତେଣୁ ସେହି ଋଷି ମାନଙ୍କ ନାମ ଅନୁଯାୟୀ ଆମର ଆମ ଗୋତ୍ରର ନାମ ଦିଆଯାଇଛି। ଋଷି ମାନଙ୍କଠାରୁ ହିଁ ମାନବ ଜାତିର ସୃଷ୍ଟି ହୋଇଛି। ଋଷି ପୂଜନ ଆମ ସନାତନୀ ପରମ୍ପରାର ଏକ ଗୌରବ ଅଟେ। ଋଷିପଞ୍ଚମୀବ୍ରତ ଆମ ଆଧାତ୍ମିକ, ସାମାଜିକ, ସାଂସ୍କୃତିକ ପରମ୍ପରା ସହ ଜଡିତ। ଏହି ବ୍ରତ ନାରୀମାନଙ୍କ ପାଇଁ ସୌଭାଗ୍ୟଶାଳୀ ବ୍ରତ ଅଟେ।

ନାରୀମାନଙ୍କର ମାସିକ ଧର୍ମ ସମୟରେ ତାଙ୍କୁ ରଜସ୍ୱଳା ନାରୀ ବୋଲି କୁହାଯାଏ। ଏହା ବାର, ତେର ବର୍ଷ ବୟସରୁ ଆରମ୍ଭ ହେଉଥିବା ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ପ୍ରାକୃତିକ ଅବସ୍ଥା। 'ମୁହୂର୍ତ୍ତ ଚିନ୍ତାମଣି' ଗ୍ରନ୍ଥରେ କେଉଁ ଦିନ ପ୍ରଥମ ରଜ ଦର୍ଶନ ମଙ୍ଗଳକାରୀ ହୋଇଥାଏ ସେ ସମ୍ପର୍କରେ ଲେଖାଯାଇଛି ଯେ, ମାଘ, ମାର୍ଗଶିର, ବୈଶାଖ, ଆଶ୍ୱିନ, ଫାଲ୍‌ଗୁନ, ଜ୍ୟେଷ୍ଠ, ଶ୍ରାବଣ ମାସମାନଙ୍କର ଶୁକ୍ଳପକ୍ଷ ସୋମବାର, ଗୁରୁବାର ଶୁକ୍ରବାରରେ ଶୁଭଗ୍ରହର ବାସରେ ହେଲେ ଶୁଭ ବୋଲି କୁହାଯାଇଛି। ନାରୀ ଶରୀରରୁ ରଜ ପ୍ରବାହିତ ହେଉଥିବାରୁ ତାଙ୍କୁ ରଜବତୀ, ଋତୁମତୀ ବୋଲି କୁହାଯାଏ ଏବଂ ନାରୀମାନଙ୍କର ଏହି ସ୍ୱାଭାବିକ ଅବସ୍ଥା ସହ ବିଜ୍ଞାନ ସମ୍ମତ କାରଣ, ଆଧାତ୍ମିକତା ଓ ସାମାଜିକ ଶୃଙ୍ଖଳତାକୁ କାହିଁ କେଉଁ ଆଦିମ କାଳରୁ ଯୋଡି ଦିଆଯାଇଛି। ଆୟୁର୍ବେଦରେ ସେହି ସମୟରେ ନାରୀ ମାନଙ୍କର ଦେଖା ଶୁଣା ପାଇଁ ଜୀବନ ଶୈଳୀର କେତୋଟି ନିୟମ ନିର୍ଦ୍ଧାରିତ କରାଯାଇ 'ରଜସ୍ୱଳା ପରିଚର୍ଯ୍ୟା' ନାମକ ଗ୍ରନ୍ଥ ପ୍ରକାଶ କରାଯାଇଛି। ଦୂରଦ୍ରଷ୍ଟା ବେଦବ୍ୟାସ ବିରଚିତ 'ଭବିଷ୍ୟ ପୁରାଣ'ର ବର୍ତ୍ତମାନ ଯୁଗ, କଳିଯୁଗ, ଏବଂ ଧାର୍ମିକ କର୍ମକାଣ୍ଡରେ ବ୍ରତ, ଦାନ, ଧାର୍ମିକ ଅନୁଷ୍ଠାନ ଆଦିର ବର୍ଣ୍ଣନା କରିଛନ୍ତି। ତେଣୁ ଓଡ଼ିଆ ସାହିତ୍ୟ ଏକାଡେମି ଦ୍ୱାରା ପ୍ରକାଶିତ 'ବ୍ରତସାହିତ୍ୟ' ଗ୍ରନ୍ଥରେ ଋଷିପଞ୍ଚମୀ ବ୍ରତ ସମ୍ପର୍କରେ ଲେଖାଯାଇଛି ଯେ, "ଏହା 'ଭବିଷ୍ୟତର ପୁରାଣ'ରୁ ଗୃହୀତ। ଏହି ବ୍ରତ କଥାଟି ଶାସ୍ତ୍ରୀୟ। ନାମ ଚରିତ୍ର, ବିଷୟବସ୍ତୁ, ଘଟଣା ବିନ୍ୟାସ ଦୃଷ୍ଟିରୁ ଏହି ଭଳି ଶାସ୍ତ୍ରୀୟ ବ୍ରତ କଥା ଗୁଡିକ ଲୌକିକ ବ୍ରତକଥା ଓଷାକଥା ମାନଙ୍କ ଠାରୁ ସ୍ୱତନ୍ତ୍ର।" ପୃ ୪୦

ଭାରତର ବିଭିନ୍ନ ରାଜ୍ୟରେ ହିନ୍ଦୁ ନାରୀମାନେ ରଜସ୍ୱଳା ସମୟର ସମସ୍ତ ଜାଣତ ଅଜାଣତ ଦୋଷର କ୍ଷମା ନିମନ୍ତେ ଏହି ଋଷି ପଞ୍ଚମୀ ବ୍ରତକୁ ପୂର୍ଣ୍ଣ ଶ୍ରଦ୍ଧା ସହକାରେ ପାଳନ କରିଥାନ୍ତି। ହିନ୍ଦୁ ସମାଜରେ ନାରୀମାନେ ରଜସ୍ୱଳା ହେଲେ ପ୍ରଥମ ତିନିଦିନ ଅଗ୍ନି, ଜଳ, ଘରର ବ୍ୟକ୍ତି, ବସ୍ତୁକୁ ଛୁଇଁ ନଥାନ୍ତି। ଗୋଟେ ଘରେ (ଓଡ଼ିଆ ମାନଙ୍କର ଇଶାଣ ଘରେ) ସେମାନେ ବାରଣ ହୋଇ ରହି ଖାଇବା ଶୋଇବା କାର୍ଯ୍ୟ କରିଥାନ୍ତି। ପୁରୁଷ ମାନଙ୍କ ମୁହଁକୁ ସେମାନେ ଚାହିଁ ନଥାନ୍ତି। 'ଭଗବତ ପୁରାଣ'ରେ ଉଲ୍ଲେଖ ଅଛି ଯେ, ଦେବଗୁରୁ ବୃହସ୍ପତି ଇନ୍ଦ୍ରଙ୍କ ଉପରେ କ୍ରୋଧିତ ହେବାରୁ ଅସୁରମାନେ ଦେବଲୋକ ଉପରେ ଆକ୍ରମଣ କଲେ, ଫଳରେ ଇନ୍ଦ୍ରଦେବ ସିଂହାସନ ତ୍ୟାଗ କଲେ ଏବଂ ବ୍ରହ୍ମାଙ୍କ ଶରଣରେ ଯାଇ ତାଙ୍କ ପରାମର୍ଶରେ ବ୍ରହ୍ମଜ୍ଞାନୀଙ୍କର ସେବାରେ ନିୟୋଜିତ ହେଲେ କିନ୍ତୁ ସେ ଜାଣିନଥିଲେ ଯେ, ବ୍ରହ୍ମଜ୍ଞାନୀଙ୍କ ମା' ଜଣେ ଅସୁର ଥିଲେ ତେଣୁ ଅସୁରଙ୍କ ପ୍ରତି ତାଙ୍କର ସ୍ୱତନ୍ତ୍ର ମନୋଭାବ ଥିଲା। ଇନ୍ଦ୍ର ହବନ ପାଇଁ ଦେବତାଙ୍କୁ ଦେଉଥିବା ସାମଗ୍ରୀକୁ ବ୍ରହ୍ମଜ୍ଞାନୀ ଅସୁରଙ୍କୁ ଦେଉଥିଲେ ଫଳରେ ଇନ୍ଦ୍ର ରାଗି ବ୍ରହ୍ମଜ୍ଞାନୀଙ୍କର ହତ୍ୟା କଲେ। ସେହି ଦୋଷରୁ ମୁକ୍ତି ପାଇଁ ବିଷ୍ଣୁଙ୍କର ଶରଣାପନ୍ନ ହେଲେ, ବିଷ୍ଣୁ ତାଙ୍କୁ ରକ୍ଷା କଲେ ମଧ୍ୟ ପାପର ପରିତ୍ରାଣ ପାଇଁ ପାପର କିଛି ଅଂଶକୁ ଜଳ, ବୃକ୍ଷ, ମାଟି ଓ ନାରୀମାନଙ୍କୁ ଦେଇଥିଲେ। ଯେଉଁ କାରଣରୁ ନାରୀ ମାନେ ଏହି ରଜସ୍ୱଳା କଷ୍ଟକୁ ଭୋଗ କରନ୍ତି। ତେଣୁ ଏହି ରଜସ୍ୱଳା ସମୟକୁ ସେମାନଙ୍କୁ ଅପବିତ୍ର ବୋଲି କୁହାଯାଏ। ରଜସ୍ୱଳା ନାରୀ ମାନଙ୍କୁ ପ୍ରଥମ ଦିନ ଚାଣ୍ଡାଳୀ, ଦ୍ୱିତୀୟ ଦିନ ବ୍ରହ୍ମ ଘାତିନୀ, ତୃତୀୟ ଦିନ ରଜକୀ ବୋଲି କୁହାଯାଏ। ଚତୁର୍ଥ ଦିନ ସେମାନେ ଶୁଦ୍ଧ ପୂତ ସ୍ନାନ କରି ପବିତ୍ର ହୁଅନ୍ତି ଓ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରନ୍ତି। ମାତ୍ର ଶେଷ ତିନି ଦିନ ଠାକୁରଙ୍କ କାର୍ଯ୍ୟ କରନ୍ତି ନାହିଁ କିନ୍ତୁ ଆଜି କାଲି କର୍ମମୟ ସଂସାରରେ ଏହିସବୁ ନୀତି ନିୟମ ପାଳିବା ସମ୍ଭବ ହେଉନଥିବାରୁ ଋତୁସ୍ରାବ ବନ୍ଦଥିବା ନାରୀ ଓ ବିବାହିତ ପୁରୁଷ ମାନେ ମଧ୍ୟ ଏହି ବ୍ରତ ପାଳନ କରି ସେହି ଦୋଷରୁ ମୁକ୍ତି ପାଇଁ ଋଷି ପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହିଦିନ ସପ୍ତଋଷି ମଣ୍ଡଳର କାଶ୍ୟପଋଷି, ଅତ୍ରିଋଷି, ଭରଦ୍ୱାଜଋଷି, ବଶିଷ୍ଠଋଷି, ଗୌତମଋଷି, ଯମଦଗ୍ନିଋଷି ଏବଂ ବିଶ୍ୱାମିତ୍ର ଋଷିଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଅଂଶ ରୂପେ ଗ୍ରହଣ କରାଯାଇ ପୂଜା କରାଯାଏ, ତାଙ୍କ ସହ ବଶିଷ୍ଠ ଋଷିଙ୍କ ପତ୍ନୀ (ଯିଏ ବଶିଷ୍ଠ ଋଷିଙ୍କୁ ଛାଡି କେବେ ରୁହନ୍ତି ନାହିଁ) ମାତା ଅରୁନ୍ଧତୀଙ୍କର ମଧ୍ୟ ବିଧି ବିଧାନ ସହ ପୂଜା କରାଯାଏ।ତାଙ୍କର ମନ୍ତ୍ର ହେଉଛି :

"କାଶ୍ୟପୋତ୍ରୀ ଭରୋଦ୍ୱାଜୋ ବିଶ୍ୱାମିତ୍ରୋ ଗୌତମଃ
ଯମଦଗ୍ନି ବଶିଷ୍ଠଶ୍ଚ ସପ୍ତେୟିତେ ଋଷୟଃ ସ୍ମୃତଃ।
ଦହନ୍ତୁ ପାପ ସର୍ବ ଗୃହ୍ନନ୍ତ୍ୱର୍ଘ୍ୟ ନମୋ ନମଃ "।

ଋଷି ପଞ୍ଚମୀ ସହ ଜଗନ୍ନାଥ ସଂସ୍କୃତିର ସମ୍ପର୍କ ରହିଛି। ଶ୍ରୀମନ୍ଦିରରେ ଋଷିମାନଙ୍କ ପୂଜାର ପରମ୍ପରା ରହିଛି। ଶ୍ରୀମନ୍ଦିରର ସେବାୟତ ଶ୍ରୀଯୁକ୍ତ ମାଧବ ପୂଜାପଣ୍ଡାଙ୍କ କହିବା ଅନୁଯାୟୀ, ଋଷି ପଞ୍ଚମୀ ଦିନ ସମସ୍ତ ନାରୀ ମାନଙ୍କ ପରି ସାରା ଜଗତର ମଉଡମଣି ଶ୍ରୀଜଗନ୍ନାଥଙ୍କ ଧର୍ମ ପତ୍ନୀ ମହାଲକ୍ଷ୍ମୀ ମଧ୍ୟ ଶ୍ରୀମନ୍ଦିରରୁ ଶ୍ରୀଜଗନ୍ନାଥଙ୍କର ଆଜ୍ଞା ମାଳନେଇ ମାର୍କଣ୍ଡେଶ୍ୱର ସାହିରେ ଥିବା ମାର୍କଣ୍ଡେଶ୍ୱର ଶିବ ମନ୍ଦିରକୁ ଯାଇଥାନ୍ତି। ଯିବା ବାଟରେ ପନ୍ତି ଖାଇଥାନ୍ତି।ମାର୍କଣ୍ଡେଶ୍ୱରଙ୍କର ଭିତର ଗମ୍ଭୀରାରେ ମହାଲକ୍ଷ୍ମୀଙ୍କର ସେହିଠାରେ ସ୍ନାନ, ମାଜଣା, ବନକ ଲାଗି,ଉତ୍ତରବସ୍ତ୍ର ପରିଧାନ କରିବାପରେ, ବରୁଣ ପୂଜା, ସପ୍ତଋଷିଙ୍କ ପୂଜା ହୋଇଥାଏ। ପୂଜାପଣ୍ଡା ସାମନ୍ତ ମହାଲକ୍ଷ୍ମୀଙ୍କ ଆଗରେ ଋଷିପଞ୍ଚମୀ ବ୍ରତର କଥାକୁ ଶ୍ରବଣ କରାଇଥାନ୍ତି। ପରେ ପରେ ଶୀତଳ ଭୋଗ ପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ମା'ଲକ୍ଷ୍ମୀ ଶ୍ରୀମନ୍ଦିରକୁ ଫେରିବା ପରେହିଁ ଶ୍ରୀ ଜୀଉମାନଙ୍କର ଦ୍ୱିତୀୟ ଧୂପ ବସେ ଅନ୍ୟାନ୍ୟ ନୀତି ହୁଏ, ତାପୂର୍ବରୁ କୌଣସି ନୀତି ହୋଇନଥାଏ। ରଜସ୍ୱଳା ହେଉନଥିବା ସଧବା ନାରୀମାନେ ଥରେ ସଂକଳ୍ପ କରିବା ପରେ ସାତ ବର୍ଷ ଧରି ବିଧିବିଧାନ ପୂର୍ବକ ଋଷି ପଞ୍ଚମୀ ବ୍ରତ ପାଳନ କରନ୍ତି। ସଧବା ନାରୀମାନେ ଏହି ବ୍ରତ ପାଳନରେ ଯେତିକି ପୁଣ୍ୟ ଲାଭ କରନ୍ତି ଋଷିପଞ୍ଚମୀ ବ୍ରତକଥା ଶ୍ରବଣକରି ସେତିକି ପୁଣ୍ୟ ମଧ୍ୟ ଶ୍ରୋତା ଲାଭ କରନ୍ତି। 'ଭବିଷ୍ୟତର ପୁରାଣ'ରୁ ଗୃହିତ ଏହି ବ୍ରତକଥା ଅନୁଯାୟୀ –

ସତ୍ୟଯୁଗରେ ବିଦର୍ଭ ନଗରୀରେ ସୁମିତ୍ର ନାମୀ ବ୍ରାହ୍ମଣ ବେଦବେଦାଙ୍ଗ, ଯଜ୍ଞ, ତପସ୍ୟା,ପାଣ୍ଡିତ୍ୟରେ ନିପୁଣ ଥିଲେ। ତାଙ୍କର ପତ୍ନୀ ଜୟଶ୍ରୀ ସତୀ, ସ୍ୱାଧ୍ୱି, ପତିବ୍ରତାଥିଲେ। ତାଙ୍କର ରଜସ୍ୱଳା ସମୟରେ କୌଣସି ନୀତି ନିୟମକୁ ନ ମାନି ସର୍ବତ୍ର ଛୁଆଁ ଛୁଇଁ କରି ସମସ୍ତ କାର୍ଯ୍ୟ କଲେ। ଏଥିପାଇଁ ଆରଜନ୍ମରେ ସେ କୁକୁରୀ ହୋଇ ଜନ୍ମ ହେଲେ ଓ ତାଙ୍କ ସ୍ୱାମୀ ପତ୍ନୀ ଦେଇଥିବା ଛୁଆଁ ଖାଦ୍ୟ ଖାଇଥିବାରୁ ସେ ମଧ୍ୟ ବଳଦ ହୋଇ ଜନ୍ମ ହେଲେ। ହେଲେ ନିଜ ଧର୍ମଫଳ ଯୋଗୁ ଦମ୍ପତି ଦୁଇଜଣ ନିଜଘରେ ଏହି ରୂପରେ ଜନ୍ମ ହୋଇ ଜାତିସ୍ମର ହେଲେ।ସେମାନଙ୍କର ପୁତ୍ର ସୁମତି ଧର୍ମପରାୟଣ ଥିଲେ ସେ ଏସବୁ ବିଷୟ ଜାଣି ପାରିନଥିଲେ।ଦିନେ ପିତୃପୁରୁଷଙ୍କର ଶ୍ରାଦ୍ଧ ସମୟରେ ସୁମତି ପତ୍ନୀଙ୍କୁ କହି ବ୍ରାହ୍ମଣ ଭୋଜନର ଆୟୋଜନ କଲେ। କିନ୍ତୁ ରନ୍ଧନ କ୍ଷିରୀରେ ସାପ ବିଷ ଛାଡିବା କୁକୁରୀ ରୂପି ମାତା ଜୟଶ୍ରୀ ଦେଖିପାରି ଜାଣିଶୁଣି ହାଣ୍ଡିକୁ ଛୁଇଁ ଦେଲେ। ଫଳରେ ବ୍ରାହ୍ମଣ ମାନେ ନଖାଇ ଫେରିଯିବାରୁ ସୁମତିଙ୍କ ସ୍ତ୍ରୀ ଚନ୍ଦ୍ରାବତୀ ନିଆଁ ଖୁଣ୍ଟାରେ କୁକୁରୀକୁ ପିଟିଲେ ସେ ନଖାଇ ଏହି ସମସ୍ତ କଥା ଯାଇ ବଳଦ ରୂପୀ ସ୍ୱାମୀ ସୁମିତ୍ରଙ୍କୁ କହିଥିଲେ। ସୁମିତ୍ର ନିଜେ ପତ୍ନୀଙ୍କର ରଜସ୍ୱଳା ସମୟରେ ହୋଇଥିବା ପାପର ଭାରକୁ ଭୋଗ କରୁଥିବାରୁ ଜୟଶ୍ରୀଙ୍କ ଏହି ଦୁଃଖକୁ କିପରି ଲାଘବ କରି ପାରିବେ ବୋଲି ଦୁଃଖରେ କହିଥିଲେ। ପାଖରେ ସୁମତି ଏହି ସମସ୍ତ କଥାକୁ ଶୁଣି ବାପା-ମା'ଙ୍କର ମୋକ୍ଷ ପାଇଁ ଋଷିଙ୍କ ପାଖକୁ ଯାଇ ଉପାୟ ପଚାରିଲେ। ଋଷିମାନେ, ଋଷି ପଞ୍ଚମୀ ବ୍ରତ କଲେ ଏହି ଦୋଷରୁ ମୁକ୍ତି ପାଇବେ ବୋଲି କହିଥିଲେ। ସେଥିସହ ବ୍ରତର କେତୋଟି ଉପାଖ୍ୟାନ ଓ ବ୍ରତପାଳନର ବିଧିବିଧାନ ଶୁଣାଇଥିଲେ।

ଋଷି ପଞ୍ଚମୀ ବିଧି ଅନୁଯାୟୀ -ଋଷି ପଞ୍ଚମୀ ଦିନ ନିତ୍ୟକର୍ମ ସାରି ନାରୀମାନେ ଠାକୁର ଘର ଆସ୍ଥାନ ଲିପାପୋଛା କରି ହଳଦିଆ ବସ୍ତ୍ର ଉପରେ ସପ୍ତଋଷି ଓ ମାତା ଅରୁନ୍ଧତୀଙ୍କ ନାମରେ ଆଠଟି ଗୁଆ କିମ୍ବା ବନମାଟିରେ ଆଠଟି ପିଣ୍ଡୁଳା କରି ରଖିଥାନ୍ତି। ପ୍ରଥମେ କଳସ ସ୍ଥାପନା କରି ପଞ୍ଚ ଦେବତାଙ୍କୁ ଜଳ ପୁଷ୍ପରେ ଆବାହନ କରି ଧୂପ ଦୀପ ଦିଆଯାଏ ଅଗ୍ନି ଓ ପଞ୍ଚ ଦେବତାଙ୍କ ଆଗରେ ତିଥିବାର, ବ୍ରତର ନାମ, ନିଜ ନାମ ଗୋତ୍ର କହି ସଂକଳ୍ପ କରାଯାଏ। ପ୍ରତ୍ୟେକ ଋଷିଙ୍କ ନାମରେ ଫୁଲ, ଦୂବ, ରକ୍ଷାସୂତ୍ର, ଅକ୍ଷତ ଅରୁଆ ଚାଉଳ ଦିଆଯାଇ, ଚନ୍ଦନ ଲଗାଯାଏ। ଅରୁନ୍ଧତୀଙ୍କ ଗୁଆରେ ନାଲି ଚୂଡ଼ି, ସିନ୍ଦୂର ନାଲି ବସ୍ତ୍ର ଦିଆଯାଏ। ଫଳ, ପିଠାପଣା ଆଦି ଭୋଗ ଦିଆଯାଇ ବ୍ରତବହି ପାଠ କରାଯାଏ, ପରେ ଛୋଟ ପିଲାମାନଙ୍କୁ ଭୋଗ ବଣ୍ଟାଯାଏ। ଏହି ଦିନ ଦାନ ଦକ୍ଷିଣା ଦିଆଯାଇ ବିଧି ସହକାରେ ବ୍ରତ ଉଦ୍‌ଯାପନ କଲେ ପାପରୁ ମୁକ୍ତି ମିଳିଥାଏ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜଗତ ଈଶ୍ୱରୀ ମହାଲକ୍ଷ୍ମୀଙ୍କ ଠାରୁ ଆରମ୍ଭ କରି ସାଧାରଣ ନାରୀମାନଙ୍କ ପର୍ଯ୍ୟନ୍ତ ପାଳନ କରୁଥିବା ଏହି ବ୍ରତ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକା ନାରୀମାନଙ୍କ ପାଇଁ ବିଶ୍ୱାସଯୋଗ୍ୟ ନହେଲେ ମଧ୍ୟ ଏହାର ଆଧାତ୍ମିକ, ସାମାଜିକ ବିଜ୍ଞାନ ସମ୍ମତ କାରଣକୁ ଏଡାଇ ଦିଆଯାଇ ପାରିବ ନାହିଁ। ନାରୀର ମାସିକଧର୍ମ ସମୟରେ ଶାରୀରିକ କଷ୍ଟ ପାଇଁ ସବୁ କାର୍ଯ୍ୟରୁ ତାଙ୍କୁ ବିରତି ଦିଆଯାଏ। ଶୁଦ୍ଧତା ପାଇଁ ସେ କାହାରିକି ସ୍ପର୍ଶ କରନ୍ତି ନାହିଁ। ଦେବାଳୟକୁ ଯିବା, ଘରେ ପୂଜା କରିବା, ଗୁରୁଜନଙ୍କୁ ସ୍ପର୍ଶ କରିବା, ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବା ଆଦି ନିଷେଧ ଥାଏ। ଶସ୍ୟଜାତୀୟ, କ୍ଷୀରଜାତୀୟ ଶ୍ୱେତସାର ଖାଦ୍ୟ ଋତୁସ୍ରାବ ପାଇଁ ବାଧକ ହେଉଥିବାରୁ ସେହି ଦିନମାନଙ୍କରେ ସେସବୁ ଖାଦ୍ୟ ଖାଇବା ବାରଣ ଥାଏ। ଅଲଣାଖାଦ୍ୟ, ଫଳମୂଳ, ଲଘୁ ଖାଦ୍ୟ ଗ୍ରହଣୀୟ। ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମାସିକ ଧର୍ମର ସମସ୍ତ ବିଧାନ ମାନିବା ସମ୍ଭବ ନୁହେଁ। ତେଣୁ ଜାଣତ ଅଜାଣତରେ ହେଉଥିବା ଦୋଷର କ୍ଷମା ପାଇଁ ଋଷିପଞ୍ଚମୀ ବ୍ରତର ତାତ୍ପର୍ଯ୍ୟକୁ ଅସ୍ୱୀକାର କରିହେବ ନାହିଁ। ଋଷି ପରମ୍ପରାର ଆଧାତ୍ମିକ ଭାବାବେଗ ସହ ଶୃଙ୍ଖଳିତ ସମାଜରେ ଥିବା ବିଧିବିଧାନର ଏହା ଏକ ସୁନ୍ଦର ସମନ୍ୱୟ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଖରିଫ୍ ଧାନ ଚାଷରେ ଚାଷୀଙ୍କୁ ସାରର ସୁଷମ ବଣ୍ଟନ କରିବା ପାଇଁ ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ୍ ସୋରେନଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି । ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୧୪ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧୮ ହଜାର ୬୬୫ ମେଟ୍ରିକ୍ ଟନ୍ ସାର ଆସିଛି । ଡିଏପି ସାର ୧୦ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୦ ହଜାର ୬୯ ମେଟ୍ରିକ୍ ଟନ୍ ସାର ଆସିଛି । ଏନପିକେ ଏସ ସାର ୨ ହଜାର ୯୪୦ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩ ହଜାର ୬୬୭ ମେଟ୍ରିକ୍ ଟନ୍ ସାର ଆସିଛି । ପଟାସ ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୯୩୧ ମେଟ୍ରିକ୍ ଟନ୍ ଆସିଛି । ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀ ମାନଙ୍କ ର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଜି କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଆଗୁଆ ଲଗାତାର ବର୍ଷା କାରଣରୁ ଚାଷ କାମ ବହୁ ଆଗରୁ ଆରମ୍ଭ ହେବା କାରଣରୁ ସାରା ଯୋଗାଣରେ କିଛି ସ୍ଥାନରେ ସାମାନ୍ୟ ଅସୁବିଧା ହେଇଥିବାର ଅଭିଯୋଗ ଆସିଥିଲେ ବି ତାକୁ ଯଥାଶିଘ୍ର ସମାଧାନ କରାଯିବାକୁ ରାଜ୍ୟ ସଭାପତି ଶ୍ରୀ ସାହୁ ଆଲୋଚନା ସମୟରେ କହିଛନ୍ତି ।

## ସମସ୍ୟା ଘେରରେ ନିମାପଡ଼ା ଏନ୍‌ଏସି, ନାହିଁ ବିଶ୍ରାମାଗାର ଓ ଶୌଚାଳୟ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ପରିଷଦ ଅଂଚଳରେ ବିକାଶ ନାମରେ ବିନାଶ ହେଉଛି । ସହର ସାରା ଅପରିଷ୍କାର କାଦୁଅ ପଙ୍କ ହୋଇଥିବା ବେଳେ ଶୌଚାଳୟ ନଥିବାରୁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶ୍ରାମାଗାର ନଥିବା ବେଳେ ପର୍ଯ୍ୟଟକମାନେ ଆବର୍ଜନାପୂର୍ଣ୍ଣ ସ୍ଥାନରେ ବସିଥିଲେ ମଧ୍ୟ ଏଥିପ୍ରତି ପରିଷଦର ଦୃଷ୍ଟି ପଡୁ ନାହିଁ । ଯାହାକୁ ନେଇ ଅନେକ ସମସ୍ୟାରେ ନିମାପଡ଼ା ସହର ରହିଥିବା ବେଳେ ଏହି ସମସ୍ୟା ଦୂର ହେବ ବୋଲି ଦୀର୍ଘ ୫୦ ବର୍ଷ ହେବ ଶୁଣିବାକୁ ମିଳିଛି । ମାତ୍ର ବିକାଶ ହୋଇପାରୁ ନାହିଁ । ଠିକାଦାର ପୋଷିବା ସଦୃଶ କାର୍ଯ୍ୟ ହୋଇଥିବା ବେଳେ ମୁକ୍ତା ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଅର୍ଥ ହରିଲୁଟ୍ ହେଉଥିବା ଶୁଣିବାକୁ ମିଳିଛି । କ'ଣ ପାଇଁ ଏପରି ବୋଲି ପରିଷଦ ଅଂଚଳର ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ପରିଷଦ ଅଂଚଳରେ ଅନେକ ସମସ୍ୟା ଲାଗି ରହିଥିବା ବେଳେ ବାରମ୍ବାର ଜନସାଧାରଣ ଅଭିଯୋଗ କଲେ ମଧ୍ୟ ଏହି ଅଭିଯୋଗ ଉପରେ ପରିଷଦ ଦୃଷ୍ଟି ଦେଉ ନାହିଁ । ଅନେକ ଥର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲୋକମାନେ ଭେଟି ସମସ୍ୟା ସଂପର୍କରେ ଅବଗତ କରାଇଛନ୍ତି । ଦୀର୍ଘ ୧ ବର୍ଷ ହେବ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ୍ ନିକଟରେ ଏକ ସୁଲଭ ଶୌଚାଳୟ ରହିଥିଲା । କୌଣସି କାରଣରୁ ପରିଷଦ ସେଠାରେ ତାଲା ପକାଇଛି । ଯାହାଦ୍ୱାରା ପର୍ଯ୍ୟଟକମାନେ ଶୌଚ ହେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକମାନେ ମଧ୍ୟ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀ ବିଶ୍ରାମାଗାର ନଥିବାରୁ ପର୍ଯ୍ୟଟକମାନେ ଆବର୍ଜନାପୂର୍ଣ୍ଣ ସ୍ଥାନରେ ବସି ରହିବା ସହ କାଦୁଅ ପଙ୍କ ସ୍ଥାନରେ ବିଶ୍ରାମ ନେଉଛନ୍ତି । ଯାହାକୁ ନେଇ ନିମାପଡ଼ା ପରିଷଦ ଅଂଚଳରେ ବିକାଶ ଏକ ପ୍ରହସନରେ ପରିଣତ ହୋଇଛି । ଡ୍ରେନେଜ୍ ନଥିବାରୁ ରାସ୍ତାରେ ଆଣ୍ଠୁଏ ପାଣି ଜମା ହୋଇ ନିମାପଡ଼ା ମୁଖ୍ୟ ରାସ୍ତାରେ କାଦୁଅ ପଙ୍କ ହୋଇପଡ଼ିଛି । ଏପରି ଅବସ୍ଥା ଦେଖି କେତେଜଣ ବ୍ୟକ୍ତି ଦୁଇ ସପ୍ତାହ ତଳେ ରାସ୍ତାରେ ଧାନ ରୋଇ ଥିଲେ । ଚାରିଆଡ଼େ ଆବର୍ଜନାପୂର୍ଣ୍ଣ ପରିବେଶ । ଅନେକ ସମୟରେ ପରିଷଦର ବିକାଶ ହେଉଛି କୁହାଯାଉଥିବା ବେଳେ କେଉଁଠାରେ ବି ବିକାଶ ଦେଖିବାକୁ ମିଳୁ ନାହିଁ । ଇନ୍ଡୋର ଷ୍ଟାଡିୟମ୍ ନିକଟରେ ଜମି ରହୁଛି ପାଣି । ବାରବାଟି ଜେଲ ପଡ଼ିଆରେ ସାମାନ୍ୟ ବର୍ଷାରେ ଦୁଇ ଫୁଟର ପାଣି ଜମା ହୋଇ ରହୁଛି । କୋର୍ଟ ଛକରୁ ଡ୍ରେନ୍‌ଟା ଛକ ଦେଇ ଜୁଲୁ ଛକ ପର୍ଯ୍ୟନ୍ତ ରାସ୍ତା ମରଣଫାସ ପାଲଟିଛି । ଜଗୁଆ ଆଶ୍ରମରୁ ମୁସଲିମ୍ ବସ୍ତି ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି । ମଶା, ମାଛିଙ୍କ ଉପଦ୍ରବ ବଢ଼ି ଚାଲିଥିବା ବେଳେ ପରିଷଦ ପକ୍ଷରୁ ସାନିଟାଇଜ୍ ସାମଗ୍ରୀ ବ୍ୟବହାର କରାଯାଉ ନାହିଁ । କୌଣସି ଦିନ ନେତା ବା ଜିଲ୍ଲାପାଳ ନିମାପଡ଼ାକୁ ଗସ୍ତ କଲେ ଲୋକ ଦେଖାଣିଆ ଭାବେ ଝାଡୁଦାର କିଛି ବ୍ଲିଚିଂ ରାସ୍ତା କଡ଼ରେ ଛିଂଚନ୍ତି ଓ କାର୍ଯ୍ୟ ସାରି ଦେଉଛନ୍ତି । ମଶାମରା ଧୂଆଁ ଛଡ଼ା ଯାଉଥିବା ବେଳେ ନିମାପଡ଼ାରେ ଦେଖିବାକୁ ମିଳୁ ନାହିଁ । କିପରି ବିକାଶ ହେବ ପରିଷଦର ତାହା ଜନସାଧାରଣଙ୍କ ପାଇଁ ଚିନ୍ତା ପ୍ରକଟ କରିଛି ।

## ସରକାରୀ ବସ୍ ପାଇଁ ଷ୍ଟାଣ୍ଡ ନାହିଁ, ଯାତ୍ରୀ ହନ୍ତସନ୍ତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଚାଲୁଥିବା ଲକ୍ଷ୍ମୀ ବସ ନିମନ୍ତେ ଏବେ ଷ୍ଟାଣ୍ଡ ନାହିଁ । ଯାହାଫଳରେ ଏବେ ବି ଯାତ୍ରୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେବେଳେ ଏହା ଅସ୍ତରଙ୍ଗ ଥାନା ସାମ୍ନାରେ ଛିଡା ହେଇ ରହୁଛି ତ ଆଉ କେତେବେଳେ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ, କେତେବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ଯାତ୍ରୀମାନେ ଏଠୁସେଠୁ ଧାଁ ଧପଡ଼ ହେଉଛନ୍ତି । ଗ୍ରାମାଞ୍ଚଳର ଲୋକଙ୍କୁ ସହଜ, ସୁରକ୍ଷିତ ଓ ସର୍ବନିମ୍ନ ଖର୍ଚ୍ଚରେ ପରିବହନ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଥିବା ବେଳେ ନିର୍ଦ୍ଦିଷ୍ଟ ବସଷ୍ଟାଣ୍ଡ ନଥିବାରୁ ଯାତ୍ରୀ ମାନେ ନାନା ହଇରାଣ ହେଉଛନ୍ତି । ଗ୍ରାମାଞ୍ଚଳର ଅଧିବାସୀ ମାନଙ୍କୁ ସୁବିଧା ଯୋଗାଇବା ବଦଳରେ ପ୍ରଶାସନର ଏଭଳି ବେପରୁଆ ମନୋଭାବକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । କେବଳ ଯେ ସାଧାରଣ ଜନତା ହଇରାଣ ହେଉଛନ୍ତି ତାହା ନୁହେଁ, ବସର କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଫଳରେ ଅସ୍ତରଙ୍ଗ ବ୍ଲକରେ ଚାଲୁଥିବା ୩ ଟି ଲକ୍ଷ୍ମୀ ବସରେ ଦିନକୁ ଦିନ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି । ଏ ନେଇ ସମାଜସେବୀ ଦିବ୍ୟ ପଣ୍ଡା କହିଛନ୍ତି ଯେ ଅସ୍ତରଙ୍ଗ ବସ ଷ୍ଟାଣ୍ଡର ନିର୍ମାଣ ଏବେ ନାଲି ଫିତା ତଳେ ରହିଥିବା ବେଳେ ଲକ୍ଷ୍ମୀ ବସ ନିମନ୍ତେ ନିହାତି ଜରୁରିକାଳୀନ ଭିତ୍ତିରେ ଷ୍ଟାଣ୍ଡ ନିର୍ମାଣ କରାଗଲେ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀ ମାନେ ଏହାର ସୁଫଳ ପାଇପାରିବେ ।

## ଫାଣ୍ଡି ଅଧିକାରୀଙ୍କୁ ଟେକିନେଲେ କ୍ରାଇମବ୍ରାଞ୍ଚ ଟିମ୍

କଣାସ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ କଣାସ ଥାନା ଅଧିନରେ ଥିବା ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ ଏ.ଏସ୍.ଆଇ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଗତକାଲି ରାତିରେ କ୍ରାଇମବ୍ରାଞ୍ଚ ଅଧିକାରୀ ଧରିନେଇଥିବା ଜଣାପଡିଛି । ଶ୍ରୀ ବେହେରା ୨୦୨୧ ମସିହା କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନାରେ ଏ.ଏସ୍.ଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ହତ୍ୟା ମାମଲା କେସ୍ ନଂ-ସିଆଇଡିସିବି ୭/୨୦୨୧ ରେ ମକଦ୍ଦମା ଥିବାରୁ ଶ୍ରୀ ବେହେରାଙ୍କୁ ମନ୍ଦାରବସ୍ତ ଫାଣ୍ଡି ମଧ୍ୟରୁ କ୍ରାଇମବ୍ରାଞ୍ଚ ଅଧିକାରୀ ଧରି ନେଇଛନ୍ତି । ୨୦୨୧ରେ ଅସ୍ତରଙ୍ଗ ଥାନା ଆଇଆଇସି ଜୟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଗତ ସପ୍ତାହରେ କ୍ରାଇମବ୍ରାଞ୍ଚ ଟିମ୍ ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ ବଳିୟାରସିଂହଙ୍କୁ ଅସ୍ତରଙ୍ଗ ଥାନାରୁ ଧରି ଭୁବନେଶ୍ୱର ଆଣି ପଚରାଉଚରା କରିବା ସମୟରେ ବାବୁଜଣଙ୍କ ଚକମା ଦେଖାଇ କ୍ରାଇମ ବ୍ରାଞ୍ଚ ଟିମ୍ ନିକଟରୁ ଖସି ପଳାଇଥିଲେ । ତାଙ୍କ ସହଯୋଗି ଭାବେ ଶ୍ରୀ ବେହେରା ଥିବାରୁ ଗତକାଲି ରାତିରେ ମନ୍ଦାରବସ୍ତ ଫାଣ୍ଡିରୁ କ୍ରାଇମବ୍ରାଞ୍ଚ ଅଧିକାରୀ ଏଏସ୍‌ଆଇ ଶ୍ରୀ ବେହେରାଙ୍କୁ ଉଠାଇ ନେଇଛନ୍ତି ।

## ଦୀପ ନିଆଁରେ ପୋଡ଼ିଗଲେ ତିନି ଠାକୁର

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର କରମଳା ଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ନିକଟବର୍ତ୍ତୀ କାଣ୍ଡଗୋଦା ଗ୍ରାମରେ ଦୀପ ନିଆଁରୁ ଅଗ୍ନିକାଣ୍ଡ ଘଟି ବଡଠାକୁର ଜଗନ୍ନାଥ ବଡଭାଇ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ମୂର୍ତ୍ତି ପୋଡି ଯାଇଥିବାରୁ ଗ୍ରାମବାସୀ ଓ ଅଂଚଳବାସୀ ମର୍ମାହାତ ହୋଇପଡିଛନ୍ତି । ଉକ୍ତ ଗ୍ରାମର ମହାପୁରୁଷ ମନେଇସାହୁଙ୍କ ତତ୍ୱାବଧାନରେ ଉକ୍ତ ମନ୍ଦିର ନିର୍ମାଣ କରାଯାଇଥିଲା । ପ୍ରବାଦ ଅଛି ଜଗନ୍ନାଥ ଦାସ ଭାଗବତ ଲେଖି ସାରିବାପରେ ତାହା ସଂପୂର୍ଣ୍ଣ କରିବାପାଇଁ ଜଗନ୍ନାଥଙ୍କ ନିକଟରେ ଗୁହାରିଆ ପଡିବାରୁ ଜଗନ୍ନାଥ ସ୍ୱପନ୍ନାଦେଶ ଦେଲେ କାଣ୍ଡଗଦା ଗ୍ରାମକୁ ଯାଇ ମନେଇ ସାହୁ ନାମଙ୍କ ଜଣେ ବ୍ୟକ୍ତିଙ୍କୁ ପଚାରିଲେ ସେ ଭାଗବତର ସଂପୂର୍ଣ୍ଣ କରିଦେବେ । ଜଗନ୍ନାଥ ଦାସ କାଣ୍ଡଗୋଦା ଗ୍ରାମକୁ ଆସି ଦେଖନ୍ତିତ ଜଣେ ବ୍ୟକ୍ତି ଘାସ ଗୋଛାଟିଏ ମୁଣ୍ଡାଇଥିବା ଅବସ୍ଥାରେ ମୁଗୁରାରେ ମାଛ ଧରି ଗ୍ରାମ ମଧ୍ୟରେ ଘରକୁ ଫେରୁଛନ୍ତି । ଜଗନ୍ନାଥ ଦାସ ଯାଇ ତାଙ୍କୁ ପଚାରନ୍ତି ମନେଇ ସାହୁଙ୍କ ଘର କେଉଁ ଠାରେ । ମନେଇ ସାହୁ ଉତ୍ତର ଦିଅନ୍ତି ଆପଣ କିଏ ସେ କେଉଁ ଠାରୁ ଆସିଛନ୍ତି ମନେଇ ସାହୁଙ୍କୁ କାହିଁ କି ଖୋଜୁଛନ୍ତି ମନେଇ ସାହୁ ସାଥି ସାଥି ଜଗନ୍ନାଥ ଦାସଙ୍କୁ କହିଲେ ମୁଁ ହେଉଛି ସେ ମନେଇ ସାହୁ । ଜଗନ୍ନାଥ ଦାସ ସାଥି ସାଥି ମନେଇ ସାହୁଙ୍କ ରୂପଭେକ ଦେଖି ସ୍ତବ୍ଧ ହୋଇଯାଇଥିଲେ । ମନେଇ ସାହୁ ଜଗନ୍ନାଥ ଦାସଙ୍କୁ ଘରକୁ ଡାକି ସମସ୍ତ କଥା ବୁଝିସାରିବା ପରେ ନ୍ତମୁଳଟି ଅଟେ ବିଶ୍ୱିସା ଭଣିଲେ ଜଗନ୍ନାଥଦାସନ୍ତ ପୋଥିରେ ଲେଖିଯାଇଥିଲେ । ଆଉ ମଧ୍ୟ ପ୍ରବାଦ ଅଛି ଯେଉଁ ବ୍ୟକ୍ତି ମାଛ ଖାଉଥିବା ଅବସ୍ଥାରେ ତଣ୍ଟିରେ କଣ୍ଟା ଲାଗିଯାଏ ସେ ସଂଗେ ସଂଗେ କାଣ୍ଡଗଦା ମନେଇ ସାହୁ ତଣ୍ଟିରୁ କଣ୍ଟା ଖସି ଯାଉ କହିବା ମାତ୍ରେ ତଣ୍ଟିରୁ କଣ୍ଟା ଖସିଯାଉଥିଲା । ସେହି ମହାପୁରୁଷଙ୍କ ଉଦ୍ୟମରେ କଣ୍ଡାଗୋଦାରେ ଗ୍ରାମବାସୀଙ୍କ ସହଯୋଗରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ତିନି ମୂର୍ତ୍ତି ପୂଜା ପାଇ ଆସୁଥିଲେ । ଗତକାଲି ଅଗ୍ନିକାଣ୍ଡ ଘଟି ତିନି ମୂର୍ତ୍ତି ପୋଡିଯାଉଥିବା ସମୟରେ ଗ୍ରାମବାସୀମାନେ ପାଣି ଢାଳି ନିଆଁକୁ ଆୟତ କରିଥିଲେ ।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

ପୁରୀ(ଭାସ୍କର ନ୍ୟୁଜ) : ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି ଡ଼ଃ ସତ୍ୟଜିତ ନାୟକ । ନୂତନ ଭାବେ ଦାୟିତ୍ୱ ନେବାପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ । ଏଥିସହ ଶ୍ରୀ ମନ୍ଦିର ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ କ୍ଷନୂତନ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ମହାପ୍ରଭୁଙ୍କ ଆଶ୍ରିବାଦରୁ ସେବା କରିବାର ସୁଯୋଗ ମିଳିଛି ମହାପ୍ରଭୁଙ୍କ ନିକଟରେ ମୁଁ ଚିର ଉପକୃତ ରହିବି । ଶ୍ରୀମନ୍ଦିର ସୁରକ୍ଷା ନେଇ ବୁଦ୍ଧିଜୀବୀ , ସହରବାସୀ, ସେବାୟତ ଓ ପରିଚାଳନା କମିଟି ସହ ଆଲୋଚନା କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ସେ କହିଥିଲେ । ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରୀମନ୍ଦିର ସୁରକ୍ଷା ପୋଲିସ ପ୍ରଶାସନ ଲାଗି ବଡ଼ ଚ୍ୟାଲେଞ୍ଜ । ଶ୍ରୀମନ୍ଦିର ଭିତର କ୍ୟାମେରା ବ୍ୟବହାର ଉପରେ କଡାକଡି କରାଯିବ ସୁରକ୍ଷା ବ୍ୟବସ୍ଥା । ସହର କ୍ରାଇମ କଣ୍ଟ୍ରୋଲ ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ନୂତନ କେନ୍ଦ୍ରାଞ୍ଚଳ ଡି ଆଇଜି ସତ୍ୟଜିତ ନାୟକ ।

## କୋଲକାତା ରାଣୀ ଶିରୋମଣୀ ମହୋତ୍ସବରେ କେନ୍ଦ୍ରାପଡ଼ା ସମ୍ମାନିତ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗ କୋଲକାତା ମେଦିନାପୁରରେ ଆୟୋଜିତ ବିପ୍ଳବ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ସହିଦ ରାଣୀ ଶିରୋମଣୀଙ୍କ ମହୋତ୍ସବ ୨୦୨୫କୋଲକାତା ମେଦିନାପୁର ପ୍ରଶାସନ ଓ ସଂସ୍କୃତି ପରିଷଦ ମେଦିନାପୁର ଜିଲ୍ଲାପରିଷଦ ଦ୍ୱାରା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନେକ ରାଜ୍ୟର ଶାସ୍ତ୍ରୀୟ ସଂଗଠନ ଓ ନୃତ୍ୟ କଳାକାରଙ୍କୁ ନିମନ୍ତ୍ରଣ କରାଯାଇଥିଲା । କାର୍ଯ୍ୟକ୍ରମରେ କେରଳ, ତାମିଲନାଡୁ, କୋଲକାତା, ମଣିପୁର ଓ ଓଡିଶା ସମେତ ରାଜ୍ୟର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରି ନିଜ ରାଜ୍ୟର ସଂସ୍କୃତି ପ୍ରାଚୀନ ସଭ୍ୟତାର ପ୍ରଚାର କରି କଳାର ଦକ୍ଷତା ଦେଖାଇଥିଲେ । ତାହା ମଧ୍ୟରୁ ରାଜ୍ୟର ତଥା କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ' ରୟାଲ ଡ୍ୟାନ୍ସ ଏକାଡେମୀ 'ଅଂଶଗ୍ରହଣକରିବା ସହିତ ରାଜ୍ୟର ଜଗନ୍ନାଥ ସଂସ୍କୃତି ପରମ୍ପରା ପ୍ରାଚୀନ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ସମ୍ମାନିତ ହୋଇଛନ୍ତି । ଓଡିଶା ସଂସ୍କୃତିକ ପରିଚାଳକ ମହେଶ ପାଢ଼ୀଙ୍କ ନେତୃତ୍ୱ ରେ ସାତ ଜଣିଆ ଓଡିଶୀ କଳାକାର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷ୍ଣା ବେହେରା, ଟୁନି ମଲ୍ଲିକ, ଇତିଶ୍ରୀ କର, ନିମିଶା ପ୍ରିୟଦର୍ଶିନୀ ଦାସ, ଦୀପ୍ତିମୟୀ ଦାସ, ଖୁରାଶ୍ବି ତନୟା ପ୍ରମୁଖ କଳାକାର ସଂମ୍ମାନିତ ହୋଇ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି ।

## ୧୭ ଗ୍ରାମ ହେରୋଇନ ଜବତ, ଯୁବକ ଗିରଫ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଅବକାରୀ ସ୍କ୍ୱାର୍ଡ଼ ପକ୍ଷରୁ ଚଢ଼ାଉ କରାଯାଇ ତିହିଡ଼ି ବଜାରର ଭାଟପଡ଼ା ପଞ୍ଚାୟତ ଅଫିସ୍ ଛକ ନିକଟରେ ଥିବା ମାଛହାଟ ପାଖରୁ ଜଣେ ଯୁବକଙ୍କ ଠାରୁ ୧୭ ଗ୍ରାମର ହେରୋଇନ ଜବତ କରାଯାଇଛି । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୩୬/୨୫ରେ ଏକ ମକଦ୍ଦମା ରୁଜୁ କରାଯାଇ ମିର୍ଜାପୁର ଗ୍ରାମର ଜନାର୍ଦ୍ଦନ ପତି (୪୧) ନାମକ ଜଣେ ଯୁବକକୁ ଗିରଫ କରାଯାଇଥିବା ଜଣା ପଡ଼ିଛି । ଅବକାରୀ ବିଭାଗର ଅଧୀକ୍ଷକ ନରୋତ୍ତମ ମିଶ୍ର ଓ ଡେପୁଟି ସୁପରିଟେଣ୍ଡେଣ୍ଟ ମେଜର ସୁଚରିତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତିହିଡ଼ି ଅବକାରୀ ଥାନା ଅଧିକାରିଣୀ ସୁମିତ୍ରା ହେମ୍ବ୍ରମ, ଭଦ୍ରକ ରେଞ୍ଜ ଇନିସ୍ପେକ୍ଟର ଶ୍ରୀକାନ୍ତ ମୁର୍ମୁ, ଏଏସଆଇ କ୍ଷୀରୋଦ କୁମାର ପାତ୍ର, ଏଏସଆଇ ଦେବେନ୍ଦ୍ର କୁମାର ପାତ୍ର, ଏଏସଆଇ ବିଜୟ ମଲ୍ଲିକ, କନେଷ୍ଟବଳ ଅଜିତ୍ କୁମାର ସିଙ୍କୁ, ପରେଶ ଚନ୍ଦ୍ର ଟୁଡୁ, ପ୍ରଶାନ୍ତୀ ସିଂ, ମିଥୁନ ଜେନା, ସୁବାଶିଷ ରାଉତ, ସୁଦର୍ଶନ ପଲେଇ, ବିଭୂପ୍ରସାଦ, ସୂର୍ଯ୍ୟକାନ୍ତ କିସ୍କୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ । ଭଦ୍ରକ, ଧାମନଗର ଓ ତିହିଡ଼ି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା ।

## ଭୟାବହ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ



ନିଆଳି(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ନିଆଳିସ୍ଥିତ ସାହୁ ପାଲେସରେ ଶୁକ୍ରବାର ଦିନ ସାଢେ ଏକଟା ସମୟରେ ଏସ ସି ସଜାଡୁଥିବା ବେଳେ ଦୁଇ ମହଲା ତିନି ନମ୍ବର କୋଠାରେ ସର୍ଟ ସର୍କିଟ ହୋଇ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ନେଇ ସୂଚନା ମିଳିଛି । ଏହି ଅଗ୍ନିକାଣ୍ଡରେ ସାହୁ ପାଲେସରେ ଲକ୍ଷାଧିକ ଟଙ୍କା ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ଏଥି ସହିତ ୪ଜଣ କର୍ମଚାରୀଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇଛି । ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ନିଆଳି ପୋଲିସ୍ ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ଆୟତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ନିଆଳ ଥାନା ସ୍ଥିତ ସାହୁ ପାଲେସରେ ନାମକ ଏକ ଲଜରେ ଗତକାଲି କଟକର ଚାରି ଏସି ମିସ୍ତ୍ରୀ ଓ ହେଲପର କାର୍ଯ୍ୟ କରୁଥିଲେ ହଠାତ୍ ତୃତୀୟ ମହଲାରୁ ଦିନ ୧ ଟା ୩୦ ମିନିଟ ସମୟରେ ଧୂଆଁ ଓ ନିଆଁ ସୃଷ୍ଟି ହେବାରୁ ନିୟୋଜିତ ମିସ୍ତ୍ରୀ ଓ ହେଲପର ଦୌଷତା ଦୌଷଡି ବାହାରକୁ ପଳାଇ ଆସିଥିଲେ । ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ପୂର୍ବରୁ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଓ ଅନ୍ୟ କର୍ମଚାରୀ ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ । ନିଆଁ ଓ ଧୂଆଁ ପ୍ରଖର ହେବାରୁ ସମ୍ଭବ ହୋଇନଥିଲା । ଫଳରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ । ସାହୁ ପାଲେସର ମାଲିକ ରାଜେନ୍ଦ୍ର ସାହୁ ଗଣମାଧ୍ୟମକୁ କହିଛନ୍ତି ଏସି କାର୍ଯ୍ୟ ଚାଲୁଥିଲା ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି ଲକ୍ଷାଧିକ ଟଙ୍କାର ବିଭିନ୍ନ ଉପକରଣ ପୋଡ଼ି ପାଉଁଶ ହୋଇଛି । ନିଆଁ ଯଦି ଆଗକୁ ବଢିଥାନ୍ତା ତେବେ ସାମ୍ନାରେ ଥିବା ପେଟ୍ରୋଲ ପମ୍ପକୁ ବ୍ୟାପିବା ସମ୍ଭାବନା ଅଧିକ ଥିଲା । କିନ୍ତୁ ବଡ ଅଘଟଣ ପୂର୍ବରୁ ସ୍ଥାନୀୟ ଯୁବକ, ପ୍ରଶାସନ ନିଆଁକୁ ଆୟତ୍ତ କରିଥିଲେ ।

## ରେଡ଼କ୍ରସ୍ ପାଣ୍ଠିରୁ ପ୍ରବାସୀ ଶ୍ରମିକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରବାସୀ ଶ୍ରମିକ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କୁ ଆଘାତ ଦେଇଥିବା ବେଳେ ପ୍ରବାସୀଙ୍କ ପରିବାରକୁ ପ୍ରଶାସନ ଭେଟି ସହାୟତାର ହାତ ବଢ଼ାଇଛି । ପ୍ରବାସୀଙ୍କ ଘରେ ଚୁଲି ଜଳୁ ନଥିବା ବେଳେ ଚାରି ଝିଅ, ବୁଢ଼ା ବାପା-ମାଆ ଓ ତାଙ୍କ ପତ୍ନୀ ଆଖିରୁ ଝରାଉଛନ୍ତି ଲୁହ । କିପରି ସଂସାର ରକ୍ଷା ହେବ ସେମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, କେରଳରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକ ବିଜୟ କୁମାର ନାୟକଙ୍କର କେରଳର ପାଲଘାଟରେ ମୃତ୍ୟୁ ହୋଇଯିବା ପରେ ରାଜ୍ୟ ପ୍ରଶାସନ ପ୍ରବାସୀଙ୍କ ଶବ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଂଚି ଥିଲା । ନିମାପଡ଼ା ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିବା ବେଳେ ଏହି ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, କେ. ଭେଙ୍କଟେଶ୍ୱର ରାଓ, କ୍ଷେତ୍ର ପରିଦର୍ଶକ ତହସିଲ କାର୍ଯ୍ୟାଳୟର କେତେକ କର୍ମଚାରୀ ପ୍ରବାସୀ ଶ୍ରମିକଙ୍କ ଘରେ ପହଂଚି ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରବାସୀଙ୍କ ପତ୍ନୀ ପ୍ରମିଳା ନାୟକଙ୍କୁ ପ୍ରଦାନ କରିଛନ୍ତି । ବଡ଼ମାଛପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଜିଲ୍ଲା ଯୁବ କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ



ଯାଜପୁର(ଭାସ୍କର ନ୍ୟୁଜ): ଦଶରଥପୁର ବ୍ଲକର ଅହିୟାସ ସ୍ଥିତ ଦରଘା ଠାରେ ବୈତରଣୀର ଶାଖା ନଦୀ କାଣୀ ନଦୀରେ ୧୭୦ ଫୁଟ୍ ଘାଇ ସୃଷ୍ଟି ହୋଇଛି । ଫଳରେ କସପା, ମଲ୍ଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବ୍ଲକର ୨୦ ପଞ୍ଚାୟତରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି । ଆଜି କସପା ଓ ମଲ୍ଲିକାପୁର ପଞ୍ଚାୟତରେ ଜିଲ୍ଲା ଯୁବ କଂଗ୍ରେସର ନେତା କୁମାର ଆଶୁତୋଷଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଂଜନ ବେହେରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ ପ୍ରଭୃତି ଯାଜପୁର ଗ୍ରସ୍ତରେ ଆସି କୁମାର ଆଶୁତୋଙ୍କ ନେତୃତ୍ୱରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ପ୍ରଥମ ଦଶରଥପୁର ବ୍ଲକ କାଟିଆଠାରେ ପହଞ୍ଚିବା ପରେ ସେଠାରେ ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସ୍ୱର୍ଦ୍ଧନା ଦିଆଯାଇଥିଲା । ମିଳିତଭାବେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପଚାରି ବୁଝି ୧୦୦୦ରୁ ଉର୍ଦ୍ଧ୍ୱ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ଯଯାତି ନାୟକ, ସଂଜୀବ ଦାସ, ଅନୁପମ ମଲ୍ଲିକ, ବିରଜା ସାହୁ, ରବିପ୍ରକାଶ ନାୟକ, ଉତ୍କଳ ପାଣିଗ୍ରାହୀ, ରୁପକ ଦାସ, ଅର୍ଜିତ ନାୟକ, ଭବାନିଶଙ୍କର ଦେଓ, ଜଗନ ଜେନା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଦଶରଥପୁର ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ଦୁର୍ଯ୍ୟୋଧନ ବେହେରା, ଏକାଦଶୀ ତ୍ରିପାଠୀ, ପ୍ରଫୁଲ୍ଲ ନାୟକ, ଏସ୍‌କେ ବଧିରୁଦ୍ଦିନ, ଅଲ୍ଲିମାନ ଖାଁନ୍, ଅଫ୍‌ସର ଖାନ୍, ଏସ୍‌କେ ତାରୋ, ଏସ୍‌କେ ବାବୋ, ଦେବକାନ୍ତ ପତି, ମନୋଜ ମହାନ୍ତି ପ୍ରଭୃତି ବନ୍ୟାଞ୍ଚଳ ପରିଦର୍ଶନ କରି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ସାପ କାମୁଡ଼ାରେ ନାତୁଣୀ ମୃତ ଖବର ଶୁଣି ହୃଦ୍‌ଘାତରେ ଗଲା ଜେଜେଙ୍କ ଜୀବନ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବିଷଧର ସାପ କାମୁଡ଼ାରେ ଚାଲିଗଲା ନାତୁଣୀର ଜୀବନ । ତେବେ ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଜେଜେଙ୍କ ଜୀବନ ଚାଲିଗଲା । ଏମିତି ଏକ ଦୁଃଖଦ ଘଟଣା ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବିଣ୍ଡିଆ ଗ୍ରାମରେ ଘଟିଛି । ସୂଚନା ମୁତାବକ ଏହି ଗ୍ରାମର ଦେବେନ୍ଦ୍ର ପରମାଣିକଙ୍କ ଦଶମ ଶ୍ରେଣୀରେ ପାଠ ପଢୁଥିବା ଝିଅ ଅଙ୍କିତା ପ୍ରିୟଦର୍ଶିନୀ (୧୫) ଗତ କାଲି ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା । ଅଙ୍କିତା ପରିବାର ଲୋକଙ୍କୁ ଜଣାଇବା ପରେ ଚିକିତ୍ସା ପାଇଁ ତାକୁ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ଅଙ୍କିତାଙ୍କର ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଗ୍ରାମକୁ ଫେରୁଥିବା ବେଳେ ନାତୁଣୀର ମୃତ୍ୟୁ ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କ ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ପରେ ଉଭୟଙ୍କ ମର ଶରୀର ବାସଭବନରେ ପହଁଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ଅଙ୍କିତା ପଢୁଥିବା ନିଗମାନନ୍ଦ ବିଦ୍ୟାପୀଠ ବରଦାର ପ୍ରଧାନ ଶିକ୍ଷକ ଶଙ୍କର ଡାକୁଆ, ଶିକ୍ଷକ ଗଗନ ବିହାରୀ ନାୟକ, ପୂର୍ବତନ ସମିତି ସଭ୍ୟ ଦିଲ୍ଲିପ କୁମାର ସାମଲ, ଡଃ ଯଚିନ୍ଦ୍ର କୁମାର ରାଉତ, ପ୍ରାକ୍ତନ ସମିତି ସଭ୍ୟ ସୁଭାଷ ଚନ୍ଦ୍ର ନାୟକ, ଯୋଗେଶ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ଗ୍ରାମ ଶ୍ମଶାନରେ ଉଭୟ ଜେଜେ ଆଉ ନାତୁଣୀଙ୍କ ଶବ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ନରେଶ ମୁଖାଗ୍ନି ଦେଇଥିବା ବେଳେ ଏକ ସଙ୍ଗେ ଦୁଇଟି ଯୁଇ ଜଳିଥିଲା ଏଭଳି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନାରୀ, ଛାତ୍ରୀ ଓ ଶିଶୁ ନିର୍ଯାତନା ଶୀର୍ଷକ ଆଲୋଚନା




ଯାଜପୁର(ଭାସ୍କର ନ୍ୟୁଜ): ରାଜ୍ୟରେ ଅତ୍ୟନ୍ତ ଉଦ୍‌ବେଗଜ ଜନକ ଭାବେ ବଢ଼ି ଚାଲିଥିବା ନାରୀ ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ଗୁରୁବାର ପୂର୍ବାହ୍ନରେ ଯାଜପୁର ଟାଉନର ମହାବୀର ଛକ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆଲୋଚନା ସଭାରେ ଏତାଦୃଶ ବର୍ବରତା ବୃଦ୍ଧିର କାରଣ ତଥା ନିରାକରଣର ଉପାୟ ସମ୍ପର୍କରେ ବହୁ ବିଶିଷ୍ଟ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ ଆଲୋଚନାରେ ଭାଗନେଇ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ମତାମତ ପ୍ରକାଶ କରିଥିଲେ । ବିଶେଷକରି ଅବସରପ୍ରାପ୍ତ କଲେଜ ଅଧକ୍ଷ ଡଃ ବିନୋଦ ଚନ୍ଦ୍ର ନାୟକ, ଡଃ କ୍ଷୀରୋଦ କୁମାର ବେହେରା, ଡଃ ଅନିଲ କୁମାର ମହାନ୍ତି, ଡଃ ଦର୍ପନାରାୟଣ ଲେଙ୍କା, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡଃ ହରିଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧ୍ୟାପକ ବିଷ୍ଣୁ ଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପୁହାଣ ଏବଂ ବିଜୟ କୁମାର ସମାଲ, ସିନଅର ଆଡ୍‌ଭୋକେଟ୍ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରି ଏସବୁର ଅନ୍ୟତମ ମୁଖ୍ୟ କାରଣ ମଦ-ଡ୍ରଗ୍ସ ଆଦିର ମାଦକ ଦ୍ରବ୍ୟ ତଥା ମୋବାଇଲ୍, ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧମରେ ଅଶ୍ଳୀଳତା-ନଗ୍ନତାର ବ୍ୟାପକ ପ୍ରଚାର ପ୍ରସାର ବୃଦ୍ଧି ବୋଲି ମତ ଦେବା ସହ ଅପରାଧୀଙ୍କୁ ଦଣ୍ଡିତ କରାନଯିବା ମଧ୍ୟ ଅପରାଧିକ ମାନସୀକତା ବୃଦ୍ଧିର ଅନ୍ୟତମ କାରଣ ବୋଲି କହିଥିଲେ । ଏ ସମ୍ପର୍କରେ ଲେଖିକା ବୀଣାପାଣୀ ତ୍ରିପାଠୀ ମଧ୍ୟ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଉକ୍ତ ଆଲୋଚନା ସଭାରେ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଯୋଗଦେଇ ଉଦ୍ୟୋକ୍ତା ମାନଙ୍କର ପ୍ରଚେଷ୍ଟାକୁ ସାଧୁବାଦ ଜଣାଇବା ସହ ସମସ୍ତ ସରକାମାନେ ଷଡଯନ୍ତ୍ର ମୂଳକ ଭାବେ କାହିଁକି ମଦ-ମାଦକ ଦ୍ରବ୍ୟ ଏବଂ ଅଶ୍ଳୀଳତା ଅପସଂସ୍କୃତିର ପ୍ରସାର ବଢ଼ାଇ ଚାଲିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିତର କଂଗ୍ରେସ ଓ ବିଜେଡ଼ି ସରକାର ରାଜ୍ୟବାସୀଙ୍କୁ ସମସ୍ତ ଦିଗରୁ କେବଳ ପ୍ରତାରିତ କରି ନାହାଁନ୍ତି ବରଂ ସୌମ୍ୟଶ୍ରୀ ଘଟଣା ଏବଂ ବଲଙ୍ଗା ଘଟଣାରେ ସେମାନଙ୍କର ନଗ୍ନ ଭୂମିକା ରାଜ୍ୟବାସୀଙ୍କ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି ବୋଲି ମତଦେଇ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସଚେତନ ନାଗରିକ ମାନଙ୍କର ଭୂମିକା ଉପରେ ଆଲୋକ ପାତ କରିଥିଲେ । ଏହି ଉଦ୍ୟମକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରିବା ପାଇଁ ସର୍ବ ସମ୍ମତିକ୍ରମେ ଏକ ନାଗରିକ କମିଟି ଗଠନ କରାଯାଇଥିଲା । 'ସାମାଜିକ ସୁରକ୍ଷା କମିଟି, ଯାଜପୁର' ନାମରେ ଗଠିତ ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳ ଭାବେ ଉପରୋକ୍ତ ଅବସରପ୍ରାପ୍ତ ଅଧକ୍ଷ ବୃନ୍ଦଙ୍କୁ ନିଆଯାଇଥିବା ବେଳେ ସଭାପତି ଭାବେ ବିଷ୍ଣୁ ଚରଣ ବେହେରା, ସଂପାଦକ ଭାବେ ରାଜଶ୍ରୀ ମହାନ୍ତି, ଯୁଗ ସଂପାଦକ ଭାବେ ସଂଘମିତ୍ରା ପଟ୍ଟନାୟକଙ୍କୁ ଏବଂ ଉପସଭାପତି ଭାବେ ଲେଖିକା ବିଣାପାଣି ତ୍ରିପାଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କୁ ନିଆଯାଇଥିବା ବେଳେ ସଭ୍ୟ ରୂପେ ଉପସ୍ଥିତ ଛାତ୍ରୀ ମହିଳା ଓ ଅନ୍ୟମାନଙ୍କୁ ସଭ୍ୟରୂପେ ନିଆଯାଇଛି ।

## ଶିକ୍ଷା ଯୋଜନା ଦିଗହରା, ୮ ଶ୍ରେଣୀକୁ ୩ ଶିକ୍ଷକ, ଶିକ୍ଷୟିତ୍ରୀ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଶିକ୍ଷାକୁ ସାର୍ବଜନୀନ କରାଇବା ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ କେନ୍ଦ୍ର ସରକାର ନୂତନ ଶିକ୍ଷାଯୋଜନା ଓ ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିନିମନ୍ତେ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ମଧ୍ୟାହ୍ନ ଭୋଜନ, ପୋଷାକ ଯୋଗାଇ ଦିଆଯାଉଥିଲା ବେଳେ ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତ ପାଟପାରୀ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଏକ ରକମ ଦିଗହରା ହୋଇପଡିଥିଲା ବେଳେ ନାହିଁ ନାହିଁ ଚାଲୁଥିବା ଏହି ବିଦ୍ୟାଳୟ ପ୍ରତି ଅଣଦେଖା କରାଯାଉଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିଦ୍ୟାଳୟର ୮ ଶ୍ରେଣୀ ନିମନ୍ତେ ମାତ୍ର ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବା ଅଭିଯୋଗ ହୋଇଛି । ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଥିଲାବେଳେ ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରୁ ପାଣି ଝରୁଥିବାର ଅଭିଯୋଗ ହୋଇଛି । ଗତ ୧୯୫୬ ମସିହାରେ ଏହି ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିଲା ବେଳେ ନୂତନ ଭାବେ ବାଲବାଡି କେନ୍ଦ୍ର ଖୋଲା ଯାଇଛି । ୮ଟି ଶ୍ରେଣୀରେ ୬୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଦେବଭାଷା ସଂସ୍କୃତ ଓ ରାଷ୍ଟ୍ରଭାଷା ହିନ୍ଦୀ ରହିଥିଲା ବେଳେ ଏହି ୨ ବିଷୟ ଶିକ୍ଷାଦାନ ଦେବା ନିମନ୍ତେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ନଥିବାର ଅଭିଯୋଗ ହୋଇଛି । ଫଳରେ ଛାତ୍ର ଛାତ୍ରୀମାନେ ହିନ୍ଦୀ ଓ ସଂସ୍କୃତ ଭାଷା ଶିକ୍ଷାଲାଭରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି । ତେବେ ୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ କିପରିଭାବେ ୮ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ପ୍ରଦାନ କରୁଥିବେ ଓ କିପରି ଭାବେ ଗୁଣାତ୍ମକ ଶିକ୍ଷାର ବିକାଶ ହେଉଥିବ ତାହା ସହଜେ ଅନୁମେୟ । ଅପରପକ୍ଷରେ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ନିମନ୍ତେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାର ଅଭିଯୋଗ ହୋଇଛି । ୮ଟି ଶ୍ରେଣୀ ନିମନ୍ତେ ମାତ୍ର ୪ଟି ଶ୍ରେଣୀ ଗୃହ ରହିଛି । ଏହି ଶ୍ରେଣୀ ଗୃହ ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି । ଟିକିଏ ବର୍ଷା ହେଲେ ଶ୍ରେଣୀ ଗୃହରୁ ପାଣି ଝରୁଥିବାର ଅଭିଯୋଗ ହୋଇଛି । ତେବେ ୩ମାସ ତଳେ ଏହି ବିଦ୍ୟାଳୟ ଗୃହକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ବିଧାୟକ ୩ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ । ନିଶ୍ଚିନ୍ତକୋଇଲି ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ବାସ୍ତବ ପକ୍ଷେ ବିଧାୟକଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଜଣେ ବ୍ୟକ୍ତି ଏହି କାର୍ଯ୍ୟ କରିଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ବିଦ୍ୟାଳୟ ପରିସରରେ ନୂଳକୂପ ଓ ଶୌଚାଳୟ ଅଚଳ ହୋଇପଡିଛି । ଛାତ୍ରଛାତ୍ରୀମାନେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଅନ୍ୟତ୍ର ପାନୀୟ ଜଳ ପାଇଁ ଛାତ୍ର ଛାତ୍ରୀଙ୍କୁ ଯିବାକୁ ପଡୁଛି । ସେହିପରି ଭାବେ ଏହି ବିଦ୍ୟାଳୟର ପରିଶ୍ରାଗାର ଓ ଶୌଚାଳୟ ଭାଙ୍ଗିରୁଜି ଯାଇଥିବା କାରଣରୁ ଏହା କୌଣସି କାର୍ଯ୍ୟରେ ଆସିପାରୁନାହିଁ । ଫଳରେ ଛାତ୍ର ଛାତ୍ରୀ ସର୍ବୋପରି ଶିକ୍ଷୟିତ୍ରୀମାନେ ମଳମୂତ୍ର ତ୍ୟାଗ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ବ୍ଲକର ବହୁ ବିଦ୍ୟାଳୟକୁ ଆବଶ୍ୟକତା ନଥାଇ ସରକାରୀ ଅନୁଦାନ ଯୋଗାଇ ଦିଆଯାଉଥିଲା ବେଳେ ଏହି ବିଦ୍ୟାଳୟକୁ ରହସ୍ୟ ଜନକଭାବେ କୌଣସି ଅନୁଦାନ ଯୋଗାଇ ଦିଆଯାଉନଥିବାର ଅଭିଯୋଗ ହୋଇଛି । ତେବେ ସମସ୍ୟା ଘେରରେ ରହିଥିବା ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯାଉନଥିବା କାରଣରୁ ଅଭିଭାବକ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏହି ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଉଚିତ ମନେକରୁନାହାନ୍ତି । ଫଳରେ ଦିନକୁ ଦିନ ଏହି ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ଛାତ୍ରାଭିଭାବକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।



କେନ୍ଦୁଝର, (ଭାସ୍କର ନ୍ୟୁଜ) : କଷ୍ଟପୁରି ସାରିଲାଣି ହେଲେ ରାସ୍ତା କାମ ସରୁନି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ ଓ ଧାତିକା ରାସ୍ତା ନିର୍ମାଣ ପାଇଁ ୨୦୨୨ ମସିହା ଅକ୍ଟୋବର ୨୧ ତାରିଖ କାମ ଆରମ୍ଭ ହୋଇ ୨୦୨୩ ମସିହା ଜୁଲାଇ ମାସ ୨୦ ତାରିଖ କାମ ସମାପ୍ତି ହୋଇଥିବା ସୂଚନା ଫଳକରେ ଉଲ୍ଲେଖ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତାକାମ ୬୦ପ୍ରତିଶତ ସରିନାହିଁ। ସବୁଠାରୁ ବଡକଥାହେଲା ଚାରିବର୍ଷ ମଧ୍ୟରେ ଠିକାଦାର ମନ୍ଥରଗତିରେ କାମ ଆରମ୍ଭ କରିଥିଲା। ଅଭିଯୋଗ ପରେ କାଦଗଡ ଠାରୁ ଭାଲୁପାଳି ସାହି ପର୍ଯ୍ୟନ୍ତ ପିଚୁ ନିର୍ମାଣ ହୋଇଛି। ସେଠାରୁ ଧାତିକା ରାଇସୁଆଁ ପୂର୍ତ୍ତବିଭାଗ ରାସ୍ତା ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇ ପଡିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ ସଂସ୍ଥା ଦ୍ୱାରା ରାଇସୁଆଁ ମାଛକାନ୍ଦଣା ନାଳ ଠାରୁ କାଦଗଡ-ଧାତିକା ପର୍ଯ୍ୟନ୍ତ ଜିଲ୍ଲା ଖଣିଜପାଣ୍ଠି ରୁ ୪କୋଟି ୪୫ଲକ୍ଷ ୩୨ହଜାର ୬ଶହ ୧୯ଟଙ୍କା ଅନୁମୋଦନ ହୋଇଛି। ମାତ୍ର ରାସ୍ତା କାମ ଅତି ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାରେ ମେଣ୍ଟାଲ ବିଛାଇ କାମ ବନ୍ଦ ହୋଇ ପଡିଥିବାରୁ ସାଇକେଲ ଓ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ତୁରନ୍ତ ରାସ୍ତା କାମ ସରୁନଥିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାକାମ ସଂମ୍ପୂର୍ଣ୍ଣ କରିବାକୁ ସାମାଜସେବୀ ଦିଲ୍ଲିପ ବେହେରା, ବିକ୍ରମ କେଶରୀ ମହାନ୍ତ, ନୂଆଗାଁ ସରପଞ୍ଚ ଆଶିର୍ନାଦ ନାଏକ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଅବ୍ୟବସ୍ଥା

# ଶବ ବ୍ୟବଚ୍ଛେଦ ଗୃହକୁ ଆମ୍ବୁଲାନ୍ସ ଯିବାକୁ ନାହିଁ ରାସ୍ତା



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲାର ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଥିବା ଶବ ବ୍ୟବଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ କୌଣସି ରାସ୍ତାର ସୁବିଧା ନ ଥିବା ଯୋଗୁଁ ଶବକୁ ହସ୍ପିଟାଲ ଭିତର ଦେଇ ବାହାରକୁ ଆଣିବାକୁ ପଡୁଛି ଫଳରେ ହସ୍ପିଟାଲକୁ ଆସୁଥିବା ରୋଗୀ ମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଯାଇଛି। ଉମରକୋଟ ହସ୍ପିଟାଲ ଡିଏନ୍‌କେ ପ୍ରକଳ୍ପ ଅମଳରେ କେନ୍ଦ୍ର ସରକାର ସ୍ଥାପନ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅଧୀନକୁ ଆସିବା ପରେ ଏହି ହସ୍ପିଟାଲ ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକ୍‌ର ଏକ ରେଫରାଲ ହସ୍ପିଟାଲରେ ପରିଣିତ ହୋଇଛି। ଏଠାରେ ଏହି ୪ ବ୍ଲକ ସମେତ ପୋଡଶୀ ଛତିଶଗଡ଼ରୁ ଦୈନିକ ୫ ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସନ୍ତି। ତେବେ କୌଣସି ରୋଗୀ ମୃତ୍ୟୁ ହେଲେ କିମ୍ବା ବାହାରରୁ କୌଣସି ଶବ ବ୍ୟବଛେଦ ପାଇଁ ଆସିଲେ ତାକୁ ହସ୍ପିଟାଲ ଭିତରେ ଦେଇ ରୋଗୀଙ୍କ ମଧ୍ୟରେ ନେବା କି ପଡୁଛି। କାରଣ ଏହି ହସ୍ପିଟାଲର ଶବ ବ୍ୟବଛେଦ ଗୃହ ହସ୍ପିଟାଲର ପଛ ଆଡ଼େ ଅଛି। ବ୍ୟବଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହି। ଫଳରେ ଶବକୁ ଏକ ଷ୍ଟ୍ରେଚର ଯୋଗେ ହସ୍ପିଟାଲ ଭିତରେ ଦେଇ ବାହାରକୁ ଆଣି ଆମ୍ବୁଲାନ୍ସରେ ଲୋଡ କରିବାକୁ ପଡୁଛି। ଶବକୁ ଦେଖି ରୋଗୀ ଓ ଛୋଟ ପିଲାମାନେ ଭୟଭୀତ ହେବ। ସହ ଏହୀ ଅବ୍ୟବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ତୁରନ୍ତ ସବ ବ୍ୟବଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନିର୍ମାଣ କରାଯାଉ ବୋଲି ବରିଷ୍ଠ ବିଜେଡ଼ି ନେତା ଦେବୀ ସିଂ ମାଝି ଦାବି କରିଛନ୍ତି। ମେଡିକାଲ ସୁପରିଡେଣ୍ଟ ଡକ୍ଟର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ କହିଲେ ଯେ ସବ ବ୍ୟବଛେଦ ଗୃହକୁ ଭଙ୍ଗାଯାଇ ସେଠାରେ ହସ୍ପିଟାଲ ନିର୍ମାଣ କରାଯିବ ଓ ନୂତନ ଭାବେ ଅନ୍ୟତ୍ର ସ୍ଥାନରେ ସବ ବ୍ୟବଛେଦ ଗୃହ ନିର୍ମାଣ କରାଯିବ ବୋଲି କହିଥିଲେ।

# ଗଳିକନ୍ଦିରେ ଚୋରା ମଦର ଆସର: ଅବକାରୀ ବିଭାଗ ସାଜିଛି ନିରବଦ୍ରଷ୍ଟା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ) : ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଚାରିଆଡ଼େ ଗହଳି ଚହଳି ଜମିଲାଣି। ପାର୍ବଣ ପାଇଁ ଦୋକାନ ବଜାରରେ ଭିଡ଼ ବଢ଼ିଲାଣି। ରାସ୍ତା ଘାଟରେ ଜାମ ପରିସ୍ଥିତି ସୃଷ୍ଟି ହେଲାଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଯୁବକ ମାନେ ପାର୍ବଣ ସମୟରେ ଗାଁକୁ ଆସିବାକୁ ହେଲେଣି। ଏଭଳି ସ୍ଥିତିରେ ଗାଁ ଗଣ୍ଡାରେ ଜମୁଥିବା ମଦ୍ୟପଙ୍କ ଆଡ୍ଡା ଜନସାଧାରଣଙ୍କୁ ଅତିଷ୍ଠ କରି ପକାଇଲାଣି। ଆଗକୁ ଉତ୍ସବ ଥିବା ବେଳେ ଅନେକ ଗାଁରେ ଗଣେଶ ପୂଜାରୁ ମଧ୍ୟ ଆରମ୍ଭ ହୋଇଗଲାଣି। ଚୋରି, ଡକାୟତି, ରାହାଜାନି ଭଳି ଘଟଣା ଘଟିବା ନିଶ୍ଚିତ। ଏମିତି ମଧ୍ୟ କିଛି ମାସ ହେବ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରୁ ବିଭିନ୍ନ ମନ୍ଦିରରୁ ଚୋରି ହେଉଛି। କିନ୍ତୁ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବେଆଇନ ମଦ କାରବାର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା, କାକଟପୁର ଥାନା ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରର ଚୋରା ମଦ ବ୍ୟବସାୟୀ (କୋଚିଆ)ଙ୍କ ପାଦୁର୍ଭାବ ବୃଦ୍ଧି ପାଇ ଚାଲିଛି। ଏମିତିକି ଦିନ ଦ୍ୱିପ୍ରହରରେ ଖୁଲମ ଖୁଲ୍ଲା ସକାଳୁ ସକାଳୁ ଏକ ସ୍କୁଟି ଗାଡ଼ିରେ ଦେଶୀ ମଦ ବିଭିନ୍ନ ଗାଁରେ ଚୋରା ମଦ ବ୍ୟବସାୟୀ (କୋଚିଆ)ଙ୍କ ନିକଟକୁ ଚାଲାଣ ହେଉଛି। ଯାହାକି ଅବକାରୀ ବିଭାଗ ସ୍ପଷ୍ଟ ପ୍ରମାଣ ପାଇବାକୁ ହେଲେ ଦେଶୀ ମଦ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ଜାଣି ପାରିବେ କେତେ ସକାଳୁ ଦୋକାନ ସଟର ଖୋଲା ହୋଇ ସ୍କୁଟିରେ ଚାଲାଣ ହେଉଛି। ସରକାରୀ ମଦ ଦୋକାନରେ ସକାଳ ୧୦ଘ ୩୦ମିନିଟ ସମୟ ହେଲେ ମଦ୍ୟପଙ୍କ ଭିଡ଼ ଲାଗୁଛି। ତଥାପି ମଦ ବେପାରୀଙ୍କ ଟାର୍ଗେଟ ପୂରଣ ହେଉନି। ତେଣୁ ମଦ ଦୋକାନୀ ବିଭାଗରୁ ଆଣୁଥିବା ଟାର୍ଗେଟକୁ ପୂରଣ କରିବାକୁ ସ୍କୁଟି ମାଧ୍ୟମରେ ଗାଁ ଗଣ୍ଡାରେ କୋଚିଆ ନିଯୁକ୍ତି କରିଛନ୍ତି। କୋଚିଆ ଗଳି କନ୍ଦିରେ ନେଇ ଚୋରା ମଦ କାରବାର କରୁଛନ୍ତି। ପ୍ରତି ଗାଁ ମାନଙ୍କରେ ହାତ ପାହାନ୍ତାରେ ମଦ ମିଳୁଥିବାରୁ ବିଶେଷ କରି ଯୁବପିଢ଼ି, ଛାତ୍ର ମଦ ନିଶାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଚୋରା ମଦ ବ୍ୟବସାୟୀ (କୋଚିଆ)ମଧ୍ୟ ନିଜ ବେପାର ଜମାଇବାକୁ ଅଭିନବ ପନ୍ଥା ଆପଣାଇଛନ୍ତି। ଅବକାରୀ ବିଭାଗ କିମ୍ବା ପୋଲିସ ବିଭାଗର କିଛି ଲାଭ ଖୋର କର୍ମଚାରୀଙ୍କ ପ୍ରାକ ସୂଚନା ବଳରେ ଚଢ଼ଉ ପୂର୍ବରୁ ଚୋରା ମଦ ବ୍ୟବସାୟୀ ଖସିବାରେ ସଫଳ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ, ନୂଆଗଡ ଓ କାକଟପୁର ଥାନା ଅଧୀନ ରେ ଥିବା ନଗର, ଆଳସାହି, ତାଳଦା,ମାଣ୍ଡୁକି, ଶିଶୁଅ, ଛୁରିଆନା (କଣମଣ), ସରିପୁର, ଝାଡ଼ଲିଙ୍ଗ, ନୂଆଗଡ,ଖଣ୍ଡାସାହି, ନଈଗୁଆଁ,କେନ୍ଦ୍ରାପଟି ଅଞ୍ଚଳରେ ଥିବା ପାନ ଦୋକାନ, ତେଜରାତି ଦୋକାନ, ଏମିତିକି ଘରେ ରଖି ଦିନ ରାତି ଚୋରା ମଦ କାରବାର କରୁଥିବା ଦେଖିବାକୁ ମିଳୁଛି। ଏ ସବୁ ସ୍ଥାନ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିଲେ ହେଁ କୋଚିଆ ଖୁଲମ ଖୁଲ୍ଲା ବେପାର କରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଗ୍ରାମରେ ସାଧାରଣ ଲୋକେ ମଦ୍ୟପଙ୍କ ଆକ୍ରୋଶ ଶିକାର ହେଉଛନ୍ତି। ବିଶେଷ କରି ସନ୍ଧ୍ୟା ପରେ ମଦ୍ୟପଙ୍କ ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ ଏହା ସହ ପୁରୀ ଜିଲ୍ଲା ନୂତନ ଜିଲ୍ଲାପାଳଙ୍କ ଉପସ୍ଥିତରେ ହେଉଥିବା ଜନ ଶୁଣାଣୀ ଶିବିରରେ ଅଭିଯୋଗ ମଧ୍ୟ ହୋଇଥିଲା କିନ୍ତୁ ଅବକାରୀ ବିଭାଗ ଲୋକ ଦେଖାଣିଆ ଜନଶୁଣାଣି ଶିବିର ଦିନ ଜଣେ କୋଚିଆ ଠାରୁ ୬ଲି ୫ଶହ ମିଲି ଗ୍ରାମ ମଦ ଜବତ କରି ଶୋଇପଡ଼ିଲା। ନାମକୁ ମାତ୍ର ଚଢ଼ାଉ କରି ନିଜର ଦାୟିତ୍ୱ ଶେଷ କରି ଦେଉଛନ୍ତି। ସେହିପରି ଅସ୍ତରଙ୍ଗ ଥାନା ଓ କାକଟପୁର ଥାନା ଅଞ୍ଚଳରେ ଥିବା ବହୁ ଗ୍ରାମରେ କୋଚିଆ ଚୋରା ମଦ ନେଇ କାରବାର କରୁଛନ୍ତି। ବିଭିନ୍ନ ଦୋକାନ କିମ୍ବା ଛକରେ ବ୍ୟାଗ ଧରି ବିକ୍ରି କରୁଛନ୍ତି। ସେମାନେ ଯୁବପିଢ଼ି, ମୂଲ ମଜୁରୀ ଲାଗି ପରିବାର ଚଳାଉଥିବା ଗରିବ ଲୋକଙ୍କୁ ଟାର୍ଗେଟ କରି ବେପାର କରୁଛନ୍ତି। ଏହା ଦ୍ୱାରା ବେପାରୀ ମାଲାମାଲ ହେଉଥିବା ବେଳେ ମାସିକ ବଟି ନେଇ ନିରବ ବସିଥିବା ପ୍ରଶାସନ ରାଜକୋଷକୁ ଟଙ୍କାଟିଏ ଦେଉ ନଥିବା ବୁଦ୍ଧିଜୀବୀ ଅଭିଯୋଗ ଆଣିଛନ୍ତି। ନିକଟରେ ହୋଇଥିବା ଜନ ଶୁଣାଣୀ ଶିବିରରେ ଜିଲ୍ଲାପାଳ ନିମାପଡା ଅବକାରୀ ବିଭାଗ ଇନିସ୍ପେକ୍ଟରକୁ ଡାକି ବେଆଇନି ମଦ କାରବାର ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅବକାରୀ ଓ ପୋଲିସ ପ୍ରଶାସନ ତୁରନ୍ତ ସନ୍ଦେହ ଜନକ ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ସହିତ କୋଚିଆଙ୍କୁ ଦମନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ଜନ୍ମଦିବସ ପାଳିତ



ଫୁଲନଖରା, (ଭାସ୍କର ନ୍ୟୁଜ) : ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ୭୧ ତମ ଜନ୍ମଦିବସ ୨୮ ତାରିଖ ଦିନ ତାଙ୍କ ବାସଭବନ ଘନଶ୍ୟାମ ଏନକ୍ଲେଭରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ସହଧର୍ମିଣୀ ଶ୍ରୀମତୀ ଅର୍ଚ୍ଚନା ତ୍ରିପାଠୀ, ପୁତ୍ର ସାଇ ଶୁଭଜୀତ ତ୍ରିପାଠୀ, ଇଂ ପ୍ରଶାନ୍ତ କୁମାର ତ୍ରିପାଠୀ, ବିଜୟନନ୍ଦିନୀ ତ୍ରିପାଠୀ, ଜୟନ୍ତ କୁମାର ତ୍ରିପାଠୀ, ରଶ୍ମିତା ତ୍ରିପାଠୀ, ଧର୍ମଜୀତ ତ୍ରିପାଠୀ, ପୁଣ୍ୟଜୀତ ତ୍ରିପାଠୀ, କାଳୀକିଙ୍କର ହୋତା, ପ୍ରତିଭା ହୋତା, ବିବେକ କ୍ରିଷ୍ଣାପ୍ରତିମ ହୋତା, ଆୟୁଷ ଅମରଜିତ୍ ହୋତା, ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ପଣ୍ଡା, ଦିଲ୍ଲିପ କୁମାର ନନ୍ଦ, ପ୍ରଭାସ ମଙ୍ଗରାଜ, ବିଜୟ କୁମାର ଜେନା, କବିତା ପାତ୍ର, ସାଇସ୍ମୃତି ନାୟକ, ଇତିଶ୍ରୀ ସାହୁ, କମଳିନୀ ଜେନା, ଅନୁପମା ଭଞ୍ଜ, ରାଜନନ୍ଦିନୀ ଭଞ୍ଜଦେଓ, ଯଶରାଜ୍ ଭଞ୍ଜ, ଶଶୀଭୂଷଣ ଦାଶ, ସୌମ୍ୟାଶ୍ରୀ ନନ୍ଦ, ପ୍ରଭାସିନୀ ନନ୍ଦ, ମାନସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ସ୍ୱାର୍ଥପର ଦୁନିଆରେ ତ୍ରିପାଠୀ ପରିବାରର ସମସ୍ତ ପରିବାର ସଦସ୍ୟ ଏକତ୍ରିତ ହୋଇଥିବାରୁ ଉପସ୍ଥିତ ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀ ଭୂୟସୀ ପ୍ରଶଂସା କରିଛନ୍ତି।

# ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼



ଉମରକୋଟ, (ଭାସ୍କର ନ୍ୟୁଜ): ଶ୍ରୀ ଗଣେଷଙ୍କର ପ୍ରତ୍ୟେକ ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି ଓ ବିଦ୍ୟାରମ୍ଭରେ ମଧ୍ୟ ତାଙ୍କରି ଆବାହନ କରାଯାଇଥାଏ। ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁଁ ସହଜରେ ଚିହ୍ନା ପଡ଼ନ୍ତି। ତାଙ୍କୁ ପଞ୍ଚଦେବତା ମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ। ସାରା ଦେଶରେ ଅତି ଧୂମ୍ ଧାମରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ ଗଣେଶ। ବାସ୍ତୁଶାସ୍ତ୍ରରେ ମଧ୍ୟ ପ୍ରଭୁ ଶ୍ରୀଗଣେଶଙ୍କ ସ୍ଥାନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଅନୁସରଣ କରି ପ୍ରଭୁଙ୍କ ପ୍ରତିମାର ଠିକ୍ ସ୍ଥାପନ କରି ପାରିଲେ ଘରକୁ ସୁଖସମୃଦ୍ଧି ଆସିଥାଏ। ଗଣେଶ ପୂଜା କରିବା ଦ୍ୱାରା ସବୁ ଗ୍ରହ ଶାନ୍ତି ହୁଅନ୍ତି ବୋଲି କୁହାଯାଏ। କାରଣ ସେ ଅଷ୍ଟବିନାୟକ। ବିଘ୍ନହର୍ତ୍ତା ରୂପରେ ମଧ୍ୟ ତାଙ୍କୁ ପୂଜା କରାଯାଏ। ସହର ଠୁ ନେଇ ଗ୍ରାମାଞ୍ଚଳ ସବୁଠି ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ସହରର ବିଭିନ୍ନ ପୂଜା ମଣ୍ଡପରେ ଲୋକଙ୍କ ଭିଡ ଜମିଛି। ଗଣପତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଧାଡ଼ି ଧାଡ଼ି କରି ଛିଡ଼ା ହୋଇ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଚଳିତବର୍ଷ ଗାନ୍ଧୀ ଛକ ଟାଉନ ଗଣେଷ ପୂଜା କମିଟି ପକ୍ଷରୁ ପାଳିତ ହେଉଛି ୫୦ ତମ ବର୍ଷ। ଏଥିପାଇଁ ଉତ୍ସବ ମୁଖର ଉମରକୋଟ ସହର। ଗାନ୍ଧୀ ଛକ ଠାରେ ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ଉମରକୋଟ ସହରରେ ୧୦ ଦିନ ଧରି ଧୁମଧାମରେ ପାଳନ ହୁଏ ଗଣେଶ ପୂଜା। ସହରର ଟାଉନ ଗଣେଷ ପୂଜା କମିଟି ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଥିବାରୁ ପୂଜା ମଣ୍ଡପରେ ଲୋକଙ୍କ ଭିଡ ଜମିଛି। ଗଣପତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଥର ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗାନ୍ଧୀ ଛକ ଟାଉନ ପୂଜା କମିଟି ତରଫରୁ ବାହାର ଜିଲ୍ଲାରୁ ମୂର୍ତ୍ତି କରିଗରଙ୍କୁ ଆଣି ବହୁତ ସୁନ୍ଦର ଭାବେ ଲାଲବାଗ ଭଳି ଗଣେଷ ମୂର୍ତ୍ତି ନିର୍ମାଣ କରାଯାଇଛି ଓ ପୁରା ଗାନ୍ଧୀ ଛକକୁ ଲାଇଟ ତୋରଣରେ ସଜା ଯାଇଛି। ଉମରକୋଟ ସହର ସର୍ବ ପୁରାତନ ଗଣେଷ ପୂଜା ଏଠାରେ ନିରବିଚ୍ଛିନ୍ନ ଭାବରେ ୫୦ ବର୍ଷ ଧରି ପାଳନ କରାଯାଇଥିବାରୁ ସମସ୍ତ ସଦସ୍ୟଙ୍କ ମନରେ ଖୁସି ଅନୁଭବ ହୋଇଛି। ପୂଜା ପ୍ରତ୍ୟେକ ଦିନ ସନ୍ଧ୍ୟା ରେ ହୋଉଥିବା ବେଳେ ଶ୍ରଦ୍ଧାଳୁ ପୂଜା ଦେଖିବାକୁ ଭିଡ଼ ଜମୁଛି। ଟାଉନ ଗଣେଶ ପୂଜା କମିଟି ତରଫରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଦର୍ଶକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ଓ ମନୋରଞ୍ଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି କହିଛନ୍ତି ପୂଜା କମିଟି ସଦସ୍ୟ।

# ଆନ୍ଧ୍ରପ୍ରଦେଶରେ ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କଲେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ବିଭାଗସୟ କର୍ମଚାରୀ



ମାଲକାନଗିରି, (ଭାସ୍କର ନ୍ୟୁଜ) : ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ କିଛି କର୍ମକର୍ତ୍ତା ୩ ଦିନ ଧରି ସୀମାନ୍ତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର କେତୋଟି ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତେଲୁଗୁ ଭାଷାଭାଷୀ ଅଞ୍ଚଳରେ ଥିବା ଓଡ଼ିଆ ବିଦ୍ୟାଳୟ ଗୁଡ଼ିକ କିପରି ଚାଲିଛି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରକ୍ରିୟା, ପାଠ୍ୟ ପୁସ୍ତକ ବଣ୍ଟନ ଓ ପରିବେଶ ଆଦିକୁ ପ୍ରତ୍ୟକ୍ଷ ଭାବେ ଅନୁଧାନ କରିଥିଲେ। ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଏଥିରେ ଭାଗ ନେଇଥିଲେ। ସେମାନେ ହେଲେ ଚିତ୍ରକୋଣ୍ଡା ବ୍ଲକ୍ ଅତିରିକ୍ତ ଶିକ୍ଷାଧୀକାରୀ ହେମନ୍ତ ନାୟକ, ଦାର୍ଲାବେଡ଼ା ଉପାଧ୍ୟକ୍ଷ ଅରୁଣ କୁମାର ସାହୁ, ପଣସପୁଟ ସିଆର୍‌ସିସି ରାଜେନ୍ଦ୍ର କୁମାର ନାୟକ ଓ ଦାଗୁଡୁପାଲ୍ଲୀ ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ତାଙ୍ଗୁଲୁ। ଶ୍ରୀକାକୁଲମ୍ ଜିଲ୍ଲାର ଦୁଇଟି ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଧାନ କରିଥିଲେ। ପ୍ରଥମଟି ହେଲା ବୁଡ଼ାଙ୍ଗସିଙ୍ଗି ପ୍ରାଥମିକ ବିଦ୍ୟାଳୟ ଯାହାର ପିଲା ସଂଖ୍ୟା ୫୫, ଶିକ୍ଷକ ସଂଖ୍ୟା ୬, କୃଷ୍ଣପୁରମ୍ ପ୍ରାଥମିକ ବିଦ୍ୟାଳୟ ପିଲା ସଂଖ୍ୟା ୩୨ ହୋଇଥିବା ବେଳେ ଶିକ୍ଷୟିତ୍ରୀ ୨ ଜଣ ଥିବା ଦେଖିବାକୁ ପାଇଛନ୍ତି। ପରିଦର୍ଶନକାରୀ ମାନେ ଯାହା ଦେଖିଲେ ମୋଟାମୋଟି ଭାବେ ବିଦ୍ୟାଳୟ ଗୁଡିକ ଠିକ୍ ଠାକ୍ ଚାଲିଥିବା ସହ ପିଲାମାନେ ମଧ୍ୟ ନିୟମିତ ବିଦ୍ୟାଳୟକୁ ଆସୁଥିବା ପରିଲକ୍ଷିତ ହୋଇଥିବା କହିଚନ୍ତି । ଶିକ୍ଷାଦାନ ଠିକ୍ ଭାବେ ହେଉଥିବା ଜଣାପଡ଼ିଛି। ସମସ୍ତଙ୍କୁ ବହି ଓ ୟୁନିଫର୍ମ ସରକାରଙ୍କ ତତଫରୁ ମିଳିଥିବା ଦେଖୁବାକୁ ପାଇଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ




ଜଳେଶ୍ୱର,(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘାଟା ପଞ୍ଚାୟତସ୍ଥିତ ହାଟପଦାଠାରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଗୁରୁବାର ସଂନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜେପି ନେତା ପତନ ବିଶ୍ୱାଳଙ୍କ ପରିଚାଳନା ରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ଓ ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଜନ ଔଷଧି କେନ୍ଦ୍ରକୁ ପୂଜାର୍ଚ୍ଚନା ପରେ ନଡ଼ିଆ ଫଟେଇ ଓ ଫିତା କାଟି ଉଦ୍‌ଘାଟନ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଲକ୍ଷ୍ୟ ସମାଜର ସବୁଠାରୁ ଗରିବ ଥିବା ଜନସାଧାରଣ କମ ମୂଲ୍ୟରେ 'ଜନ ଔଷଧୀ' ରୁ ଔଷଧ ସେବନ କରି କେମିତି ନିରୋଗ ରହି ପାରିବେ ତାହା ପରିକଳ୍ପନା ସ୍ୱରୂପ ବହୁ ଅତିଥି, ବୁଦ୍ଧିଜୀବୀ, ଯୁବ, ମହିଳା ଓ ଜନସାଧାରଣଙ୍କ ଉପସ୍ଥିତରେ ଉଦ୍‌ଘାଟନ କରାଗଲା ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚନ୍ଦନ କୁମାର କର, ଯୁବନେତା ରାଜେଶ ଖଟୁଆ, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ ମହାନ୍ତି, ବିଶ୍ୱରୂପ ଦାସ, ସଞ୍ଜୀବ ସେନାପତି, ଗଣେଶ ପାତ୍ର, ଅନୂପ ପ୍ରଧାନ, ବିଜୟ ସାମଲ, ମଧୁସୁଦନ ଦାଶ, ସପନ ଜେନା, ବଂଶୀଧର ପ୍ରଧାନ, ଅନନ୍ତ ଘୋଷ, ଗଣେଶ ସିଂହ, ମୁରାଲୀ ଦାସ, ବଙ୍କିମ ପାଲ, ରଞ୍ଜନ ଘୋଷ, ଅନନ୍ତ ବିଶ୍ୱାଳ, ଗୋବିନ୍ଦ ଦାସ, ନିତ୍ୟାନନ୍ଦ ଦାସ, ମିଲନ୍ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜନଔଷଧି କେନ୍ଦ୍ରର ପ୍ରୋପାଇଟର ରାଜଲକ୍ଷ୍ମୀ ନାୟକ ଓ ବରୁଣ ନାୟକ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ୪୬ ଜୁଆଙ୍ଗ ପରିବାର

## କୁଣ୍ଡେଇ ଗାଁରେ ଯୋଜନା ବାଟବଣା



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମୁଣ୍ଡ ଉପରେ ପ୍ରଧାନମନ୍ତ୍ରୀ ଆବସ ଛାତ ରହିବ, କେହି କଚା ଘରେ ରହିବେ ନାହିଁ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ଏହି ଯୋଜନାର ବ୍ୟତିକ୍ରମ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କୁଣ୍ଡେଇ ଗାଁରେ। ସଦରମହକୁମା ଠାରୁ ମାତ୍ର ୧୮କିଲୋମିଟର ଦୂରରେ ରହିଛି କୁଣ୍ଡେଇ ଗାଁ। ତେବେ ୪୬ଜୁଆଙ୍ଗ ପରିବାର ଅତି ଦୟନୀୟ କଚା ଘରେ ରହୁଛନ୍ତି। ଏଠାରେ ବସବାସ କରୁଥିବା ପଞ୍ଚୁ ଜୁଆଙ୍ଗ ସ୍ତ୍ରୀ କାଶିଦି ଓ ତିନି ଝିଅଙ୍କୁ ଧରି ବିପଦ ସଙ୍କୁଳ ଭଙ୍ଗା ଛପର ଘରେ ଜରି ଘୋଡଡାଇ ପରିବାର ସହିତ ରହୁଛନ୍ତି। ଉଭୟ ଦମ୍ପତିଙ୍କ ଦିନ ମଜୁରୀରେ ଘର ଚଳୁଛି। ଆର୍ଥିକ ଅନଟନ ଯୋଗୁଁ ପକ୍କାଘର ଟିଏ ନିର୍ମାଣ କରିବାକୁ ଅସମର୍ଥ। ସେହିପରି କାହାର ଚାଳ ଓ କାନ୍ଥ ଭାଙ୍ଗି ଯାଇଥିବାବେଳେ କବାଟ ନାହିଁ। ଅନ୍ୟସାହି ଓ ଗାଁରେ ଘରେ ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପହଞ୍ଚିଥିବାବେଳେ କୁଣ୍ଡେଇରେ ବିକାଶ ଅପହଞ୍ଚ ହୋଇ ପଡିଛି। କୁଣ୍ଡେଇ ଗାଁ ସଦର ନିର୍ବାଚନମଣ୍ଡଳୀରେ ରହିଥିବାବେଳେ ବ୍ଲକ ଉନ୍ନୟନ ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଏଠାରେ ଥରୁଟିଏ ବି ପଡିନଥିବା ଲୋକେ ଅଭିଯୋଗ କରିଛନ୍ତି। ବିଗତ ବର୍ଷ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସି ବିଭିନ୍ନ ବିକାଶ ପ୍ରତିଶୃତି ଦେଇ ଚାଲି ଯାଇଥିଲେ। ନେତା ନିର୍ବାଚନ ସମୟରେ ଭୋଟ ମାଗିବାକୁ ଆସୁଛନ୍ତି। କେତେ କ'ଣ ସ୍ୱପ୍ନ ଦେଖାଇ ଦେଇଥାନ୍ତି। ହେଲେ ଲୋକଙ୍କୁ ସୁବିଧା ସୁଯୋଗ ସହଯୋରେ ମିଳୁନି। ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି। ପଞ୍ଚୁ ଜୁଆଙ୍ଗ ଅନେକ ଥର ଘର ଆବେଦନ କରି ନିରାଶ ହୋଇଛନ୍ତି। ଗାଁର ବେଲ ଜୁଆଙ୍ଗ, ରଞ୍ଜିତ ଜୁଆଙ୍ଗ, ବିରୁ ଜୁଆଙ୍ଗ, କ୍ଷିରୋଦ ଜୁଆଙ୍ଗ, ଚନ୍ଦ୍ରଭାନୁ ଜୁଆଙ୍ଗ, ଦଳଗୋବିନ୍ଦ ଜୁଆଙ୍ଗ,ଲତା ଜୁଆଙ୍ଗ, ଡାକ୍ତର ଜୁଆଙ୍ଗ, ଶିବାନନ୍ଦ ଜୁଆଙ୍ଗ, କରୁଣାକର ଜୁଆଙ୍ଗ, ଜୟକ୍ରିଷ୍ଣ ଜୁଆଙ୍ଗ, ବୁଦ୍ଧିଆ ଜୁଆଙ୍ଗଟିର ଜୁଆଙ୍ଗ, ହରି ଜୁଆଙ୍ଗ, ତରଣୀସେନ ଜୁଆଙ୍ଗ, ବିଦ୍ୟାଧର ଜୁଆଙ୍ଗ, ମହେଶ୍ୱର ଜୁଆଙ୍ଗ, ପ୍ରକାଶ ଜୁଆଙ୍ଗ, ମଙ୍ଗିଳି ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ସନୁ ଜୁଆଙ୍ଗ, ବ୍ରହ୍ମା ଜୁଆଙ୍ଗ, ଅଭିମନ୍ୟୁ ଜୁଆଙ୍ଗ, ଅମିନ ଜୁଆଙ୍ଗ, ଶଙ୍କୁରୁ ଜୁଆଙ୍ଗ, ବସନ୍ତ ଜୁଆଙ୍ଗ, ନଗର ଜୁଆଙ୍ଗ, ସୁନନ୍ଦି ଜୁଆଙ୍ଗ, ସୁକାନ୍ତି ଜୁଆଙ୍ଗ, ପଦ୍ମିନୀ ଜୁଆଙ୍ଗ, ସବିତା ଜୁଆଙ୍ଗ, ଚାନ୍ଦିନୀ ଜୁଆଙ୍ଗ, ଗୀତାଞ୍ଜଳି ଜୁଆଙ୍ଗ, ଦୟମନ୍ତୀ ଜୁଆଙ୍ଗ, ଅଙ୍କିତା ଜୁଆଙ୍ଗ, ରାଧିକା ଜୁଆଙ୍ଗ, କଳିକା ଜୁଆଙ୍ଗ, ବୈଶାଖି ଜୁଆଙ୍ଗ, ରଜନୀ ଜୁଆଙ୍ଗ, ସୁମିତ୍ରା ଜୁଆଙ୍ଗ, ସବିତା ଜୁଆଙ୍ଗ, ଗୁଲଣି ଜୁଆଙ୍ଗ, ପ୍ରମିଳା ଜୁଆଙ୍ଗ, ଫୁଲମଣି ଜୁଆଙ୍ଗ,ନବତି ଜୁଆଙ୍ଗ, ରମା ଜୁଆଙ୍ଗ ୪୬ ପରିବାର ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହୋଇଛନ୍ତି। କେନ୍ଦୁଝର ଜିଲାପାଳ ତୁରନ୍ତ ତଦନ୍ତ କରି ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ସାମିଲ କରିବା ସହ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି।

# ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବଳେଇପୁର ପଞ୍ଚାୟତର ବନିପାଟ ଗ୍ରାମର ଜଣେ ଚାଷୀ ପ୍ରମୋଦ ରାଉତ ବୟସ (୬୫) ଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଥିବା ଜଣାପଡିଛି ।ଘଟଣାରୁ ଜଣାପଡିଛି ପ୍ରମୋଦ ରାଉତ ଗତ ୨୭ ତାରିଖ ଅପରାହ୍ନରେ ନିଜ ବାଡି ନିକଟସ୍ଥ ଚାଷଜମିରେ ଧାନ ରୋଇବାକୁ ଯାଇଥିଲେ। ସନ୍ଧ୍ୟା ପୂର୍ବରୁ ରୁଆରୁଇ ସାରି ଗାଈ ପାଇଁ ହିଡରୁ ଘାସ କାଟୁଥିବା ସମୟରେ ଏକ ବିଶାକ୍ତ ସାପ ତାଙ୍କୁ କାମୁଡ଼ି ଥିଲା। ସେ' ତୁରନ୍ତ ଘରକୁ ଚାଲିଆସି ତାଙ୍କୁ ସାପ କାମୁଡି ଥିବା କହି, ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ତୁରନ୍ତ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ।ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗତସିଂହପୁର ମେଡିକାଲ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲ। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ସହିତ ତାଙ୍କୁ ଆଇ ସି ୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି।

# ଏକାଠି ନୂଆ ଖାଇଲେ ଛୁଆଲିବେର୍ଣ୍ଣା ଗ୍ରାମବାସୀ



ବେଲପାହାଡ,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦ ଛୁଆଲିବେର୍ଣ୍ଣାବାସୀ ଧୁମଧାମରେ ପାଳନ କରିଛନ୍ତି ନୂଆଖାଇ ପର୍ବ। ଗୁରୁବାର ଦିନ ପ୍ରଥମେ ଇଷ୍ଟଦେବୀ ମା ସମଲେଇଙ୍କ ଠାରେ ନବାର୍ଣ୍ଣ ଲାଗି ହେଲା ପରେ ଗ୍ରାମବାସୀ ଏକତ୍ରିତ ନୂଆ ଖାଇଛନ୍ତି। ବିଶେଷ କରି ଛୁଆଲିବେର୍ଣ୍ଣା ଗ୍ରାମରେ ସମସ୍ତ ଗ୍ରାମବାସୀ ଏକସଙ୍ଗେ ନୂଆଖାଇ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି। ଛୁଆଲିବେର୍ଣ୍ଣା ଗ୍ରାମରେ ଏହି ଅବସରରେ ୬୦୦ରୁ ଉର୍ଦ୍ଧ ଉଭୟ ମହିଳା ପୁରୁଷ ଓ ପୁଅ ଝିଅଙ୍କ ସମାଗମ ହୋଇଥିଲା। ସମସ୍ତେ ମିଳିମିଶି ବର୍ଷ ଉଲାସରେ ନୂଆଁଖାଇ ପର୍ବ ପାଳନ କରିବା ସହ ଛୋଟ ମାନେ ବଡ଼ ମାନଂକୁ ମୁଣ୍ଡିଆ ମାରି ଜୁହାର କରି ବଡ଼ମାନଙ୍କ ସ୍ନେହଭରା ଆଶୀର୍ବାଦ ଗ୍ରହଣ କରିଛନ୍ତି।

# ନିଶା ଦେଇ ମୂର୍ତ୍ତୀ କାରିଗରଙ୍କ ଠାରୁ ଲୁଟ ଅଭିଯୋଗ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣେଶ ମୂର୍ତ୍ତୀ ବିକ୍ରି କରୁଥିବା ଜଣେ କାରିଗରଙ୍କୁ ଚା'ରେ ନିଶା ଦେଇ ଦେଢ ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ଲୁଟର ଶୀକାର ହୋଇଥିବା ବ୍ୟକ୍ତିଙ୍କ ପୁଅ ଆଶୁତୋଷ ରଣା ଟାଉନ ଥାନାରେ ଗତ ମଙ୍ଗଳବାର ରାତିରେ ଏତଲା ଦେଇଥିଲେ। ଟାଉନ ପୋଲିସ ପକ୍ଷରୁ କେସ ନମ୍ବର ୬୧୪/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରୀ ରହିଛି। ଘଟଣାରୁ ପ୍ରକାଶ ଯେ, ଗଣେଶ ପୂଜା ପୂର୍ବଦିନ ଅର୍ଥାତ ମଙ୍ଗଳବାର ଦିନ ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୂର୍ତ୍ତୀ ବିକ୍ରୟ କରୁଥିବା ଶଙ୍କରପୁର ଅଞ୍ଚଳର ଦିଲ୍ଲୀପ ରଣା(୫୭)ଙ୍କ ପାଖକୁ ଜଣେ ବ୍ୟକ୍ତି ଆସି ୬ଟି ମୂର୍ତ୍ତୀ କିଣି ମଇଦାନକେଲ ଫରେଷ୍ଟ ଅଫିସ ନେବେ ବୋଲି କହିଥିଲେ। ମୂର୍ତ୍ତୀ ଦର ଠିକ୍ ଲଗାଇବାକୁ କହିବା ସହ ଯିଏ ଟଙ୍କା ଦେବ ସେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ନିକଟରେ ଅଛନ୍ତି ଏବଂ ତାଙ୍କ ପାଖକୁ ଯାଇ ଦର ଧାର୍ଯ୍ୟ କରି ଟଙ୍କା ନେବାକୁ ଉକ୍ତ ବ୍ୟକ୍ତି ଜଣକ କହିଥିଲେ। ତେବେ ମୂର୍ତ୍ତୀ ବିକ୍ରି ସ୍ଥାନରେ ଭିଡ ଥିବାରୁ ମୂର୍ତ୍ତୀ କାରିଗର ସେଠାକୁ ଯିବାକୁ ମନା କରିଥିଲେ। ପରେ ଉକ୍ତ ଅଜଣା ବ୍ୟକ୍ତି ଜଣକ ମୂର୍ତ୍ତୀ କାରିଗରଙ୍କ ଚା' ପିଇବାକୁ ବସଷ୍ଟାଣ୍ଡ ନିକଟକୁ ଡାକିଥିଲେ। ସେ ଯିବା ପାଇଁ ମନା କରିବାରୁ ବସଷ୍ଟାଣ୍ଡ ନିକଟରୁ ଚା' ଏବଂ କ୍ଷୀର ଆଣିଥିଲେ। ମୂର୍ତ୍ତୀ ବିକ୍ରୀ କରୁଥିବା ଦିଲ୍ଲୀପ ରଣାଙ୍କ କର୍ମଚାରୀ ଦିଲ୍ଲୀପ ମହାନ୍ତଙ୍କୁ ଚା' ଏବଂ କ୍ଷୀର ପିଇବାକୁ ଦେବା ପରେ ଦିଲ୍ଲୀପ ରଣାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ବରଗଛ ପାଖକୁ ଚା ପିଇବାକୁ ଡାକିଥିଲେ। ବାରମ୍ବାର ଚା' ପିଇବାକୁ ଅନୁରୋଧ କରିବାରୁ ଦିଲ୍ଲୀପ ବରଗଛ ମୂଳେ ଥିବା ପିଣ୍ଡି ପାଖକୁ ଯାଇ ପିଣ୍ଡି ଉପରେ ବସି ଚା' ପିଇଥିଲେ। ଚା' ପିଇବା ପରେ ସେ କିଛି ସମୟ ପରେ ଅଚେତ ଅବସ୍ଥାକୁ ଆସିଥିଲେ। ସେହି ସମୟରେ ଉକ୍ତ ଅଜଣା ବ୍ୟକ୍ତି ଜଣକ ତାଙ୍କ ପକେଟରେ ମୂର୍ତ୍ତୀ ବିକ୍ରି ବାବଦ ପ୍ରାୟ ଦେଢ ଲକ୍ଷ ଟଙ୍କା ଏବଂ ମୋବାଇଲ ପୋନ ନେଇ ଚମ୍ପଟ ମାରିଥିଲା। ରାତି ପ୍ରାୟ ୯ଟା ପରେ ସାମାନ୍ୟ ଚେତା ଫେରିବା ପରେ ସେ ସେଠାରୁ ନିଶାରେ ଟଳମଳ ହୋଇ ଫେରିବାବେଳେ ଜିଲ୍ଲାପାଳଙ୍କ ଗେଟ ସମ୍ମୁଖରେ ତାଙ୍କ ଭଣାଜ ଉତ୍ତମ ବେହେରା ତାଙ୍କୁ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ସେଠାରୁ ତାଙ୍କୁ ଏବଂ ତାଙ୍କ କର୍ମଚାରୀ ଦିଲ୍ଲୀପ ମହାନ୍ତଙ୍କୁ ନେଇ ତୁରନ୍ତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କ ଚେତା ସମ୍ପୂର୍ଣ୍ଣ ଭାବେ ଫେରିବା ପରେ ଘଟଣା ବିଷୟରେ କହିଥିଲେ।

# ଐତିହାସିକ ପୋଡ଼ାଗଡ ପୀଠରେ ନୂଆଖାଇ ପରବ



ଉମରକୋଟ, (ଭାସ୍କର ନ୍ୟୁଜ): ଐତିହାସିକ ପୋଡ଼ାଗଡ଼ ପିଠରେ ନୂଆଖାଇ ଅନୁଷ୍ଠିତ ହୋଇଯାଉଛି। ଏହି ଅବସରରେ ପୋଡ଼ାଗଡର ସମସ୍ତ ପୂଜାରୀ, ରଇତଙ୍କ ଉପସ୍ଥିତରେ ଭୈରବ ମନ୍ଦିର, ଚୌରୀଆ ମନ୍ଦିର, ମଙ୍ଗଳା ମନ୍ଦିର, ଦୁର୍ଗା ମନ୍ଦିର, ଭଙ୍ଗାରାମ ମନ୍ଦିର ଓ ଗୁଣ୍ଡୁରୁ ଭୈରବ ମନ୍ଦିରରେ ନୂଆଁଖାଇ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୋଡ଼ାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉର୍ଦ୍ଧ୍ୱ ଚରଣ ନାୟକ, ମୁଖ୍ୟ ଉପଦେଷ୍ଟା କୈଳାଶ ଚନ୍ଦ୍ର ବେହେରା, ପୂଜକ ବିଞ୍ଜାଲ ପୂଜାରୀ, କୃଷ୍ଣ ପୂଜାରୀ, ନାରାୟଣ ପୂଜାରୀ, ଲକ୍ଷ୍ମଣ ପୂଜାରୀ ପୂର୍ଣ୍ଣ ପୂଜାରୀ ବିଭିନ୍ନ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ ଶେଷରେ ବିଞ୍ଜାଲ୍ ପୂଜାରୀ ଘରେ ମିଳିତ ଭାବରେ ନୂଆ ଚୁଡ଼ା ଭୋଗ ଖାଇଥିଲେ ପରେ ପରମ୍ପରା ପ୍ରକାରେ ସମସ୍ତେ ଜୁହାର ଭେଟ ହୋଇଥିଲେ। ଏହାର ପର ଦିନ ଜୁହାର ଭେଟ ଗାଉନ୍ତିଆ ଘରେ ଅନୁଷ୍ଠିତ ହେବ ବୋଲି କୈଳାସ ଚନ୍ଦ୍ର ବେହେରା ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଆଖପାଖ ଗାଁର ଶତାଧିକ ଲୋକମାନେ ଉପସ୍ଥିତ ଥିଲେ।



ବାରିପଦା (ଭାସ୍କର ନ୍ୟୁଜ୍) : ରିଖ ସ୍ଥାନୀୟ ବାରିପଦା ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଉପସ୍ଥିତ ଅତିଥି, ଏସୋସିଏସନର କର୍ମକର୍ତ୍ତା ଭାରତୀୟ ହକି ଜଗତର ତାରକା ଧାନଚାନ୍ଦଙ୍କ ୧୨୦ତମ ଜନ୍ମ ଜୟନ୍ତୀରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଭାରତୀୟ ହକି ତାରକା ମେଜର ଧାନଚାନ୍ଦଙ୍କ କ୍ରୀଡାଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ, ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), ହର୍ଷବର୍ଦ୍ଧନ ଯାଦବ, ନନ୍ଦଲାଲ ମହାପାତ୍ର, କ୍ରୀଡା ଶିକ୍ଷକ ଦିବ୍ୟ ରଞ୍ଜନ ଦାସ, ପ୍ରମୁଖ ଉପସ୍ଥିତ ରହି ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ ଓ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ଯୁଗରେ ବଜାୟ ରହିଛି ପରମ୍ପରା

# ବରପାଲି ଗ୍ରାମରେ ନାଗବାଚା ପୂଜା

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବରପାଲି ଗ୍ରାମ ଠାରେ ନୂଆଁଖାଇର ପରବର୍ତ୍ତୀ ଦିନ ଗ୍ରାମରେ ନାଗବାଚା ପୂଜା ଅନୁଷ୍ଠିତ ହୋଇଛି। ହିନ୍ଦୁ ଦେବତାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି ଓ ସେଥିମଧ୍ୟରୁ ନାଗବାଚା ପୂଜାବିଧି ସ୍ୱତନ୍ତ୍ର ପୂଜା ଲୋକେ ନାଗ ସହ ବିଭିନ୍ନ ବିଷଧର ଜୀବ ଦଂଶନରୁ ମୁକ୍ତି ଉଦ୍ଦେଶ୍ୟରେ ନାଗବାଚା ଭଳି କଷ୍ଟସାଧ ପୂଜା କରି ସ୍ୱତନ୍ତ୍ର ଶିକ୍ଷା ଗ୍ରହଣ କରିଥାନ୍ତି ଓ ଏହାକୁ କଷ୍ଟସାଧ ବ୍ରତ ଭାବେ ଧାରଣ କରିଥାନ୍ତି। ଅବଶ୍ୟ ଆଜିର ବିଜ୍ଞାନ ଯୁଗରେ ଏହି ପରମ୍ପରା ଏବେ ଫିକା ପଡ଼ିବାରେ ଲାଗିଛି କିନ୍ତୁ ପରମ୍ପରା ଅନୁଯାୟୀ ବରପାଲି ଗ୍ରାମରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିନ ନାଗବାଚା ପୂଜା ହୋଇଥାଏ। ଅନେକ ନିଷ୍ଠାପର ଶ୍ରଦ୍ଧାଳୁ ପ୍ରତି ବର୍ଷ ପରିବାର ସହ ନାଗବାଚା ପୂଜା କରି ଆସୁଛନ୍ତି। ନାଗବାଚା ଶିକ୍ଷା ଗ୍ରହଣ କରିଥିବା ବ୍ୟକ୍ତିମାନେ ନିଃସ୍ୱାର୍ଥ ଭାବେ ମାଗଣାରେ ଲୋକଙ୍କ ସେବା କରିଥାନ୍ତି। ସ୍ୱର୍ଗତ ମଧୁସୂଦନ ବଡ଼ାଇଙ୍କ ପୁତ୍ର ଗୁରୁ ମୀନକେତନ ବଡାଇ ମାତ୍ର ୧୮ ବର୍ଷ ବୟସରେ ଶିକ୍ଷା ଗ୍ରହଣ କରିଥିଲେ ଓ ପ୍ରାୟ ୩୧ ବର୍ଷ ହେବ କୋଠୀ ପୂଜା ତୁଲାଇ



ଆସୁଛନ୍ତି। ଏବେ ବହୁ ଶିଷ୍ୟ ଶିକ୍ଷା ଗ୍ରହଣ କରି ଏହି ପୁରାତନ ପରମ୍ପରାକୁ ବଜାୟ ରଖିଛନ୍ତି। ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବ୍ରତାଧାରିମାନେ ନାଗବାଚା ପୂଜାର ଦେବଦେବୀଙ୍କୁ ପ୍ରଥମେ ଆବାହାନ କରିଥାନ୍ତି ଏବଂ ପବିତ୍ର ଭାଦ୍ରବ ଷଷ୍ଠୀ ଦିନ ନିର୍ଜଳା ଉପବାସ ରହି ସେମାନେ ଗ୍ରାମର ବସୁନ୍ଧରା ନଦୀକୁ ଯାଇ ଜଳଦେବତାଙ୍କୁ ପୂଜା କରିଥାନ୍ତି। ଏଥିସହ ଗ୍ରାମକୁ ଆସିବା ବାଟ ମଝିରେ ଥିବା ଖୋଲା ଜାଗାରେ ପୂର୍ବରୁ ଲିପାପୋଛା କରାଯାଇ ପ୍ରସ୍ତୁତ ଥିବା ସ୍ଥାନରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପୂଜାରେ ଶିବ, ପାର୍ବତୀ, ଭୈରବ , ଗରୁଡ଼, ହନୁମାନ, ମଙ୍ଗଳା ଓ ଠାକୁରଦେଇ ଭଳି ୧୦ ଟି ଦେବା ଦେବୀଙ୍କ ସହ ଗ୍ରାମର ପାଖ ଉଇହୁଙ୍କା ଠାରୁ ମାଟି ସଂଗ୍ରହ କରି ନାଗ ଓ ନଗୁଣୀଙ୍କ ମାଟି ପିଣ୍ଡୁଳା ତିଆରି କରିବା ପରେ ଘଟ ଆବାହନ କରିଥାନ୍ତି। ସନ୍ଧ୍ୟାରେ ନାଗବାଚା ଗୁଡ଼ିଘରରେ ରାତ୍ରୀକାଳୀନ ବଳିପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ସରିବା ପରେ ବ୍ରତଧାରୀମାନେ ପୂର୍ବଦିନ ବସୁନ୍ଧରା ନଦୀତଟକୁ ଯାଇ ପୂଜାର୍ଚ୍ଚନା କରି ଜଳ ଓ ପ୍ରସାଦ ସେବନ କରିଥାନ୍ତି। ଏଥିରେ ଗୁରୁ ରୋହିତ ସାଏ, ଅରବିନ୍ଦ ପ୍ରଧାନ, ରାହାସ ଭୋଇ, କଳାକୃଷ୍ଣ ସେଟ, ଲୋଚନ ପ୍ରଧାନ, ମଙ୍ଗଳ ମାଝୀ, ଦୋଳନନ୍ଦ ଭଇଁଷା, କାହ୍ନୁଚରଣ ବଡାଇ, ଲଳିତ ସେଟ, ଜିବର୍ଦ୍ଧନ ବଡାଇ, ପଙ୍କଜ ସେଟ, ସୁନିଲ ସିଂହ ଲାଲୁ, ଯୁବରାଜ ବିଶି, ନିରଞ୍ଜନ ବଡାଇ ପ୍ରମୁଖ ସହଯୋଗ କରିଥିଲେ ।

## ଚୋରି କେସ୍‌କୁ ନେଇ କୋରେଇ ପୋଲିସର ପ୍ରେସ୍ ମିଟ୍

# ୧୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଉଦ୍ଧାର, ୫ ଗିରଫ

କୋରେଇ (ଭାସ୍କର ନ୍ୟୁଜ୍) : ଆଜି ଏକ ଚୋରି କେସ୍‌କୁ ନେଇ କୋରେଇ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଯାଜପୁର ଏସ୍‌ଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ ଓ କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଯୋଗଦେଇ ଯାଜପୁର ରୋଡ଼ ଅଞ୍ଚଳରେ ଚୋରୀ ହୋଇଥିବା ଦୁଇଟି କେଶର ଖୁଲାସା କରିଥିଲେ। ଏହି ଦୁଇଟି କେସ୍‌ରେ ଚୋରି ହୋଇଥିବା ୩୧ ଗୋଟି ସୁନା ଅଳଙ୍କାର, ଯାହାର ଓଜନ ଆନୁମାନିକ ୧୫୦ ଗ୍ରାମରୁ ଊର୍ଦ୍ଧ୍ୱ ଓ ଏହାର ଆନୁମାନିକ ମୂଲ୍ୟ୧୮ ଲକ୍ଷ ଟଙ୍କାକୁ ଜବତ କରିବା ସହିତ ୫ ଜଣ ଚୋରକୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ଲୋକମାନେ ହେଲେ ରବୀନ୍ଦ୍ର ପାତ୍ର(୩୦), କ୍ରିଷ୍ଣା ଦାସ-୨୭, ଶୁଭମ ଓଝା (୨୧), ଯାଜପୁର ରୋଡ଼ ହୁଡ଼ି ସାହି ହୋଇଥିବା ବେଳେ ମଣ୍ଟୁ ମୁଣ୍ଡା, ଯୋଗୀ ସାହି, ଅଜମିରା ବିବି (୩୫), ମହରମ ସାହି, ୪ଜଣ ଚୋରି କରି ଏହି ମହିଳା ଜଣକ ପାଖରେ ରଖନ୍ତି, ମହିଳା ଜଣକ ତାକୁ



ବିକି ସେମାନଙ୍କୁ ପଇସା ଦିଅନ୍ତି ବୋଲି ପୋଲିସ ଆଗରେ ସେମାନେ ସ୍ୱୀକାର କରିଛନ୍ତି। ଆଜି ସେମାନଙ୍କୁ କୋଟ ଚାଲାଣ କରିବା ସହିତ ଅନ୍ୟ କିଛି ଲୋକ ସମ୍ପୃକ୍ତ ଥିବାରୁ ଅଧିକ ତଦନ୍ତ ଜାରୀ ରହିବ ବୋଲି ଏସଡ଼ିପିଓ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ କି ଗତ ଜୁଲାଇ୧୮ ତାରିଖ କହ୍ନେଇପୁରର କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ପରିବାର ଘରେ ନଥିବା ବେଳେ ତାଙ୍କ କବାଟ ଭାଙ୍ଗି ସବୁ ସୁନା ଅଳଙ୍କାର ଚୋରି ହୋଇଥିବା ବେଳେ ଏ ନେଇ କୋରେଇ ଥାନାରେ କେସ୍ ନଂ ୨୨୯/୨୫ ମାମଲା ରୁଜୁ ହୋଇଥିଲା। ସେହିପରି ଅଗଷ୍ଟ ୧୯ ତାରିଖ ରାତିରେ ସନ୍ତରାସ୍ଥିତ ଅଷ୍ଟନାମୀ ଆପାର୍ଟମେଣ୍ଟର ନିର୍ମଳ କୁମାର ପଣ୍ଡା ଘରେ ନଥିବା ବେଳେ ତାଙ୍କ ଗେଟ୍ ଭାଙ୍ଗି ଘରେ ଥିବା ସବୁ ସୁନା ଅଳଙ୍କାର ଚୋରୀ କରି ନେଇଥିଲେ। ଏ ନେଇ ମଧ୍ୟ କୋରେଇ ଥାନାରେ କେସ୍ ନଂ-୨୮୩/୨୫ ରୁଜୁ କରା ଯାଇଥିଲା। ଦୁଇଟି ଯାକ ଚୋରି ସମାନ ପ୍ରକାର ହୋଇଥିବାରୁ ପୋଲିସ ପ୍ରଥମେ ସିସି ଟିଭି ଯାଞ୍ଚ କରିବା ସହିତ ଆଗରୁ କିଛି କେସ୍‌ରେ ସମ୍ପୃକ୍ତ ଥିବା କିଛି ଲୋକଙ୍କୁ ପଚରା ଉଚରା କରି କିଛି ସୁରାଗ ସଂଗ୍ରହ କରିଥିଲା। ଅଧିକ ତଦନ୍ତ ପାଇଁ ଥାନା ଅଧିକାରୀ ରାକେଶ ତ୍ରିପାଠୀ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଗୋଟିଏ ଟିମ୍‌କୁ ରାଜ୍ୟ ବାହାରକୁ ତଦନ୍ତ ପାଇଁ ପଠାଇଥିବା ବେଳେ ଆଉ ଦୁଇଟି ଟିମ୍ ରାଜ୍ୟ ଭିତରେ ତଦନ୍ତ ଚଳାଇ ଥିଲେ। ଆଜିର ଏହି ସଫଳତା ପରେ କୋରେଇ ପୋଲିସ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଛି।

# ଛତାବର ବଜାରରୁ ଚୋରି

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଏହି ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଛତାବର ବଜାରର ୩ଟି ପାନ ଦୋକାନରୁ ଗତ ଗୁରୁବାର ରାତ୍ରରେ ଚୋରି ହୋଇଥିବା ଜଣାଯାଇଛି। ଛତାବର ଛକର ମଞ୍ଜୁରୀରୋଡ ପାର୍ଶ୍ୱରେ ଥିବା ବିଶ୍ୱନାଥ ସାହୁ, ସୁକାନ୍ତ ସ୍ୱାଇଁ ଓ ପ୍ରଦୀପ ରାଉତଙ୍କ କେବିନ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ଜଣାଯାଇଛି। ମାତ୍ର ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନାହିଁ।

# ବିଲୁପ୍ତ ଦ୍ୱାରଦେଶରେ ବାଇ ଚଢେଇ



✦ କାଟି ଦିଆଯାଉଛି ତାଳ ଓ ଖଜୁରୀ ଗଛ
✦ ଫସଲରେ ବଢୁଛି କୀଟନାଶକ ବ୍ୟବହାର

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଦିନ ଥିଲା ବିଲ ମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଇ ଚଢେଇ ବସାବାନ୍ଧି ଆଶ୍ରୟ ନେଉଥିଲେ। ଗଛରେ ଅତି ସୁନ୍ଦର ଭାବେ ନିଜର ବସାକୁ ଗଢି ତୋଳୁଥିଲେ। ସଞ୍ଜ ଓ ସକାଳେ ବାଇଚଢେଇ ଙ୍କ କିଚିରି ମିଚିରି ସ୍ୱର ପରିବେଶକୁ ବେଶ ଆମୋଦିତ କରୁଥିଲା। ମାତ୍ର ଏବେ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯିବା ଦ୍ୱାରା ପ୍ରକୃତି କୋଳରେ ଜନ୍ମ ନେଇଥିବା ଏହି ବାଇଚଢେଇ ଅସୁରକ୍ଷିତ ହୋଇ ପଡିଛନ୍ତି। ଆଉ ସେହି କିଚିରି ମିଚିରି ସ୍ୱର ଶୁଣିବାକୁ ମିଳୁନଥିବା ବେଳେ ପୂର୍ବ ଭଳି ବାଇଚଢେଇଙ୍କ ସଂଖ୍ୟା ଆଉ ଦେଖିବାକୁ ମିଳୁନି। ଯାହାକି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବକୁ ନେଇ ଏହି ଚଢେଇ ଏବେ ବିଲୁପ୍ତ ହେବାକୁ ବସିଲାଣି। ବିଶେଷ କରି ଏହି ଟିକି ଟିକି ଚଢେଇ ଗୁଡିକ ମାସାଧିକକାଳ ଗଛରେ ସୁନ୍ଦର ଭାବେ ବସା ନିର୍ମାଣ କରିଥାନ୍ତି। ମାଈ ବାଇ ଚଢେଇ ଗୁଡିକ ଭିନ୍ନ ଶୈଳୀରେ ବସା ନିର୍ମାଣ କରିଥାନ୍ତି। ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ଥଳି ନିର୍ମାଣ କରିଥାନ୍ତି। ବାତ୍ୟା, ପବନ ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇନଥାଏ। ମୌସୁମୀ ଆଗମନର କିଛି ଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର କେନ୍ଦ୍ରାପଟି ଓ ତଣ୍ଡାହାର ନିକଟରେ ଅନେକ ତାଳଗଛରେ ବାଇ ଚଢେଇ ବସା ଦେଖା ଯାଉଥିବା ବେଳେ ଅନ୍ୟ ପଂଚାୟତ କାହିଁ ସେତେ ମାତ୍ରାରେ ଅବା ଆଦୌ ଦେଖା ଯାଉନାହିଁ। ଅନ୍ୟ ଏକ କିମ୍ବଦନ୍ତୀ ହେଉଛି ବାଇଚଢେଇ ବସାକୁ ଦେଖିଲେ ଚାଷୀ ଖୁସି ହୋଇଥାଏ। ଅର୍ଥାତ ଖରିଫ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହୋଇଥାଏ ବୋଲି ଚାଷୀ ମନରେ ଧାରଣ ଥାଏ। ଚାଷ ଜମିରୁ ଅନିଷ୍ଟକାରୀ ପୋକ ଜୋକ ସେ ଖାଇଥାଏ। ଯାହାକି କୃଷକ ମାନଙ୍କ ପାଇଁ ବାଇଚଢେଇ ଏକ ବନ୍ଧୁ ଭାବେ ଜଣାଶୁଣା। ମାତ୍ର ଅଧିକ ଫସଲ ଅମଳ ପାଇଁ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବା ବେଳେ ଏହି ପକ୍ଷୀ ଲୋପ ପାଇବାର ଆଉ ଏକ କାରଣ ବୋଲି କୁହାଯାଉଛି। ଗ୍ରାମାଞ୍ଚଳ ନିକଟବର୍ତ୍ତୀ ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ପାଲଟିଥାଏ। ହେଲେ ଏବେ ଦିନକୁ ଦିନ ଗ୍ରାମାଞ୍ଚଳର ବିକାଶ ଘଟୁଛି। ଚାଷ ଜମି ଗୁଡିକ ହ୍ରାସ ପାଇ ପ୍ଲଟ କରାଯିବା ସହ ବଡ଼ ବଡ଼ କୋଠାବାଡ଼ି ନିର୍ମାଣ ହେଉଛି। ସେହିଭଳି ଇଟା ଭାଟି ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଛି। ସେହିଭଳି ଏ ସବୁ ପକ୍ଷୀଙ୍କ ପାଇଁ ଏବେ ମୋବାଇଲି ଟାୱାର ବଡ଼ ସମସ୍ୟା ସୃଷ୍ଟି କରିଛି। ଟାୱାର ଠାରୁ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ରଶ୍ମି ପକ୍ଷୀ ବଂଶକୁ ବିସ୍ତାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତି ମତ ପ୍ରକାଶ କରିଛନ୍ତି। ପରିବେଶରେ ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ବର୍ଷା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ସୂଚନା ପ୍ରଦାନକାରୀ ଏହି ପକ୍ଷୀର ବଂଶ ବୃଦ୍ଧି ପାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅନନ୍ତ ହରି କ୍ଷେତ୍ର ଓ ଲକ୍ଷ୍ମୀନାରାୟଣ ମନ୍ଦିରରେ ବୃକ୍ଷରୋପଣ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଶକ୍ତି ଅରୁଣ ଟ୍ରଷ୍ଟ ଏବଂ ଓଡିଶା ଏନଭାଇରମେଣ୍ଟାଲ ସୋସାଇଟି ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲାସାହି ପଞ୍ଚାୟତର ମହ୍ଲାସାହିର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ବଡ଼ ମଠ ଏବଂ ବାଲିଆ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ପରିବେଶ ସଚେତନତା ସହ ବିଭିନ୍ନ ପ୍ରକାର ଫଳ ଚାରାରୋପଣ କରାଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ କୁଜଙ୍ଗ ଶାଖା ପରିଚାଳକ ପ୍ରଭାତ କୁମାର ନାୟକ, ଶକ୍ତି -ଅରୁଣ -ଟ୍ରଷ୍ଟ ଚେୟାରମ୍ୟାନ ଡ଼ ଅରୁଣ କୁମାର ପାଣି, ବିଶିଷ୍ଟ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ମଠ ମ୍ୟାନେଜିଂ ଟ୍ରଷ୍ଟି ବଲ୍ଲଭ ଚରଣ ପାଣି, ନଳିନୀ ଜୀ ମହାରାଜ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ସାରଦା ପ୍ରସାଦ ମଲ୍ଲ, ଭଞ୍ଜକିଶୋର ସୁତାର, ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ନାୟକ, ରୋହିତ କୁମାର ମହାପାତ୍ର, ବିଶ୍ୱଜିତ ବେହେରା, ପ୍ରକାଶ ରଞ୍ଜନ ଦାସ, ପ୍ରଶାନ୍ତ ମହାପାତ୍ର, ପ୍ରଦ୍ୟୁମ୍ନ କିଶୋର ରଥ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ସେଠି, ବିନମ୍ର ମଞ୍ଜୁଳ ସ୍ୱାଇଁ, ଅଚ୍ୟୁତ ଆଶୁତୋଷ, ଚନ୍ଦ୍ର ଶେଖର ଶତପଥୀ, ମନୋଜ ନାୟକ, ଜିତେନ୍ଦ୍ର ଦାଶ, ମନ୍ଦିର ପୂଜକ ପ୍ରମୁଖ ସହଯୋଗ କରିଥିବା ବେଳେ, ନଡ଼ିଆ, ଗୁଆ, ପଣସ, ସାପେଟା, ଲିଚୁ, ଆତ , ବରକୋଳି, ବଉଳ, ଜାମୁଡଳ, ପିଜୁଳି, ଆମ୍ବ, ନରକୋଳି, କାଜୁ ଇତ୍ୟାଦି ବୃକ୍ଷ ରୋପଣ କରାଯାଇଥିବା ବେଳେ ସେହିପରି ବାଲିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ମ୍ୟାନେଜିଂ ଟ୍ରଷ୍ଟି ଇଂ ଭରତ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ଅନୁରୂପ ଭାବେ ଚାରାରୋପଣ କରାଯାଇଥିଲା।

# କାନ୍ତ ସାହିତ୍ୟ ପରିଷଦର ବର୍ଷା କବିତା ଆସର ଓ ଆଲୋଚନାଚକ୍ର

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ଅଞ୍ଚଳ ର ସର୍ବ ପୂରାତନ କାନ୍ତ ସାହିତ୍ୟ ପରିଷଦର ବର୍ଷା କବିତା ଆସର ଓ ଆଲୋଚନାଚକ୍ର ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସାହିତ୍ୟ ହିଁ ଆଖି ସାହିତ୍ୟ ବିନା ସମାଜର ବିକାଶ ଅସମ୍ଭବ। ଏଣୁ ସାହିତ୍ୟ ବଞ୍ଚି ରହିବାକୁ ହେଲେ ଏବେ ଯୁବସମାଜକୁ ହିଁ ଆଗକୁ ଆଣିବାକୁ




ହେବ ଏବଂ ଯୁବ ସମାଜକୁ ସଚେତନତାର ଆବଶ୍ୟକତା ରହିଛି ବୋଲି ଏହି ବର୍ଷା କବିତା ଆସରରେ କବିମାନେ ମତପ୍ରକାଶ କରିଥିଲେ। ପରେ କବିଙ୍କ ଦ୍ୱାରା କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କବି ଓ ସାହିତ୍ୟିକ ବାସୁଦେବ ତ୍ରିପାଠୀ, ପ୍ରଦୀପ କୁମାର ମହାପାତ୍ର, ହୃଦାନନ୍ଦ କର, ସନ୍ତୋଷ କୁମାର ପାଢ଼ୀ, ହେମେନ୍ଦ୍ର ନାଥ ମହାନ୍ତି, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ନିରାକାର ଧଳ, ସୁଧାକର ଦାଶ, ରାଧାଶ୍ୟାମ ପଣ୍ଡା, ଚିତ୍ତରଞ୍ଜନ ଦାଶ, କୁଳମଣି ବେହେରା, ସୁଧୀର କୁମାର ନାୟକ, ସୁଶାନ୍ତ ରାଉତ, ଭାବଗ୍ରାହୀ ଖୁଣ୍ଟିଆ, ସିଦ୍ଧେଶ୍ୱର ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରେ ସାଂଗଠନିକ ଆଲୋଚନା ହୋଇଥିଲା।

# ରାଜପଥରେ ଜଳିଗଲା ସିଏନ୍‌ଜି କାର୍

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ନିକଟରେ ଏକ ଚଳନ୍ତା ସି.ଏନ.ଜି. କାର ଶୁକ୍ରବାର ଅପରାହ୍ନ ୫ଟା ବେଳେ ଜଳିଯାଇଥିବା



ଜଣାଯାଇଛି। କଟକ ଆଡକୁ ଯାଉଥିବା ଓଡି ୧୫ ପି ୪୯୭୭ ନଂ ଚଳନ୍ତା କାର୍ ପଛପଟ ହଠାତ୍ ଜଳି ଉଠିଥିଲା। କାର୍‌ରେ ଥିବା ଆରୋହୀମାନେ ଦମ୍ପତି ଓ ଶିଶୁ ସୁରକ୍ଷତ ଭାବେ ତୁରନ୍ତ କାରରୁ ବାହାରକୁ ଆସି ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଭଣ୍ଡାରିପୋଖରୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ୍ତ କରିଥିଲେ। ମାତ୍ର କାର୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

# ପୋଲିସ ଉପରେ ଭାରି ପଡୁଛନ୍ତି ଚୋର

## ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଦିମାଡି ବସିଛନ୍ତି


ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଞ୍ଚାୟତ ଥିବା ବେଳେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ୩ଗୋଟି ଥାନା ଅଧୀନରେ ଯାଉଛି। ନୂଆଗଡ ସାମୁଦ୍ରିକ ଥାନା, ଅସ୍ତରଙ୍ଗ ଥାନା ଓ କାକଟପୁର ଥାନାର ବହୁ କର୍ମଚାରୀ ଚୋରା ବାଲି ମାଫିଆ, ଗୋରୁ ଗାଡି, ଚୋରା କାଠ ବେପାରୀ, ଚୋରା ମଦ ଓ ମାଦକ ଦ୍ରବ୍ୟ ବେପାରୀଙ୍କ ଧରମ ବନ୍ଧୁ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି। ପେଶାଦାର ମାଫିଆଙ୍କୁ ଥାନାରେ ଯେଉଁଳି ଗୁରୁତ୍ୱ ଓ ସମ୍ମାନ ଦିଆଯାଉଛି ତାହାକୁ ଦେଖି ଜନ ସାଧାରଣ ଆଶ୍ଚର୍ଯ୍ୟ ହୋଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷାକୁ ଏଡାଇ ବ୍ୟକ୍ତିଗତ ଅର୍ଥ ଉପାର୍ଜନ ଅଧିକାଂଶ କର୍ମଚାରୀଙ୍କ କାର୍ଯ୍ୟ ପାଲଟିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୩ ଗୋଟି ଥାନା ଅଧୀନରେ ଥିବା କର୍ମଚାରୀ ୩ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ପୂରଣ କରି ସାରି ବଦଳି ନିୟମକୁ ବିଫଳ କରି ଦେଇଥିବା ବହୁ କନଷ୍ଟେବଳ ଅପରାଧିକ ମୁଖ୍ୟ ପୁଷ୍ଟପୋଷକ ପାଲଟିଛନ୍ତି। ଏଭଳି ଜନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ପୋଲିସକୁ ଚକମା ଦେଖାଇ ଚୋରଙ୍କ ଉପଦ୍ରବ ବ୍ୟାପକ ଭାବେ ବୃଦ୍ଧି ପାଇଁ ଜନଜୀବନକୁ ଅତିଷ୍ଠ କରି ପକାଇଛି। କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚଳିତ ବର୍ଷ ଅନେକ ମନ୍ଦିରରୁ ଚୋରି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଚୋରି ଘଟଣାରେ ଲୁଟେରାଙ୍କୁ ଧରି ପାରିନି ଉଭୟ ଥାନାର ପୋଲିସ। ବିଗତ ଆଠ ମାସ ମଧ୍ୟରେ ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ ଥିବା ମନ୍ଦିରରେ ଲୁଟେରା ଟାର୍ଗେଟ ହୋଇଥିବା ବେଳେ ମନ୍ଦିରରୁ ବିଭିନ୍ନ ଆସବାବ ପତ୍ର ଚୋରିର ଅଭିଯୋଗ ଫର୍ଦ୍ଦ ମଧ୍ୟ ଥାନାରେ ବଢ଼ି ଚାଲିଛି କିନ୍ତୁ ଚୋରଙ୍କୁ ଧରିବାରେ ପୋଲିସ ବିଫଳ। ହେଲେ ଚୋର ଧରିବା କୌଶଳ ପୋଲିସ ପାଶୋରି ଯାଇଛି। ଯେ କୌଣସି ଚୋରିରେ ସମ୍ପୃକ୍ତ ଜଣେ ବି ଚୋରକୁ ପୁଲିସ ଧରିବାରେ ସକ୍ଷମ ହୋଇ ନଥିବାରୁ ପୁଲିସ ଉପରେ ଚୋର ଭାରୀ ପଡିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଉପରିସ୍ଥ ପୁଲିସ ଓ ରାଜନେତାଙ୍କୁ ହାଁ ଜୀ କରି ବ୍ୟକ୍ତିଗତ ସ୍ୱାର୍ଥରେ ଲିପ୍ତଥିବା ପୁଲିସ ଆଭିମୁଖ୍ୟର ସୁଯୋଗ ନେଇ ଚୋର ମାନେ ନିରଙ୍କୁଶ ଭାବେ ଚୋରି ଚଳାଇଛନ୍ତି। ଜିଲ୍ଲା ପୋଲିସ ଅଧିକ୍ଷକ ଥାନା ପରିଚାଳନାକୁ ଅନୁଧ୍ୟାନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଋଣ ନେଲା ମହିଳାଙ୍କ ଜୀବନ

କଣାସ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କଣାସ ବ୍ଲକ ସାହୁପଡ଼ା ପଂଚାୟତର ସାହୁପଡ଼ା ଗାଁ ରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାହୁପଡ଼ା ଗ୍ରାମର ବାସିନ୍ଦା ସୁରେଶ ବଳିୟାରସିଂହଙ୍କ ପତ୍ନୀ ସତ୍ୟଭାମା ବଳିୟାରସିଂହ (୩୫), ନାମକ ମହିଳା ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ପାଖରୁ ସୂଚନା ମିଳିଛି। ପୋଲିସ ସୂତ୍ରରୁ ଖବର ପ୍ରକାଶ ଯେ ଜୈନିକ ମହିଳା ଜଣଙ୍କ ଦୀର୍ଘଦିନ ହେବ ଋଣ ଭାରରେ ବୁଡି ରହିଥିଲେ। ସ୍ୱାମୀଙ୍କର ସ୍ୱଳ୍ପ ରୋଜଗାର ହେତୁ ପ୍ରତ୍ୟେକ ଦିନ ଉଭୟ ସ୍ୱାମୀ-ସ୍ତ୍ରୀ ଙ୍କ ମଧ୍ୟରେ ମନମାଳିନ୍ୟ ହେଉଥିବା ପୋଲିସ ପାଖରୁ ଖବର ମିଳିଥିଲା। ଋଣ ଚାପରେ ଅତିଷ୍ଠ ହୋଇ ଶୁକ୍ରବାର ଦିନ ୯.୦୦ଟା ସମୟରେ ସ୍ୱାମୀ ଘରେ ନଥିବା ସମୟରେ ସତ୍ୟଭାମା କନିଆରୀ ମଞ୍ଜି ବାଟି ପିଇ ଦେଇଥିଲେ ବୋଲି ସ୍ୱାମୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହା ଶୁଣି ସ୍ୱାମୀ ଘରେ ପହଞ୍ଚିବା ବେଳକୁ ମହିଳାଙ୍କ ମୃତ୍ୟୁ ଘଟିଥିବା ପୋଲିସ ପାଖରୁ ଖବର ମିଳିଥିଲା। ଘଟଣାସ୍ଥଳରେ ଗାଡିସାଗୋଦା ପୋଲିସ ପହଞ୍ଚି ଶବ ଜବତ କରିବା ସହ ପୁରୀରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଶବକୁ ପରୀକ୍ଷା ନିରୀକ୍ଷା କରି ପୋଲିସକୁ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଶବଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ଦାସ ପ୍ରକାଶ କରିଥିଲେ। ଏହି ଘଟଣାରେ ଥାନା U/D କେସ ନଂ. ୬/୨୯.୮.୨୫ରେ ଏକ ମକଦମା ରୁଜୁ କରାଯାଇଥିବା ଥାନାଧିକାରୀ ଶ୍ରୀ ଦାସ ସୂଚନା ଦେଇଥିଲେ।

# ରାଶିଫଳ

**ଶନିବାର, ୩୦ ଅଗଷ୍ଟ ୨୦୨୫**



**ମେଷ:** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।




**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।




**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତି ଗୁରୁ

**ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ**
**ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୮୩୮୯୦୩୯**



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ବାହାଲ ପୋଲ ନିକଟ ତଥା ଜାତୀୟ ରାଜପଥ ନଂ ୫୭ ଠାରୁ ଅଳ୍ପ ଦୂରରେ ତେଲିବନ୍ଧ ରଜା ମୁଣ୍ଡା ନିକଟରେ ବୁଧବାର ୮ ଟିକିଆ ହାତୀ ପଲ ଦୀର୍ଘ ୧୨ ଘଣ୍ଟା ରହିବା ପରେ ଗତିପଥ ବଦଳାଇ ଚନ୍ଦ୍ରପୁରର ଜୈନିକ ବ୍ୟକ୍ତିଙ୍କ ବଗିଚାରେ ରାତି ତମାମ ରହିବା ପରେ ଭୋର ସକାଳୁ ଜଗତି ମହାନଦୀ କୂଳେ କୂଳେ ଯାଇ ଚଣ୍ଡିଗଡରେ ପହଞ୍ଚିଛନ୍ତି ଏବଂ ଗ୍ରାମର ଡିମ୍ବଲଠାରେ ଅଟକି ରହିଥିବା ବେଳେ ବନ ବିଭାଗ ହାତୀପଲକୁ ଜଗି ରହିଛି। ଯେଉଁ ବାଟ ଦେଇ ଏହି ହାତୀପଲ ଯାଉଛନ୍ତି ଚାଷ ଜମି ମାଡି ଦଳି ଦେଉଥିବାରୁ ଚାଷ ବ୍ୟାପକ ଭାବେ ନଷ୍ଟ ହେଉଛି। ଡମ୍ବରୁଗଡ ନିକଟରେ ତିନି ଦିନ ଧରି ରହିଥିବା ହାତୀ ପଲକୁ ଘଉଡାଇବାକୁ ବନ ବିଭାଗ ଉଦ୍ୟମ କରିଥିବାବେଳେ ବୁଧବାର ସକାଳେ ହାତୀ ପଲ ସୁବର୍ଣ୍ଣପୁର ଦେଇ ରଜାମୁଣ୍ଡା ବନ୍ଧ ଲଟାବୁଦା ମଧ୍ୟଦେଇ ତେଲିବନ୍ଧ ପଟରେ ଲୁଚି ରହିଥିଲେ । ସନ୍ଧ୍ୟା ପରେ ଉକ୍ତ ସ୍ଥାନରୁ ବାହାରି ଆନନ୍ଦପୁର ଦେଇ ଚନ୍ଦ୍ରପୁର ନିକଟସ୍ଥ ଏକ ବଗିଚାରେ ରହିଥିଲେ।ଚତୁଃପାର୍ଶ୍ୱରେ ବଡ ବଡ ଜନ ବସତିଗୁଡିକ ଥିବାରୁ ଓ ଲୋକଙ୍କ ଗହଳି ଚହଳି ଯୋଗୁଁ ହାତୀମାନେ ଯିବାକୁ ଭୟ କରୁଥିବା ଜଣାପଡୁଛି। ତେବେ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣା ସ୍ଥଳରେ ଉପସ୍ଥିତ ରହି ଡ୍ରୋନ ସାହାଯ୍ୟରେ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏହି ହାତୀପଲରେ ଗୋଟିଏ ଦନ୍ତା, ୪ଟି ମାଇହାତୀ ଓ ୩ ଟି ଛୁଆହାତୀ ଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

# ମା’ ପାଟଣେଶ୍ୱରୀ ମନ୍ଦିରରେ ୨ ହଜାର ଭକ୍ତଙ୍କ ନବାନ୍ନ ସେବନ

ବଲାଙ୍ଗୀର(ଭାସ୍କର ନ୍ୟୁଜ): ବଲାଙ୍ଗୀର ପାଟଣା ଅଧିଷ୍ଠାତ୍ରୀ ଦେବୀ ମା’ ପାଟଣେଶ୍ୱରୀଙ୍କ ପୀଠରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଥିଲା । ପାର୍ଶ୍ୱ ଦେବାଦେବୀ ପୂଜା ସହ ମା’ଙ୍କ ଗୁପ୍ତନୀତିରେ ନବାନ୍ନ ଲାଗି ପୂର୍ବକ ମହା ଆଳତି ହୋଇଥିଲା । ମା’ଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା । ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଇଷ୍ଟଦେବୀଙ୍କ ଠାରେ ଲାଗି ପ୍ରସାଦ ନେଇ ଲୋକେ ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ । ନବାନ୍ନ ନେବା ପାଇଁ ଓ ଦର୍ଶକ ପାଇଁ ମନ୍ଦିରରେ ଅନେକ ଭିଡ ଲାଗିଥିଲା । ଓଡିଶାର ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା କନକ ବର୍ଦ୍ଧନ ସିଂଦେଓ, ମହାରାଣୀ ସାଂସଦ ସଂଗୀତା କୁମାରୀ ସିଂଦେଓ ମା’ଙ୍କ ଦର୍ଶନ କରି ନବାନ୍ନ ଗ୍ରହଣ କରିଥିଲେ । ମୁଖ୍ୟ ପୂଜକ ମଳୟ ଦିଶ୍ରୀ, ମଧୁସୁଦନ ଦିଶ୍ରୀ, ଅବିନାଶ ଦିଶ୍ରୀ ସହଯୋଗ କରିଥିଲେ । ମନ୍ଦିରରେ ଭକ୍ତମାନଙ୍କ ପାଇଁ ୨ହଜାର ରୁ ଉର୍ଦ୍ଧ୍ୱ ନବାନ୍ନ ଭୋଗ ପାଇଥିଲେ। ଏହି ଅବସରରେ ବିଭିନ୍ନ କମିଟି ସହ ଦେବାଳୟ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ଛତିଶଗଡ଼ ସାରକୁ ବାଣ୍ଟିନେଲେ ଗ୍ରାମବାସୀ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଚିକଲପଦର ଗାଁରେ ପଡୋଶୀ ଛତିଶଗଡ ରାଜ୍ୟରୁ ଆସୁଥିବା ସାର ଟ୍ରାକ୍ଟରକୁ ଅଟକ ରଖି ସେହି ସାରକୁ ଆଜି କୃଷି ବିଭାଗ ଓ ପୋଲିସ ଉପସ୍ଥିତିରେ ଚାଷୀଙ୍କ ମଧ୍ୟରେ ବଣ୍ଟନ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ କାଲି ରାତି ପ୍ରାୟ ୮/୩୦ ସମୟରେ ୨ ଟ୍ରାକ୍ଟର ଭର୍ତ୍ତି ୟୁରିଆ ସାର ଚିକଲପଦର ଗ୍ରାମ ଦେଇ ବୁର୍ଜ। ଗ୍ରାମ ଅଭିମୁଖେ ଯାଉଥିଲା। ତେବେ ଗାଁ ରେ ଗଣେଶ ପୂଜା ଅନୁଷ୍ଠିତ ହେଉ ଥିବାରୁ ସେଠାରେ ଉପସ୍ଥିତ ଥିବା କିଛି ଯୁବକ ୨ ଟ୍ରାକ୍ଟରରେ ସାର ଯାଉଥିବା ଦେଖି କୁ ଅଟକ ରଖିବା ପାଇଁ ଚେଷ୍ଟା କରିଥିଲେ। ତେବେ ଗୋଟିଏ ଟ୍ରାକ୍ଟର ଖୋସି ଯିବାରେ ସଫଳ ହେଇ ଥିଲେ ହେଁ ଗୋଟିଏ ଟ୍ରାକ୍ଟର ଟି ଯୁବକ ମାନଂକ ଦ୍ୱାରା ଅଟକ ହେଇଥିଲ। ପ୍ରଥମେ ଡ୍ରାଇଭର ବୁର୍ଜ। ଗ୍ରାମର କିଛି ଚାଷୀ ମିଶି ଛତିଶଗଡ ରାଜ୍ୟରୁ ଆଣିଛନ୍ତି ବୋଲି କହିବା ସହ ଗ୍ରାମର ଯୁବକ ମାନଙ୍କୁ ୩୦ ହଜାର ଟଙ୍କା ନେଇ ଛାଡ଼ି ଦେବା ପାଇଁ ନେହୁରା ହେଇଥିଲା। କିନ୍ତୁ ଏହାକୁ ଯୁବକ ମାନେ ମାନି ନ ଥିଲେ ଓ ସେହି ଟ୍ରାକ୍ଟର କୁ ଅଟକ ରଖି ରାତି ସାରା ଯୁବକ ମାନେ ଜଗି ରହିଥିଲେ। ମୋଟ ୧୦୦ ବ୍ୟାଗ ୟୁରିଆ ସାର ଥିଲା। ଆଜି ସକାଳେ ଗ୍ରାମବାସୀଙ୍କ ଠାରୁ ଖବର ପାଇଁ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ , କୃଷି ବିଭାଗର କିଛି କର୍ମଚାରୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ଟ୍ରାକ୍ଟର ଅଟକ ରହି ଥିବା ଶୁଣି କିଛି ସମୟ ପରେ ସୀର୍ଲିଗୁଡା, କୁସୁମଗୁଡା ଓ ବୁର୍ଜ। ଗ୍ରାମର କିଛି ଚାଷୀ ପହଞ୍ଚି ସାର ଗାଡିକୁ ଛାଡ଼ି ଦେବା ପାଇଁ କହିଥିଲେ। ଅଟକକୁ ନେଇ ବିରୋଧ କରିବା ସହ ତୁରନ୍ତ ଛାଡ଼ିଦେବା। ପାଇଁ ଦାବି କରିଥିଲେ। ତେବେ ଚିକଲ ପଦର ଗ୍ରାମବାସୀ ଆମକୁ ସାର ମିଳୁନଥିବା ବେଳେ କୁଆଡ଼େ ସାର ଆସିଲା ବୋଲି ପ୍ରଶ୍ନ କରିବା ସହ ଛାଡ଼ିବୁ ନାହି ବୋଲି ଜିଦ ଧରିଥିଲେ। ଏହାକୁ ନେଇ ଉଭୟ ଗାଁ ଗୁଡ଼ିକର ଚାଷୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହେଇଥିଲା। ଚିକଲପଦର ଗ୍ରାମବାସୀଙ୍କ ଜିଦ୍‌କୁ ଦେଖି ପୋଲିସ ଉପସ୍ଥିତିରେ କୃଷି ବିଭାଗ ଅଧିକାରୀ ମାନେ ପ୍ରତ୍ୟେକ ଚାଷୀଙ୍କୁ ଗୋଟିଏ ଗୋଟାଏ ବ୍ୟାଗ ସାର ସରକାରୀ ଦରରେ ବିକ୍ରି କରିଥିଲେ। ତେବେ କିଛି ପ୍ରତ୍ୟକ୍ଷଦର୍ଶୀ ଚାଷୀମାନେ କହିଛନ୍ତି ସେ ସାର ବସ୍ତା ଉପରେ ଓଡ଼ିଆ ଭାଷାରେ ଲେଖା ଯାଇଥିଲା ଓ ସେ ସାର ଓଡ଼ିଆର ଓ ଉମରକୋଟ ନିକଟସ୍ଥ ଅଧିକାରୀ ଗୁଡ଼ । ଗ୍ରାମରୁ ଆସିଛି ବୋଲି କହିଛନ୍ତି ।



# ଅଲେଖ ମହିମା ଆଶ୍ରମରେ ନୂଆଖାଇ ପର୍ବ ପାଳିତ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ନୂତନ ବସ୍ଷ୍ଟାଣ୍ଡ ନିକଟରେ ଥିବା ଅଲେଖ ମହିମା ଆଶ୍ରମ ଠାରେ ନୂଆଖାଇ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ନୂଆ ଖାଇ ନବାନ୍ନ ଉପଲକ୍ଷେ ଅତିଥି ଭାବେ ନବରଙ୍ଗପୁରର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଉପସ୍ଥିତ ରହି କିଛି ସମୟ ଅଲେଖ ମହିମା ଧର୍ମାବଲମ୍ବୀଙ୍କ ସହିତ ଅତିବାହିତ କରିଥିଲେ। ଏହି ନୂଆଖାଇ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଉମରକୋଟ ବିଧାୟକ ସୁବାଷ ଗଣ୍ଡ ସୁକଦେବ ଗଣ୍ଡ, ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକ, ବର୍ତ୍ତମାନ ର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଯତୀନ୍ଦ୍ର ନାଥ ଗଣ୍ଡ, ପ୍ରଣବ ଭୂୟାଁ ତଥା ବିଜେଡିର ସମର୍ଥିତ କେତେକ ସମିତି ସଭ୍ୟ, ସରପଞ୍ଚ କର୍ମୀ, ତଥା ସାଧୁ ସନ୍ଥ, ଏବଂ ବିଭିନ୍ନ ସ୍ଥାନରୁ ଆସିଥିବା ଅଲେଖ ମହିମା ଧର୍ମାବଲମ୍ବୀ ଗୁରୁଜନମାନେ ଉପସ୍ଥିତ ରହିଥିଲେ ।

# ପରିତ୍ୟକ୍ତ କୂଅରୁ ବିଲୁଆ ଉଦ୍ଧାର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ସାନତୁଣ୍ଡି ପଞ୍ଚାୟତର ରେମ୍ପି ଗ୍ରାମର ପରିତ୍ୟକ୍ତ କୂଅରୁ ଏକ ବିଲୁଆ ଉଦ୍ଧାର ହୋଇଛି। ବିଲୁଆଟି କୌଣସି ପ୍ରକାରେ ଗଳି ପଡ଼ିଥିଲା। କିଛି ଯୁବକ ରାୟଗଡ ଅଗ୍ନିଶମ ବିଭାଗକୁ ସୂଚନା ଦେବାରୁ ବହୁ ପରିଶ୍ରମ ପରେ ବିଲୁଆଟିକୁ କୂଅରୁ ଉଦ୍ଧାର କରିଥିଲେ।



# ଜିଲ୍ଲାକୁ ମିଳିଛି ୧୫ ହଜାରରୁ ୯ ହଜାର ଟନ୍ ୟୁରିଆ

ମାଲକାନଗିରି(ଭାସ୍କର ନ୍ୟୁଜ): ଜିଲ୍ଲାରେ ୟୁରିଆ ସଙ୍କଟ। ୧୫ ହଜାର ମେଟ୍ରିକ୍ ଟନ୍ ସାର ଆବଶ୍ୟକ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ମିଳିଛି ମାତ୍ର ୮ ହଜାର ୯୩୦ ଟନ୍। ଠିକ୍ ସମୟରେ ଚାଷୀଙ୍କୁ ସାର ମିଳୁନଥିବାରୁ ଚାଷୀମାନେ ବାରମ୍ବାର ଲ୍ୟାମ୍ପ ଓ ଡିଲର ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ଏହାକୁ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀ ଉତ୍ତେଜନା ପ୍ରକାଶ ପାଇଛି। ମାଲକାନଗିରି ଜିଲ୍ଲା ଶିଖପାଲି ଛକ ଓ ମାଥିଲି ଲ୍ୟାମ୍ପସ ଆଗରେ ଶତାଧିକ ଚାଷୀ ଲ୍ୟାମ୍ପସରେ ତାଲା ପକାଇ ରାଜପଥ ଅବରୋଧ କରିଥିଲେ। ଲ୍ୟାମ୍ପସ୍‌ରେ ଆବଶ୍ୟକ ସାର ମିଳୁନି, ଅନ୍ୟପଟେ କଳାବଜାର ବଢ଼ିଚାଲି ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ ଆମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲ୍ଲୀ ରଞ୍ଜନ ମହାଳିକଙ୍କୁ ପଚାରିବାରୁ କହିଛନ୍ତି, ଚଳିତ ଖରିଫରେ ଜିଲ୍ଲାରେ ୭୫ ହଜାର ୬୬୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଗତବର୍ଷ ତୁଳନାରେ ଏବର୍ଷ ୩ ହଜାରରୁ ଅଧିକ ହେକ୍ଟରରେ ଚାଷ କରାଯାଇଛି। ଜିଲ୍ଲାକୁ ୧୦ ହଜାର ଟନ୍ ୟୁରିଆ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ଜିଲ୍ଲାକୁ ୮ ହଜାର ୯୩୦ ମେଟ୍ରିକ୍ ଟନ୍ ସାର ମିଳିଛି। ସେଥିମଧ୍ୟରୁ ମାଲକାନଗିରି, କାଲିମେଳା, ପଡ଼ିଆ, ଶିଖପାଲି, କୋରୁକୋଣ୍ଡା, କୁଡୁମୁଲୁଗୁମ୍ମା, ଗୋବିନ୍ଦପାଲି ଆଦି ୮ଟି ଲ୍ୟାମ୍ପସ ଜରିଆରେ ୩ ହଜାର ୬୫୯ ମେଟ୍ରିକ ଟନ୍ ସାର ଚାଷୀଙ୍କୁ ବଣ୍ଟା ସରିଛି। ଜିଲ୍ଲା ପାଇଁ ଆଉ ଅଧିକ ୫ ମେଟ୍ରିକ ଟନ ସାର ଯୋଗାଇବା ପାଇଁ ରାଜ୍ୟ କୃଷି ବିଭାଗକୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ଜିଲ୍ଲାରେ ୟୁରିଆ ସଙ୍କଟ ଦୂର ହେବ। ଚାଷୀମାନେ ଆବଶ୍ୟକ ସାର ପାଇପାରିବେ।

# ନାହିଁ ନାହିଁରେ ଚାଲିଛି ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଶତାୟୁ ପୁରୁଣା, ଦ୍ୱିତୀୟ ସର୍ବପୁରାତନ ଐତିହାସିକ ସରକାରୀ ମହାବିଦ୍ୟାଳୟ ତଥା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟ ସବୁବେଳେ ଅବହେଳିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି । ନାମକୁ ମାତ୍ର ଶତାୟୁ ମହାବିଦ୍ୟାଳୟ,କର୍ପୁର ଉଡିଯାଇଛି କେବଳ କନାଟା ରହିଛି । ଏଠାରେ ଦାବି ଉପସ୍ଥାପନ କରୁଥିବା ଲୋକମାନେ ବି.ଇଡି. ଖୋଲିବା ପାଇଁ ଏବଂ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରିବା ନିମନ୍ତେ ଦାବି କରିଥିଲେ। ଓଡ଼ିଶା ସରକାରଙ୍କ ନିୟମାନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ବି.ଇଡି. କଲେଜ ଖୋଲାଯିବ। ହେଲେ ଏଠାରେ ଲୋକେ ବାରମ୍ବାର ଦାବି କରିଥିଲେ ମଧ୍ୟ ସରକାର ଏହି ବିଷୟରେ କୈଣସି ପ୍ରକାର ହେବ କି ନାହିଁ ବୋଲି ସରକାର କେବେବି ଉତ୍ତର ଦିଅନ୍ତି ନାହିଁ। କହିବାକୁଗଲେ ‘କୁଳକୁ ଲାଜ ନ କହିଲେ କୁଳ ଭାସି ଯାଉଛି ।’ ସର୍ବ ପୁରାତନ ଏହି ମହାବିଦ୍ୟାଳୟର ୮ ଜଣ ଶିକ୍ଷକଙ୍କୁ ସରକାର ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି ଏବଂ ଏଠାରେ କେବଳ ୧ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି । ଅପରପକ୍ଷରେ ପ୍ରିନ୍ସିପାଲ ସେମାନଙ୍କୁ ମୁକ୍ତ କରି ହାତଛାଡି ଦେଇଛନ୍ତି। ଏଠାରେ ପିଜି ପାଠ୍ୟକ୍ରମ ଏବଂ ୟୁଜିସି ଶ୍ରେଣୀର ପାଠ ପଢ଼ା କିପରି ପରିଚାଳିତ ହେବ ଛାତ୍ରମାନଙ୍କ ପଢ଼ା ବିଷୟରେ ଚିନ୍ତା ନକରି ପ୍ରିନ୍ସିପାଲ ସେମାନଙ୍କୁ ମୁକ୍ତ କରିଦେଲେ। ଯାହାଫଳରେ ଛାତ୍ରମାନେ କ୍ଷତିଗ୍ରସ୍ତ ହେଉଛନ୍ତି। +୨ କଲେଜରେ ସଂପୂର୍ଣ୍ଣ ରୂପେ ସରକାରୀ ଅଧ୍ୟାପକ ଖାଲି। ଏବିଷୟରେ ପ୍ରିନ୍ସିପାଲ ଅଚିନ୍ତାରେ। ଅତିଥି ଅଧ୍ୟାପକ ନିଯୁକ୍ତ କରି ଚଳେଇ ଛନ୍ତି ନିଜର ଇଚ୍ଛା । ସେ ପିଲାମାନଙ୍କୁ ପାଠ ପଢ଼ାନ୍ତୁ କିମ୍ବା ନପଢାନ୍ତୁ କ୍ଲାସ ପାଠ ପଢ଼ାଇବା ଅନୁସାରେ ପଇସା ଦରମା ପାଇବେ। ତାହା ପୁଣି ପ୍ରିନ୍ସିପାଲଙ୍କ ଇଚ୍ଛାରେ। ଯାହା କି ଅଭିଭାବକଙ୍କ ସୂଚନା ଅନୁସାରେ ବିଜ୍ଞାନ ବିଭାଗର କଂପ୍ୟୁଟର ଅତିଥି ଅଧ୍ୟାପକ ଜଣେ ଅଛନ୍ତି । ପ୍ରିନ୍ସିପାଲଙ୍କ ଘନିଷ୍ଠ ସହଯୋଗୀ। ସେ ତାଙ୍କର ନିଜର ଘରୋଇ ଇନ୍‌ଷ୍ଟିଚ୍ୟୁରେ ଜଏନ ହେବାକୁ ବାଧ୍ୟ କରନ୍ତି ନଚେତ୍ ପ୍ରାକ୍ଟିକାଲରେ ମାର୍କ ପାଇବା କଷ୍ଟ, ଯାହା କି କମ୍ପ୍ୟୁଟର ଅତିଥି ଅଧ୍ୟାପକ ସହିତ ପ୍ରିନ୍ସିପାଲଙ୍କ ମଧୁଚନ୍ଦ୍ରିକାରେ ସମସ୍ତ ପ୍ରକାର ଅସମ୍ଭବ ସମ୍ଭବ ହୋଇପାରୁଛି। ତେଣୁ ଛାତ୍ରମାନେ ଭୟରେ ପାଟି ଖୋଲୁନାହାନ୍ତି। ଦେଖିବାକୁ ମିଳିଛି ମହାବିଦ୍ୟାଳୟର ସୀମା ମାମଲା ହାଇକୋର୍ଟରେ ବିଚାରାଧୀନ ଅବସ୍ଥାରେ ଅଛି । କିନ୍ତୁ ବର୍ତ୍ତମାନର ପ୍ରିନ୍ସିପାଲ ସୀମାକୁ କମ କରି କଲେଜ (ଜାଗା)ସମ୍ପତ୍ତିକୁ ଅନଧିକୃତ ଭାବରେ ଦଖଲ କରିଥିବା ଲୋକଙ୍କୁ ଛାଡି ଦେଇଛନ୍ତି କାହା ସ୍ୱାର୍ଥରେ ...କିଛି ଲୋକ ଜୋରଜବରଦସ୍ତ କଲେଜ ଜମି ଦଖଲ କରିଛନ୍ତି। ପରୋକ୍ଷରେ ଦାୟିତ୍ୱରେ ଥିବା ପ୍ରିନ୍ସିପାଲ ମହାବିଦ୍ୟାଳୟ ର ସମ୍ପତ୍ତି ଅନଧିକୃତ ଦଖଲ କରି ବେଆଇନ୍ ଭାବେ ଗୋଟିଏ ନୂତନ ଗେଟ ନିର୍ମାଣ କରିଛନ୍ତି। ଯାହା କି ହାଇକୋର୍ଟରେ ବିଚାରାଧିନ ଅବସ୍ଥାରେ ଥିବାବେଳେ ପ୍ରିନ୍ସିପାଲ କେଉଁ ସ୍ୱାର୍ଥ ନେଇ ଦାଖଲକାରୀଙ୍କୁ ସହଯୋଗର ହାତ ବଢ଼ାଇଥିଲେ ? ଯଦି ପ୍ରିନ୍ସିପାଲଙ୍କ ମହାବିଦ୍ୟାଳୟ ପ୍ରତି ଟିକିଏ ଦରଦ ଥାନ୍ତା ତାହା ହେଲେ ଆବଶ୍ୟକ ନଥିବା ସ୍ଥଳେ ନ୍ୟାୟାଳୟରେ ବିଚାରଧିନ ଅବସ୍ଥାରେ ପାଚେରୀ ନିର୍ମାଣ ହୋଇପାରୁଛି, ତାହା ପୁଣି ଗଳାବାଟ ରଖି ଅନୈତିକ କାର୍ଯ୍ୟକ୍ରମ କରିବା ପାଇଁ। ଆବଶ୍ୟକତା ଥିବା ସ୍ଥାନରେ ତଥା ମହାବିଦ୍ୟାଳୟ ର ଖେଳ ପଡିଆ ସୁରକ୍ଷା ପାଇଁ ପାଚେରୀ କାଳବୈଶାଖୀ ବର୍ଷାରେ ପଡ଼ି ଆଜିକୁ ୧୫ମାସ ବିତିଗଲାଣି ଖେଳ ପଡିଆ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଏହା ଉପରେ ପ୍ରିନ୍ସିପାଲଙ୍କର କୌଣସି ଗୁରୁତ୍ୱ ନାହିଁ କଣ ପାଇଁ ବୋଲି ପ୍ରଶ୍ନ ଉଠିଛି ? ଏହାକୁ ନେଇ ପୁରାତନ ଛାତ୍ରମାନେ ପ୍ରଶ୍ନ କରିଛନ୍ତି ? ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରିନ୍ସିପାଲଙ୍କ ଅବସର ସମୟ ପାଖ ହୋଇଆସୁଥିବାରୁ ମହାବିଦ୍ୟାଳୟରେ ବହୁତ ଅନିୟମିତତା ହେଉଥିବା ସୂଚନା ମିଳିଛି । ତେଣୁ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ୟୁଜିସି ଭଳିଆ କାର୍ଯ୍ୟକ୍ରମ କରାଯାଇଥିବା ଉପରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି।




# ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ପୌରାଞ୍ଚଳ ଗୁଲିପାଟଣା ସାହିରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କମିଟି ସଦସ୍ୟ,ପୂଜକ ଲକ୍ଷ୍ମୀ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ଅଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ନବରାତ୍ରି ପାଇଁ ସଂକଳ୍ପ କରାଯିବ। ଅଶ୍ୱିନ ମାସ ବିଜୟା ଦଶମୀ ପର୍ଯ୍ୟନ୍ତ ମା’ ଦୁର୍ଗା ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ। ଆଜିଠାରୁ ମା’ଙ୍କ ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ ହେଇଯାଇଛି ବୋଲି ସୂଚନା ଦେଇଥିଲେ। ପୂର୍ବବର୍ଷ ଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ଗୁଲିପାଟଣା ପୂଜା ମଣ୍ଡପରେ ନବରାତ୍ରି ପୂଜା କରାଯିବ। ତେଣୁ ଆଗ୍ରହୀ ଭକ୍ତ ପୂଜା କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରିବ। ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ସମୟରେ ସଞ୍ଜୟ ସ୍ୱାଇଁ, ଲକ୍ଷ୍ମୀ ପୂଜାରୀ, ପିଣ୍ଟୁ ପ୍ରଧାନ,ରାମ ମଣିଆ, ଗଦା ବିଷୋୟୀ, ଯତୀନ ପଣ୍ଡା, ଲିଟୁନା ସାହୁ, ଗଣେଶ ପ୍ରସାଦ ରଣା, ଟୁଲୁ ସାହୁ, ଅମିତ କର୍ମକାର, ଗୋବର୍ଦ୍ଧନ ନାୟକ,ଗିରି ମାଝୀ, ଗୋପାଳ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ଭୈରବୀଙ୍କ ପୀଠରେ ନବାନ୍ନ ଲାଗି

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ନବାନ୍ନ ଲାଗି କରାଯାଇଛି। ଏହି ଅବସରରେ ଏକା ସାଙ୍ଗରେ ଶତାଧିକ ଭକ୍ତ ନବାନ୍ନ ଭୋଗ ଗ୍ରହଣ କରିଛନ୍ତି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଅବସରରେ ସମଗ୍ର ବୌଦ୍ଧ ଜିଲ୍ଲା ଉତ୍ସବ ମୁଖର ଓ ଚଳଚଞ୍ଚଳ ହୋଇ ଉଠିଛି । ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଧାର୍ଯ୍ୟ ଲଗ୍ନରେ ନବାନ୍ନ ଲାଗି କରାଯାଇଥିଲା । ମହାନଦୀରେ ପୂଜା କରି ମହାନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟ ପୂଜକ ଗୌରୀପ୍ରସାଦ ବଡମାଳି, ପାଳିଆ ପୂଜକ ହରିହର ବଡମାଳି ବିଧି ନିୟମ ପ୍ରକାରେ ସ୍ୱତନ୍ତ୍ର ପୂଜା କରିବା ପରେ ପ୍ରଥମେ ମା’ ଭୈରବୀଙ୍କ ଠାରେ ନବାନ୍ନ ଲାଗି କରିବା ପରେ ପାର୍ଶ୍ୱ ଦେବାଦେବୀମାନଙ୍କୁ ନବାନ୍ନ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ଦିର ଚୂଡାରେ ନୂତନ ଧ୍ୱଜା ଲାଗିଥିଲା । ଭୈରବୀଙ୍କ ଠାରେ ମହାଆଳତୀ କରିବା ପରେ ଭକ୍ତମାନେ ସାମୂହିକ ଭାବେ ଦେବୀଙ୍କ ନବାନ୍ନ ସେବନ କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ପୂଜା କରିଥିଲେ।



# ସାମ୍ବାଦିକ ଓ ପରିବାର ସହ ନୂଆଖାଇ ପାଳିଲେ ଗଣଶିକ୍ଷା ମନ୍ତ୍ରୀ

ରାଇଘର(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିତ୍ରକୋଟ ଠାରେ ସାମ୍ବାଦିକ ଓ ନିଜ ପରିବାର ସହ ନୂଆଁଖାଇ ପାଳନ କଲେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପାରମ୍ପରିକ ରୀତି ଅନୁଯାୟୀ ପରିବାର, ପରିଜନ, ବନ୍ଧୁ ଗ୍ରାମବାସୀ ତଥା ସାମ୍ବାଦିକ ବନ୍ଧୁଙ୍କୁ ନେଇ ନୂଆଁଖାଇ ପାଳନ ଅବସରରେ ନିଜ ଅଧିଷ୍ଠାତ୍ରୀ ଦେବୀଙ୍କୁ ନବାନ୍ନ ଭୋଗ ଲଗାଇ ଆଡମ୍ବର ସହକାରେ ପାଳନ କରିଥିଲେ। ଏହି ନୂଆଁଖାଇ ଉତ୍ସବରେ ବନ୍ଧୁ ପରିବାର, ଗ୍ରାମବାସୀ ସମେତ ବହୁ କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ବନ୍ଧୁ ପରିବାର ବର୍ଗକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ବାଦ୍ୟ ର ତାଳେ ତାଳେ ମନ୍ତ୍ରୀ ମଧ୍ୟ ନାଚ ଗୀତରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।



# ‘ଆମର ପରବ ନୂଆଁଖାଇ’ ସଂଗୀତ ମୁକ୍ତିଲାଭ




ବରଗଡ(ଭାସ୍କର ନ୍ୟୁଜ):ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ରାଜ୍ୟ ସରକାରଙ୍କ ଗୃହ ଓ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ନୂଆଁଖାଇ ଉପଲକ୍ଷେ ‘ଆମର ପରବ୍ ନୂଆଁଖାଇ’ ଗୀତ ମୁକ୍ତିଲାଭ କରିଛି । ଏଥିରେ ସେ ନିଜେ କଣ୍ଠ ଦାନ କରି ଥିବାବେଳେ ତାହା ବେଶ ଜନାଦୃତ ହେଉଛି ।ତେବେ ଜର୍ଜ ହାଇସ୍କୁଲରେ ପଢୁଥିବା ସମୟରୁ ସଙ୍ଗୀତ ପ୍ରତି ତାଙ୍କ ରୁଚି ରହିଥିବା ସେ ଉଲ୍ଲେଖ କରିଛନ୍ତି । ଜଣେ ଦକ୍ଷ ପ୍ରଶାସକ ଭାବେ ତାଙ୍କର ସୁଖ୍ୟାତି ରହିଥିବା ଏବେ ‘ଆମର ପରବ ନୂଆଁଖାଇ’ ଗୀତ ଗାଇ ସେ କଳା ଜଗତ ରେ ମଧ୍ୟ ଜଣେ କଳାକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏହି ଗୀତ ରେ ତାଙ୍କ ସହପାଠୀ ବରଗଡ଼ ର ଜଣା ଶୁଣା କଣ୍ଠ ଶିଳ୍ପୀ ତଥା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ କାଳୀଚରଣ ବାଗ ରଚନା କରିଥିବା ବେଳେ ଅନ୍ୟତମ ସହପାଠୀ ରାଜ୍ୟ କଳାକାର ମହାସଂଘର ସଭାପତି ଚୈତନ୍ୟ ପାଇକ ସଙ୍ଗୀତ ନିର୍ଦ୍ଦେଶନା ଓ ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ଶ୍ରୀ ସାହୁଙ୍କ ସହିତ ଶ୍ରୀ ବାଗ ମଧ୍ୟ ଏହି ଗୀତ ଗାଇଛନ୍ତି । ପୂର୍ବରୁ ଶ୍ରୀ ସାହୁ ଅନେକ ଗୀତରେ କଣ୍ଠଦାନ କରିଥିବାବେଳେ ନୂଆଁ ଖାଇ ଉପଲକ୍ଷେ ‘ଆମର୍ ପରବ ନୂଆଁଖାଇ’ ଗୀତ ଟି ବେଶ ଜନାଦୃତ ହେଉଥିବା ପରିଲକ୍ଷିତ ହୋଇଛି ।

# ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଗୁଣପୁର(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ହେଉଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ସକାଶେ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇଟିଡିଏ ଅଫିସ ନିକଟରେ ମା’ ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଗୁରୁବାର ଶୁଭ ଖୁଣ୍ଟି ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ପୂଜାରେ କର୍ତ୍ତାଭାବରେ ରାଧାକୃଷ୍ଣ ପଣ୍ଡା ପୁରୋହିତ ଭାବେ ନବୀନ ରଥ, ପ୍ରକାଶ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ଉପସ୍ଥିତ ଏହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପୂଜା କାର୍ଯ୍ୟ ସମ୍ପାଦନା ହେବା ପରେ କଲେଜ ନିକଟ ସିଦ୍ଧ ବିନାୟକ ମନ୍ଦିରକୁ ଯାଇ ସେଠାରେ ଥିବା ଲକ୍ଷ୍ମୀଙ୍କ ନିକଟରେ ପୂଜା କରାଯାଇଥିଲା ଏବଂ କ୍ୟୁଆର କୋଡ଼ ର ଶୁଭ ଉନ୍ମୋଚନ କରଯାଇଥିଲା । ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁକାରଙ୍କ ଅଧ୍ୟକ୍ଷତାରେ ପୂଜା କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା ହୋଇଥିଲା । କାର୍ଯ୍ୟକାରୀ ସଭାପତି ମିନକେତନ ପଣ୍ଡା, ଉପସଭାପତି ସୋମେଶ୍ୱର ସାମଲ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ବଳରାମ ପାଣିଗ୍ରାହୀଙ୍କ ସମେତ ଉପଦେଷ୍ଟା ସୂର୍ଯ୍ୟ ନାରାୟଣ ରଥ, ଗୋପାଳକୃଷ୍ଣ ପାଣିଗ୍ରାହୀ,ଗୋପିନାଥ ପାତ୍ର, ରବି ନାରାୟଣ ଶତପଥି, ରାମ ପଟ୍ଟନାୟକ, ରମେଶ ପାଣିଗ୍ରାହୀ, ଅକ୍ଷୟ ରାଜଗୁରୁ, ସୁରେନ୍ଦ୍ର ଆଚାର୍ଯ୍ୟ, ପ୍ରକାଶ ରାଜଗୁରୁ, ବସନ୍ତ ମିଶ୍ର, ଅଜିତ ପଣ୍ଡା, ମୁନା ପାଢ଼ୀ, ଚନ୍ଦନ ଦାସ, ରଞ୍ଜନ ପାଣିଗ୍ରାହି, ପ୍ରସାଦ ପାଇଟାଳ, ରବୀନ୍ଦ୍ର କୁମାର ସାହୁ, ପପୁ ତ୍ରିପାଠୀ,ବୁଦୁ ଗୌଡ଼, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପରିଷଦ ସଭ୍ୟାଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ମାଥିଲି (ଭାସ୍କର ନ୍ୟୁଜ) ମାଥିଲି ବ୍ଲକର ବିଭିନ୍ନ ବନ୍ୟାଞ୍ଚଳକୁ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଗୁରୁବାର ଦିନ ପରିଦର୍ଶନ କରିଥିଲେ। ସେ କିଆଙ୍ଗ, ସାଲିମ୍,ଟେମୁରୁପାଲ୍ଲି, ମହୁପଦର ଓ କମାରପାଲି ପଞ୍ଚାୟତର ଅନେକ ବନ୍ୟା ପୀଡ଼ିତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଲଗାଣ ବର୍ଷାରେ ପାଣିଘେରରେ ଥିବା ଦୁର୍ଗମ ଅଞ୍ଚଳର କିଛି ଘର ଭାଙ୍ଗିବା ସହ ଚାଷ ଜମିରେ ପାଣି ପ୍ରବାହିତ ହୋଇ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖି ତୁରନ୍ତ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି କେମିତି ଲୋକମାନେ ସରକାରୀ ସୁବିଧା ପାଇପାରିବେ ତାହା ଅବଗତ କରିଥିଲେ। ବର୍ଷାଜଳ ଘେରି ରହିଥିବା କିଛି ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତି ହୋଇଥିବା ଚାଷ ଜମିଗୁଡିକ ବୁଲି ଦେଖିଥିଲେ। ଜିଲ୍ଲା ପରିଷଦଙ୍କ ସହ ସ୍ଥାନୀୟ ସରପଂଚ ଏବଂ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତି ରହି ବ୍ଲକର ବିଭିନ୍ନ ବନ୍ୟା କ୍ଷୟକ୍ଷତି ହୋଇଥିବା ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରିଥିଲେ। ସେଥିରେ ପୀଡ଼ିତ ଲୋକଙ୍କ ସହିତ ଆଲୋଚନା କରି, ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅଧିକାରୀଙ୍କୁ ଅବଗତ କରାଇବାକୁ ଆଶ୍ୱାସନ ଦେଇଥିଲେ।

# ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

କୋରାପୁଟ(ଭାସ୍କର ନ୍ୟୁଜ): ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ଟାଉନଥାନା ପୋଲିସ ଆନ୍ଧ୍ରପ୍ରଦେଶର ବିଜୟୱାଡା ଯାଉଥିବା ସରକାରୀ ବସରୁ ଗଞ୍ଜେଇ ଜବତ କରିଛି । ସୂଚନା ଅନୁଯାୟୀ ସରକାରୀ ବସ୍‌ରେ ଏକ ବ୍ୟାଗ ରହିଥିବା ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ବ୍ୟାଗରୁ କିଛି ପ୍ୟାଣ୍ଟ, ସାର୍ଟ ସହ ପ୍ୟାକେଟ ହୋଇଥିବା ପ୍ରାୟ ୫କିଲୋ ଗଞ୍ଜେଇ ପୋଲିସ ଜବତ କରିଥିଲା । ବସ୍‌ରେ ବ୍ୟାଗ ଥିବାବେଳେ ଏହାକୁ ଜଣେ ମହିଳା ଖୋଲି ଦେଖିଥିଲେ । ଏହା ଭିତରେ ପ୍ୟାକେଟ ରହିଥିବା ବେଳେ ଗଞ୍ଜେଇ ରହିଥିବା ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ । ଟାଉନ ଥାନା ପୋଲିସ ପ୍ୟାକେଟକୁ ଯାଂଚ କରିବା ବେଳେ ଗଞ୍ଜେଇ ରହିଥିବା ଜଣାପଡିବା ପରେ ତାକୁ ଜବତ କରିଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ସେହିପରି ପୋଲିସ ସିସି କ୍ୟାମେରା ଯାଂଚ କରୁଥିବାବେଳେ ଅନ୍ୟାନ୍ୟ ବିଷୟକୁ ନେଇ ଯାଂଚ କରିବା ସହ ସେହି ମହିଳା ବ୍ୟାଗରେ ଗଞ୍ଜେଇ ରହିଥିବା ନେଇ କିପରି ଜାଣିଲେ ସେନେଇ ମଧ୍ୟ ତଦନ୍ତ କରୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ଲଗାଣ ବର୍ଷା ପାଇଁ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ

କୋରାପୁଟ(ଭାସ୍କର ନ୍ୟୁଜ): ଗତ କିଛି ଦିନ ଧରି ଲଗାଣ ବର୍ଷା ସହ କେକେ ଲାଇନର ଜଗଦଲପୁର-କିରଣ୍ଡୁଲ ସେକ୍ସନରେ ପାଣି ଜମିବା ଏବଂ ପଥର ଖସିବା ଯୋଗୁଁ ବିଶାଖାପାଟଣା-କିରଣ୍ଡୁଲ ନାଇଟ୍ ଏକ୍ସପ୍ରେସ୍ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି । ଏନେଇ ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଶାଖାପାଟଣାରୁ ୨୯ ଓ ୩୧ ତାରିଖରେ ଛାଡିବାକୁ ଥିବା ବିଶାଖାପାଟଣା-କିରଣ୍ଡୁଲ ନାଇଟ୍ ଏକ୍ସପ୍ରେସ ବାତିଲ କରାଯାଇଛି । ସେହିପରି ୨୮, ୩୦ ଏବଂ ୧ ତାରିଖରେ କିରଣ୍ଡୁଲରୁ ଛାଡିବାକୁ ଥିବା କିରଣ୍ଡୁଲ-ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ ହୋଇଛି । ବିଶାଖାପାଟଣାରୁ ୨୮,୩୦ ଏବଂ ୧ତାରିଖରେ ଛାଡିବାକୁ ଥିବା ବିଶାଖାପାଟଣା-କିରଣ୍ଡୁଲ ନାଇଟ୍ ଏକ୍ସପ୍ରେସ ଗତିପଥ ପରିବର୍ତନ କରି ଜଗଦଲପୁର ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସୂଚନା ମିଳିଛି । କିରଣ୍ଡୁଲ-ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ କିରଣ୍ଡୁଲ ପରିବର୍ତ୍ତେ ୨୯,୩୧ ଏବଂ ୧ତାରିଖରେ ବିଶାଖାପାଟଣାରୁ ଛାଡିବାକୁ ଥିବା ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର ଟ୍ରେନ କୋରାପୁଟ ଯାତ୍ରା କରିବ । ସେହିପରି ଭାବେ ଫେରିବା ଦିଗରେ ୩୦,୩୧ ଓ ୧ତାରିଖରେ କିରଣ୍ଡୁଲ ପରିବର୍ତ୍ତେ କୋରାପୁଟରୁ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡିଛି ।



ପୁରୀ (ଭାସ୍କର ନ୍ୟୁଜ) : ପୁରୀର ନୂତନ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ନିଜର ଦାୟିତ୍ୱ ପ୍ରତିପାଦନ ସ୍ୱରୂପ ଶ୍ରୀଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠକୁ ଆସି ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଦେବଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି । ଏହି ଅବସରରେ ପୂଜ୍ୟ ଗୁରୁଜୀ ମହାରାଜା ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧାତ୍ମିକ ରାଜଧାନୀ ଭାବରେ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଶ୍ରୀମନ୍ଦିର ସଦା ସର୍ବଦା ବିଧର୍ମୀ ଓ କୁଚକ୍ରୀମାନେଙ୍କ ଦୃଷ୍ଟିରେ ରହିଛି । ଶ୍ରୀମନ୍ଦିର ର ସୁରକ୍ଷା ଏକ ଚୁନୌତି। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା । ଏହାକୁ ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥାନ୍ତି । ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି । ତୀର୍ଥରାଜ ମହୋଦଧିଙ୍କ ବିସ୍ତୀର୍ଣ୍ଣ ବେଳାଭୂମି କେବଳ ମନୋରଞ୍ଜନର କେନ୍ଦ୍ର ନହୋଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁବିଧା ଆଦି ପ୍ରତି ସତର୍କ ରହିବା ସହ ମାଦକ ଦ୍ରବ୍ୟ ସେବନର କେନ୍ଦ୍ର ନହେବା ଦିଗରେ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂ ଙ୍କ ସହିତ ଜିଲ୍ଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମଠର ବିଭିନ୍ନ ବିଭାଗର ପ୍ରମୁଖ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି ବୋଲି ଶ୍ରୀ ଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠର ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।



# ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଗତ ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁଜିତ କୁମାର, ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ, ଆୟୁଷ ଶିବପୁରୀ, ନାବାର୍ଡର ମହାପ୍ରବନ୍ଧକ, ସାମଦେନ ଦୋର୍ଜି ଲାମା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଡିଓ ସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କୁ ସାମଦେନ ଦୋର୍ଜି ଲାମା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ଡ. ସାରଦା ପ୍ରସନ୍ନ ମହାନ୍ତି ଡ. ବିଚିତ୍ରସେନ ଗୁପ୍ତା ଓ ସୁଜିତ କୁମାରଙ୍କୁ ଉତ୍ତରୀୟ ଓ ଚାରା ଦେଇ ସ୍ୱାଗତ କରିଥିଲେ । ଶ୍ରୀ ଲାମା, ଉପସଭାପତି, ନରାକାସ (ବ୍ୟାଙ୍କ) ସ୍ୱାଗତ ଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା କରିବା ସହ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ଶ୍ରେୟ ପ୍ରଦାନ କରିଥିଲେ ଓ ନରାକାସ ରାଜଭାଷା ସମ୍ମାନ ପାଇଁ ନରକାସ ସଦସ୍ୟ ମାନଙ୍କର ପ୍ରସଂଶା କରିଥିଲେ । ବୈଠକରେ ଗତ ୬ ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗୃହ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଡ. ବିଚିତ୍ର ସେନ ଗୁପ୍ତା ତାଙ୍କ ସମୀକ୍ଷାରେ ଭୁବନେଶ୍ୱରସ୍ଥିତ ନରାକାସ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ। କ୍ରମାଗତ ଭାବେ ଜାତୀୟ ସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ପାଇବା ଗର୍ବ ଓ ଗୌରବର ବିଷୟ। ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମହାନ୍ତି କହିଛନ୍ତି ଯେ ସରକାରୀ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି। ହିନ୍ଦୀରେ କାମ କରିବା କେବଳ ସରକାରୀ ଭାଷା ବିଭାଗ କିମ୍ବା ସରକାରୀ ଭାଷା ଅଧିକାରୀଙ୍କ କାମ ନୁହେଁ, ବରଂ ଏହା ଆମ ସମସ୍ତଙ୍କ ଦାୟିତ୍ୱ। ନାବାର୍ଡର ଜେନେରାଲ ମ୍ୟାନେଜର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ଦ୍ୱାରା ହିନ୍ଦୀ ଏବଂ ଆଞ୍ଚଳିକ ଭାଷାବ୍ୟବହାର କରାଯାଉଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବି ବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ ଅର୍ପଣ କରି ବୈଠକ ଶେଷ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା



ପୁରୀ (ଭାସ୍କର ନ୍ୟୁଜ) : ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡା ସୁରକ୍ଷା ମଧ୍ୟରେ ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ପ୍ରଥମେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସ୍ନାନ ଓ ଶୌଚ ହେବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ, ଜିଲ୍ଲାପାଳ ଓ ଏସପି ସେମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ, ପତିତପାବନ ଦର୍ଶନ କରି ପରେ ଶ୍ରୀମନ୍ଦିର ଯାଇ ପ୍ରଥମେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ ସାରି ସାତ ପାହାଚ ଦେଇ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ । ଏହାପରେ ବେଢ଼ା ପରିକ୍ରମା କରି ସେ ମା' ମଙ୍ଗଳା, ମା' ବିମଳା ଓ ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ । ପରେ ମହାପ୍ରସାଦ ସେବନ କଲେ । ତେବେ ଶ୍ରୀଜିଉଙ୍କ ଦର୍ଶନ କରି ସେ ବେଶ୍ ଖୁସି ଓ ଆନନ୍ଦିତ ଥିବା କହିଛନ୍ତି । ସାରା ବିଶ୍ୱ ଏବଂ ସମଗ୍ର ଦେଶର ମଙ୍ଗଳ କାମନା କରି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସେମାନଙ୍କ ସହ ପୁରୀ ସାଂସଦ ସମ୍ବିତ ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ମଧ୍ୟ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ଜାପାନ...

ଅନୁଷ୍ଠିତ ଶିଖର ସମ୍ମିଳନୀରେ ମୋଦୀ ଦୁଇଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ସହଭାଗିତାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବାପାଇଁ ଆହ୍ୱାନ ଦେଇଥିଲେ। ଅର୍ଥନୈତିକ ଏବଂ ନିବେଶ ସଂପର୍କକୁ ବିସ୍ତାର କରିବା ସହିତ ସେମିକଣ୍ଡକ୍ଟର ଭଳି ଉଦୀୟମାନ କ୍ଷେତ୍ରରେ ସହଯୋଗ ଲୋଡ଼ିବେ। ମୋଦୀ ଆହୁରି କହିଥିଲେ ଯେ ଭାରତ-ଜାପାନର ସଭ୍ୟତା ଏବଂ ସାଂସ୍କୃତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ପ୍ରୟାସ କରାଯିବ। ଜାପାନ ପରେ ମୋଦୀ ଚୀନ୍‌ର ତିଆନଜିଙ୍ଗ ସହର ଯିବେ, ଯେଉଁଠାରେ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗ୍‌ଙ୍କ ନିମନ୍ତ୍ରଣରେ ସାଂଘାଇ ସହଯୋଗ ସମ୍ମିଳନୀରେ ସାମିଲ ହେବେ। ମୋଦୀ କହିଛନ୍ତି ଯେ ଏହି ଗସ୍ତ କେବଳ ଭାରତର ଜାତୀୟ ସ୍ୱାର୍ଥକୁ ସୁଦୃଢ଼ କରିବ ନାହିଁ, ବରଂ ଆଞ୍ଚଳିକ ଏବଂ ବିଶ୍ୱସ୍ତରରେ ଶାନ୍ତି, ସୁରକ୍ଷା ଓ ସ୍ଥାୟୀ ବିକାଶ ପାଇଁ ନୂଆ ରାସ୍ତା ଦେଖାଇବ।

### ଆସୁଛି ଆଉ ଦୁଇଟି...

କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ୮ ପଞ୍ଚାୟତ, ରାଜନଗର ବ୍ଲକର ଅନେକ ଅଞ୍ଚଳ ବିଶେଷ ପ୍ରଭାବିତ ହୋଇଛି। ଲୋକେ ଯିବା ଆସିବା ପାଇଁ ଗାଁ ଦାଣ୍ଡରେ ଡଙ୍ଗାର ବ୍ୟବହାର କରୁଛନ୍ତି। ବହୁ ଲୋକ ଗୃହପାଳିତ ପଶୁ ସହ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥିଲେ ମଧ୍ୟ ବନ୍ୟାଜଳ ଛାଡ଼ି ନଥିବାରୁ ଘରକୁ ଫେରିପାରି ନାହାନ୍ତି। ଏସବୁ ଭିତରେ ପାଣିପାଗ ବିଭାଗ ଯେଉଁ ସୂଚନା ଦେଇଛି ତାକୁ ନେଇ ବନ୍ୟାଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଆଗକୁ ପଛକୁ ପଛ ଦୁଇଟି ଲଘୁଚାପ ଆସୁଛି। ଗୋଟିଏ ସେପ୍ଟେମ୍ବରର ପ୍ରଥମ ସପ୍ତାହରେ ଏବଂ ଅନ୍ୟଟି ଦ୍ୱିତୀୟ ସପ୍ତାହରେ ଆସିବ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବ। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଦେଖା ଦେଇଛି। ଏହାର ପ୍ରଭାବରେ ଚଳିତମାସ ୩୧ରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

### ଡିଜିପି ଅଭିବୃଦ୍ଧି...

ଆର୍ଥିକବର୍ଷ ୨୬ର ପ୍ରଥମ ତ୍ରୈମାସିକ ଜିଡିପିରେ ୭.୮ପ୍ରତିଶତ ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୬.୫ ପ୍ରତିଶତ ଅଭିବୃଦ୍ଧି ଅପେକ୍ଷା ବହୁ ଅଧିକ। ସେବା କ୍ଷେତ୍ରର ଚମତ୍କାର ଅଭିବୃଦ୍ଧି ଯୋଗୁ ଭାରତୀୟ ଅର୍ଥନୀତି-୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୭.୬ ପ୍ରତିଶତର ପ୍ରକୃତ ଗ୍ରସ୍ ଭାଲ୍ୟୁ ଆଡେଡ୍ ଅଭିବୃଦ୍ଧି ଦେଖିସାରିଛି। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସରେ ନୋମିନାଲ ଜିଡିପିରେ ୮.୮ ପ୍ରତିଶତ ଅଭିବୃଦ୍ଧି ରହିଛି। କୃଷି ଏବଂ ଏହାସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ୩.୭ ପ୍ରତିଶତ ରହିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୧.୫ ପ୍ରତିଶତ ଅଭିବୃଦ୍ଧି ଥିଲା। ଅନ୍ୟପକ୍ଷରେ ଉତ୍ପାଦନ କ୍ଷେତ୍ରରେ ୭.୭ ପ୍ରତିଶତ, ନିର୍ମାଣ କ୍ଷେତ୍ରରେ ୭.୬ ପ୍ରତିଶତ ଅଭିବୃଦ୍ଧି ହୋଇଛି। ସେହିପରି ଖନନ କ୍ଷେତ୍ରରେ ୩.୧ ପ୍ରତିଶତ, ଗ୍ୟାସ୍, ବିଜୁଳି, ଜଳଯୋଗାଣ ଓ ଅନ୍ୟ ଉପଯୋଗୀ ସେବା କ୍ଷେତ୍ରରେ ୦.୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି।

### ମାଓ କ୍ୟାମ୍ପରୁ...

ଏଲଏନଜି ବନ୍ଧୁକ ଓ ୫୦ରୁ ଊର୍ଦ୍ଧ୍ୱ ଦେଶୀ ବନ୍ଧୁକ ଜବତ କରିଛନ୍ତି। ଦୀର୍ଘ ୫ ଦିନ ହେବ ଇନ୍ଦ୍ରାବତୀ ନଦୀ ଆରପଟେ ଅପରେସନ ମନସୁନ ଜାରି ରହିଛି। ସୁରକ୍ଷାକର୍ମୀ ମାଓବାଦୀଙ୍କୁ ଟାର୍ଗେଟ କରି ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଏପରିକି ବହୁ ସ୍ଥାନରେ ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଘଟୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଛତିଶଗଡ଼ରେ ମାଓବାଦୀଙ୍କ ଉପଦ୍ରବ ବିଶେଷଭାବେ ପରିଲକ୍ଷିତ ହେଉଥିବାବେଳେ ସେମାନଙ୍କୁ ନିର୍ମୂଳ କରିବା ପାଇଁ ସୁରକ୍ଷାକର୍ମୀ ପ୍ରତିଦିନ ସର୍ଚ୍ଚ ଅପରେସନ ଚଳାଇଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୁରକ୍ଷାକର୍ମୀଙ୍କ ଏହି ସଫଳତାକୁ ଭୂରି ଭୂରି ପ୍ରଶଂସା କରିଛନ୍ତି।

### ସମତା ଭିତ୍ତିକ...

ଶ୍ରୀ ବିର୍ଲା କହିଥିଲେ। ସେ କହିଥିଲେ ଯେ ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଆଜିର ଏହି କମିଟିର ଆଲୋଚନା ଓ ଅନୁଶୀଳନରୁ ଯେଉଁ ଯେଉଁ ନୂଆ ଚିନ୍ତାଧାରାର ପରିପ୍ରକାଶ ହେବ, ତାକୁ ଗ୍ରହଣ କରି, ତଥା ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସେସ୍‌କୁ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକାରୀ କରାଯାଇ, ଏହି ବର୍ଗର ଲୋକଙ୍କ ପାଇଁ ଏକ ସମତା ଭିତ୍ତିକ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇ ପାରିବ ବୋଲି ଶ୍ରୀ ବିର୍ଲା କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି, ଏବଂ ତାହା ମଧ୍ୟ ଓଡିଶାରେ ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଲୋକସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଥିଲେ। ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡିଶାରେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରି, ଏହାଦ୍ୱାରା ଜାତୀୟ ସ୍ତରରେ ଓଡିଶାର ଗୁରୁତ୍ୱ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଅନୁସୂଚିତ ଜାତି, ଜନଜାତି ମାନଙ୍କର ବର୍ତ୍ତମାନର ପରିସ୍ଥିତି ଭଲଅଛି ବୋଲି ମନ୍ତବ୍ୟଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ।' ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତା ସମୟରେ ଦେଶର ସାମାଜିକ ଓ ରାଜନୈତିକ ସ୍ତର ବହୁତ ସମସ୍ୟା ଦେଇ ଗତି କରୁଥିଲା। ସବୁଠୁ ବଡ ସମସ୍ୟା ଥିଲା ଦଳିତ, ଆଦିବାସୀ ମାନଙ୍କର। ତେବେ ବାବା ସାହେବ ଆମ୍ବେଦକରଙ୍କ ସିଦ୍ଧାନ୍ତ ଓ ମାର୍ଗ ଅନୁସରଣ କରି ଆଜି ଦେଶରେ ଦଳିତ ଓ ଆଦିବାସୀ ମାନଙ୍କର ଅବସ୍ଥାରେ ବହୁତ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ସେମାନେ ଯେପରି ସମ୍ପୂର୍ଣ୍ଣ ଭାବେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ୍, ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନା ଗୁଡିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଓଡିଶାର ୪୦ ପ୍ରତିଶତ ଜନସାଧାରଣ ଦଳିତ ଓ ଜନଜାତି ବର୍ଗର ପ୍ରତିନିଧିତ୍ୱ କରନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ବିକାଶ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠ ପଢାଇବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମତାମତକୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ମୁଖ୍ୟସ୍ରୋତରେ ସାମିଲ ହୋଇ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ ବୋଲି କହିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଲେ ଯେ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନା ରେ ବିଭିନ୍ନ ଆଦିବାସୀ ଗୋଷ୍ଠୀ ଗୁଡିକୁ ଫୋକସ କରାଯାଇଛି । ଏହି ଦୁଇଟି କାର୍ଯ୍ୟକ୍ରମ ରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ । ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶ କରାଯାଇ ପିଲାଙ୍କୁ ଶିକ୍ଷିତ କରାଯାଇ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି । ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି । ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ । ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଥିଲେ । ରାଜ୍ୟସଭା ଡେପୁଟି ସ୍ପିକର ଶ୍ରୀ ହରିବଂଶ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିଥିଲେ । ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷ ରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି । ତେବେ କେବଳ ଆରକ୍ଷଣ ପାଇଁ ଚିନ୍ତା ନ କରି ଏହି କମିଟି ସାମାଜିକ ସମାନତା ପାଇଁ କାମ କରୁ ବୋଲି ସେ ମତ ଦେଇଥିଲେ । ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କେବଳ ଯୋଜନାର ଲାଭ ପାଇବା ପାଇଁ ନୁହେଁ ବରଂ ଦେଶର ପ୍ରତିଷ୍ଠାକୁ ଉଜ୍ଜ୍ୱଳ କରିବାରେ ଏବଂ ଦେଶକୁ ବିକାଶର ମାର୍ଗରେ ନେବା ପାଇଁ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ଏହି ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଂଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଏହି କମିଟିର ବୈଠକ ଏ ଦିଗରେ ମାର୍ଗଦର୍ଶନ କରିବ ବୋଲି ସେ ମତ ଦେଇଥିଲେ। ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକସଭା ବାଚସ୍ପତି କନ୍‌ଭେନ୍‌ସନ୍ ହଲ୍ ମଧ୍ୟରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। ସୂଚନାଯୋଗ୍ୟ ଯେ ଏପରି ସମ୍ମିଳନୀର ଆୟୋଜନ ପ୍ରଥମେ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ପରେ ଏହା ୧୯୭୯, ୧୯୮୩, ୧୯୮୭ ଏବଂ ୨୦୦୧ରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପ୍ରଥମ ଥର ପାଇଁ ଏହା ଦିଲ୍ଲୀ ବାହାରେ ଓଡିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଯେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଆଲୋଚନା ପ୍ରତ୍ୟାଲୋଚନାର ଏକ ପରମ୍ପରା ସୃଷ୍ଟି କରିବା। ସମ୍ବିଧାନରେ ଥିବା ବ୍ୟବସ୍ଥା ଅନୁଯାୟୀ ଦଳିତ, ଆଦିବାସୀ ମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରିବା, ସେମାନଙ୍କୁ ମୁଖ୍ୟ ସ୍ରୋତରେ ନେବା ପାଇଁ ରହିଥିବା ଆହ୍ୱାନ ଗୁଡିକୁ ଚିହ୍ନଟ କରିବା ଏବଂ ସମାଧାନ ପାଇଁ ମାର୍ଗଦର୍ଶନ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ। ଏହାଦ୍ୱାରା ଆଗାମୀ ଦିନରେ ସମତା ଓ ନ୍ୟାୟ ଭିତ୍ତିକ ଏକ ସମାବେଶୀ ଭାରତ ଗଠନ କରାଯାଇ ପାରିବ।

# ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ରୁ ଆଳସାହି ମୁଖ୍ୟ ରାସ୍ତାରେ ଟ୍ରାକ୍ଟର ଓ ବାଇକି ମୁହାଁମୁହିଁ ଧକ୍କା, ଦୁଇ ଜଣ ଗୁରୁତର, ଟ୍ରାକ୍ଟର ଚାଳକ ଫେରାର। ଖବର ମୁତାବକ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଭସାଣି ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୭ଘଟିକା ସମୟରେ ଅସ୍ତରଙ୍ଗରୁ ନଗର ଅଭିମୁଖେ ଯାଉଥିବା ଏକ ବାଇକି ରେ ଦୁଇ ଯୁବକ ଙ୍କୁ ଅପରପାର୍ଶ୍ୱରୁ ଆସୁଥିବା ଟ୍ରାକ୍ଟର ଐଶାନେଶ୍ୱର ସ୍କୁଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ସମୟରେ ଏପରି ଧକ୍କା ହୋଇଥିଲା ଘଟଣା ସ୍ଥଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଗୁରୁତର ଯୁବକ ଜଣକ ନଗର ଗ୍ରାମର ରଂଜିତ ବେହେରା (୨୧)ହୋଇଥିବା ବେଳେ ଗୋଡ଼ ଓ ମୁହଁରେ ଶକ୍ତ ଆଘାତ ଲାଗିଥିବା ବେଳେ ଗୁରୁତର ରଂଜିତ କୁ ଅନ୍ୟତ୍ର ସ୍ଥାନାଂତର କରାଯାଇଛି। କିନ୍ତୁ ଟ୍ରାକ୍ଟର ଚାଳକ ଜଣକ ଅସ୍ତରଙ୍ଗ ଅଞ୍ଚଳ କୁ ଏକ ଠିକାସଂସ୍ଥା କାମ କରିବାକୁ ଆସିଥିବା ସୂଚନା। ଘଟଣା ସ୍ଥଳରୁ ଟ୍ରାକ୍ଟର ଚାଳକ ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।

# ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଆଳି, (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଓ ରାଜକନିକା ବ୍ଲକ ର ଅନେକ ଅଞ୍ଚଳରେ ବନ୍ୟାଜଳ ସ୍ୱଳ୍ପ କିଛି ସ୍ଥାନରେ କମିଥିଲେ ମଧ୍ୟ ଅନେକ ଅଞ୍ଚଳ ଜଳମଗ୍ନ ହୋଇରହିଛି । ଦୀର୍ଘ ଦିନ ଧରି ଲଗାଣ ବର୍ଷା ରେ ଅସ୍ତବ୍ୟସ୍ତ ହେଉଛନ୍ତି ଲୋକେ । ବ୍ରାହ୍ମଣୀ, ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀ ରେ ଜଳସ୍ତର ବଢିବା ପରେ ଆଳି ଓ ରାଜକନିକା ବ୍ଲକରେ ତୃତୀୟ ଥର ବନ୍ୟା ଆସିଥିବା ବେଳେ, ଶୁକ୍ରବାର କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟାର, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ନାୟକ ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିଲେ । ଆଳି ବ୍ଲକର ପାଦନୀପାଳ ଓ ଦଶିପୁର ସହିତ ରାଜକନିକା ବ୍ଲକ ର ଭାରିଗଦା, ବରୁଣାଡିହା, ବରୁଣା, ପାରିନୂଆପଡା-ହାବଳଗଣ୍ଡ ଓ ପଧାନପଡା ପଞ୍ଚାୟତ ପରିଦର୍ଶନ କରି ଫେରିଥିବା ଯାଇଥିବା ସୂଚନା ମିଳିଛି । ପ୍ରଥମେ ଶ୍ରୀ ଆୟାର ରାଜକନିକା ବ୍ଲକକୁ ଯାଇ ଅଧିକାରୀ ମାନଙ୍କ ସହ ବନ୍ୟା ସ୍ଥିତି ସମୀକ୍ଷା କରିବା ପରେ ବନ୍ୟାଞ୍ଚଳ ପରିଦର୍ଶନ ରେ ଯାଇଥିଲେ । ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପିଇବା ପାଣି ଓ ଡଙ୍ଗାର ବ୍ୟବସ୍ଥା କରାଯାଇଥିବା ନେଇ ଶ୍ରୀ ଆୟାର ସୂଚନା ଦେଇଥିଲେ । ବନ୍ୟା ପରେ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ନିୟମ ଅନୁଯାୟୀ ଚାଷୀମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ମଧ୍ୟ କହିଥିଲେ । ଜିଲ୍ଲାପାଳଙ୍କ ସହ ବିଡ଼ିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀ ଓ ତଟବନ୍ଧ ବିଭାଗ ଜେଇ ଧୀରେନ୍ ସାହୁଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦାବି

ବୋଲଗଡ(ଭାସ୍କର ନ୍ୟୁଜ): ବହୁ ପ୍ରତିକ୍ଷୀତ ରାଜସୁନାଖଳାକୁ ଏନଏସି ମାନ୍ୟତା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ସହ ରାଜସୁନାଖଳା ଓ ନରେନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳର ବରିଷ୍ଠ , ଯୁବ, ଛାତ୍ର ଓ ମହିଳାଙ୍କୁ ନେଇ ଦାବି ହାସଲ ନିମନ୍ତେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ରାଜ୍ ଯୁବ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଲକ୍ଷ୍ମୀ ଟାୱାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ ରଣପୁର ବ୍ଲକ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା ନେଇ ୨୦୧୪ ମସିହାରେ ରାଜ୍ୟ ବିଧାନସଭାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରସ୍ତାବ ଅଛି ବୋଲି କହିଥିଲେ। କିନ୍ତୁ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ୧୨ଟି ଅଞ୍ଚଳର ନାମ ନଗର ଉନ୍ନୟନ ବିଭାଗ ତରଫରୁ ଏନ୍‌ଏସି ଘୋଷଣା ହୋଇଥିବା ବେଳେ ରାଜସୁନାଖଳାକୁ ବାଦ ଦିଆଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନଏସି ମାନ୍ୟତା ଘୋଷଣା ନ କଲେ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ରାଜ ସୁନାଖଳାକୁ ଏନ୍‌ଏସି ମାନ୍ୟତାପାଇଁ ଭୌଗୋଳିକ , ଜନସଂଖ୍ୟା, ଗମନା ଗମନ ଓ ବିଭିନ୍ନ ପାରିପାର୍ଶ୍ୱିକ ଦୃଷ୍ଟିକୋଣକୁ ଲକ୍ଷ୍ୟ କରି ନିଷ୍ପତ୍ତି ନିଆଯାଇଥାଏ ।ଯେଉଁଥିପାଇଁ କି ରାଜସୁନାଖଳା ଅଞ୍ଚଳ ଯୋଗ୍ୟ ଅଟେ। ଅନୁରୂପ ଭାବେ ଏହି ଅଞ୍ଚଳ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ମଧ୍ୟଭାଗ ସହ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ, ରାଷ୍ଟ୍ରାୟତ ବ୍ୟାଙ୍କ, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ, ଫାଣ୍ଡି ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମାନ ରହିଛି । ତେଣୁ ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ରାଜସୁନାଖଳା ଏନ୍‌ଏସି ହେବା ପାଇଁ ଉପଯୁକ୍ତ ଅଞ୍ଚଳ। ତେଣୁ କେଉଁ ପରିସ୍ଥିତିରେ ରାଜସୁନାଖଳା ଏନ୍‌ଏସି ହେବାରୁ ବଞ୍ଚିତ ହେଲା ତାହା ଜାଣିବା ପାଇଁ ଉକ୍ତ ବୈଠକରେ ଉପସ୍ଥିତଥିବା ରାଜସୁନାଖଳା ଓ ନରେନ୍ଦ୍ରପୁର ବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ରାଜସୁନାଖଳାକୁ ଏନ୍‌ଏସି ଘୋଷଣା ଦାବିରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ ଯୁବ ପ୍ରିତିଷ୍ଠାନର ସାଧାରଣ ସମ୍ପାଦକ ତଥା ଯୁବ ଆଇନଜୀବୀ ରାଜିବ ଲୋଚନ ପ୍ରଧାନଙ୍କ ସଭାପତିତ୍ୱ ଓ ରାଜସୁନାଖଳାର ଅଂଚଳର ରାଜ୍ ଯୁବ ପ୍ରତିଷ୍ଠାନ ସଭାପତି ବଲ୍ଲଭ ପ୍ରଧାନଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୁବନେତା ସୁରେଶ କୁମାର ସ୍ୱାଇଁ, ରାଜସୁନାଖଳା ଦୁର୍ଗା ବଜାର ବଣିକ ସଂଘର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଉପେନ୍ଦ୍ର ପଟ୍ଟନାୟକ, ନିରଞ୍ଜନ ସେଠୀ, ରାକେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହିବା ସହ ରାଜ୍ ଯୁବ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଓ ଜରୁରି ବୈଠକରେ ବିଭିନ୍ନ ସଂଗଠନ ଯଥା ବେଢାକାଳୀକା ଯୁବକ ସଂଘ ,ମହାବୀର ବରିଷ୍ଠ ନାଗରିକ ସଂଘ, ଦୁର୍ଗାବଜାର ବଣିକ ସଂଘ, ଭକ୍ତଚରଣ ପୁସ୍ତକମେଳା କମିଟି, ଉତ୍କଳୀୟମ ଫାଉଣ୍ଡେସନ, ଆଞ୍ଚଳିକ ସାମ୍ବାଦିକ ସଂଘ,ବଧୂପଟଣା ଗ୍ରାମ୍ୟ କମିଟି ନିଜର ସମର୍ଥନ ଜଣାଛନ୍ତି। ଆଗାମୀ ଦିନରେ ରାଜସୁନାଖଳାକୁ ଏନ୍‌ଏସି ଘୋଷଣ ଦାବି ରେ ଏକ ବଡ଼ଧରଣର ଜନଆନ୍ଦୋଳନ କରାଯିବ ବୋଲି ରାଜ୍ ଯୁବ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ରାଜୀବ ଲୋଚନ ପ୍ରଧାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି କାର୍ତ୍ତିକ ବେହେରା, ସ୍ୱପ୍ନେଶ୍ୱର ବରାଡ଼, ଶୁଭକାନ୍ତ ବେହେରା, ଭାଗବତ ବେହେରା, ଦିଲ୍ଲୀପ କୁମାର ସାହୁ, ଶୁଭେନ୍ଦୁ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 13.08.2025, I Pravati Mahalik, Address: At-Kalyaninagar, Po- Baro, Ps- Tihidi, Dist- Bhadrak, Odisha, PIN-756130, declare that I have changed my daughter's name from Sigdharani Mahalik to Smruti Sangita Mahalik. Henceforth, She shall be known as Smruti Sangita Mahalik for all purposes.

**Sd/- Pravati Mahalik**

**AFFIDAVIT**

By virtue of an affidavit sworn before the Executive Magistrate, Nimapara, dated: 10.06.2025, I Chitrasen Behera, Address: village-Areisahi, Po-Garhchandapur, Ps-Balanga, Dist- Puri, Odisha, PIN-752105, declare that I have changed my daughter's name from Intinjal Taneha Behera to Tinjala Tanaya Behera. Henceforth, She shall be known as Tinjala Tanaya Behera for all purposes.

**Sd/- Chitrasen Behera**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated: 18.03.2025, I Akash Kumar Purty, Address: At- Jamupasi, Po- Nadiabhanga, Ps-Kalinga Nagar Duguri, Dist- Jajpur, Odisha, PIN-755026, declare that I have changed my name from Akash Purty to Akash Kumar Purty. Henceforth, I shall be known as Akash Kumar Purty for all purposes.

**Sd/- Akash Kumar Purty**

SREI

ସ୍ରେଇ ଇନଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ ଲିମିଟେଡ୍
CIN: U29219WB1985PLC055352
ସ୍ରେଇ ଇକ୍ୱିପମେଣ୍ଟ ଫାଇନାନ୍ସ ଲିମିଟେଡ୍
CIN: U70101WB2006PLC109898
**ପଞ୍ଜିକୃତ କାର୍ଯ୍ୟାଳୟ: "ବିଶ୍ୱକର୍ମା", 86C ଟପ୍ସିଆ ରୋଡ୍ (ଦକ୍ଷିଣ), କୋଲକାତା - 700046**
**Website:** www.srei.com

**ସାର୍ବଜନୀନ ସୂଚନା**

1 ଡିସେମ୍ବର 2025 ଠାରୁ, ସ୍ରେଇର ସମ୍ବଲପୁର ଶାଖା: 1ମ ମହଲା, ହୋଟା କମ୍ପ୍ଲେକ୍ସ, ଅଇଁଠାପାଲି ଚୌକ, ସମ୍ବଲପୁର, ଓଡ଼ିଶା - 768004, ସ୍ରେଇ ଭୁବନେଶ୍ୱର କାର୍ଯ୍ୟାଳୟ: 1ମ ମହଲା, ପ୍ଲଟ୍ ନମ୍ବର 11, ସତ୍ୟ ନଗର, ଭୁବନେଶ୍ୱର - 751007 ସହିତ ମିଶ୍ରଣ କରାଯିବ
ଯୋଗାଯୋଗ ବ୍ୟକ୍ତି: ଶ୍ରୀ ରଂଜନ କୁମାର ବାଲ @ 7381093885

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail:-eemidivision_khariar@rediffmail.com
**e-PROCUREMENT NOTICE**

**A-546**

**Bid Identification Notice No.: -02/SE MIDKHR/2025-26**

**Letter No:1332** **Dt.: -25/08/2025**

The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvements to different MIPs under M I Division, Khariar |
| 2. | Total No. of works | : | 11 (Eleven) Nos. Only |
| 3. | Estimated cost | : | Varies from 06.67 Lakhs to 23.09 Lakhs Approximately |
| 4 | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10:00 AM on 01.09.2025 and up to 5:30 PM on 08.09.2025** Document in portal |
| 7. | Last date / time for receipt of Bid | : | **Up to 5:30 PM on 08.09.2025** Document in portal |
| 8. | Date / Time of opening of Bid | : | **From 11:00 AM on 09.09.2025** At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | : | Superintending Engineer, M.I. Division, Khariar, Nuapada Officer inviting the Bid. |
| 10. | Mode of Payment of Bid cost and Bid security. | : | Online |
| 11 | Date of Lottery (If Required) | : | **On 19.09.2025 at 11.00 AM** |

**OIPR 32090/11/0014/2526**

**Sd/-Superintending Engineer**
**M.I. Division, Khariar**

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



**गुमशुदा लड़की गीता रानी महतो, उम्र–21 वर्ष**

सर्व साधारण को सूचित किया जाता है कि आवेदक बिपिन बिहारी महतो के द्वारा अपनी पुत्री **गीता रानी महतो, उम्र–21 वर्ष की गुमशुदगी** के संबंध में संबंधित थाना गालुडीह में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा गीता रानी महतो, उम्र–21 वर्ष, पिता–बिपिन बिहारी महतो, पता– ग्राम–बागालगोड़ा, पो0–केशरपुर, थाना–गालुडीह, जिला–पूर्वी सिंहभूम, जमशेदपुर** जो दिनांक–04.08.2025 को शाम करीब 04:00 बजे अपने घर से बिना बताये कहीं चली गई है लेकिन अभी तक वापस नहीं लौटी है।

आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा लड़की की हुलिया निम्न प्रकार है :–उम्र–21 वर्ष, कद–05 फीट 02 इंच, रंग–गोरा, बाल–काला, पहनावा–सलवार सुट, भाषा– हिन्दी एवं बंगला।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228**
**अनु0पु0पदा0, घाटशिला : 9431706485**
**थाना प्रभारी, गालुडीह : 9430774620**


**वरीय पुलिस अधीक्षक, पूर्वी सिंहभूम, जमशेदपुर**

**PR 360740 (Police)25-26*D**

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



**गुमशुदा समीर कुमार महतो, उम्र–19 वर्ष।**

सर्व साधारण को सूचित किया जाता है कि आवेदिका राजन्दनी महतो के द्वारा अपने पुत्र **समीर कुमार महतो, उम्र–19 वर्ष की गुमशुदगी** के संबंध में संबंधित थाना गालुडीह में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा समीर कुमार महतो, उम्र–19 वर्ष, पिता–स्व0 अबनी महतो, पता–ग्राम–चन्द्ररेखा टोला, काशिडी, थाना–गालुडीह, जिला–पूर्वी सिंहभूम, जमशेदपुर** जो दिनांक–10.08.2025 को समय 06:00 बजे घर से बिना बताये कहीं चला गया है लेकिन अभी तक वापस नहीं आया है। आवेदिका एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा लड़का का हुलिया निम्न प्रकार है :–उम्र–19 वर्ष, कद–05 फीट 07 इंच, रंग–सांवला, पहनावा–काला जीन्स, सफेद सर्ट एवं टी सर्ट, काला सैन्डल (चप्पल), भाषा–हिन्दी, बंगला।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228**
**अनु0पु0पदा0, घाटशिला : 9431706485**
**थाना प्रभारी, गालुडीह : 9430774620**

**वरीय पुलिस अधीक्षक, पूर्वी सिंहभूम, जमशेदपुर**

**PR 360743 Police(25-26).D**

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



ନୂଆଦିଲ୍ଲୀ: ବିବାଦୀୟ ବୟାନ ଦେଇ ପୁଣି ଚର୍ଚ୍ଚାରେ ତୃଣମୂଳ ସାଂସଦ ମହୁଆ ମୋଇତ୍ରା। ଗୃହମନ୍ତ୍ରୀଙ୍କୁ ନେଇ ଦେଲେ ଆପତ୍ତିଜନକ ବୟାନ। ମହୁଆ ମୋଇତ୍ରା ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା ସମୟରେ ଏହି ବୟାନ ଦେଇଥିଲେ। ଯେତେବେଳେ ସାମ୍ବାଦିକମାନେ ତାଙ୍କୁ ପଶ୍ଚିମବଙ୍ଗରେ ଅବୈଧ ଅନୁପ୍ରବେଶ ଉପରେ ଏକ ପ୍ରଶ୍ନ ପଚାରିଲେ, ମହୁଆ ମୋଇତ୍ରା ଉତ୍ତର ଦେବା ସମୟରେ ଏହି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ପଶ୍ଚିମବଙ୍ଗରେ ଅବୈଧ ଅନୁପ୍ରବେଶକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହୁଆ କହିଛନ୍ତି, ଯଦି ଭାରତ ସୀମାରେ କେହି ରକ୍ଷା କରିବାକୁ ନାହାନ୍ତି, ଯଦି ଅନ୍ୟ ଦେଶର ହଜାର ହଜାର ଲୋକ ପ୍ରତିଦିନ ଅନୁପ୍ରବେଶ କରୁଛନ୍ତି, ଆମ ମା' ଓ ଭଉଣୀଙ୍କ ଉପରେ ଖରାପ ଦୃଷ୍ଟି ପକାଉଛନ୍ତି, ଆମ ଜମି ଛଡ଼ାଇ ନେଉଛନ୍ତି। ତା'ହେଲେ ପ୍ରଥମେ ଗୃହମନ୍ତ୍ରୀଙ୍କ ମୁଣ୍ଡ କାଟି ଟେବୁଲ ଉପରେ ରଖିଦେବା ଉଚିତ୍। ମହୁଆଙ୍କ ଏଭଳି ବିବାଦୀୟ ବୟାନ ପରେ ଏବେ ରାଜନୀତି ଜୋର୍ ଧରିଛି। ତାଙ୍କ ନାମରେ କୋତୱାଲି ଥାନାରେ ଅଭିଯୋଗ ହୋଇଛି।

## ଦଳିତଙ୍କ ସେବା କରିବା ହେଉଛି ପ୍ରକୃତ ପୂଜା : କୃଷି ମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଆଜି କର୍ଣ୍ଣାଟକ ମେସୁରୁସ୍ଥିତ ଶ୍ରୀ ସୁତ୍ତୁର ମଠରେ ଯୋଗ ଦେଇ ଜଗଦଗୁରୁ ଡ. ଶ୍ରୀ ଶିବରାତ୍ରୀ ରାଜେନ୍ଦ୍ର ମହାସ୍ୱାମୀଜୀଙ୍କ ୧୧୦ତମ ଜୟନ୍ତୀକୁ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସନ୍ଥ ଏବଂ ଭକ୍ତମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶିବରାଜ ସିଂହ ଚୌହାନ କହିଥିଲେ ଯେ ଦଳିତଙ୍କ ସେବା କରିବା ହେଉଛି ପ୍ରକୃତ ପୂଜା। 'ରାଜନୀତି ବିଭାଜନ କରେ, କିନ୍ତୁ ଧର୍ମ ଏକତ୍ର କରେ, ଏବଂ ଆଜି ଧର୍ମ ଆମ ସମସ୍ତଙ୍କୁ ମାନବତାର ସେବା ପାଇଁ ଏକତ୍ର କରିଛି', ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ମଠ ବହୁ ବର୍ଷ ଧରି ସମାଜ କଲ୍ୟାଣ ଏବଂ ମାନବତାର ସେବାରେ ଏକ ଅତୁଳନୀୟ ଭୂମିକା ଗ୍ରହଣ କରିଆସୁଛି। ଶ୍ରୀ ଚୌହାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ କୃଷି ମନ୍ତ୍ରୀ ହେବାର ସମ୍ମାନ ଦେଇଛନ୍ତି, ଏବଂ ମନ୍ତ୍ରୀ ଭାବରେ ସେ ବିଶ୍ୱାସ କରନ୍ତି ଯେ କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା। ମନ୍ତ୍ରୀ କହିଛନ୍ତି ଯେ ବିଦେଶ ତୁଳନାରେ ଭାରତରେ କୃଷି ଜମିର ପରିମାଣ ଛୋଟ। ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ଏବଂ ବ୍ରାଜିଲ ଭଳି ଦେଶର କୃଷକମାନଙ୍କ ପାଖରେ ବହୁ ଜମି ଅଛି, ଆମ ଦେଶର କୃଷକମାନଙ୍କ ପାଖରେ କେବଳ ଏକ କିମ୍ବା ଦୁଇ ହେକ୍ଟର, ଏକ କିମ୍ବା ଦୁଇ ଏକର କିମ୍ବା ଅଢ଼େଇ ଏକର କୃଷି ଜମି ଅଛି। ତେଣୁ, କୃଷିକୁ ଲାଭଦାୟକ କରିବା ପାଇଁ ଆମକୁ ନୂତନ ପ୍ରୟାସ ସହିତ ପଦକ୍ଷେପ ନେବାକୁ ପଡ଼ିବ। କେନ୍ଦ୍ର କୃଷି ମନ୍ତ୍ରୀ ମଧ୍ୟ ଶୁଳ୍କ ଉପରେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଶ୍ରୀ ଚୌହାନ କହିଛନ୍ତି ଯେ, ଆଜି ସମସ୍ତେ ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଭୁଲି ଜାତିର ବୃହତ୍ତର ସ୍ୱାର୍ଥ ପାଇଁ ଏକଜୁଟ ହେବା ଉଚିତ। ସେ କହିଛନ୍ତି ଯେ କିଛି ଦେଶ ଏକଛତ୍ରବାଦୀ ପରି ଆଚରଣ କରୁଛନ୍ତି, ଯାହା ବିଶ୍ୱର ଅନ୍ୟ ଦେଶ ପାଇଁ ଏକ ସଙ୍କଟ ପାଲଟିଯାଇଛି। ବିଶ୍ୱକୁ ରକ୍ଷା କରିବା ପାଇଁ ଆମକୁ ଏକଜୁଟ ହେବାକୁ ପଡ଼ିବ। ସେ କହିଛନ୍ତି ଯେ ପୁଞ୍ଜିବାଦର ଶିକାର ହେଉଥିବା ବିଶ୍ୱ ମାନବତାକୁ କେବଳ ଭାରତ ଦ୍ୱାରା ଚିରସ୍ଥାୟୀ ଶାନ୍ତି ପଥରେ ମାର୍ଗଦର୍ଶନ କରାଯିବ। ଶ୍ରୀ ଚୌହାନ ଆହୁରି କହିଛନ୍ତି ଯେ ଶୁଳ୍କ ଲାଗୁ ହେଉଥିବାରୁ ଭାରତ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କିନ୍ତୁ ଭାରତର ଦୃଢ଼ ଆଭିମୁଖ୍ୟ ବିଶ୍ୱ ସମ୍ମୁଖରେ ସ୍ପଷ୍ଟ। ଏପରି ପରିବେଶରେ ଦେଶରେ ଦେଶପ୍ରେମର ଭାବନା ପୁନର୍ବାର ଜାଗ୍ରତ ହେବା ଉଚିତ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ, ପ୍ରତ୍ୟେକ ନାଗରିକଙ୍କୁ ଏହି ପ୍ରତିଜ୍ଞା ନେବା ଉଚିତ ଯେ ସେମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ କେବଳ ଆମ ଦେଶରେ ନିର୍ମିତ ଉତ୍ପାଦ (ସ୍ୱଦେଶୀ) ବ୍ୟବହାର କରିବେ। ଏହା ଅତ୍ୟନ୍ତ ଆବଶ୍ୟକ, କାରଣ ସ୍ୱଦେଶୀ ଉତ୍ପାଦ ଗ୍ରହଣ କରିବା ଦ୍ୱାରା ଆମ ଦେଶର ଅର୍ଥନୀତି ମଜବୁତ ହେବ। କେନ୍ଦ୍ର ମନ୍ତ୍ରୀ ବିଶ୍ୱାସ ପ୍ରକାଶ କରିଥିଲେ ଯେ ନାଗରିକମାନେ ସ୍ୱଦେଶୀ ଗ୍ରହଣ ଦିଗରେ ଏକ ନୂତନ ଇତିହାସ ସୃଷ୍ଟି କରିବେ।

## ବ୍ରହ୍ମପୁତ୍ର ୱିଙ୍ଗର ଉଦ୍‌ଘାଟନ, ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଆସାମର ଗୌହାଟୀ ରାଜଭବନରେ ବ୍ରହ୍ମପୁତ୍ର ୱିଙ୍ଗର ଉଦଘାଟନ କରିଛନ୍ତି ଏବଂ ଉର୍ଦ୍ଧୱାଲ ମୋଡରେ ୩୨୨ କୋଟି ଟଙ୍କା ମୂଲ୍ୟର ଆଠଟି ପ୍ରକଳ୍ପର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱ ଶର୍ମା ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ବିଭିନ୍ନ ଉଗ୍ରବାଦୀ-ପନ୍ଥା ଏବଂ ହିଂସାତ୍ମକ ସଂଘର୍ଷ ସତ୍ତ୍ୱେ ଉତ୍ତର-ପୂର୍ବ ଏବେ ଶାନ୍ତି, ବିକାଶ ଏବଂ ବ୍ୟାପକ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛି। ସେ କହିଥିଲେ ଯେ ମହାରାଜା ପୃଥୁଙ୍କ ଠାରୁ ଆରମ୍ଭ କରି ଲଚିତ ବୋରଫୁକାନ ଏବଂ ଶ୍ରୀ ରାୟଙ୍କ ଠାରୁ ଆରମ୍ଭ କରି ଭାରତ ମାତା ପାଇଁ ସଶସ୍ତ୍ର ବାହିନୀରେ ଯୋଗ ଦେଇଥିବା ଆସାମର ଯୁବକମାନଙ୍କ ବଳିଦାନ ପର୍ଯ୍ୟନ୍ତ, ଉତ୍ତର-ପୂର୍ବ ସର୍ବଦା ଭାରତର ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇ ରହିଛି। ଶ୍ରୀ ଶାହ ଆହୁରି କହିଥିଲେ ଯେ ଉତ୍ତର-ପୂର୍ବରେ ବିଶ୍ୱର ସବୁଠାରୁ



ପୁରୁଣା ଏବଂ ବିବିଧ ସଂସ୍କୃତି ରହିଛି। ଏହି ଅଞ୍ଚଳର କଳା, ଭାଷା, ରନ୍ଧନ ପ୍ରଣାଳୀ, ପୋଷାକ, ସଙ୍ଗୀତ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସମଗ୍ର ଉତ୍ତର-ପୂର୍ବକୁ ବିଶ୍ୱ ମଞ୍ଚରେ ଅନନ୍ୟ ଭାବରେ ଉଲ୍ଲେଖନୀୟ କରେ। କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳର ଅଭୂତପୂର୍ବ ବିକାଶ ଘଟିଛି। ଆଜିର କାର୍ଯ୍ୟକ୍ରମ ଅଧୀନରେ ୩୨୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଆଠଟି ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି। ଲଚିତ ବୋରଫୁକାନ ପୋଲିସ ଏକାଡେମୀରେ ସ୍ଥାପିତ ଏନସିଏଫଏଲ ମାଧ୍ୟମରେ ଉତ୍ତର-ପୂର୍ବର ସମସ୍ତ ଆଠଟି ରାଜ୍ୟର ପୋଲିସ କର୍ମଚାରୀ ଦେଶର ସୀମାକୁ ସୁରକ୍ଷା ଦେବା, ନିଶାଦ୍ରବ୍ୟ ଏବଂ ବେଆଇନ ଚୋରାଚାଲାଣ ବିରୋଧରେ ଲଢ଼େଇରେ ସାହାଯ୍ୟ କରିବା ଏବଂ ନାଗରିକଙ୍କ ରୋଜଗାର ସୁରକ୍ଷିତ କରିବା ପାଇଁ ଦିନକୁ ୨୪ ଘଣ୍ଟା କାର୍ଯ୍ୟ କରିବେ। ଶ୍ରୀ ଅମିତ ଶାହ କହିଥିଲେ ଯେ ଦୁଇ ଦିନ ପୂର୍ବରୁ ଯାହା ଘଟିଲା ତାହା ସମସ୍ତ ସୀମା ଅତିକ୍ରମ କରିଛି। ସେ କହିଥିଲେ ଯେ ମୋଦିଜୀଙ୍କ ମାଆ ଏକ ଗରିବ ପରିବାରରେ ରହି ନିଜର ସମସ୍ତ ପିଲାମାନଙ୍କୁ ଏପରି ସ୍ତରରେ ପହଞ୍ଚାଇଛନ୍ତି ଯେ, ତାଙ୍କ ପୁଅ ବିଶ୍ୱ ନେତା ହୋଇପାରିଛି। ଶ୍ରୀ ଶାହ କହିଥିଲେ ଯେ ଏଭଳି ବ୍ୟକ୍ତିଙ୍କ ବିରୋଧରେ ଅପମାନଜନକ ଶବ୍ଦକୁ ଭାରତର ଲୋକମାନେ କଦାପି ସହ୍ୟ କରିପାରିବେ ନାହିଁ ଏବଂ ରାଜନୀତି ତଥା ସାର୍ବଜନୀନ ଜୀବନରେ ଆଉ ଅବନତି ହୋଇପାରିବ ନାହିଁ। ଶ୍ରୀ ଶାହ ମୁଖ୍ୟ ବିରୋଧୀ ଦଳର ନେତାଙ୍କୁ କହିଥିଲେ ଯେ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ, ତାଙ୍କ ସ୍ୱର୍ଗତ ମାଆ ଏବଂ ଦେଶର ଜନସାଧାରଣଙ୍କୁ କ୍ଷମା ମାଗିବା ଉଚିତ।

## ଝୋଟ ବସ୍ତା ଉପରେ ୪୦% ଶୁଳ୍କ ବୃଦ୍ଧି

ନୂଆଦିଲ୍ଲୀ: କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି କହିଛନ୍ତି ଯେ କେନ୍ଦ୍ର ସରକାର ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କକୁ ପ୍ରାୟ ୪୦% ବୃଦ୍ଧି କରିଛନ୍ତି, ଯାହା ଦେଶର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କୁ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିବ। ସେ କହିଛନ୍ତି ଯେ ଖାଦ୍ୟଶସ୍ୟ କ୍ରୟ ଏବଂ ବଣ୍ଟନରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ସହିତ କ୍ରୟ କାର୍ଯ୍ୟକୁ ସୁଗମ କରିବା, ସ୍ଥାୟୀ ପ୍ୟାକେଜିଂ ଅଭ୍ୟାସକୁ ସମର୍ଥନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ଅନୁରୋଧ ପାଇଥିଲେ ଯାହା ପରେ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଏକ କମିଟି ଗଠନ କରିଥିଲା। ପ୍ୟାକେଜିଂ ଶୁଳ୍କର ଏକ ବ୍ୟାପକ ସମୀକ୍ଷା କରିବା ପାଇଁ ଗଠିତ ଏହି କମିଟିରେ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ର ସଦସ୍ୟମାନେ ସାମିଲ ଥିଲେ। ଆନ୍ଧ୍ର ପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଏବଂ ହରିୟାଣା ରାଜ୍ୟ ସରକାରମାନେ କମିଟିକୁ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ। କମିଟିର ସୁପାରିଶ ଆଧାରରେ, ଭାରତ ସରକାର ବ୍ୟବହୃତ ବ୍ୟାଗ ପାଇଁ ବ୍ୟବହାର ଶୁଳ୍କ ବ୍ୟାଗ ପ୍ରତି ୭ ଟଙ୍କା ୩୨ ପଇସାରୁ ୧୦ ଟଙ୍କା ୨୨ ପଇସା କିମ୍ବା ରାଜ୍ୟ ସରକାର/କେନ୍ଦ୍ରଶାସିତ ପ୍ରଦେଶ ଦ୍ୱାରା ବହନ କରାଯାଇଥିବା ପ୍ରକୃତ ଖର୍ଚ୍ଚ, ଯାହା କମ୍ ତାହା ସଂଶୋଧନ କରିଛନ୍ତି। ୨୦୧୭-୧୮ ଖରିଫ ମାର୍କେଟିଂ ଋତୁରୁ ୨୦୨୪-୨୫ ଖରିଫ ମାର୍କେଟିଂ ଋତୁରୁ ପର୍ଯ୍ୟନ୍ତ ନୂତନ ବ୍ୟାଗର ମୂଲ୍ୟ ବୃଦ୍ଧି ଅନୁପାତରେ ପୁରୁଣା ବ୍ୟାଗ ପାଇଁ ବ୍ୟବହାର ଶୁଳ୍କ ବୃଦ୍ଧି କରାଯାଇଛି। ସଂଶୋଧିତ ହାର କେଏମଏସ ୨୦୨୫-୨୬ ଖରିଫ ମାର୍କେଟିଂ ଋତୁରୁ ଲାଗୁ ହେବ। ୨୦୧୮-୧୯ ରୁ ୨୦୨୪-୨୫ ଖରିଫ ମାର୍କେଟିଂ ଋତୁ ଓ ୨୦୨୫-୨୬ ରବି ମାର୍କେଟିଂ ଋତୁ ପର୍ଯ୍ୟନ୍ତ ବସ୍ତା ପିଛା ବ୍ୟବହାର ଦେୟ ୭ ଟଙ୍କା ୩୨ ପଇସା ଥିବାବେଳେ ୨୦୨୫-୨୬ ଖରିଫ ମାର୍କେଟିଂ ଋତୁରୁ ତାହା ୩୯.୭୦ ପ୍ରତିଶତ ବୃଦ୍ଧି କରି ୧୦ ଟଙ୍କା ୨୨ ପଇସା କରାଯାଇଛି ।

## ଡିସେମ୍ବରରେ ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ। କ୍ରେମଲିନର ବରିଷ୍ଠ ଅଧିକାରୀ ୟୁରି ଉଶାକୋଭ ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପୁଟିନ ସୋମବାର ଚୀନରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ସାକ୍ଷାତ କରିବେ, ଯେଉଁଠାରେ ତାଙ୍କ ଡିସେମ୍ବର ଗସ୍ତର ପ୍ରସ୍ତୁତି ବିଷୟରେ ଆଲୋଚନା କରାଯିବ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପୂର୍ବରୁ ସୂଚୀତ କରିଥିଲେ ଯେ ପୁଟିନ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବେ। ତଥାପି, ସେତେବେଳେ ତାରିଖ ସ୍ଥିର ହୋଇ ନଥିଲା। ଡୋଭାଲ କହିଥିଲେ ଯେ ଭାରତ-ରୁଷ ମଧ୍ୟରେ ଏକ ବିଶେଷ ଏବଂ ଦୀର୍ଘସ୍ଥାୟୀ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ମୂଲ୍ୟ ଦିଅନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପୂର୍ବରୁ ସୂଚୀତ କରିଥିଲେ ଯେ ପୁଟିନ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବେ। ତଥାପି, ସେତେବେଳେ ତାରିଖ ସ୍ଥିର ହୋଇ ନଥିଲା। ଡୋଭାଲ କହିଥିଲେ ଯେ ଭାରତ-ରୁଷ ମଧ୍ୟରେ ଏକ ବିଶେଷ ଏବଂ ଦୀର୍ଘସ୍ଥାୟୀ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ମୂଲ୍ୟ ଦିଅନ୍ତି। ଏହି ଘୋଷଣା ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷରୁ ଭାରତର ତୈଳ ଆମଦାନୀ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି। ଆମେରିକାର ଏହି ପଦକ୍ଷେପ ଭାରତକୁ ରୁଷ ଓ ଚୀନ ଆଡ଼କୁ ଢଳିବାକୁ ବାଧ କରିଛି ।

## ମଡର୍ଣ୍ଣ ଟେକ୍ନୋ କର୍ପୋରେସନ ଏବଂ ୟୁନେକୋରେଲ ପୁଞ୍ଜି ନିବେଶ ପାଇଁ ବିଷ୍ଣୁଦେବଙ୍କ ଆହ୍ୱାନ



ରାୟପୁର: ଦକ୍ଷିଣକୋରିଆ ଗସ୍ତରେ ଥିବା ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ମଡର୍ଣ୍ଣ ଟେକ୍ନୋ କର୍ପୋରେସନ ଏବଂ ୟୁନେକୋରେଲ ପ୍ରମୁଖଙ୍କ ସହ ଆଲୋଚନା କରି ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଏହି ଦୁଇଟି ସଂସ୍ଥା ଗ୍ରୀନ୍ ମୋବିଲିଟି ସଲ୍ୟୁସନ ଏବଂ ରେଳ ବିଭାଗର ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ନିର୍ବାହ କରିଥାନ୍ତି। ଶ୍ରୀ ସାଏ ସେମାନଙ୍କ ସହ ଆଲୋଚନା ବେଳେ କହିଥିଲେ ଯେ ଛତିଶଗଡରେ ପରିବହନର ସୁବିଧା ଥିବା ହେତୁ ଏହି ଦୁଇଟି ଶିଳ୍ପ ସଂସ୍ଥା ସେଠାରେ ଶିଳ୍ପ ସଂସ୍ଥା କରିବା ଜରୁରୀ। ସେ ଆଶା ପ୍ରକାଶ କରିଥିଲେ ଯେ, ଏହି ଦୁଇଟି ସଂସ୍ଥା ଛତିଶଗଡରେ ପୁଞ୍ଜି ନିବେଶ କଲେ ଛତିଶଗଡ ସରକାର ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ। ମଡର୍ଣ୍ଣ ଟେକ୍ନୋ କର୍ପୋରେସନ ଗ୍ରୀନ୍ ମୋବିଲିଟି ସଲ୍ୟୁସନ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଅଟେ। ଅତ୍ୟାଧୁନିକ ଇଲେକ୍ଟ୍ରି ଭେଇକିଲ୍ ଚ୍ୟାର୍ଜିଂ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହା ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛତିଶଗଡ ସରକାର ୨୦୨୪-୨୦୩୦ ପର୍ଯ୍ୟନ୍ତ ଯେଉଁ ଶିଳ୍ପନୀତି ଆପଣେଇଛନ୍ତି, ତାହା ନିବେଶକାରୀଙ୍କୁ ବେଶ ସହାୟକ ହେବ। ଏହାଫଳରେ ଛତିଶଗଡରେ ସ୍ୱଚ୍ଛ ଉର୍ଜା ମିଳିପାରିବ ଏବଂ ଅଧିକ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛତିଶଗଡର ଅଧିକାରୀମାନେ ବିଶଦଭାବେ ଉଭୟ ଶିଳ୍ପପତିଙ୍କୁ ଶିଳ୍ପ ନିବେଶ, ଛତିଶଗଡ ସରକାରଙ୍କ ସହାୟତ ଏବଂ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଏକକାଳୀନ ସମସ୍ତ କାର୍ଯ୍ୟର ସମାପନ ପାଇଁ ଅବଗତ କରାଇଥିଲେ। ସେ କହିଥିଲେ ଏହାଫଳରେ ଛତିଶଗଡର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ହେବା ପସହ ଆଧୁନିକ ଛତିଶଗଡରେ ସହାୟକ ହୋଇପାରିବ।

# ବାଣିଜ୍ୟ

ନୂଆଦିଲ୍ଲୀ: ଆଗାମୀ ପାର୍ବଣ ଋତୁ ଅବସରରେ ଆମାଜନ ପକ୍ଷରୁ ୧୨ଟି ନୂଆ ଫୁଲଫିଲମେଂଟ ସେଂଟର (ଏଫସି) ଓ ୬ଟି ଏଫସିର ଶୁଭାରମ୍ଭ କରାଯାଇଛି। ଏହି ସମ୍ପ୍ରସାରଣ ୮.୬ ମିଲିୟନ କ୍ୟୁବିକ ଫିଟ୍‌ର ଏକ ମିଳିତ ବର୍ଦ୍ଧିତ ଷ୍ଟୋରେଜ କ୍ଷମତା ଯୋଗ କରିଛି ଯାହା ୧୦୦ଟି ଅଲିମ୍ପିକ ଆକାରର ସ୍ୱିମିଙ୍ଗ ପୁଲ୍ ସହ ସମାନ ଅଟେ। ଏହି ସମ୍ପ୍ରସାରଣ ହୁଗଳି, ତିରୁଭଲ୍ଲୁର, କ୍ରିଷ୍ଣାଗିରି, ବିଶାଖାପାଟ୍‌ନମ ଓ ହୁବଳି ଭଳି ୫ଟି ସହରକୁ ପ୍ରଥମ ଆମାଜନ ଏଫ୍‌ସି ଆଣିଛି। କମ୍ପାନୀ ପକ୍ଷରୁ ୫ ଲକ୍ଷ ବର୍ଗଫୁଟର ମିଳିତ ଅଂଚଳ ସହିତ ହୁବଳି, ତ୍ରିଭେନ୍ଦ୍ରମ, ରାଜପୁରା, ଗୋରଖପୁର, ମୋରାଦାବାଦ ଓ ପ୍ରୟାଗରାଜରେ ୬ଟି ନୂଆ ସର୍ଟ ସେଂଟର (ଏସିସି)ର ଶୁଭାରମ୍ଭ କରିଛି। ଏସମ୍ପର୍କରେ ଆମାଜନର ଇଣ୍ଡିଆ ଓ ଅଷ୍ଟ୍ରେଲିଆର ପରିଚାଳନା ବିଭାଗର ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, 'ଭାରତ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ ହେଉଥିବାରୁ ଆମେ ସେଲରମାନଙ୍କୁ ଦେଶବ୍ୟାପୀ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରିବା ଲାଗି ନିଜକୁ ପ୍ରସ୍ତୁତ କରୁଛୁ।

## 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଘୋଷଣା କଲେ ମୁକେଶ ଅମ୍ବାନୀ



ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଏକ ନୂତନ ସହାୟକ କମ୍ପାନୀ, 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଗଠନ ଘୋଷଣା କରିଛନ୍ତି, ଯେଉଁଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହିତ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢ଼ାଉଥିବା ପ୍ରକାଶ କରି ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକରେ ସେ ଏହା କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗିଗାୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ, ଯାହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମରେ ସୂଚନା ଦେଇଛନ୍ତି। ରିଲାଏନ୍ସ ଏଜିଏମରେ ଅମ୍ବାନୀ ମଧ୍ୟ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ଓ ସିଇଓ ମାର୍କ ଜୁକରବର୍ଗ ଏବଂ ଆଲଫାବେଟ ଓ ଗୁଗୁଲର ସିଇଓ ସୁନ୍ଦର ପିଚାଇ ରିଲାଏନ୍ସ ଏଜିଏମରେ ସମ୍ବୋଧିତ କରିଥିଲେ। ରିଲାଏନ୍ସ ଇଣ୍ଟେଲିଜେନ୍ସ ଚାରୋଟି ସ୍ପଷ୍ଟ ଲକ୍ଷ୍ୟ ସହିତ ପରିକଳ୍ପିତ ହୋଇଛି, ଯାହା ମଧ୍ୟରେ ରହିଛି ଭାରତର ପରବର୍ତ୍ତୀ ପିଢ଼ିର ଏଆଇ ଭିତ୍ତିଭୂମିକୁ ସ୍ଥାନ ଦେବା, ବିଶ୍ୱସ୍ତରୀୟ ସହଭାଗୀତା ସ୍ଥାପନ କରିବା, ଭାରତ ପାଇଁ ଏଆଇ ସେବା ନିର୍ମାଣ କରିବା ଏବଂ ଏଆଇ ପ୍ରତିଭାକୁ ପ୍ରୋତ୍ସାହିତ କରିବା। ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ, ରିଲାଏନ୍ସ ଏବଂ ମେଟା ମିଳିତ ଭାବରେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର) ର ପ୍ରାରମ୍ଭିକ ନିବେଶ କରିବେ, ଯାହା ୭୦ ପ୍ରତିଶତ ଏବଂ ୩୦ ପ୍ରତିଶତ ଅନୁପାତରେ ରହିବ। ଏହି ସହଭାଗିତା ସମ୍ପର୍କରେ ମେଟା ପ୍ରତିଷ୍ଠାତା ଏବଂ ସିଇଓ ମାର୍କ ଜୁକରବର୍ଗ କହିଛନ୍ତି 'ମେଟା ଏବଂ ରିଲାଏନ୍ସ ଭାରତୀୟ ବ୍ୟବସାୟଗୁଡ଼ିକୁ ସେମାନଙ୍କ କାର୍ଯ୍ୟ ପାଇଁ ଏହାର ଓପନ ସୋର୍ସ ଏଆଇ ମଡେଲଗୁଡ଼ିକ ପ୍ରଦାନ କରିବାକୁ ଯାଉଛନ୍ତି। ଏହି ସହଭାଗିତା ସମ୍ପର୍କରେ ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ କହିଛନ୍ତି 'ଭାରତରେ ଏଆଇ ସୁଯୋଗ ଅସାଧାରଣ। ଗୁଗୁଲ ଏବଂ ରିଲାଏନ୍ସ ଏଆଇ ବ୍ୟବହାର କରି ଶକ୍ତି ଏବଂ ରିଟେଲଠାରୁ ଟେଲିକମ୍ ଏବଂ ଆର୍ଥିକ ସେବା ପର୍ଯ୍ୟନ୍ତ, ରିଲାଏନ୍ସର ସମସ୍ତ ବ୍ୟବସାୟକୁ ପରିବର୍ତ୍ତନ ଦିଗରେ ଆଗେଇ ନେବାରେ ସାହାଯ୍ୟ କରିବା ପାଇଁ ସହଭାଗୀ ହେଉଛନ୍ତି। ରିଲାଏନ୍ସ ଏଜିଏମରେ ଅମ୍ବାନୀ ରୋବୋଟିକ୍ସ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ 'ଆମେ ଭାରତକୁ ମାନବ-କେନ୍ଦ୍ରିକ ରୋବୋଟିକ୍ସରେ ଅଗ୍ରଣୀ କରିବା ପାଇଁ ନିବେଶ କରୁଛୁ ଯାହା ଏଆଇ ଦ୍ୱାରା ପରିଚାଳିତ ନୂତନ ପ୍ରକାରର ଶିଳ୍ପ ଏବଂ ସେବା, ନୂତନ ପ୍ରକାରର କୃଷି, ନୂତନ ପ୍ରକାରର ନିଯୁକ୍ତି ଏବଂ ଆମ ଯୁବପିଢ଼ି ପାଇଁ ଆକର୍ଷଣୀୟ ନୂତନ ସୁଯୋଗ ସୃଷ୍ଟି ହେଉଛି।'

**ପ୍ରଧାନମନ୍ତ୍ରୀଙ୍କ ଚିଠି ଲେଖିଲେ ଫାଲକନ୍ ଅଧ୍ୟକ୍ଷ**

## ଆମେରିକାର ଟାରିଫ୍ ଲାଗୁ ପରେ ଚିଙ୍ଗୁଡି ଶିଳ୍ପ ଓ କୃଷକଙ୍କ ଜୀବିକା ସୁରକ୍ଷିତ ରଖିବା ଜରୁରି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ୫୦% ଟାରିଫ ଫଳରେ ଓଡ଼ିଶାରେ ଚିଙ୍ଗୁଡି ଶିଳ୍ପ ଓ କୃଷକଙ୍କ ଜୀବିକା ପ୍ରଭାବିତ ହୋଇଛି। ଏହି ଅବସରରେ ଫାଲକନ୍ ମେରାଇନ୍ ଏକ୍ସପର୍ଟ ଲି. ର ଅଧ୍ୟକ୍ଷ ତାରାରଞ୍ଜନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ଏଥିରେହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଟାରିଫ ଯୋଗୁଁ ଚିଙ୍ଗୁଡି ନିମନ୍ତେ ଏକ ସଂକଟ ଦେଖାଦେଇଛି। ହଠାତ୍ ଏହି ଟାରିଫ୍ ବୃଦ୍ଧି ଏସବୁ କ୍ଷେତ୍ରରେ କାର୍ଯ୍ୟ କ୍ଷମତା ପ୍ରତି ବିପଦ ମଧ୍ୟ ସୃଷ୍ଟି କରିଛି। ଏହା କେବଳ ଦେଶ ପାଇଁ ଏକ ପ୍ରମୁଖ ବୈଦେଶିକ ମୁଦ୍ରା ରୋଜଗାରି ଭାବେ ଉଭା ହୋଇନାହିଁ ବରଂ ଆମର ଉପକୂଳବର୍ତ୍ତୀ ରାଜ୍ୟଗୁଡିକର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ମଧ୍ୟ ବଜାୟ ରଖିଛି। ଭାରତ ଗତ ଦୁଇ ଦଶନ୍ଧି ଧରି ଆମେରିକା, ୟୁରୋପୀୟ ସଂଘ, ରୁଷ୍, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ବଜାରରେ ଉଚ୍ଚମାନର ଚିଙ୍ଗୁଡି ଯୋଗାଣକାରୀ ଭାବରେ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି। ଭାରତ ଆଜି ବାର୍ଷିକ ୯ଲକ୍ଷ ମେଟ୍ରିକ୍ ଟନ୍ ଚିଙ୍ଗୁଡି ଉତ୍ପାଦନ କରେ। ଯାହା ସାରା ବିଶ୍ୱରେ ଚାଷ ହୋଇଥିବା ଚିଙ୍ଗୁଡି ବାଣିଜ୍ୟର ପ୍ରାୟ ୪୦% ଅଟେ। ଏଥିରେ ୧୫ମିଲିୟନରୁ ଅଧିକ କୃଷକ ଓ ଶ୍ରମିକ ଜୀବିକାକୁ ମଧ୍ୟ ସୁନିଶ୍ଚିତ କରେ। ଏଥିସହ ଗ୍ରାମାଞ୍ଚଳ ପରିବାରକୁ ସଶକ୍ତ କିରବା ସହ ନିଯୁକ୍ତି ସୃଷ୍ଟି କରେ। ତେଣୁ ଏଥିରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ଏଚ୍‌ଡିଏଫ୍‌ସି ଲାଇଫ ସହ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସର ସହଭାଗିତା




ନୂଆଦିଲ୍ଲୀ: ଏକ ଅଗ୍ରଣୀ ଶିକ୍ଷା-କେନ୍ଦ୍ରିତ ଅଣ-ବ୍ୟାଙ୍କିଙ୍ଗ ବିତୀୟ କମ୍ପାନୀ (ଏନବିଏଫସି) ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ ପକ୍ଷରୁ ଭାରତର ଅଗ୍ରଣୀ ଜୀବନ ବୀମା କମ୍ପାନୀ ଏଚଡିଏଫସି ଲାଇଫ ସହ ଏକ ରଣନୈତିକ ସହଭାଗିତା ଘୋଷଣା କରାଯାଇଛି। ଆଭାନ୍ସ, ଏଚଡିଏଫସି ଲାଇଫଠାରୁ ରିଟେଲ ଓ ଗ୍ରୁପ କ୍ରେଡିଟ ଲାଇଫ ଇନ୍ସୁରାନ୍ସ ସଲ୍ୟୁଶନ ମାଧ୍ୟମରେ ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ସହଭାଗିତା କରିଛି। ଆଭାନ୍ସ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଋଣକୁ ବାଧାମୁକ୍ତ ଓ ସୁଲଭ କରିବା ପାଇଁ ଲକ୍ଷ୍ୟ ରଖିଛି। ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା ଏହା ୨୦୦୦ ଶିକ୍ଷାନୁଷ୍ଠାନକୁ ଋଣ ପ୍ରଦାନ କରିଛି। ଏହାର ଶିକ୍ଷାନୁଷ୍ଠାନ ଋଣ ସମାଧାନଗୁଡିକୁ ଭାରତର ଶିକ୍ଷାନୁଷ୍ଠାନଗୁଡିକର ବିକାଶ ଓ ପୁଁ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଋଣ ସମାଧାନଗୁଡିକ ଭିତିଭୂମି ବିକାଶ, କାର୍ଯ୍ୟ ପୁଁ ଆବଶ୍ୟକତା, ସମ୍ପ୍ରସାରଣ ପ୍ରକଳ୍ପ ଓ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ପାଇଁ ପାଣ୍ଠି ହାସଲ କରିବା ଲାଗି ଶିକ୍ଷାନୁଷ୍ଠାନକୁ ସକ୍ଷମ କରିଥାଏ। ଏ ସମ୍ପର୍କରେ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅମିତ ଗଇନ୍ଦା କହିଛନ୍ତି, 'ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସରେ ଆମେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଋଣକୁ ପଂହଚଯୋଗ୍ୟ ଓ ସୁଲଭ କରିବା ଏବଂ ଭାରତୀୟ ଶିକ୍ଷା ବିତରଣ ପ୍ରଣାଳୀର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରୁଛୁ। ଏଚଡିଏଫସି ଲାଇଫ ସହ ସହଭାଗିତା ଆମର ଗ୍ରାହକ ପ୍ରଥମ ଆଭିମୁଖ୍ୟ ସହ ସମନ୍ୱିତ ରହିଛି ଏବଂ ଏହା ଆମର ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କ ପାଇଁ ଆର୍ଥିକ ସୁରକ୍ଷା ଢାଂଚାକୁ ମଜବୁତ କରିବ। ସେହିପରି ଏଚଡିଏଫସି ଲାଇଫର ଏମ୍‌ଡି ଓ ସିଇଓ ବିଭା ପାଡଲକର କହିଛନ୍ତି, ଆମେ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ ସହ ଆମର ସହଯୋଗିତା ସମ୍ପର୍କରେ ଘୋଷଣା କରି ଆନନ୍ଦିତ ଯାହା ଶିକ୍ଷାନୁଷ୍ଠାନଗୁଡିକୁ ଆର୍ଥିକ ସୁରକ୍ଷା ଢାଲ ପ୍ରଦାନ କରି ସମସ୍ତଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରତି ଆମର ଲକ୍ଷ୍ୟକୁ ଆହୁରି ପ୍ରୋତ୍ସହିତ କରିବ। ଋଣ କ୍ଷେତ୍ରରେ ସେମାନଙ୍କର ବିଶେଷଜ୍ଞତା ଓ ଭାରତବ୍ୟାପୀ ମଜବୁତ ଉପସ୍ଥିତି ଆମର ପଂହଚକୁ ଆହୁରି ସୁଦୃଢ଼ କରିବ।

## ହିମାଳୟ ୱେଲ୍‌ନେସ୍ ପକ୍ଷରୁ 'ୱାର୍ଲ୍ଡ ଅଫ ନିମ୍'ର ଶୁଭାରମ୍ଭ




ମୁମ୍ବାଇ: ୨୫ ବର୍ଷରୁ ଅଧିକ ସମୟ ଧରି ହିମାଳୟ ୱେଲନେସ ବ୍ରଣକୁ ନେଇ ସଂଘର୍ଷ କରୁଥିବା ନିୟୁତାଧିକ ଯୁବ ଭାରତୀୟଙ୍କ ନିମନ୍ତେ ନିମର ଶକ୍ତି ଜରିଆରେ ଏକ ବିଶ୍ୱସନୀୟ ସାଥୀ ହୋଇ ରହିଆସିଛି। ଏହି ପରମ୍ପରାକୁ ଆଗେଇ ନେଇ ବ୍ରାଣ୍ଡ ତ୍ୱଚା ଯତ୍ନ ଏବଂ ଆତ୍ମବିଶ୍ୱାସ ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ନିମନ୍ତେ ବ୍ରଣ ସମ୍ପର୍କିତ ସକାରାତ୍ମକ ଦିବସ ପାଳନ ପୂର୍ବରୁ ତାଜ ଲ୍ୟାଣ୍ଡସ ଏଣ୍ଡ ଠାରେ 'ଦି ୱାର୍ଲ୍ଡ ଅଫ ନିମ'ର ଉଦଘାଟନୀ ଉତ୍ସବ ଆୟୋଜନ କରିଥିଲା। ପ୍ରାୟ ପ୍ରତି ୫ଜଣ ଯୁବ ଭାରତୀୟଙ୍କ ମଧ୍ୟରୁ ୪ଜଣ କୁହନ୍ତି ଯେ ବ୍ରଣ କାରଣରୁ ସେମାନେ ସାମାଜିକ ବ୍ୟବସ୍ଥାରେ ନିଜକୁ କମ ଆତ୍ମବିଶ୍ୱାସୀ ମନେକରନ୍ତି ଏବଂ ୨୦ କୋଟିରୁ ଅଧିକ ନାବାଳକ ନାବାଳିକା ଏବଂ କିଶୋର କିଶୋରୀ ବ୍ରଣକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ବ୍ରଣ ସମ୍ପର୍କିତ ସକାରାତ୍ମକ ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ବ୍ରଣ ଓ ତ୍ୱଚାକୁ ନେଇ ଆତ୍ମବିଶ୍ୱାସ ଉପରେ ଏକ ଆନ୍ତଃକ୍ରିୟାଶୀଳ ଦଳଗତ ଆଲୋଚନା ସ୍ଥାନ ପାଇଥିଲା, ଯାହାର ନେତୃତ୍ୱ ଚର୍ମରୋଗ ବିଶେଷଜ୍ଞ, କସ୍‌ମେଟୋଲୋଜିଷ୍ଟ ଏବଂ ଆସଥେଟିକ ମେଡିସିନ ବିଶେଷଜ୍ଞ ଡା.ରଶ୍ମୀ ସେଟ୍ଟି ନେଇଥିଲେ। 'ଲାପତା ଲେଡିଜ'ର ଜଣେ ଅଗ୍ରଣୀ ଅଭିନେତ୍ରୀ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ନିତାଂଶୀ ଗୋଏଲ ତାଙ୍କର ବ୍ୟକ୍ତିଗତ ତ୍ୱଚା ସମ୍ପର୍କିତ କାହାଣୀର ଅବତାରଣା କରିଥିଲେ। ଏହି ଅନ୍ତର୍ଦୃଷ୍ଟି ସମ୍ପର୍କରେ ପ୍ରକାଶ କରି ରାଜେଶ କ୍ରିଷ୍ଣମୂର୍ତ୍ତି, ବିଜିନେସ ଡାଇରେକ୍ଟର, କ୍ୟୁମର ପ୍ରଡକ୍ଟସ ଡିଭିଜନ, ଇଣ୍ଡିଆ, ହିମାଳୟ ୱେଲନେସ କହିଥିଲେ, 'ହିମାଳୟ ୱେଲନେସରେ ଆମର ବିଶ୍ୱାସ ଯେ ତ୍ୱଚାଯତ୍ନ କୋମଳ, ଫଳପ୍ରଦ ଏବଂ କଳଙ୍କ-ମୁକ୍ତ ହେବା ଉଚିତ। ନୂଆ ୫-ପାର୍ଟସେ ଅଫ ନିମ ଫର୍ମୁଲେସନ ସହିତ ଆମେ ଏହି ପରମ୍ପରାକୁ ସୁଦୃଢ଼ କରୁଛୁ ଏବଂ ଜନସାଧାରଣଙ୍କୁ, ବିଶେଷକରି ଯୁବବର୍ଗଙ୍କୁ ସେମାନଙ୍କ ତ୍ୱଚାକୁ ଆତ୍ମବିଶ୍ୱାସର ସହିତ ଆପଣେଇବାକୁ ସଶକ୍ତ କରୁଛୁ। ଶ୍ରୀମତୀ ରାଗିଣୀ ହରିହରନ, ମାର୍କେଟିଂ ଡାଇରେକ୍ଟର-ବିୟୁଟି ଆଣ୍ଡ ପର୍ସନାଲ କେୟାର, ହିମାଳୟ ୱେଲନେସ୍ କହିଥିଲେ, 'ସମ୍ପ୍ରତି ଉପଭୋକ୍ତାଙ୍କ ଧାରା, ବିଶେଷକରି ଜେନ ଜେଡଙ୍କ ମଧ୍ୟରେ ଉଭୟ ପ୍ରକୃତି ଓ ବିଜ୍ଞାନ-ସମର୍ଥିତ ଅନୁପ୍ରେରଣା ଦ୍ୱାରା ପରିଚାଳିତ ସମାଧାନ ଦିଗରେ ବର୍ଦ୍ଧିତ ରୂପାନ୍ତରଣକୁ ଦର୍ଶାଉଛି। କାର୍ଯ୍ୟକ୍ରମରେ ପ୍ରକାଶ କରି ଅଭିଷେକ ଆଶାତ, ଜେନେରାଲ ମ୍ୟାନେଜର-ଫେସ କେୟାର କ୍ୟାଟେଗୋରୀ, ହିମାଳୟ ୱେଲନେସ କହିଥିଲେ, 'ହିମାଳୟ ସର୍ବଦା ତ୍ୱଚାଯତ୍ନକୁ ଫଳପ୍ରଦ ଏବଂ ପ୍ରକୃତିର ମୂଳ ସହିତ ଜଡିତ ରଖିବାରେ ବିଶ୍ୱାସ କରିଆସିଛି। କାର୍ଯ୍ୟକ୍ରମରେ ବଲିଉଡ ସେଲିବ୍ରିଟି ନିତାଂଶୀ ଗୋଏଲ ଉପସ୍ଥିତ ରହିବା ସହିତ ପ୍ରଚାର ଅଭିଯାନର ବିଷୟବସ୍ତୁ ବାସ୍ତବ ତ୍ୱଚାକୁ ନେଇ ଆତ୍ମବିଶ୍ୱାସ ନିଜର ସାମସ୍ୟତା ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଦଳଗତ ଆଲୋଚନାର ଅଂଶବିଶେଷ ହୋଇଥିବା ତ୍ୱଚା ବିଶେଷଜ୍ଞ ଏବଂ ସେଲିବ୍ରିଟି ଚର୍ମରୋଗ ବିଶେଷଜ୍ଞ ଡା. ରଶ୍ମୀ ସେଟ୍ଟି ଦୈନନ୍ଦିନ ଜୀବନରେ ନିମର ଭୂମିକା ଉପରେ ଗୁରୁତ୍ୱ ଦେଇ କହିଥିଲେ, 'ବ୍ରଣ ହେଉଛି ସବୁଠାରୁ ସାଧାରଣ ତ୍ୱଚା ସମସ୍ୟା ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ହୋଇଥିବାବେଳେ ଏହାକୁ ନେଇ କଳଙ୍କ ଅନେକ ସମୟରେ ଏହାର ସ୍ଥିତି ଠାରୁ ଜନସାଧାରଣଙ୍କୁ ଅଧିକ ପ୍ରଭାବିତ କରିଥାଏ।

## ବିକଶିତ ଭାରତ ୨୦୪୭ ପାଇଁ ରୋଡ଼ମ୍ୟାପ୍ ପ୍ରସ୍ତୁତ



ନୂଆଦିଲ୍ଲୀ: ନ୍ୟାଶନାଲ ଷ୍ଟକ ଏକ୍ସଚେ (ଏନଏସଇ) ଏମ୍‌ଡି ଓ ସିଇଓ, ଆଶିଷ କୁମାର ଚୌହାନ ନିକଟରେ କହିଛନ୍ତି ଯେ, ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟମରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। ବିକଶିତ ଭାରତ ୨୦୪୭ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିବା ସମୟରେ ସେ କହିଛନ୍ତି, 'ଭାରତର ଅଭିବୃଦ୍ଧି କାହାଣୀ ମଜବୁତ ମୌଳିକତା, ଢାଂଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢିବା ଜାରି ରଖିଛି। ଗମ୍ଭୀର ଭୂରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ସଂଚୟ କ୍ଷେତ୍ର ଏବଂ ଦୃଢ ଓ ଉତମ ବ୍ୟାଙ୍କିଙ୍ଗ ବାଲାନ୍ସ ସିଟରୁ ଆସିଛି। ଶ୍ରୀ ଚୌହାନ ଉଲ୍ଲେଖ କରିଛନ୍ତି ଯେ, ଗତ ୩ ଦଶନ୍ଧି ମଧ୍ୟରେ ଭାରତ ଅନେକ ଗମ୍ଭୀର ଆନ୍ତର୍ଜାତୀୟ ଝଟ୍‌କାର ସମ୍ମୁଖୀନ ହୋଇଛି ଓ ସଫଳ ଭାବେ ଅତିକ୍ରମ କରିଛି। ଏଥିରେ ୧୯୯୦ରେ ଏସିଆରେ ଆର୍ଥିକ ସଙ୍କଟ, ୯/୧୧ ପରବର୍ତୀ ସ୍ଥିତି, ୨୦୦୮ର ଆନ୍ତର୍ଜାତୀୟ ଆର୍ଥିକ ସଙ୍କଟ ଓ କୋଭିଡ-୧୯ ମହାମାରୀର ଅପ୍ରତ୍ୟାଶିତ ବ୍ୟାଘାତ ଆଦି ସାମିଲ ରହିଛି। ପ୍ରତ୍ୟେକ ଥର ଭାରତ କେବଳ ଏହି ସଙ୍କଟର ମୁକାବିଲା କରିନାହିଁ ବରଂ ଗଭୀର ବଜାର ସଂଶୋଧନ, ମଜବୁତ ଅନୁଷ୍ଠାନ ଓ ଉନ୍ନତ ନିବେଶକ ବିଶ୍ୱାସ ସହ ଆହୁରି ଦୃଢତାର ସହ ପ୍ରତ୍ୟାବର୍ତନ କରିଛି। ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଓ ବୈଷୟିକ ଉଦ୍ଭାବନ ଶିଳ୍ପଗୁଡିକୁ ନୂଆ ଆକାର ଦେଉଥିବାରୁ, ଭାରତୀୟ ବଜାରଗୁଡିକୁ ଆନ୍ତର୍ଜାତୀୟ ଅସ୍ଥିରତାର ମୁକାବିଲା କରିବା ପାଇଁ ଭଲ ସ୍ଥିତିରେ ଅଛନ୍ତି। ଏହାସହିତ ଭାରତୀୟ ବଜାରଗୁଡିକ ନିବେଶକଙ୍କୁ ଦୀର୍ଘକାଳିନ ସ୍ଥିରତା ଓ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିବା ଜାରି ରଖିଛନ୍ତି। ଭାରତୀୟ ବଜାରର ଏହି ସ୍ଥିରତା ଚତୁର ନିୟମ ଓ ଦୃଢ ଶାସନ ଦ୍ୱାରା ସମର୍ଥିତ ଅଟେ ଯାହା ଭାରତ କେବଳ ଅସ୍ଥିରତାକୁ ପରାଜିତ କରୁନାହିଁ ବରଂ ଏକ ଅଗ୍ରଣୀ ଆ'ର୍ଜାତୀୟ ଅର୍ଥନୈତିକ ଓ ଆର୍ଥିକ ପାୱାରହାଉସ ଭାବେ ବିକଶିତ ଭାରତ ୨୦୪୭ ଆଡକୁ ଦ୍ରୁତ ବେଗରେ ଅଗ୍ରସର ହେଉଥିବା ସୁନିଶ୍ଚିତ କରୁଛି।



ନୂଆଦିଲ୍ଲୀ : ଫୁଟବଲର ଜଗତର ଗୋଟ୍ । ମାନେ ଗ୍ରେଟେଷ୍ଟ ଅଫ୍ ଅଲ ଟାଇମ୍ ହିରୋ । ସବୁଠାରୁ ବଡ ତାରକା । ଏତିକି କହିଦେଲେ ବୁଝାପଡେ ଗୋଟିଏ ନା, ଲିଓନେଲ ମେସି । ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଢେର । ମୈଦନରେ ଥିଲେ ଲୋକେ ଖେଳ ଦେଖିବାକୁ ବାଡିଆପିଟା । ହେଲେ ଏବେ ସେ ଏମିତି କିଛି କରିଛନ୍ତି ଯାହା ଦର୍ଶକଙ୍କୁ ହୃଦୟକୁ ଭାଙ୍ଗିଦେବ ବୋଲି ଜଣାପଡିଛି। ଯାହା ଜଣାପଡୁଛି ସେ କୁଆଡେ ତାଙ୍କର ଫୁଟବଲ୍ ଯାତ୍ରା ଶେଷ କରିବାକୁ ବସିଛନ୍ତି । ଏନେଇ ସେ ବଡ ସଙ୍କେତ ବି ଦେଇଛନ୍ତି । ଖାସ୍ କରି ଆର୍ଜେଣ୍ଟିନା ସହ ତାଙ୍କର ଯାତ୍ରା ଶେଷ ହେବାକୁ ଯାଉଛି। ନିକଟରେ ସାକ୍ଷାତକାରରେ ୩୮ ବର୍ଷୀୟ ମେସି କହିଛନ୍ତି ଯେ ସେପ୍ଟେମ୍ବର ୪ ରେ ବ୍ୟୁନୋସ ଆୟର୍ସରେ ଭେନେଜୁଏଲା ବିପକ୍ଷରେ ବିଶ୍ୱକପ୍ ଯୋଗ୍ୟତା ତାଙ୍କର ଶେଷ ଘରୋଇ ମ୍ୟାଚ୍ ହୋଇପାରେ। ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ୩୫ ପଏଣ୍ଟ ସହିତ ଦକ୍ଷିଣ ଆମେରିକୀୟ ଟେବୁଲର ଶୀର୍ଷରେ ଅଛି। କିନ୍ତୁ ମେସିଙ୍କ ପାଇଁ, ବ୍ୟୁନୋସ ଆୟର୍ସର ଏଷ୍ଟାଡିଓ ମୋନୁମେଣ୍ଟାଲରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍ କେବଳ ଏକ ପ୍ରତିଯୋଗିତା ନୁହେଁ । ବରଂ ଏହା ତାଙ୍କ ପାଇଁ ଏକ ବଡ଼ ଭାବପ୍ରବଣ ମୁହୂର୍ତ୍ତ ହେବ। ଲିଗ୍ସ କପ୍ ସେମିଫାଇନାଲ୍ ?ରେ ଇଣ୍ଟର ମିଆମି ଅର୍ଲାଣ୍ଡୋ ସିଟିକୁ ପରାସ୍ତ କରିବା ପରେ, ମେସି କହିଥିଲେ - ଏହା ମୋ ପାଇଁ ସ୍ୱତନ୍ତ୍ର ହେବାକୁ ଯାଉଛି । ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମ୍ୟାଚ୍, କାରଣ ଏହା ମୋର ଶେଷ କ୍ୱାଲିଫାୟର୍ ଖେଳ। ମୁଁ ଜାଣିନାହିଁ ଏହା ପରେ କୌଣସି ବନ୍ଧୁତ୍ୱପୂର୍ଣ୍ଣ କିମ୍ବା ଅନ୍ୟ କୌଣସି ମ୍ୟାଚ୍ ହେବ କି ନାହିଁ.... କିନ୍ତୁ ହଁ, ଏହି ମ୍ୟାଚ୍ ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ସେଥିପାଇଁ ମୋର ସମ୍ପୂର୍ଣ୍ଣ ପରିବାର ମୋ ସହିତ ରହିବେ। ମୋ ସ୍ତ୍ରୀ, ମୋ ପିଲାମାନେ, ମୋ ବାପାମା, ମୋ ଭାଇଭଉଣୀ ଏବଂ ମୋ ସ୍ତ୍ରୀଙ୍କ ପକ୍ଷରୁ ଯଥାସମ୍ଭବ ଅଧିକ ସମ୍ପର୍କୀୟ। ମୁଁ ଜାଣିନାହିଁ ଏହା ପରେ କ'ଣ ହେବ, କିନ୍ତୁ ବର୍ତ୍ତମାନ ଆମର ଧ୍ୟାନ ଏହା ଉପରେ।

# ବିସିସିଆଇ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ରୋଜର ବିନ୍ନି





ମୁମ୍ବାଇ : ବିସିସିଆଇ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ରୋଜର ବିନ୍ନି। ବୋର୍ଡ ଅଧ୍ୟକ୍ଷ ପଦରୁ ସେ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟରେ ପ୍ରକାଶିତ ଖବରରେ କୁହାଯାଇଛି ଯେ, ସେ ବୋର୍ଡର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ରୋଜର ବିନ୍ନିଙ୍କ ଇସ୍ତଫା ପରେ, ବୋର୍ଡର ଦାୟିତ୍ୱ ଏବେ ରାଜୀବ ଶୁକ୍ଲାଙ୍କ କାନ୍ଧକୁ ଆସିଛି। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ରାଜୀବ ଶୁକ୍ଲା ବିସିସିଆଇର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବେ। ରିପୋର୍ଟ ଆଧାରରେ, ବୁଧବାର ଆପେକ୍ସ କାଉନସିଲ୍ ବୈଠକ ବସିଥିଲା। ଯେଉଁଥିରେ ରାଜୀବ ଶୁକ୍ଲା ଅଧ୍ୟକ୍ଷତା କରିଥିଲେ। ତେବେ ଏଥର ଆପେକ୍ସ କାଉନସିଲ୍ ବୈଠକରେ ମୁଖ୍ୟ ପ୍ରସଙ୍ଗ ରହିଥିଲା ବିସିସିଆଇର ପ୍ରଯୋଜକ। ନୂଆ ବିଲ୍ ପାସ୍ ହେବା ପରେ ଡ୍ରିମ୍ ୧୧ ଏବେ ବିସିସିଆଇ ସହିତ ଚୁକ୍ତି ବାତିଲ କରିଛି । ତେଣୁ ଏଭଳି ସମୟରେ ଏସିଆ କପ୍ ଆରମ୍ଭ ହେଉଥିବାରୁ, ବୋର୍ଡର ଆଗାମୀ ନିଷ୍ପତ୍ତି କଣ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ରିପୋର୍ଟ ଅନୁସାରେ, ଏହି ମିଟିଂରେ ଚର୍ଚ୍ଚା ହୋଇଛି ଯେ ବିସିସିଆଇ ପାଖରେ ମାତ୍ର ଦୁଇ ସପ୍ତାହ ସମୟ ଅଛି। ଏହାରି ଭିତରେ ବୋର୍ଡ ପ୍ରାୟୋଜକ ଖୋଜୁଛି। ହେଲେ ପ୍ରାୟୋଜକ ଖୋଜିବାରେ କିନ୍ତୁ ସମୟ ଲାଗିପାରେ। ତେଣୁ ଏସିଆ କପରେ ଦଳ ବିନା ପ୍ରାୟୋଜକରେ ଖେଳିପାରେ। ତେବେ ଏହାସହ ବୋର୍ଡ ଆଗାମୀ ଅଢ଼େଇ ବର୍ଷ ପାଇଁ ପ୍ରାୟୋଜକ ଖୋଜୁଥିବା ଜଣାପଡ଼ିଛି। କାହିଁକି ନା ଆସନ୍ତା ୨୦୨୭ ଅକ୍ଟୋବର-ନଭେମ୍ବର ମାସରେ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଅଛି। ତେଣୁ ଏଥିପାଇଁ ବୋର୍ଡ ଟିମ୍ ଇଣ୍ଡିଆ ପାଇଁ ପ୍ରାୟୋଜକ ଖୋଜୁଛି । ଜାଣିରଖିବା ଉଚିତ ଯେ, ନୂଆ ଖେଳ ନୀତି ପାରିତ ହେବା ପରେ ଆସନ୍ତା ମାସରେ ବିସିସିଆଇର ନିର୍ବାଚନ ହୋଇପାରେ । ଯେଉଁଥିରେ କି ବିସିସିଆଇକୁ ନୂଆ ଅଧ୍ୟକ୍ଷ ମିଳିବ। ତେବେ ନୂତନ କ୍ରୀଡ଼ା ନୀତି ଗୃହୀତ ହେବା ସତ୍ତ୍ୱେ, ବିସିସିଆଇକୁ ଆସନ୍ତା ମାସରେ ନିର୍ବାଚନ କରିବାକୁ ପଡିବ। ଏଥିରେ ବୋର୍ଡକୁ ନୂତନ ଅଧ୍ୟକ୍ଷ ମିଳିବ। ରିପୋର୍ଟରେ କୁହାଯାଇଛି ଯେ, ନୂତନ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବାକୁ ଆହୁରି ଚାରି-ପାଞ୍ଚ ମାସ ଲାଗିପାରେ, ଯାହାର ଅର୍ଥ ହେଉଛି ନିର୍ବାଚନକୁ ସ୍ଥଗିତ ରଖାଯାଇପାରିବ ନାହିଁ।

## ଦାୟିତ୍ୱ ନେବେ ରାଜୀବ ଶୁକ୍ଲା

# ଏସିଆ କପ୍ : ବିଜୟରୁ ଭାରତର ଅଭିଯାନ ଆରମ୍ଭ



## ଚୀନକୁ ୪-୩ ଗୋଲ୍‌ରେ କଲା ପରାସ୍ତ

ନୂଆଦିଲ୍ଲୀ: ଭାରତ ଶୁକ୍ରବାର ବିଜୟ ସହ ଏସିଆ କପରେ ନିଜ ଯାତ୍ରା ଆରମ୍ଭ କରିଛି । ଅଧିନାୟକ ହରମନପ୍ରୀତ ସିଂହଙ୍କ ତିନି ଗୋଲ୍ ବଳରେ ଭାରତୀୟ ଟିମ୍ ଚୀନକୁ ୪-୩ରେ ପରାସ୍ତ କରିଛି । ଭାରତ ପାଇଁ କ୍ୟାପ୍‌ଟେନ ହରମନପ୍ରୀତ ସିଂହଙ୍କ ବ୍ୟତୀତ ଜୁଗରାଜ ସିଂହ ଗୋଟିଏ ଗୋଲ୍ କରିଥିଲେ। ପ୍ରଥମ କ୍ୱାର୍ଟର ୦-୧ ପଛରେ ରହିବା ପରେ ଭାରତ ଦୁଇ ମିନିଟ୍ ଭିତରେ ଦୁଇ ଗୋଲ୍ ଦେଇ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ତୃତୀୟ ମିନିଟ୍‌ରେ ଅଧିନାୟକ ହରମନପ୍ରୀତ ଦ୍ୱିତୀୟ ଗୋଲ୍ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଚୀନ ଆକ୍ରାମକ ଖେଳ ଦେଖାଇ ଦ୍ୱିତିୟ ଗୋଲ୍ କରିଥିଲା। ଶେଷ କ୍ୱାର୍ଟରରେ ଦୁଇ ଟିମ୍ ବରାବାର ସ୍ଥିତିରେ ଥିଲେ। କିନ୍ତୁ ହରମନପ୍ରୀତ ୪୭ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତକୁ ବିଜୟୀ କରାଇଥିଲେ। ଭାରତର ଅଧିନାୟକ ହରମନପ୍ରୀତ ସିଂହ ୨୦ ମିନିଟ୍, ୩୩ ମିନିଟ୍ ଓ ୪୭ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ଜୁଗରାଜ ସିଂହ ୧୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଚୀନ ପାଇଁ ଡୁ ଶିହାଓ (୧୨ ମିନିଟ୍), ଚେନ୍ ବେନହାଇ (୩୫ ମିନିଟ୍) ଓ ଗାଓ ଜିଶେଙ୍ଗ (୪୨ ମିନିଟ)ରେ ଗୋଲ୍ କରିଥିଲେ। ପୁରୁଷ ଏସିଆ କପ୍‌ର ଆୟୋଜନ ଶୁକ୍ରବାରଠାରୁ ବିହାରର ରାଜଗିରରେ ଆରମ୍ଭ ହୋଇଛି। ରାଜଗିର ସ୍ଥିତ ଅନ୍ତର୍ଜାତୀୟ ଖେଳ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ଯାଏ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟର ବିଜୟୀ ଟିମ୍‌କୁ ୨୦୨୬ ଅନ୍ତର୍ଜାତୀୟ ହକି ମହାସଂଘ ହକି ବିଶ୍ୱକପରେ ସିଧା ପ୍ରବେଶ ମିଳିବ। ବର୍ତ୍ତମାନ ସୁଦ୍ଧା ୧୧ଟି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଖେଳା ଯାଇଛି, ଯେଉଁଥିରେ କୋରିଆ ୫ ଥର, ଭାରତ-ପାକିସ୍ତାନ ତିନି ଥର ଲେଖାଏଁ ବିଜୟୀ ହୋଇଛନ୍ତି।

## ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନଶିପ: କ୍ୱାର୍ଟରରେ ସିନ୍ଧୁ



ନୂଆଦିଲ୍ଲୀ: ଚଳିତ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଭାରତର ପିଭି ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ ଜାରୀ ରଖିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ଚୀନର ୱାଗ ଜିଙ୍କୁ ୨୧-୧୯ ଓ ୨୧-୧୫ରେ ପରାସ୍ତ କରିଥିଲେ। ଏହି ବିଜୟ ସହ ସିନ୍ଧୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପରେ ସିନ୍ଧୁ ତାଙ୍କ ବିରୋଧରେ ଖେଳିଥିବା ସମସ୍ତ ୮ଟି ମୁକାବିଲାରେ ବିଜୟ ହାସଲ କରିଛନ୍ତି। ପ୍ରଥମ ସେଟରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ ସିନ୍ଧୁ ବାଜି ମାରିଥିଲେ । ଦ୍ୱିତୀୟ ସେଟରେ ମଧ୍ୟ ଚୀନର ଷ୍ଟାର ଖେଳାଳି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ଭାରତର ୨ ଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ପୁତ୍ରୀ କୁସୁମା ବର୍ଦ୍ଧାନୀଙ୍କ ବିପକ୍ଷରେ ମ୍ୟାଚ ଖେଳିବେ। ଏହି ବିଜୟ ତାଙ୍କୁ ସେମିଫାଇନାଲରେ ପ୍ରବେଶ କରାଇବ। ସୁଦୀରମନ କପରେ ସିନ୍ଧୁଙ୍କୁ ୨୧-୧୨, ୨୧-୧୩ରେ ପୁତ୍ରୀ ହରାଇଥିଲେ। ଏବେ ଏହାର ମଧୁର ପ୍ରତିଶୋଧ ନେବା ପାଇଁ ସିନ୍ଧୁଙ୍କ ନିକଟରେ ସୁଯୋଗ ରହିଛି। କିଛି ଦିନ ହେବ ଖରାପ ଫର୍ମରେ ଥିବା ସିନ୍ଧୁ ଏଥର କିନ୍ତୁ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ ଜାରୀ ରଖିଛନ୍ତି।

## ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର ପ୍ରଦାନ କଲେ ରାଜ୍ୟପାଳ

# ଓଡ଼ିଶା ଓ ଭାରତକୁ ଉତ୍କର୍ଷର ଉଜ୍ଜ୍ୱଳ ବତୀଘର କରିବାକୁ ଆହ୍ୱାନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱପାଇଁ କ୍ରୀଡା ଉତ୍କର୍ଷତାର ଉଜ୍ଜ୍ୱଳ ବତୀଘର କରିବା ନିମନ୍ତେ ପ୍ରୟାସ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୁଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର ପ୍ରଦାନ କରି ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ ଯେଉଁ ପିଲାମାନେ କ୍ରୀଡା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ ହେବା ଉଚିତ। ବିଜୁ ପଟ୍ଟନାୟକ କ୍ରୀଡା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡାବିତଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୁହିକ ଗର୍ବ। ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ସାହସ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ଓଡ଼ିଶାର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ ଏବଂ ନିର୍ଭୀକତା ଏବଂ ମାନବତାର ସହିତ ସେବା କରିବା ପାଇଁ ଅଗଣିତ ଯୁବ ହୃଦୟକୁ ପ୍ରେରଣା ଦେଇ ଚାଲିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ହକି ଯାଦୁକର ମେଜର ଧ୍ୟାନଚାନଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ରାଜ୍ୟପାଳ କହିଥିଲେ ଯେ ତାଙ୍କ ଜୀବନ ଓ ଜୟନ୍ତୀ ଆମକୁ ମନେ ପକେଇ ଦିଏ ଯେ, କ୍ରୀଡା କେବଳ ଶକ୍ତି କିମ୍ବା ଦକ୍ଷତାର ପ୍ରତିଯୋଗିତା ନୁହେଁ, ବରଂ ଶୃଙ୍ଖଳା, ଦୃଢ଼ ନିଷ୍ପତି ଏବଂ ଅଦମ୍ୟ କ୍ରୀଡା ଭାବନାର ଉତ୍ସବ। ଦଶନ୍ଧି ଧରି ଓଡ଼ିଶା କ୍ରୀଡା ଉତ୍କର୍ଷତା ପାଇଁ ହବ୍ ହୋଇ ରହିଛି । ବିଭିନ୍ନ ପ୍ରକାର ଜାତୀୟ ଏବଂ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରି ସାରା ବିଶ୍ୱରେ ନିଜର ଛାପ ଛାଡ଼ିଛି । ସାରା ବିଶ୍ୱର ଖେଳାଳୀମାନଙ୍କୁ ଏକତ୍ରିତ କରି ଆମର ଯୁବପିଢିଙ୍କୁ ଅଧିକ ସଫଳତା ହାସଲ କରିବାକୁ ପ୍ରେରଣା ଯୋଗାଉଛି। କ୍ରୀଡା କ୍ଷେତ୍ରରେ ଏପରି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଓଡ଼ିଶା ସରକାରଙ୍କ ସକ୍ରିୟ ପ୍ରୟାସ ଦ୍ୱାରା ପରିଚାଳିତ ହୋଇଛି। ଏହି ସମାରୋହରେ କ୍ରୀଡା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନକରି ଓଡ଼ିଶାରେ କ୍ରୀଡା ଓ କ୍ରୀଡାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆ ଯାଉଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏତଦ୍ ବ୍ୟତୀତ ଓଡ଼ିଶା କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ଇଭେଣ୍ଟ ଆୟୋଜନ କରି ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ୮ ଜଣ କୃତୀ କ୍ରୀଡାବିତଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ, ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ଦୁଇ ଜଣକୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ବିଜୟ କୁମାର ଶତପଥୀଙ୍କୁ ଦିଆଯାଇଥିବା ବେଳେ ଅନ୍ୟମାନେ ହେଲେ- ଅନିମେଶ କୁଜୁର (ଭଲିବଲ), ପ୍ରଦ୍ୟୁମ୍ନ ମିଶ୍ର (ଖୋଖୋ), ସୁଷମା ନନ୍ଦ (ଭଲିବଲ), ବିମଳ କୁମାର ରାଉଳ (ସାମ୍ବାଦିକତା), ରାଖାଲ କୁମାର ସେଠୀ (ପାରା ଫେନ୍‌ସିଂ), ମାଷ୍ଟରର୍ସ ସାତ୍ତ୍ୱିକ ସ୍ୱାଇଁ (ଚେସ୍) ଓ ସୁଦୀପ ଶତପଥୀ ବେଷ୍ଟ ସ୍ପୋର୍ଟସ ଟେକ୍ନିକାଲ ଅଫିସିଆଲ ଏବଂ ସାହସିକତା ପୁରସ୍କାର ପାଇଥିବା କ୍ରୀଡାବିତ୍ ହେଲେ ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନ।

## ଉତ୍କଳ କରାଟେ ସ୍କୁଲ୍‌ର ୪୫ତମ ପ୍ରତିଷ୍ଠା ଦିବସ

# ୫ ବରିଷ୍ଠ ସାମ୍ବାଦିକଙ୍କ ସହ ୧୭ ଅନ୍ତର୍ଜାତୀୟ ପଦକ ବିଜେତା ସମ୍ବର୍ଦ୍ଧିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସଂଦିପ୍ ମିଶ୍ର, ସର୍ବେଶ୍ୱର ମହାନ୍ତି, ରାଜୀବ ଗୌରବ, ମନୋରଞ୍ଜନ ଦାସ ଏବଂ ଶୁଭଲକ୍ଷ୍ମୀ ବଳଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ ଅନ୍ତଃର୍ଜାତୀୟ ପଦକ ବିଜେତା ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡି. ଭଗବାନ ରେଡ୍ଡୀ, ସୁମନ ଶେଖର, ରିତେଶ ରାୟ, ଦିବ୍ୟ ବେହେରା ଶୁଭକାନ୍ତ ବିଶ୍ୱାଳ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରାଣା, ସମରଜିତ୍ ଚକ୍ର, ଅଭିଶେକ୍ ପଟ୍ଟନାୟକ, ପ୍ରିୟଦର୍ଶୀନି ସାହୁ, ଅଭୟ ବ୍ରତ, ପୁଲକ୍ ପାଢ଼ୀ, ସୂର୍ଯ୍ୟ ପ୍ରକାଶ ଘଡ଼େଇ ପୁନିତ୍ ମହନ୍ତ ଓ ଅମୈଶା ଝାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅଲମ୍ପିକ୍ ସଂଘର ସଭାପତି ତଥା ବରିଷ୍ଠ ବିଜେପି ନେତ୍ରୀ ସମୀର ମହାନ୍ତି, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଦୁଇଥର ବିଶ୍ୱ କରାଟେ ଚମ୍ପିଆନ୍ ଅମିର୍ ମେହେଦି ଜାଦେ ଯୋଗଦେଇ ସମ୍ବର୍ଦ୍ଧନା କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ.ହରିପ୍ରସାଦ ପଟ୍ଟନାୟକଙ୍କୁ ସ୍କୁଲର ସମସ୍ତ କର୍ମକର୍ତ୍ତା ତଥା ଅତିଥିମାନେ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ସେପ୍ଟେମ୍ବର ୨୧ରୁ ସାଂସଦ ଖେଳ ମହୋତ୍ସବ

ପୁରୀ (ଭାସ୍କର ନ୍ୟୁଜ) : କ୍ରିଡା ସୁସ୍ଥ ରହିବାକୁ ଏକ ଶ୍ରେଷ୍ଠ ପନ୍ଥା ।ବିଭିନ୍ନ କ୍ରିଡା ଶୃଙ୍ଖଳା, ସୁସ୍ଥତା ଓ ନୀରୋଗ ର ମହୌଷଧି ସଦୃଶ୍ୟ ।ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବ ର ଆୟୋଜନ ବ୍ୟବସ୍ଥା କରିଛନ୍ତି ବୋଲି ପୁରୀ ସାଂସଦ ଡା ସମ୍ବିତ ପାତ୍ର ସୂଚନା ଦେଇଛନ୍ତି। ଆଜି ପୁରୀ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ କ୍ରିଡା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡା ପାତ୍ର ଉପସ୍ଥିତ ସମସ୍ତ କ୍ରିଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଆମ ପାରମ୍ପରିକ କ୍ରିଡା କୁ ଆଗକୁ ନେବା ଓ ହଜି ଯାଉଥିବା କ୍ରିଡାର ପୁନରୁଦ୍ଧାର ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ ତାରିଖ ଠାରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି ।ତେଣୁ କ୍ରିଡାବିତ ମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲ କୁ ଯାଇ ନାମ ପଞ୍ଜିକରଣ ପାଇଁ ଡା ପାତ୍ର ପରାମର୍ଶ ଦେଇଥିଲେ ।ଏହି ଅବସରରେ ସାଂସଦ ଖେଳ ମହୋତ୍ସବ ର ଲିଫଲେଟ କୁ ଡା ପାତ୍ର ପ୍ରଦର୍ଶନ କରି କ୍ରିଡା ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

## ନୂଆଁଖାଇ ଭେଟଘାଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଖୀଷ୍ଟ କ୍ଲବ୍ ଭୁଲାମାଲ ଚାମ୍ପିଅନ୍



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ରାଜପୁର କଟାପାଲି ଖେଳ ପଡିଆରେ ଚାଲିଥିବା ୩୦ ତମ ମା' ସମଲେଇ ନୂଆଁଖାଇ ଭେଟଘାଟ୍ ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗୀତା ଫାଇନାଲ ଖେଳ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଓ ଖୀଷ୍ଟ କ୍ଲବ ଭୁଲାମାଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖୀଷ୍ଟ କ୍ଲବ ଭୁଲାମାଲ ଦଳ ୩-୧ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଉଦଯାପନି ଉତ୍ସବରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ମରାକୁଟା ସରପଞ୍ଚ ଲିଲି ତନ୍ତୀ, ବିଜେଡି ଯୁବନେତା ପରୋକ୍ଷୋତ୍ତମ ମହାନ୍ତି, ରାଜପୁର ସମିତି ସଭ୍ୟା ସସ୍ମିତା ତନ୍ତୀ, ଗୌରମାଲ ସମିତି ସଭ୍ୟା ପୁଷ୍ପା ଖଡ଼ିଆ, ବରିଷ୍ଠ ସାମ୍ବାଦିକ ଖୋର୍ଦ୍ଧା ଭୁବନେଶ୍ୱର ବିଜୟ ଦାସ, ବରିଷ୍ଠ ଲେଖକ ପୁର୍ବତନ ପୁରୀ ଜିଲ୍ଲା ଡେଲାଙ୍ଗ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା, ବରିଷ୍ଠ ସାମ୍ବାଦିକ ଧଳାପଥର ବାଙ୍କି ବିଜୟ ସ୍ୱାଇଁ, ସାମ୍ବାଦିକ ଉପନ ସାହୁ, ପୂର୍ବତନ ସାନଘୁମୁଡ଼ା ସରପଞ୍ଚ ବୁଦ୍ଧଦେବ ଭୋଇ, ପୂର୍ବତନ ରାଜପୁର ସରପଞ୍ଚ ନିରଞ୍ଜନ କୁଅଁର, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ଶିକ୍ଷାବିତ୍ ପ୍ରଶାନ୍ତ ପାଟଯୋଶୀ, ଗାଁ ଗୌନ୍ତିଆ ରମେଶ ପ୍ରଧାନ,ବିମଳ ସାହୁ, ସଞ୍ଜୀବ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ବିଜୟ ହାସଲ କରିଥିବା ଦଳକୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ ।ଆୟୋଜକ ଗଣପତି କ୍ଲବ୍ ର ସଭାପତି ଈଶ୍ୱର ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।ଅତିଥି ମାନେ ଚାମ୍ପିଅନ ଖୀଷ୍ଟ କ୍ଲବ ଭୁଲାମାଲ ଦଳକୁ ଟ୍ରଫି ସହିତ ୩୦,୦୦୦ ହଜାର ଟଙ୍କା ଓ ଉପବିଜେତା ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଦଳକୁ ଟ୍ରଫି ସହିତ ୨୦,୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ ।ଏହି ଫାଇନାଲ ଖେଳକୁ ନବୀନ ଦେଓ, ଅନନ୍ତ କାଲୋ, ସଞ୍ଜୀବ ବାରିକ ଓ ଅରୁଣ ମିର୍ଦ୍ଧା ପରିଚାଳନା କରିଥିବା ବେଳେ ସୁଶାନ୍ତ ପଟେଲ ମ୍ୟାଚ୍ କମିସନର ଦ୍ୱାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତାର ଭଲ ପ୍ରଦର୍ଶନ ଲାଗି ଭୁଲାମାଲ ଦଳର ଅର୍ଜୁନ ଙ୍କୁ ଶ୍ରେଷ୍ଠ ଖେଳାଳି, ଦୀପକ ଓରାମ ମ୍ୟାନ୍ ଅଫ ଦି ମ୍ୟାଚ୍, ଯୁଗେଶ ବଡ଼ାଇ ଶ୍ରେଷ୍ଠ ଫରୱାର୍ଡ, ଶ୍ରେଷ୍ଠ ଗୋଲକିପର ସୁଜନ, ଶ୍ରେଷ୍ଠ ଡିଫେନ୍ସ ଭାବେ ଅମିତ୍ ଓରାମ, ପ୍ରତିଯୋଗିତାର ଅନୁଶାସନ ଦଳ ଭାବେ ଭୁଲାମାଲ ଦଳକୁ ପୁରସ୍କୃତ କରାଯାଇଥିଲା ।ଅଶୋକ ବେହେରା ଓ ରାଜୀବ ପାଟଯୋଶି ମଞ୍ଚ ପରିଚାଳନା କରିଥିଲେ । ଦୀର୍ଘ ୧୫ ଦିନ ଧରି ଖେଳକୁ ସଫଳତାର ସହ ପରିଚାଳନା କରିଥିବା ରେଫରି ଓ ସ୍ୱେଚ୍ଛାସେବୀଙ୍କୁ ମେଡାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

# ଜାତୀୟ କ୍ରୀଡା ଦିବସ : ପୋଲିସ ବିଭାଗର ୪୧ ଜଣ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



କଟକ (ଭାସ୍କର ନ୍ୟୁଜ): କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡିଶା ପୋଲିସ ବିଭାଗର ୪୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ଆଇପିଏସ ମେସସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ପୋଲିସ ବିଭାଗର କ୍ରୀଡ଼ାବିତଙ୍କ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ଏଥି ନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡିଶା ପୋଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆମେରିକାର ବିର୍ମିଂହାମ ଠାରେ ଅନୁଷ୍ଠିତ ହେଇଥିବା ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୭ ଜଣ କ୍ରୀଡାବିତଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ଗୋଟି ସ୍ୱର୍ଣ୍ଣ, ୩ ଗୋଟି ରୌପ୍ୟ ଏବଂ ୪ ଗୋଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହିତ ଓଡ଼ିଶା ପୋଲିସକୁ ଗୌରବ ମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ। ଆଗାମୀ ଦିନରେ ମଧ୍ୟ ଅନ୍ୟ କ୍ରୀଡ଼ାବିତମାନେ ମଧ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡା କ୍ଷେତ୍ରରେ ଅଂଶଗ୍ରହଣ କରି ଓଡିଶା ପୁଲିସର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଡିଜିପି ୪୧ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ନଗଦ ଅର୍ଥ ରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଂଜୀବ ପଣ୍ଡା, ନିର୍ଦ୍ଦେଶକ (ଏସଏଫଏସଏଲ) ଡ଼ ସନ୍ତୋଷ ବାଲା, ପରିବହନ କମିସନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି,ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି (କେନ୍ଦ୍ରାଞ୍ଚଳ) ଡ଼ଃ ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଙ୍ଗ)ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି.ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଆଇଜି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ ସମାରୋହକୁ ଆୟୋଜନ ଓ ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି । ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ । 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ । ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ।



## କଦଳୀ ଗଛକୁ ବିବାହ କରନ୍ତି ଝିଅ



ବିଶ୍ୱରେ ଏମିତି ଅନେକ ଦେଶ ଅଛି, ଯେଉଁଠି ବିଭିନ୍ନ ପ୍ରକାରର ଅଦ୍ଭୁତ ପରମ୍ପରା ପ୍ରଚଳିତ । ଏଭଳି ଏକ ଅଦ୍ଭୁତ ପରମ୍ପରା ରହିଛି ଆସାମର ସୋଲମାରୀ ଗାଁରେ । ଏଠାରେ ଝିଅମାନଙ୍କ ବିବାହ କଦଳୀ ଗଛ ସହ ସମ୍ପନ୍ନ କରାଯାଇଥାଏ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ଏହି ନିଆରା ବିବାହକୁ 'ତୋଲିନି ବିବାହ' କୁହାଯାଏ । ପରମ୍ପରା ଅନୁସାରେ, ଯେତେବେଳେ ଝିଅ ପିଲାଦିନ ଅତିକ୍ରମ କରି କିଶୋରାବସ୍ଥାରେ ଉପନୀତ ହୁଏ ଅର୍ଥାତ ପ୍ରଥମ ଋତୁଚକ୍ରରେ ପ୍ରବେଶ କରେ ସେତେବେଳେ ଏହି ବିବାହର ଆୟୋଜନ କରାଯାଏ । ଭାରତରେ ଆଜି ବି ମାସିକ ଧର୍ମକୁ ନେଇ ଖୋଲାଖୋଲି ଆଲୋଚନା କରାଯାଏ ନାହିଁ । କିନ୍ତୁ ଭାରତର କିଛି ସ୍ଥାନରେ ଯେମିତିକି ଆସାମ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଝିଅମାନେ କିଶୋରାବସ୍ଥାରେ ପହଞ୍ଚିବା ପରେ ଏଭଳି ଆୟୋଜନ କରି ସେମାନଙ୍କ ବିବାହ କରାଯାଏ । ଏହି ସମୟରେ ଝିଅଙ୍କୁ ସୂର୍ଯ୍ୟଙ୍କ କିରଣରୁ ଦୂରେଇ ରଖାଯାଏ । ଖାଦ୍ୟରେ କେବଳ ଫଳ, କଞ୍ଚା କ୍ଷୀର ଏବଂ ପିଠା ଦିଆଯାଏ । କାରଣ ଏ ସମୟରେ ରନ୍ଧାଖାଦ୍ୟ ସେବନ ଦ୍ୱାରା ଅନିଷ୍ଟ ହୋଇଥାଏ ବୋଲି ଅନ୍ଧବିଶ୍ୱାସ ରହିଛି । ବିବାହ ସମ୍ପନ୍ନ ହେବା ପର୍ଯ୍ୟନ୍ତ ଝିଅକୁ ଭୂଇଁରେ ଶୋଇବାକୁ ପଡ଼େ । ଏ ସମୟରେ କୌଣସି ପୁରୁଷଙ୍କ ଚେହେରା ସେମାନଙ୍କୁ ଦେଖିବାକୁ ବାରଣ କରାଯାଇଥାଏ ।

## ବିଗ୍‌ବସ୍‌ରେ ନିଜ ଜଲୱା ଦେଖାଉଛନ୍ତି ତାନ୍ୟା

ବିଗ୍ ବସରେ ନିଜ ଜଲୱା ଦେଖାଉଛନ୍ତି ତାନ୍ୟା ମହାକୁମ୍ଭରେ ଭାଇରାଲ ହୋଇଥିବା ମଡେଲ ଓ ସୋସିଆଲ ମିଡିଆରେ ପପୁଲାର ଇନଫ୍ଲୁଏନ୍ସର ତାନ୍ୟା ମିତ୍ତଲ ଏବେ ବିଗ୍ ବସରେ ନିଜ ଜଲୱା ଦେଖାଉଛନ୍ତି । ଏବେ ତାନ୍ୟା ମାତ୍ର ୨୫ ବର୍ଷର । ସବୁଠୁ କମ୍ ବୟସର ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଭାବେ ଜଣାଶୁଣା । ଆପଣ ଜାଣନ୍ତି , ତାନ୍ୟା ମାତ୍ର ୫୦୦ ଟଙ୍କାରୁ ନିଜ ବିଜନେସ୍ କ୍ୟାରିୟର ଆରମ୍ଭ କରିଥିଲେ । ହେଲେ ଆଜି କେବଳ ସୋସିଆଲ ମିଡିଆ ଇନଫ୍ଲୁଏଲନ୍ସର ନୁହନ୍ତି ବରଂ ସଫଳ ମହିଳା ଉଦ୍ୟୋଗୀ । ବିଗ୍ ବସରେ ସାମିଲ ହୋଇଥିବା ତାନ୍ୟା ମିତ୍ତଲ ମିସ୍ ଏସିଆ ଟୁରିଜିମ୍ ୟୁନିଭର୍ସ ୨୦୧୮ ର ମୁକୁଟ ହାତେଇ ସାରିଛନ୍ତି । ସେ ନିଜ ସୋସିଆଲ ମିଡିଆ ଭିଡିଓ ମାଧ୍ୟମରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ପର୍ଯ୍ୟଟନର ପ୍ରଚାର ପ୍ରସାର କରୁଛନ୍ତି । ତାନ୍ୟାଙ୍କ ଜନ୍ମ ୧୯୯୮ ଡିସେମ୍ବର ୨୭ରେ ମଧ୍ୟପ୍ରଦେଶ ଗ୍ୱାଲିୟରରେ ହୋଇଥିଲା ।ପ୍ରାଥମିକ ଶିକ୍ଷା ଗ୍ୱାଲିୟରରେ ହିଁ ହୋଇଥିଲା । ସେ ମାତ୍ର +୨ ପାସ୍ କରିଛନ୍ତି । ଏହାପରେ ଇଂରାଜି ଶିଖିବା ଉପରେ ଗୁରୁତ୍ୱ ଦେଇଥିଲେ । ତାନ୍ୟାଙ୍କ ହସ୍ତଶିଳ୍ପ ବ୍ୟବସାୟକୁ ' ହ୍ୟାଣ୍ଡମେଡ୍ ଲଭ୍' ନାଁରେ ଆରମ୍ଭ କରିଥିଲେ । ଫଟୋଫ୍ରେମ୍, ଗିଫ୍ଟ କାର୍ଡ, ପରି ହାତ ତିଆରି ସାମଗ୍ରୀ ତିଆରି କରୁଥିଲେ । ପ୍ରଥମେ ପ୍ରଥମେ ଏସବୁରେ କିଛି ଲଭା ହେଲାନି ।କିନ୍ତୁ ସେ ସୋସିଆଲ ମିଡିଆରେ ସେ ନିଜ ବିଜନେସକୁ ବଢ଼ାଇଲେ । ଏସବୁ ଭିତରେ ଗ୍ରାଜୁଏସନ୍ ଆଡମିସନ କରିଥିଲେ ବି ବାଧ ହୋଇ ମଝିରେ ଛାଡ଼ିଥିଲେ । ୨୦୧୭ରେ ତାନ୍ୟା ନିଜର ବ୍ୟବସାୟ ଆରମ୍ଭ କରିଥିଲେ ।୨୦୧୮ରେ ଫ୍ୟାସନ୍ ଇଣ୍ଡଷ୍ଟ୍ରିରେ ପାଦ ଥାପିଲେ । ମିସ୍ ଟୁରିଜିମ୍ ଏସିଆର ବିଜୟିନୀ ହେବା ପରେ ଲେବାନନରେ ୧୨ ଦିନ ଧରି ଚାଲିଥିବା ୧୬ ରାଉଣ୍ଡକୁ ପାରି କରି ତାନ୍ୟା ୩୧ ଟି ଦେଶର ମଡେଲଙ୍କୁ ପଛରେ ପକାଇ ମୁକୁଟ ପିନ୍ଧିଥିଲେ । ତାନ୍ୟା ନିଜେ କହିଛନ୍ତି ତାଙ୍କୁ ପ୍ରଥମେ ଇଂରାଜି ଆସୁନଥିଲା । କିନ୍ତୁ ନିଜ ବିଜନେସକୁ ଆଗକୁ ବଢ଼ାଇବାକୁ ୟୁଟ୍ୟୁବ ସାହାଯ୍ୟରେ ଇଂରାଜି ଶିଖିଲେ । ଏହାପରେ ନିଜ ବ୍ୟବସାୟ ପାଇଁ ତାନ୍ୟା ଭିଡିଓ ବାନାଇବା ଆରମ୍ଭ କଲେ । ତାନ୍ୟା ୨୦୦ରୁ ଅଧିକ ଝିଅଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଛନ୍ତି । ସେମାନଙ୍କ ପଢ଼ା ଦାୟିତ୍ୱ ନେବା ସହ ସେମାନଙ୍କ ଶିକ୍ଷିତ କରିବା ପରେ ନିଜ ଫ୍ୟାକ୍ଟ୍ରିରେ କାମ ଦେଇ ସ୍ୱାବଲମ୍ବି କରୁଛନ୍ତି ।





'ଦ କେରଳ ଷ୍ଟୋରୀ' ପରେ ଏବେ କ୍ରାଇମ୍ ଥ୍ରୀଲର 'ହାତକ' ରେ ନଜର ଆସିବେ ଅଦା ଶର୍ମା । ଫିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ରିଲିଜ ହୋଇଯାଇଛି ଫିଲ୍ମର ପ୍ରଥମ ପୋଷ୍ଟର । ଯାହା ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି । ପୋଷ୍ଟରରେ ଅଦା ଶର୍ମା ଶିବରଞ୍ଜନ ଆଚାର୍ଯ୍ୟଙ୍କ ଭୂମିକାରେ ନଜର ଆସିଛନ୍ତି ।

## କ୍ରାଇମ୍ ଥ୍ରୀଲର 'ହାତକ'ରେ ନଜର ଆସିବେ ଅଦା

ଅଦା ଶର୍ମା ଫିଲ୍ମକୁ ନେଇ କହିଛନ୍ତି, 'ହାତକର ଅଂଶ ହେବା ମୋ ପାଇଁ ବହୁତ ରୋମାଞ୍ଚକର, ଅଜୟ ସାର୍ ଜଣେ ଜଣାଶୁଣା ବିଜ୍ଞାପନ ଚଳଚ୍ଚିତ୍ର ନିର୍ମାତା ଏବଂ ଏହା ତାଙ୍କର ପ୍ରଥମ ଫିଚର ଫିଲ୍ମ, ଯେତେବେଳେ ମୁଁ ସ୍କ୍ରିପ୍ଟ ପଢ଼ିଲି ଏବଂ ସେ ତାଙ୍କ ଦୃଷ୍ଟିକୋଣକୁ ଏତେ ସ୍ପଷ୍ଟ ଭାବରେ ସେୟାର କଲେ, ମୁଁ ତୁରନ୍ତ ଏହି ପ୍ରୋଜେକ୍ଟ ସହିତ ଯୋଡ଼ି ହୋଇଗଲି । ଏହି ଚଳଚ୍ଚିତ୍ରଟି ଅଜୟ କେ ଶର୍ମାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଲିଖିତ । ଯିଏ ଏପର୍ଯ୍ୟନ୍ତ ବିଜ୍ଞାପନ ଜଗତରେ ନିଜର ଛାପ ଛାଡ଼ିଛନ୍ତି । ଏହା ତାଙ୍କର ପ୍ରଥମ ଫିଚର ଚଳଚ୍ଚିତ୍ର ହେବ । ହାତକ ୮ ପିକଚର୍ସ ବ୍ୟାନରରେ ନିର୍ମିତ ହେଉଛି । ଏହି ଚଳଚ୍ଚିତ୍ରଟି ସତ୍ୟ ଘଟଣା ଦ୍ୱାରା ଅନୁପ୍ରାଣିତ ଏବଂ ଏକ କଞ୍ଚା, ଶକ୍ତିଶାଳୀ ଏବଂ ବାସ୍ତବବାଦୀ କାହାଣୀ ଉପସ୍ଥାପନ କରେ । ଫିଲ୍ମଟି ୨୦୨୬ ରେ ରିଲିଜ ହୋଇପାରେ ।

ବଲିଉଡ ପ୍ରଯୋଜକ-ନିର୍ଦ୍ଦେଶକ କରଣ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ୍ ଅଫ୍ ଦ ଇୟର ରୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ ମୁଖ୍ୟ ନାୟିକା ଭାବେ ପ୍ରବେଶ କରିଥିଲେ ଅଭିନେତ୍ରୀ ଆଲିଆ ଭଟ୍ଟ । ପ୍ରଥମ ଫିଲ୍ମରୁ ହିଁ ତାଙ୍କୁ ଲୋକପ୍ରିୟତା ମିଳିଥିଲା । ସେ ଆଜି ଜଣେ ବଡ଼ ଷ୍ଟାର୍ ପାଲଟିଥିବା ବେଳେ ଅନେକ ଲୋକ ତାଙ୍କ ଡେବ୍ୟୁ ଫିଲ୍ମ ବିଷୟ ଜାଣନ୍ତି ନାହିଁ ।ଏହା ସତ ! ଆମେ ଏଠାରେ ୧୯୯୯ରେ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାରଙ୍କ ଫିଲ୍ମ 'ସଙ୍ଘର୍ଷ' ବିଷୟରେ କହୁଛୁ, ଯେଉଁଥିରେ ପ୍ରୀତି ଜିଣ୍ଟା ମୁଖ୍ୟ ଅଭିନେତ୍ରୀ ଥିଲେ ।

## ଅକ୍ଷୟଙ୍କ ସହ ଥିଲା ଆଲିଆଙ୍କ ପ୍ରଥମ ଫିଲ୍ମ



ଏମାନଙ୍କ ବ୍ୟତୀତ ଅଭିନେତା ଆଶୁତୋଷ ରାଣା ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ । ଯେତେବେଳେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ସେତେବେଳେ ଆଲିଆ ଭଟ୍ଟ ମାତ୍ର ୬ବର୍ଷର ହୋଇଥିଲେ । ଏହି ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାବେଳର ଭୂମିକାରେ ଅଭିନୟ କରିଥିଲେ, ଯାହା କେବଳ ଅଳ୍ପ ସମୟ ପାଇଁ ଥିଲା । କିନ୍ତୁ କମ୍ ସମୟ ପାଇଁ ନଜର ଆସି ବି ସେ ଦର୍ଶକଙ୍କ ହୃଦୟ ଜିତିଥିଲେ ।



## ସ୍କିନ୍ ପାଇଁ ଲାଭକାରୀ ବିଟରୁଟ

ସୁନ୍ଦର ଏବଂ ଗ୍ଲୋଇଂ ସ୍କିନ୍ ପାଇଁ କିଏ ବା ଚାହେଁ । ଖାସ୍ କରି ଝିଅମାନେ ଏଥିକୁ ପ୍ରତି ବେଶୀ ଧ୍ୟାନ ଦେଇଥାନ୍ତି । କ'ଣ ଲଗାଇବେ, କ'ଣ ପିନ୍ଧିବେ ଭଳି ଏମିତି ଅନେକ କିଛି ଭାବିଥାନ୍ତି । ଯାହା ଦ୍ୱାରା ସେମାନେ ସୁନ୍ଦର ଦିଶିପାରିବେ । ବିଶେଷ କରି କିଛି ସ୍ପେଶାଲ ଅକେଜନ ଆସିବା ମାତ୍ରେ ସୁନ୍ଦର ଦିଶିବା ନେଇ ଅଧିକ ଚିନ୍ତାରେ ସେମାନେ ରହିଥାନ୍ତି । ବ୍ୟସ୍ତବହୁଳ ଜୀବନରେ କମ୍ ସମୟ ମଧ୍ୟରେ ସୁନ୍ଦର ଦିଶିବା ପାଇଁ ମାର୍କେଟରେ ବିକ୍ରି ହେଉଥିବା ବିଭିନ୍ନ କେମିକାଲ କ୍ରିମର ବ୍ୟବହାର କରିଥାନ୍ତି ତ ପୁଣି ପାର୍ଲର ଯାଇଥାନ୍ତି । କିଛି କ୍ଷଣ ପାଇଁ ସୁନ୍ଦରତା ଦେଇଥାଏ ସତ କିନ୍ତୁ ପରବର୍ତ୍ତୀ ସମୟରେ ସ୍କିନକୁ ଖରାପ କରିଦେଇଥାଏ । ତେଣୁ ଚମକଦାର ତ୍ୱଚା ସହ ସ୍କିନ୍ ଭଲ ରଖିବାକୁ ଚାହୁଁଥିଲେ ଘରୋଇ କ୍ରିମର ବ୍ୟବହାର କରନ୍ତୁ । କେଉଁ ଭଳି ଭାବେ ଘରୋଇ ଉପାୟ ମାଧ୍ୟମରେ ଗ୍ଲୋଇଂ ସ୍କିନ୍ ପାଇପାରିବେ ଏଥିନେଇ ଆମେ ଆପଣଙ୍କୁ ଆଜି ସେ ସମ୍ପର୍କରେ ଜଣାଉଛୁ ।

■ ଯଦି ସୁନ୍ଦର ଦେଖାଯିବାକୁ ଚାହୁଁଛନ୍ତି ତେବେ ଆମେ ନିତିଦିନିଆ ଜୀବନରେ ବ୍ୟବହାର କରୁଥିବା ଜିନିଷ ଆମ ସମସ୍ୟାର ସମାଧାନ ଖୁବ୍ ସହଜରେ ଦୂର କରିଦେଇପାରିବ । ବିଟରୁଟ୍ ହେଉଛି ସେହିସବୁ ମଧ୍ୟରୁ ଅନ୍ୟତମ । ଯାହା ଆପଣଙ୍କୁ ଏକ ପ୍ରାକୃତିକ ଲାଭ ପ୍ରଦାନ କରିବ । ବିଟରୁଟ୍ ଶରୀର ପାଇଁ ଯେତିକି ଲାଭକାରୀ ଗ୍ଲୋଇଂ ସ୍କିନ୍ ପାଇଁ ମଧ୍ୟ ସେତିକି ପ୍ରଭାବଶାଳୀ ହୋଇଥାଏ ।

■ ବିଟରୁଟରେ ଭିଟାମିନ୍ ସି, ଏ, ବି୬, ଫୋଲିକ୍ ଏସିଡ୍, ଆଣ୍ଟିଅକ୍ସିଡାଣ୍ଟ, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଆଇରନ୍ ରହିଛି, ଯାହା ତ୍ୱଚାକୁ ସୁସ୍ଥ, ହାଇଡ୍ରେଟେଡ୍ ଏବଂ ଚମକଦାର ରଖିବାରେ ସାହାଯ୍ୟ କରିଥାଏ । ଆସନ୍ତୁ ଜାଣିବା ତ୍ୱଚା ପାଇଁ ବିଟ୍ରୁଟର କ'ଣ ଲାଭ ଅଛି ଏବଂ ଆପଣ ଏହାକୁ କିପରି ବ୍ୟବହାର କରିପାରିବେ ।

■ ବିଟରୁଟରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ସ୍କିନରେ ଚମକ ଆଣିବା ସହ ମୁହଁକୁ ସତେଜ ରଖିଥାଏ । ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ବ୍ରଣ ଜନିତ ସମସ୍ୟାକୁ କମାଇଥାଏ । ଏଥିରେ ଥିବା ଜଳୀୟ ଅଂଶ ସ୍କିନକୁ ହାଇଡ୍ରେଟ୍ ରଖିବା ସହିତ ଶୁଷ୍କତାଠାରୁ ମୁକ୍ତି ଦେଇଥାଏ ।

■ ଏତିକି ନୁହେଁ ବରଂ ମୁହଁରେ କଳା ଦାଗ ଦେଖାଦେଉଥିଲେ ଏଥିପାଇଁ ବିଟରୁଟ ବେଷ୍ଟ ହୋଇଥାଏ । ଏହାକୁ ବ୍ୟବହାର କରିବା ଦ୍ୱାରା ଫେସର କଳାରେ ମଧ୍ୟ ହାଲକା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏଥିରେ ଥିବା ଲାଭକାରୀ ଗୁଣ ସ୍କିନକୁ ଖରାରୁ ରକ୍ଷା କରିବାରେ ସହାୟକ କରିଥାଏ । ମୁହଁରେ ପଡୁଥିବା ଭାଙ୍ଗକୁ ମଧ୍ୟ କମ୍ କରିଥାଏ । ସ୍କିନକୁ ଟାଇଟ କରି ରଖିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହା ବ୍ୟତୀତ ସ୍କିନର ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ । ତେବେ ଏହାକୁ କିପରି ବ୍ୟବହାର କରିବେ ଆସନ୍ତୁ ଜାଣିବା ।

■ ଏହା ପ୍ରାକୃତିକ ଉପାଦାନରୁ ତିଆରି । କିନ୍ତୁ ଏହାକୁ ମୁହଁରେ ଲଗାଇବା ପୂର୍ବରୁ ଏକ ପ୍ୟାଚ୍ ଟେଷ୍ଟ କରନ୍ତୁ । ଯଦି କୌଣସି ପ୍ରକାରର ଆଲର୍ଜି କିମ୍ବା ମୁହଁରେ ଜ୍ୱଳନ ହେଉଛି, ତେବେ ଏହି ସବୁଠାରୁ ଦୂରରେ ରହନ୍ତୁ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଦ୍ରକ, (ଭାସ୍କର ନ୍ୟୁଜ ) ଭଦ୍ରକର ଅଧିଷ୍ଠାତ୍ରୀ ଦେବି ମାଆ ଭଦ୍ରକାଳୀଙ୍କ ଦର୍ଶନ କଲେ ନୂତନ ଭାବେ ଦାୟିତ୍ୱ ନେଇଥିବା ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର। ପୁରୀ ଏସପିରୁ ପଦୋନ୍ନତି ପାଇ ପୂର୍ବାଞ୍ଚଳ ଡିଆଇଜି ଭାବେ ବାଲେଶ୍ୱରରେ ଦାୟିତ୍ୱ ଗ୍ରହଣ କରିବାପରେ ଶୁକ୍ରବାର ଭଦ୍ରକ ଜିଲ୍ଲା ଗସ୍ତ କରିବା ସହିତ ମାଆ ଭଦ୍ରକାଳୀଙ୍କ ପୀଠରେ ପହଞ୍ଚି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ଆଶିଷ ଲାଭ କରିଛନ୍ତି। ଏହି ଅବସରରେ ଭଦ୍ରକ ଏସପି ମନୋଜ ରାଉତ ମଧ୍ୟ ଉପସ୍ଥିତ ରହିଥିଲେ। ପୂର୍ବାଞ୍ଚଳ ରେଞ୍ଜରେ କିପରି ଆଇନ ଶୃଙ୍ଖଳା ବଜାୟ ରହିବ ସେଥିପ୍ରତି ଯତ୍ନବାନ ନେଇ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀ ମିଶ୍ର।

## ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଆଠଗଡ

# "ମିଳିତ ହୁଅ ସଂଘର୍ଷ କର ସଂଘଠିତ ରୁହ"



ଆଠଗଡ, (ଭାସ୍କର ନ୍ୟୁଜ): ଅନୁସୁଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଆଠଗଡ ସ୍ଥାନିୟ ବାବା ସାହେବ ଆମ୍ବେଦକର ଭବନଠାରେ ଗଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟାଙ୍କ ସର୍ବସମ୍ମତି କ୍ରମେ ଚାରୁ ଚନ୍ଦ୍ର ବେହେରାଙ୍କୁ ପରିଷଦର ସଭାପତି ଭାବେ ଘୋଷଣା କରାଯାଇଥିବା ବେଳେ ସଂପାଦକ ଭାବେ ସଂଜୟ କୁମାର ପୁର୍ତ୍ତୀ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ରବିନ୍ଦ୍ର ପ୍ରଧାନ, ସଂଗଠନ ସଂପାଦକ ଭାବେ ସ୍ୱପ୍ନାକର ନାଏକ ଓ ସୁମନ ବେହେରା, ସାଂସ୍କୃତିକ ସଂପାଦକ ଭାବେ ଅରୁଣ କୁମାର ଦେଉରୀ, ସୁମିତ୍ରା ଜଙ୍ଗିଲ ସେହିଭଳି ସହ ସଂପାଦକ ଭାବେ ଅଜୟ କୁମାର ବେହେରା ଓ ପ୍ରମୋଦ କୁମାର ମଲ୍ଲିକ ନାମକୁ ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଛି। ଏହାସହିତ ପରିଷଦର ଉପଦେଷ୍ଟା ଭାବେ ଶିକ୍ଷାବିତ୍ ପବିତ୍ର କୁମାର ସାହୁ ଓ କିଶୋର କୁମାର ବେହେରା ମନୋନୀତ ହୋଇଛନ୍ତି । ଏହିକ୍ରମରେ ସଭାପତି ଶ୍ରୀ ବେହେରା ପରିଷଦର ସମସ୍ତ ସଦସ୍ୟଙ୍କୁ ମିଳିତ ହୁଅ ସଂଘର୍ଷ କର ଓ ସଂଗଠିତ ହୋଇ ରହିବାକୁ ଆହ୍ୱାନ ଦେଇଛନ୍ତି । ଏହା ଫଳରେ ଆମେ ଆମର ସ୍ୱତନ୍ତ୍ରତା ବଜାୟ ରଖିବା ସହିତ ନିଜର ଅଧିକାରକୁ ସହଜରେ ହାସଲ କରିପାରିବା ବୋଲି ପ୍ରକାଶ କରିଥିଲେ।

# ବରିଷ୍ଠ ନାଗରିକ ସଂଘର ଅଗଷ୍ଟ ମିଳନ ଉତ୍ସବ

ଆଠଗଡ, (ଭାସ୍କର ନୁଜ): ଆଠଗଡ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ସଙ୍ଘର ଅଗଷ୍ଟ ମିଳନ ଉତ୍ସବ ସଙ୍ଘର ସଭାପତି ଇଂ ଶିବ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଦେଶର ମେରୁଦଣ୍ଡ ବୋଲି ଅବିହିତ କରିଥିଲେ। ସଙ୍ଘର ସାଧାରଣ ସମ୍ପାଦକ ତାଙ୍କ ସମ୍ପାଦକୀୟ ବିବରଣୀ ମାଧ୍ୟମରେ ଉପସ୍ଥାପନ କରିଥିବା ଦାବିଗୁଡିକୁ ଯଥାର୍ଥ ଦର୍ଶାଇ ତାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଆଲୋକପାତ କରି ପ୍ରକାଶ କରଥିଲେ। ଯେ ଚାନ୍ଦବାଲି ଛକ ଓ ବୀରକିଶୋରପୁର ଛକରେ ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ସେ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ଏହା ଯଥା ସମ୍ଭବ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଆଶା ରଖିଛନ୍ତି। ସେହିପରି ଶୋଭାଯାତ୍ରାରେ ଡିଜେ ଶବ୍ଦ ରୋକିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିବା କଥା ଉଲ୍ଲେଖ କରିଥିଲେ। ସେହିପରି ମୁଖ୍ୟବକ୍ତା ହିସାବରେ କଟକ ଜିଲ୍ଲା ବରିଷ୍ଠ ନାଗରିକ ମହାସଙ୍ଘର ସଭାପତି ବିଷ୍ଣୁ ମୋହନ ଦାସସାମନ୍ତ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଥିଲେ। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସଙ୍ଘର ସଭାପତି ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଦିବଂଗତ ସଭ୍ୟ




ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାକୁ ସଙ୍ଘର ସାଧାରଣ ସମ୍ପାଦକ ଗିରୀଶ କୁମାର ମିଶ୍ର ପରିଚାଳନା କରିଥିଲେ। ଉପସଭାପତି ଇଂ ପ୍ରଭାତ କୁମାର ମିଶ୍ର, ସହ ସମ୍ପାଦକ ଧରଣୀଧର ମହାପାତ୍ର, ସଦସ୍ୟ ସୁରେଶ କୁମାର ବେଉରା, ସଭ୍ୟ ବିଜୟ କୁମାର ପ୍ରଧାନ ଓ ପ୍ରମୋଦ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ସଂଘ କମିଟି ସଦସ୍ୟା ପୁଲିନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସି .ଡି .ପିର ଗୁରୁ ପୂଜନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଟକ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ ପକ୍ଷରୁ ଆସନ୍ତା ୫ ସେପ୍ଟେମ୍ବର ଅପରାହ୍ନ ୨ଘଟିକା ସମୟରେ ବରାହୀପୁର ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ କିଭଳି ସଫଳ ଭାବରେ ପରିଚାଳନା କରାଯିବ ସେଥିପାଇଁ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତ ଡ଼. ମଦନ ମୋହନ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅଡସପୁର ସ୍ଥିତ ଜୟଦେବ ମଠଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିକ୍ଷାବିଦ ଦିଲୀପ କୁମାର ମହାନ୍ତି, ଅଧ୍ୟାପକ ପିତାମ୍ବର ସାହୁ, ଶିକ୍ଷକ ସଂଗଠକ ବାପୁଜୀ ମହାରଣା, ସିଡିପି ସଂଯୋଜକ ସଂଗ୍ରାମ ବାରିକ ଓ ପ୍ରାକ୍ତନ ସମ୍ପାଦକ ଉମେଶ ଚନ୍ଦ୍ର ପାଢ଼ୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ବର୍ତ୍ତମାନର ଶିକ୍ଷାଦାନ କରୁଥିବା ଶିକ୍ଷକ ମାନେ ଯେପରି ଅଧିକ ସଂଖ୍ୟାରେ ଯୋଗ ଦେବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ପରିଷଦର ମୁଖ୍ୟ ଆଡ଼ଭୋକେଟ ସରୋଜ କୁମାର ସ୍ୱାଇଁ ପରାମର୍ଶ ଦେଇଥିଲେ। ଶେଷରେ ଆୟୁଷ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁବାଶିଷ ଶୁଭଙ୍କର, ସ୍ମୃତି ରଂଜନ ଓ ବିଶ୍ୱଜିତ ପୁହାଣ ଉପସ୍ଥିତ ରହିଥିଲେ।

# ଧାମନଗର ଥାନାରେ ନୂତନ ଥାନା ଅଧିକାରି ଯୋଗଦାନ ଗୋପାଳ ଗଲେ ରଞ୍ଜନ ଆସିଲେ



ଧାମନଗର ,(ଭାସ୍କର ନ୍ୟୁଜ): ଧାମନଗର ଥାନାର ଅଚାନକ ଭାବରେ ନିକଟରେ ଥାନା ଅଧିକାରୀ ଭାବରେ ଗୋପାଳ ଜେନା କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ମାତ୍ର ବର୍ଷେ ନ ପୁରିଥିବା ବେଳେ ହଠାତ ଶୁକ୍ରବାର ଦିନ ନୂଆ ଥାନାଅଧିକାରି ରଞ୍ଜନ କୁମାର ସେଠୀ ଧାମନଗର ଥାନାରେ କାର୍ଯ୍ୟରେ ଯୋଗଦେଇଛନ୍ତି। ପ୍ରକାଶ ଥାଉକି କିଛି ଦିନ ହେବ ଉକ୍ତ ଥାନାରେ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହିଲାନାହିଁ ଏମିତି କି ଉକ୍ତ ଘଟଣା ଦାଣ୍ଡରେ ପଡ଼ି ହାଟରେ ପଡ଼ିଲା। ଅପର ପକ୍ଷରେ ରାଜନୈତିକ ଛକାଛକିରେ ବି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଉକ୍ତ ଥାନାରୁ ବଦଳି ପାଇଁ ମଧ୍ୟ ଗୋପାଳ ଜେନା ଏସପିଙ୍କୁ ଜଣାଇ ଥିଲେ।ତେବେ ଶୁକ୍ରବାର ଶ୍ରୀ ଜେନାଙ୍କ ବଦଳି ହେବା ପରେ ଶ୍ରୀ ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେବେ ଗଣେଶ ପୂଜା ଭସାଣୀ, ମହମ୍ମଦଙ୍କ ଜୟନ୍ତୀଭଳି ବିଭିନ୍ନ କାର୍ଯ୍ୟକ୍ରମ ଥିବାସହ ଧାମନଗର ୧୯ଟି ପଞ୍ଚାୟତକୁ ନେଇ ଗଠିତ ଥାନାର ଲୋକଙ୍କୁ କେମିତି ନ୍ୟାୟ ପ୍ରଦାନ କରିବେ ବିଶେଷ କରି ଉକ୍ତ ଅଞ୍ଚଳର ଚୋରି, ରାହାଯାନୀ, ଦୁଷ୍କର୍ମକୁ କେମିତି ହେଣ୍ଡଲ କରିବେ ତାହାକୁ ନେଇ ବଡ ପ୍ରଶ୍ନ। ବିଶେଷ କରି ଚୋରା ମଦିକୁ ନଜର ରଖିବାସହ ସମସ୍ତଙ୍କ ସହ କାର୍ଯ୍ୟ କରିବେ ବୋଲି ଥାନା ଅଧିକାରି ଶ୍ରୀ ସେଠୀ କହିଛନ୍ତି। ଶ୍ରୀ ସେଠୀ ପ୍ରଥମେ ଦେବଗଡ଼ ଜିଲ୍ଲାରେ ୨୦୧୦ ମସିହାରେ ଏସ ଆଇ ଭାବେ କର୍ଯ୍ୟକରିବା ପରେ ଧାମନଗର ଥାନାରେ ଆଇ ଆଇ ସି ଭାବରେ ଯୋଗ ଦେଇଛନ୍ତି।

# ଚିନ୍ତା ଓ ଚେତନାର ୪୮ତମ ସଂସ୍କରଣ

## ଅନ୍ତର୍ରାଜ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କେଲ ତିରୁପତି ପାଣିଗ୍ରାହୀ



ସାହିତ୍ୟ, ସଙ୍ଗୀତ, ନୃତ୍ୟର ସମ୍ମଳିତ ସମ୍ମିଳନୀ ଚିନ୍ତା ଓ ଚେତନାର ୪୮ତମ ରାଷ୍ଟ୍ରୀୟ ସଂସ୍କରଣ ଓ ସଂସ୍କୃତି ସମାରୋହ ବର୍ଷା ଆଧାରିତ ନୃତ୍ୟ ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶତାଧିକ ନୃତ୍ୟଶିଳ୍ପୀଙ୍କ ମେନୋରମ ନୃତ୍ୟ ପ୍ରଦର୍ଶନର ରବିନ୍ଦ୍ର ମଣ୍ଡପ ଉଚ୍ଛୁଳି ପଡୁଥିଲା। ନୃତ୍ୟର ବର୍ଷାର ଆଗମନ, ପ୍ରସ୍ଥାନ ଓ ବର୍ଷା ବୈଭବକୁ ନୃତ୍ୟଶିଳ୍ପୀମନେ ଖୁବ୍ ଦକ୍ଷତାର ସହ ଉପସ୍ଥାପନ କରୁଥିଲେ। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରି ନିଜକୁ ଗୌରବ ଅନୁଭବ କରୁଛନ୍ତି ବୋଲି କହୁଥିବାବେଳେ ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ପ୍ରତିଷ୍ଠାତା ମହାସଚିବ ସୁରେନ୍ଦ୍ର ଦାସଙ୍କ ବଳିଷ୍ଠ ଅୟୋଜନରେ ଦୀର୍ଘ ୪୮ ବର୍ଷ ଧରି ଅୟୋଜିତ ହେଉଥିବା ଏହି ନୃତ୍ୟ ସଙ୍ଗୀତ ଉତ୍ସବକୁ ସବୁ ବଗର୍ର ଦର୍ଶକମନେ କରତାଳି ଦେଇ ଉତ୍ସାହିତ କରୁଥିଲେ। ଉତ୍ସବକୁ ବିଶିଷ୍ଟ ମଞ୍ଚ ସଞ୍ଚାଳକ ତଥା ଦକ୍ଷ କଥାଶିଳ୍ପୀ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ସମସ୍ତଙ୍କୁ ନେଇ ନବୀନ ବାବୁ ଚାଲିଛନ୍ତି ଆଗକୁ ବି ଚାଲିବେ: ସୁଭାଶିଷ ଖୁଣ୍ଟିଆ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡିରେ ଭିକେ ପାଣ୍ଡିଆନ ଓ ସୁଜାତା କାର୍ତିକେୟନଙ୍କୁ ନେଇ ଚର୍ଚ୍ଚା ପ୍ରସଂଗରେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଂଟିଆ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ନୂତନ ଓଡ଼ିଶା ଗଠନରେ ନବୀନ ପଟ୍ଟନାୟକଙ୍କ ଯେଉଁ ନିର୍ଦ୍ଦେଶ ଥିଲା ରୂପାନ୍ତରିତ କରିବାକୁ ଦୁଇ ଦମ୍ପତି ଉଦ୍ୟମ କରିଛନ୍ତି। ପୁରୀର ଅନେକ ବିକାଶ ହୋଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ବିକାଶ ହୋଇଛି। ମହିଳା ମାନେ ଝୁରୁଛନ୍ତି। ଯିଏ କାମ କରିଛି ତାଙ୍କୁ ପ୍ରଶଂସା କରିବାର ଆବଶ୍ୟକତା ଅଛି। ନୂତନ ଓଡ଼ିଶା ପାଇଁ ତାଙ୍କ ଅବଦାନ ରହିଛି, ଏକଥା ଅସ୍ୱୀକାର କରାଯାଇ ପାରିବନି। ଲୋକଙ୍କର ଜୀବନ ସାରା ମନେ ରହିବ। ଚର୍ଚ୍ଚାର କୌଣସି ମାନେ ନାହିଁ। ଯାହା ହେବ ସମସ୍ତେ ଜାଣିବେ। ଯିଏ ଭଲ କାମ କରିଛନ୍ତି ଲୋକେ ତାଙ୍କୁ ମନେ ପକାଉଛନ୍ତି। ନବୀନ ପଟ୍ଟନାୟକଙ୍କ ନିଷ୍ପତି ଅନୁସାରେ ସବୁ ଚାଲିଛି। ସେ ଯାହା ନିଷ୍ପତି ନେବେ ତାକୁ ସମସ୍ତେ ମାନିବେ।ସମସ୍ତଙ୍କ ନେଇ ଆଗକୁ ଚାଲିଛନ୍ତି ନବୀନ ପଟନାୟକ। ସବୁ ବରିଷ୍ଠଙ୍କୁ ଦଳ ସମ୍ମାନ ଦେଉଛି। ସମସ୍ତଙ୍କୁ ନେଇ ନବୀନ ବାବୁ ଚାଲିଛନ୍ତି ଆଗକୁ ବି ଚାଲିବେ।

# ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଜାତୀୟ କ୍ରୀଡ଼ା ଦିବସର ହାର୍ଦ୍ଦିକ ଶୁଭେଚ୍ଛା। ଆମେ ଏହି ଦିନରେ ମହାନ ହକି ଖେଳାଳି ମେଜର ଧ୍ୟାନଚନ୍ଦ ଜୀଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ସ୍ମରଣ କରୁଛୁ ଓ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆମ ଦେଶ ପାଇଁ ଗର୍ବ ଆଣିବା ନିମନ୍ତେ ନିଜ ସମସ୍ତ ଶକ୍ତି ଓ ପ୍ରୟାସ ଦେଇଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛୁ । କ୍ରୀଡ଼ା କେବଳ ଶାରୀରିକ କସରତ କିମ୍ବା ମନୋରଞ୍ଜନମୂଳକ କାର୍ଯ୍ୟକଳାପ ନୁହେଁ। କ୍ରୀଡ଼ା ହେଉଛି ଜୀବନ ଜୀବିକାର ଏକ ଅଂଶ ଓ ଏହା ଜୀବନର ଅତ୍ୟାବଶ୍ୟକ ଦକ୍ଷତା ବିକାଶ କରିବାରେ, ସ୍ୱାସ୍ଥ୍ୟ ଓ ମାନସିକ ସମୃଦ୍ଧି ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏହିକାରଣରୁ, ଜାତୀୟ ଶିକ୍ଷା ନୀତି ୨୦୨୦ ରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଂଗ ଭାବରେ ଅନିବାର୍ଯ୍ୟ କରାଯାଇଛି। ଆମେ ଦେଶରେ ଏକ ସଜାଗ କ୍ରୀଡ଼ା ସଂସ୍କୃତି ଗଢ଼ି ତୋଳିବା, ତୃଣମୂଳ ସ୍ତରରୁ ପ୍ରତିଭା ଖୋଜିବା ଓ ପୋଷଣ କରିବା ଓ ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତି ଭାବରେ ପରିଣତ କରିବା ପ୍ରତି ପ୍ରତିବଦ୍ଧ ଅଟୁ।

## ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀଜୀଉଙ୍କ ଆଶୀର୍ବାଦ ନେଲେ ଡିଆଇଜି ଡ.ସତ୍ୟଜିତ ନାଏକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀଜୀଉଙ୍କ ଆଶୀର୍ବାଦ ନେଇଛନ୍ତି ଡିଆଇଜି ଡ.ସତ୍ୟଜିତ ନାଏକ । ଡିଆଇଜି ଡ.ସତ୍ୟଜିତ ନାୟକ କେନ୍ଦ୍ରାଂଚଳର ନୂତନ ଡିଆଇଜି ଭାବେ ଦାୟିତ୍ୱ ନେବା ପୂର୍ବରୁ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଶ୍ରୀଜୀଉଙ୍କ ଆଶୀର୍ବାଦ ନେଇଛନ୍ତି। ତାଙ୍କର ଏହି ଆଧ୍ୟାତ୍ମିକ ପଦକ୍ଷେପ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ନେତୃତ୍ୱ ପ୍ରତି ସମର୍ପଣକୁ ଦର୍ଶାଉଛି ।

## କାନାଡ଼ାରେ ଭାରତର ଆଗାମୀ ହାଇକମିଶନର ଭାବରେ ନିଯୁକ୍ତି ପାଇଥିବା ଓଡ଼ିଶାର ଦିନେଶ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଭାତି ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ବରିଷ୍ଠ ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରୀ ଦିନେଶ ପଟ୍ଟନାୟକ କାନାଡ଼ାରେ ଭାରତର ହାଇକମିଶନର ଭାବେ ନିଯୁକ୍ତି ପାଇଛନ୍ତି । ଏହି ମହତ୍ତ୍ୱପୂର୍ଣ୍ଣ ରାଷ୍ଟ୍ରସେବାରେ ବ୍ରତୀ ହୋଇ ସେ ଜନ୍ମମାଟି ପାଇଁ ଆହୁରି ଗୌରବ ଆଣନ୍ତୁ, ମହାପ୍ରଭୁଙ୍କ ନିକଟରେ ଏତିକି କାମନା କରୁଛି ।

# ବରମୁଣ୍ଡା ଶବରସାହି ପରିଦର୍ଶନ କଲେ ସେଣ୍ଟ୍ରାଲ ଟିମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରମୁଣ୍ଡା ଶବରସାହି ପରିଦର୍ଶନ କରିଛନ୍ତି ସେଣ୍ଟ୍ରାଲ ଟିମ । ପିଏମ ଆବାସ ଯୋଜନା, ପିଏମ ସୋନିଧି ଯୋଜନାରେ ସାମିଲ ଥିବା ବସ୍ତି ବାସିନ୍ଦାଙ୍କୁ ଭେଟିଛନ୍ତି । ବସ୍ତି ବାସିନ୍ଦାଙ୍କୁ ଭେଟି ସମସ୍ତେ ଘର ପାଇଛନ୍ତି ନା ନାହିଁ ଏବଂ ସେମାନଙ୍କ ସୁବିଧା ଓ ଅସୁବିଧା ନେଇ ଆଲୋଚନା କରିଛନ୍ତି । ବିଶେଷ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିଭଳି ସେମାନଙ୍କ ପାଖରେ ପହଂଚିଛି ଓ ସେମାନେ କିପରି ଏହାର ଲାଭ ପାଉଛନ୍ତି ସେ ବିଷୟରେ ଆଲୋଚନା କରିଛନ୍ତି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ବିଏମ୍ସି କମିଶନର ଚଞ୍ଚଲ ରାଣାଙ୍କ ଉପସ୍ଥିତରେ ଶବର ସାହି ପରିଦର୍ଶନ କରିଛନ୍ତି ସେଣ୍ଟ୍ରାଲ ଟିମ ।

# ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ସେପଟ୍ଟେମ୍ବର ୩ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ବସିବ। ସେଥିରେ ଧାଡ଼ି ଦର୍ଶନ ପାଇଁ କଣ କଣ ଆବଶ୍ୟକତା ରହିଛି ସେନେଇ ଆଲୋଚନା ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେହିଦିନ ମଧ୍ୟ ହୁଣ୍ଡି ସ୍ଥାନାନ୍ତର ପାଇଁ ଆଲୋଚନା କରାଯିବ। ଧାଡ଼ି ଦର୍ଶନ ପାଇଁ ପକ୍ରୀୟ ଆରମ୍ଭ ହୋଇସାରିଲାଣି। ଆସନ୍ତା ୧୫ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏଂ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରତ୍ନ ଭଣ୍ଡାରର ଗଣତି ମାଣତି ପାଇଁ ଆଲୋଚନା ହେବାର ଅଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

## ଆଗକୁ ଦଳରୁ ଦୂରେଇ ଯିବି: ପ୍ରଫୁଲ୍ଲ ମଲ୍ଲିକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦଳ ଠିକ୍ ଭାବେ ପରିଚାଳିତ ହେଉନାହିଁ। ବିଜେଡି ବିରୋଧୀ ଦଳ ଭାବେ ଯେଉଁଭଳି କାର୍ଯ୍ୟକ୍ରମ କରିବା କଥା ତାହା କରୁନାହିଁ। ଏଭଳି ବିସ୍ଫୋରକ ବୟାନ୍ ଦେଇଛନ୍ତି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ପୂର୍ବରୁ ମଧ୍ୟ ଏଭଳି ବୟାନ ଦେଇ ପ୍ରଫୁଲ୍ଲ କହିଥିଲେ ପାଣ୍ଡିଆନଙ୍କୁ ନେଇ ନବୀନ ଯାହା କହିଲେ ବି ତାହାକୁ ସହଜରେ ବିଜେଡିର ବରିଷ୍ଠ ନେତା ମାନିପାରୁନାହାନ୍ତି। ନାଲି ଆଖି କେହି କାହାକୁ ଦେଖାଇ ପାରିବେ ନାହିଁ । ଆମେ କେତେବେଳେ କେଉଁଠି ବସିବୁ ବ୍ୟକ୍ତିଗତ କଥା ।

# ସେପ୍ଟେମ୍ବର ୧ରେ ଆନ୍ଦୋଳନ କରିବେ ବନ ବିଭାଗ ଅସ୍ଥାୟୀ କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସେପଟ୍ଟେମ୍ବର ୧ ରେ ଅରଣ୍ୟ ଭବନ ସାମ୍ନାରେ ଆନ୍ଦୋଳନ କରିବେ ବନ ବିଭାଗ ଅସ୍ଥାୟୀ କର୍ମଚାରୀ । ୭ ଦଫା ଦାବି ନେଇ ଆନ୍ଦୋଳନ କରିବେ ସଂଘ ।ଆଉଟ ସୋର୍ସିଂରେ ୭୦୦୦ କର୍ମଚାରୀ ପାଖାପାଖି ବିଭାଗ ଅଧୀନରେ କାମ କରୁଛନ୍ତି । ସଂଘ କହିଛି ଯେ ଥାର୍ଡ ପାର୍ଟି ଦ୍ୱାରା ଆମେ କରୁଛୁ, କିନ୍ତୁ ବେତନ ଠିକ୍ ଭାବେ ମିଳିନାହିଁ. । ପ୍ରତିଦିନ କାମ କରୁଛୁ ବିଭାଗ ପାଇଁ, ପ୍ରତିଦିନ ଜଙ୍ଗଲରେ କାମ କରୁଛୁ ଜୀବନକୁ ବାଜି ଲଗାଇ, କିନ୍ତୁ ସେହି ଅନୁସାରେ ସୁବିଧା ମିଳି ପାରୁନାହିଁ । ପ୍ରତିଦିନ ୧୨ ରୁ ୧୫ ଘଂଟା କାମ କଲେ ମଧ୍ୟ ଦିନ ମଜୁରିଆ ଠୁ ଦରମା କମ ମିଳୁଛି । କାଠ ମାଫିଆ, ପଶୁ ଶିକାରୀ, ହାତୀ, ବାଘ, ଭାଲୁ ବା ଅନ୍ୟ ଜୀବ ଜନ୍ତୁଙ୍କ ଦ୍ୱାରା ମୃତ୍ୟୁ ହେଲେ କୌଣସି ସ୍ୱତନ୍ତ୍ର ସହାୟତା ମଧ୍ୟ ନଥିବା କହିଛନ୍ତି ।ତେଣୁ ବରମ୍ବାର ବିଭାଗୀୟ ମୁଖ୍ୟ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସହାୟତା ମିଳିନାହିଁ, କିମ୍ବା ପ୍ରତିଶ୍ରୁତି ମିଳିନାହିଁ । ଯାହା ଫଳରେ ସେପଟ୍ଟେମ୍ବର ୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ ବନ୍ଦ ଓ ଆନ୍ଦୋଳନ ଡାକରା ଦେଇଛି ସଂଘ ।

## ଜାତୀୟ କ୍ରୀଡ଼ା ଦିବସରେ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡ଼ା ଦିବସରେ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଜାତୀୟ କ୍ରୀଡ଼ା ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ହକିର ଯାଦୁଗର ଭାବେ ସୁପରିଚିତ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀରେ କୋଟି ପ୍ରଣାମ ଜଣାଉଛି। ଭାରତର ହକିକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେବାରେ ତାଙ୍କର ଅବଦାନ ଅତୁଳନୀୟ।

## ଦିନେଶ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କାନାଡ଼ାରେ ଭାରତର ଆଗାମୀ ହାଇକମିଶନର ଭାବରେ ନିଯୁକ୍ତି ପାଇଥିବା ଓଡ଼ିଶାର ଦିନେଶ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଓଡ଼ିଶାରେ ଜନ୍ମିତ ଦିନେଶ ପଟ୍ଟନାୟକଙ୍କୁ କାନାଡ଼ାରେ ଭାରତର ଆଗାମୀ ହାଇକମିଶନର ଭାବରେ ନିଯୁକ୍ତି ଦିଆଯାଇଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଉଛି । ତାଙ୍କର ସଫଳ କାର୍ଯ୍ୟକାଳ କାମନା କରୁଛି ।

# ନୂଆଁଖାଇରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



ବଲାଙ୍ଗିର, (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ମାଣ୍ଡିଆପଦର ନିଜ ଗ୍ରାମରେ ପଶ୍ଚିମ ଓଡିଶାର ପୁରପଲ୍ଲୀ ନୂଆଁଖାଇ ରେ ଚଳଚଞ୍ଚଳ ଥିବା ବେଳେ ନିଜ ଜନ୍ମ ମାଟିରେ ପରିବାରଙ୍କ ସହିତ ନୂଆଁଖାଇଲେ ଓ ଭେଟଘାଟ ହୋଇ ନିଜ ଗ୍ରାମ ଦେବାଦେବୀ, ଚାଷ ଜମି ପୂଜା ଅର୍ଚ୍ଚନା କରି ଏକାଠି ହୋଇଥିଲେ ଓଡିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗି । ବଲାଙ୍ଗିର ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜିବି ଆସି ଭେଟଘାଟ ରେ ସାମିଲ ଥିଲେ । ବ୍ୟସ୍ତତା ମଧ୍ୟରେ ଥାଇ ଆଜି ପରଂପରାର ନୂଆଁଖାଇ ରେ ସାମିଲ ହୋଇଥିଲେ ।

# ଦୁଇ ପରିବାରକୁ ଗାଁରୁ ତଡ଼ିବା ଉଦ୍ୟମ ବିଫଳ, ଭୟରେ ଅଛନ୍ତି ଦୁଇ ପରିବାର



ବନ୍ଧୁଗାଁ , (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ ମାଣିକିବାଲସା ଗ୍ରାମରେ ଆଜି ଦୁଇ ଖଣ୍ଡ ଗ୍ରାମବାସୀ ମିଳିତ ହୋଇ ଟ୍ରାକ୍ଟର ଓ କମାଣ୍ଡରରେ ଯାଇ ଦୁଇ ଜଣ ପରିବାରଙ୍କୁ ଗାଁରୁ ତୋଡ଼ିଦେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ପହଞ୍ଚିବାରୁ ତାହା ବିଫଳ ହୋଇଛି। ସୁଚନା ଅନୁଯାୟୀ ଦୀର୍ଘ ଦୁଇ ବର୍ଷ ତଳେ ଗ୍ରାମର ନାଗେଶ ହିମିରିକା ଓ ସିଙ୍ଗାନା ହିମରିକା ଧର୍ମ ପରିବର୍ତ୍ତନ କରିଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ନେଇ ଗ୍ରାମବାସୀ ସେମାନଙ୍କୁ ଅନେକ ଥର ଗାଁ ଛାଡ଼ି ଚାଲିଯିବା , କିଏ ମୃତ୍ୟୁ ବରଣ କଲେ କବର ପାଇଁ ଜାଗା ନ ଦେବା ଓ ଚାଷ ଜମି ଛାଡ଼ି ଦେବା ସହ ଘର ଭାଙ୍ଗି ଦେବାର ଭୟ ଦେଖାଇ ଆସୁ ଥିଲେ। ପୁଣି ଧର୍ମ ନ ଛାଡ଼ିଲେ ପରମ୍ପରା ଅନୁଯାୟୀ ଥିବା ପୂଜାକୁ ଟଙ୍କା ଓ ଷାଠିଏ ହଜାରରୁ ଅଧିକ ଟଙ୍କା ଦେବାକୁ ନିଷ୍ପତି ନେଇ ଥିଲେ। ଏହି ଦୁଇ ପରିବାର ଗ୍ରାମବାସୀଙ୍କ ନିଷ୍ପତି ଅନୁଯାୟୀ ବହୁବାର ତାଗିଦ ପରେ ମଧ୍ୟ କିଛି ନ ମାନି ନିଜ ଜମିରେ ଚାଷ ବାସ ଓ ଗଛପତ୍ର ଲଗାଇ ଗାଁରୁ କିଛି ଦୂରରେ ଥିବା ଜମି ରହି ଆସୁ ଥିଲେ। ଆଜକୁ ଦୁଇ ସପ୍ତାହ ତଳେ ନାଗେଶ ହିମିରିକାଙ୍କ ଘରୁ ୭ଟି ଗାଈ ଓ ଦୁଇଟି ଛେଳି ଗ୍ରାମବାସୀ ନେଇ ଆସି ଗାଁରେ ରଖି ଥିଲେ। ଦୁଇ ଦିନ ତଳେ ନାଗେଶ ଗାଁକୁ ଯାଇ ଗାଈ ଗୁଡିକ ନେଇ ଆସିଥିଲେ। ପରିବାରର ବାପା ଧର୍ମ ପରିବର୍ତ୍ତନ କରି ନଥିବା ବେଳେ ସ୍ତ୍ରୀ, ଦୁଇ ପୁଅ, ବଡ ଭଉଣୀ ଧର୍ମ ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନ ବାପା ରୋଗାକ୍ରାନ୍ତ ହୋଇ ଥିବାରୁ ତାଙ୍କୁ ସ୍ତ୍ରୀ ଓ ପୁଅ ମାନେ ଚିକିତ୍ସା ନ କରିବାରୁ ଜମିରେ ରହୁଥିବା କୁଡ଼ିଆ ଘର ଛାଡ଼ି ଗାଁରେ ନିଜ ପୁତୁରାଙ୍କ ଠାରେ ଯାଇ ରହୁଛନ୍ତି। ଏହାକୁ ନେଇ ଆଜି ଦୁଇ ଖଣ୍ଡ ଗ୍ରାମବାସୀ ସକାଳ ଆଠଟା ବେଳେ ଟ୍ରାକ୍ଟର ଓ କମାଣ୍ଡରରେ ଯାଇ ନାଗେଶ ହିମିରିକା ଘରକୁ ଯାଇ ଘରର ଧାନ, ଚାଉଳ, ମାଣ୍ଡିଆ, ଖଟ, ପୋଷାକ, ରୋଷେଇ ସାମଗ୍ରୀ ଇତ୍ୟାଦି ଟ୍ରାକ୍ଟର ଆଣି ରଖି ଦ୍ୱିତୀୟ ବ୍ୟକ୍ତିଙ୍କ ଘରକୁ ଫେରି ଆସୁଥିଲେ। ସ୍ଥାନୀୟ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର କୌଣସି ସୁତ୍ରରୁ ଖବର ପାଇ ସଙ୍ଗେ ସଙ୍ଗେ ନିଜ ପୁଲିସ କର୍ମଚାରୀଙ୍କ ସହିତ ଗାଁରେ ପହଞ୍ଚି ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ବୁଝାସୁଝା କରି ଟ୍ରାକ୍ଟର ସମସ୍ତ ସାମଗ୍ରୀ ଓହ୍ଲାଇ ଫେରାଇ ଦେଇ ଛନ୍ତି। ଥାନା ଆଇଆଇସି ଓ ସ୍ଥାନୀୟ ସରପଞ୍ଚ ମେଲେକା ଆକାମା ଓ ଆଇନ ଯିବି କମେଶ୍ୱର ରତ୍ନାଲୁଙ୍କ ଉପସ୍ଥିତିରେ ଅଳ୍ପ ଦିନ ଭିତରେ ଗ୍ରାମବାସୀଙ୍କୁ ଥାନାକୁ ଡ଼ାକି ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବା ପାଇଁ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ମଧ୍ୟ ଅଣ୍ଟାମଡ଼ା ଗାଁର ସମସ୍ୟା ସମାଧାନ ନ ହୋଇ ଥିବା ବେଳେ ଚାରି ପରିବାର ଗାଁରୁ ତଡା ଖାଇ ବହୁ କଷ୍ଟରେ ରହି ଆସୁଛନ୍ତି।

# ଚଳିତ ବର୍ଷ ଧୁମଧାମରେ ହେବ ଝାରପଡା ଦୁର୍ଗା ପୂଜା

## ଝାରପଡା ଦୁର୍ଗାପୂଜା ସମିତି ତରଫରୁ ମୃତ୍ତିକା ଚୟନରେ ସାମିଲ୍ ହେଲେ ବହୁ ସଂଖ୍ୟାରେ ଗ୍ରମବାସୀ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆଗକୁ ପାର୍ବଣର ଋତୁ ଏ ନେଇ ଚଳଚଞ୍ଚଳ ରାଜଧାନୀ। ପାଖେଇ ଆସୁଚି ଜଗତ ଜନନୀ ମା' ଜଗଦମ୍ବାଙ୍କ ଦର୍ଗା ପୂଜା ଏ ନେଇ ରାଜଧାନୀରେ ଥିବା ସମସ୍ତ ପୂଜା କମିଟି ନିଜକୁ ଏବେଠୁ ପ୍ରସ୍ତୁତ କରି ସାରିଲେଣି । ରାଜଧାନୀରେ ଦୀର୍ଘ ୧୪ ବର୍ଷ ହେବ ଶାନ୍ତି ଶୃଙ୍ଖଳା ଓ ଜାକଜକମରେ ମ' ଦୁର୍ଗାଙ୍କ ପୂଜା ଆୟୋଜନ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କିରିଛି । ଏହି ଅବସରରେ ଆଜି ଝାରପଡା ଦୁର୍ଗା ପୂଜା ସମିତିର ମିଳିତ ସହଯୋଗରେ ଚଳିତ ପୂଜାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ଗଠନ ପାଇଁ ମୃତ୍ତିକା ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଜାଇଚି। ସକାଳ ଝାରପଡା ଗ୍ରାମର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିରେ ବହୁ ମହିଳା ଓ ପୁରୁଷ ଝାରପଡା ଜେଲ୍ ନିକଟସ୍ତ ବୌଦ୍ଧଗଡିଆଣି ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଆଜ୍ଞାମାଳ ଆଣି ପାରମ୍ପରିକ ବାଦ୍ୟ ରୋଷଣୀରେ କୂଆଖାଇ ନଦୀପଠାରେ ପହଞ୍ଚିଥିଲେ । ସେଠାରେ ବିଦ୍ଧି ମୁତାବକ ପୂଜାପାଠ କରିବା ସହ ସେଠାରୁ ମାଙ୍କ ପାଇଁ ପବିତ୍ର ମାଟି ଆଣି ଗ୍ରାମର ମେଲଣ ପଡିଆରେ ମା'ଙ୍କ ପାଇଁ ନିର୍ମିତ ମଣ୍ଡପରେ ପହଞ୍ଚି ଥିଲେ । ଏହି କାର୍ଯ୍ୟଯକ୍ରମରେ ଝାରପଡା ଦୁର୍ଗାପୂଜା ସମିତି ସଭାପତି ପ୍ରଭାତ ମାର୍ଥା, ସମ୍ପାଦକ ପ୍ରକାଶ ସାମନ୍ତରାୟ, ଗ୍ରାମ କମିଟି ସଭାପତି ଗୋରାଚାନ୍ଦ ମଙ୍ଗରାଜ ସମ୍ପାଦକ ଉମାକାନ୍ତ ଜେନା, ସମିତିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ସୁନୀଲ ଜେନା, ଜହୁର ଖାନ,କଲିମୁଦ୍ଦିନ ଖାନ ଆୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।



ଭଦ୍ରକ (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ କ୍ରୀଡା ଉତ୍ସବରେ ଶପଥ ପାଠ କରି ଜିଲ୍ଲାର ୧୪ ଜଣ ଜାତୀୟ ସ୍ତରର ମନୋନିତ ହୋଇଥ?ବା ପୁଅ ଓ ଝିଅ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କ୍ରୀଡ଼ା , ଉତ୍ସାହ ଏବଂ ଏକତାର ଦେଶ ବ୍ୟାପୀ ଉତ୍ସବ ଆଜି ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ ରାୟ, ଓଏସଡି ରମେଶ ମହାନ୍ତି, ଜିଲ୍ଲା ଆଥେଲେଟିକ ଆସୋସିଏସନର ଯୁଗ୍ମ ସମ୍ପାଦକ ଅତିଶ ବେହେରା ପ୍ରମୁଖ ଯୋଗ ଦେଇ କ୍ରୀଡାର ଭିତ୍ତି ଭୂମି ବିକାଶ ହେବା, ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ କ୍ରୀଡାପ୍ରତି ନିଷ୍ଠା ଆଦର୍ଶକୁ ମନେପକାଇ ଅନ୍ତର୍ନିହିତ କ୍ରୀଡା ପ୍ରତିଭାକୁ ଜାଗ୍ରତ କରିବା ସହିତ କ୍ରୀଡା ବିତ୍ ଓ ପ୍ରତିଭା ମାନଙ୍କୁ ରାଜ୍ୟ ଏବଂ ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଶତାଧିକ କ୍ରୀଡାବିତ୍ ଯୋଗ ଦେଇଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ : ପ୍ରଶାସନ ଏକାଦଶ ବିଜୟୀ

ପୁରୀ (ଭାସ୍କର ନ୍ୟୁଜ) : ଜାତୀୟ କ୍ରିଡା ଦିବସ ଓ ପୁରୀ ପୌରପାଳିକା ର ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ରେ ପ୍ରଶାସନ ଏକାଦଶ ବିଜୟୀ ହୋଇଛି ।ଶ୍ରୀ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ଏହି ମ୍ୟାଚ ପ୍ରଶାସନ ଏକାଦଶ ଓ ପୌରପାଳିକା ଏକାଦଶ ମଧ ରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ବ୍ୟାଟିଂ କରି ଜିଲ୍ଲା ପ୍ରଶାସନ ୫ ୱିକେଟ ହରାଇ ୧୨୫ ରନ କରିଥିଲେ ।ଏହାକୁ ପିଛା କରି ପୌର ଏକାଦଶ ୮୯ ରନରେ ସମସ୍ତ ୱିକେଟ ହରାଇ ଥିଲେ ।ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ୩୧ରନ କରିବା ସହ ୨ଟି ଷ୍ଟମ୍ପିଂ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ।ଜିଲ୍ଲା ପ୍ରଶାସନ ତରଫରୁ ଗୋପାଳ ଗୁରୁ ୨୯ରନ କରି ଥିବା ବେଳେ ସନ୍ତୋଷ ବରାଳ ୩ଟି ୱିକେଟ



ନେଇଥିଲେ ।ପୌର ପାଳିକା ଏକାଦଶ ପକ୍ଷରୁ ରଜନୀକାନ୍ତ ମଙ୍ଗରାଜ ୨୬ରନ କରିବା ସହ ୨ଟି ୱିକେଟ ନେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଜିଲ୍ଲା ପ୍ରଶାସନ ଏକାଦଶର ନେତୃତ୍ୱ ନେଇଥିବା ବେଳେ ପୌରପାଳିକା ଏକାଦଶ ର ନେତୃତ୍ୱ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, କେଡିଏ ସେକ୍ରେଟାରୀ ଦିଲ୍ଲିପ କୁମାର ମହାରଣା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ,ସହକାରୀ ଜିଲ୍ଲାପାଳ କୃଷ୍ଣ ଚନ୍ଦ୍ର ମହାପାତ୍ର, ତନ୍ମୟ ଦାସ ଅନ୍ୟାନ୍ୟ ଅଧିକାରୀ ଓ ପୌର ପାଳିକା କର୍ମଚାରୀ ମାନେ ଯୋଗ ଦେଇଥିଲେ ।ବିଜେତା ଓ ଉପ ବିଜେତା ଦଳକୁ ସ୍ୱାୟତ ଶାସନ ଦିବସ ରେ ଟାଉନ ହଲ ଠାରେ ପୁରସ୍କୃତ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଜାତୀୟ କ୍ରୀଡା ଦିବସ



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା) ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଆଜି ଜାତୀୟ କ୍ରୀଡା ଦିବସ ପାଳନ କରାଯାଇ ରେଳ କର୍ମଚାରୀ ଏବଂ ସମୁଦାୟ ମଧ୍ୟରେ କ୍ରୀଡାପ୍ରେମ, ଫିଟନେସ୍ ଏବଂ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ଆକର୍ଷଣୀୟ ଏବଂ ଉତ୍ସାହୀ ଉତ୍ସବ ଆୟୋଜନ ହୋଇଯାଇଅଛି। ଏହି ଅବସରରେ ଯୋଗ ଦେଇ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ କହିଛନ୍ତି ଯେ କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶୃଙ୍ଖଳା, ଏକତା ଏବଂ ସ୍ଥିରତା ମଧ୍ୟ ସୃଷ୍ଟି କରେ । ଏହି ଭଳି କାର୍ଯ୍ୟକ୍ରମ ଆମର ଦଳଗୁଡ଼ିକୁ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ଏହି ମୂଲ୍ୟବୋଧଗୁଡ଼ିକୁ ଆଗକୁ ବଢ଼ାଇବାକୁ ପ୍ରେରଣା ଦିଏ । ଆସନ୍ତୁ ଆମେ ସମସ୍ତେ ସକ୍ରିୟ, ସଂଯୁକ୍ତ ଏବଂ ପ୍ରେରିତ ରହିବା ପାଇଁ ପ୍ରତିବଦ୍ଧ ହେବା ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ଅବସରକୁ ପାଳନ କରିବା ପାଇଁ ରେଳ ଅଧିକାରୀମାନଙ୍କ ମଧ୍ୟରେ ଏକ ରୋମାଞ୍ଚକର ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା ଯାହା ଦଳଗତ କାର୍ଯ୍ୟ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିବ। ପାଇଁ ଉଦ୍ଦିଷ୍ଟ ଥିବାବେଳେ ଇକୋର୍ସା ଖୋର୍ଦ୍ଧା ରୋଡ୍ ଏବଂ ନାଇଜର / ଘଓଝରଜ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରାଯାଇଥିଲା, ଯାହା ସହଯୋଗ ଏବଂ ସୁସ୍ଥ ପ୍ରତିଯୋଗିତାକୁ ଗୁରୁତ୍ୱ ଦେଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କେବଳ ମେଜର ଧ୍ୟାନଚାନ୍ଦଙ୍କ ଐତିହ୍ୟକୁ ପାଳନ କରିବା ନୁହେଁ, ଯାହାଙ୍କ ସମ୍ମାନରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଏ ବରଂ ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଅଧ୍ୟବସାୟ ଏବଂ ଶାରୀରିକ ସୁସ୍ଥତାର ମୂଲ୍ୟବୋଧକୁ ଆହୁରି ଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଅବସରରେ ବକ୍ତବ୍ୟ ରଖି ଖୋର୍ଦ୍ଧା ରୋଡ୍ ର ଇକୋର୍ସା କ୍ରୀଡା ଅଧିକାରୀ ଏକ ସୁସ୍ଥ ଏବଂ ସମନ୍ୱିତ କାର୍ଯ୍ୟ ପରିବେଶ ଗଠନରେ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ନିୟମିତ ଶାରୀରିକ କାର୍ଯ୍ୟକଳାପକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ଉପସ୍ଥିତ ଲୋକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରେରଣାଦାୟକ ଏବଂ ସ୍ମରଣୀୟ କରିଥିଲେ । ଆସନ୍ତୁ ଆମେ କ୍ରୀଡାର ଆତ୍ମାକୁ ସମ୍ମାନ କରିବା ଏବଂ ଏକତା, ସୁସ୍ଥତା ଏବଂ ଦଳଗତ କାର୍ଯ୍ୟର ମୂଲ୍ୟବୋଧକୁ ଆଗକୁ ବୃଦ୍ଧି କରିବା। ଏହି ଅବସରରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏବଂ ଇକୋର୍ସାର ସଦସ୍ୟମାନେ ଯୋଗ ଦେଇଥିବାବେଳେ ସେମାନଙ୍କର ଉତ୍ସାହଜନକ ଉପସ୍ଥିତି ଏହି ଉତ୍ସବକୁ ଗୁରୁତ୍ୱ ଦେଇଥିଲା ।

## ଇନ୍‌ଡୋର ଷ୍ଟାଡିୟମରେ ରାଷ୍ଟ୍ରୀୟ କ୍ରୀଡା ଦିବସ



ମାଲକାନଗିରି (ଭାସ୍କର ନ୍ୟୁଜ୍): ହକିର ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମଗ୍ର ଭାରତରେ ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳନ କରାଯାଉଥିବା ବେଳେ ଆଜି ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍ ଠାରେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ତରଫରୁ ବ୍ୟାଡମେଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍ ର ସଭାପତି ଜଗନ୍ନାଥ ସହୁ ଅଧକ୍ଷତା କରିଥିବା ବେଳେ ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଉପଲକ୍ଷେ ସ୍ମୃତି ଚାରଣ କରାଯାଇଥିଲା ।ଧ୍ୟାନ ଚାନ୍ଦ ୨୯ ଅଗଷ୍ଟ ୧୯୦୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପ୍ରସିଦ୍ଧ ଭାରତୀୟ ହକି ଖେଳାଳି ଥିଲେ ଏବଂ ତାଙ୍କୁ 'ହକିର ଯାଦୁଗର' ବୋଲି କୁହାଯାଏ। ଏଣୁ ୨୯ ଅଗଷ୍ଟ ତାଙ୍କ ଜନ୍ମ ଦିନକୁ ସ୍ମୃତି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଏ। ଏହି ଅବକାଶରେ ୧୫ ବୟସରୁ କମ୍ ପିଲାମାନଙ୍କୁ ନେଇ ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବାର ଆସୋସିଏସନ୍ ସଭାପତି ତଥା ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ପ୍ରୀତପାଲ ସିଂ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ମୁନା ତୁରୁକ୍, ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାର ଆସୋସିଏସନର ସମ୍ପାଦକ ସାଗର ପାଣିଗ୍ରାହୀ, ରତନ ମଣ୍ଡଳ, ଦିନେଶ ହାଲଓ୍ୱା, ଭାଗିରଥୀ ବେହେରା, ଲକ୍ଷ୍ମୀ କାନ୍ତ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷାବିତ୍ ଭାସ୍କର ବେହେରାଙ୍କ ସ୍ମୃତି ସଂସଦ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ରାଜ୍ୟ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ବେହେରାଙ୍କ ସ୍ମୃତି ସଂସଦ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭା ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ଓ ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ସିଆରଏସଏସ ହାଇସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସାହିତ୍ୟିକ ପି. ହୃଷିକେଶଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଆରଏସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ରନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ରାମନାରାୟଣ ନାୟକ, ବରେଣ୍ୟ ଅତିଥି ଭାବେ କବି ସଂଜିତ୍ ବଳ ଓ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଯୋଗ ଦେଇ ଶିକ୍ଷା ସହିତ କ୍ରୀଡ଼ା ପ୍ରତି ପିଲାମାନଙ୍କର ଆଗ୍ରହ ରହିଲେ ସେମାନେ ଭବିଷ୍ୟତରେ ଜଣେ ଜଣେ କ୍ରୀଡ଼ାବିତ୍ ହୋଇପାରିବେ ବୋଲି କହିଥିଲେ। ସଂସଦର ଆବାହକ କିଶୋର ଚନ୍ଦ୍ର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ମହାପାତ୍ର ଓ ଗୟାଧର ଦାସଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତିହିଡ଼ି ଯୁବମଞ୍ଚର ସଭାପତି କୈଳାସ ବେହେରା ମାନପତ୍ର ପାଠ କରିଥିଲେ। ସଂସଦର ସମ୍ପାଦକ ବିଶ୍ୱଜିତ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଡମି□ନ ସିନିୟରରେ ସାଇପ୍ରଦ ମାହୁନ୍ତ, ଅଜିତ୍ ସେଠୀ, ନିହାର ରଂଜନ ସାବତ, ଜୁନିୟରରେ ଦେବୀ ପ୍ରସନ୍ନ ଦୀକ୍ଷିତ, ସତ୍ୟଜିତ୍ ସେଠୀ, ସମୀକ୍ଷା ଓଝା, କ୍ୟାରମରେ ସତ୍ୟପ୍ରକାଶ ମଲିକ, ସ୍ୱାଧୀନ ନାୟକ, ସମୀକ୍ଷା ଓଝା, ଚେସ୍‌ରେ ସତ୍ୟଜିତ୍ ମହାଲିକ, ସତ୍ୟପ୍ରକାଶ ବାରିକ, ବୁଦ୍ଧିରାମ ହାଁସଦା, ସ୍କିପିଂର ରୁକ୍‌ସାନା ବେଗମ, ସୁଶ୍ରୀସଂଗୀତା ପତି, ରୁପାଲି ମହାଲିକ ଲୁଡୁରେ ଲକ୍ଷ୍ମୀପ୍ରିୟା ମଲିକ, ଜ୍ୟୋତିସ୍ମିତା ନାୟକ, ଏବଂ ପ୍ରଶ୍ନମଂଚରେ ଓମ୍‌ପ୍ରକାଶ ସାହାଣି, ମଙ୍ଗଳମୟ ମହାବାହୁ ମହାରାଜ, ଆଶିଷ କୁମାର ବାରିକ ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସଂଦ ପକ୍ଷରୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ପୁସ୍କୃତ କରାଯାଇଥିଲା। ସଂସଦର ସଂଯୋଜକ ଗିରିଜା ରମଣ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ମାହୁନ୍ତ, ସଂସଦ ସଦସ୍ୟ ପ୍ରଶାନ୍ତ ବଳ, ଅଜୟ ନାୟକ, ନିରଂଜନ ବାରିକ, ବିସ୍ମୟ ବିହାରୀ ସାହୁ, ଚନ୍ଦନ ପତି, ଦିଲୀପ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ କ୍ରୀଡା ଦିବସ



ପାରାଦୀପ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଚଳିତ ବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ କ୍ରୀଡା ଦିବସ ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋପବନ୍ଧୁ କ୍ରୀଡା ସଂସଦ (ଜିକେଏସ) ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଜାତୀୟ କ୍ରୀଡା ଦିବସର ଆଭିମୁଖ୍ୟ ଓ ମେଜର ଧ୍ୟାନଚାନ୍ଦ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ, ବନ୍ଦର ହକି ଦଳର ଅଧିନାୟକ ବିଜୟ ଦାସ, ଜିକେଏସ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ରହି ମହାନ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜୀବନୀ ଓ ହକି ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିବା ବେଳେ ଗଲ୍ଫ ପଡିଆରେ ନିଅରେଷ୍ଟ ପିନ ଗଲ୍ଫ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ ଟିମ ଅଧିନାୟକ ଅକ୍ଷୟ ଚନ୍ଦ୍ର ସୁତାର ଏବଂ ଦୀପକ ଷଡଙ୍ଗୀ ଯୁଗ୍ମ ବିଜେତା ହୋଇଥିଲେ। ସେହିପରି କ୍ରୀଡା ଦିବସ ଉପଲକ୍ଷେ ବିଭିନ୍ନ ବର୍ଗରେ ଭଲିବଲ, ଫୁଟବଲ, ବିଲିୟାର୍ଡ୍ ଇତ୍ୟାଦି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ୧୩ରେ ରୋହିତଙ୍କ ଫିଟ୍‌ନେସ ଟେଷ୍ଟ

ନୂଆଦିଲ୍ଲୀ:ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ସେପ୍ଟେମ୍ବର ୧୩ରେ ବେଙ୍ଗାଲୁରରେ ଥିବା ବିସିସିଆଇ ସେଂଟର ଅଫ ଏକ୍ସଲେନ୍ସରେ ଫିଟନେସ ଟେଷ୍ଟ ଦେବେ । ଉଭୟ ୟୋ ୟୋ ଓ ବ୍ରୋଙ୍କୋ ଟେଷ୍ଟ ମଧ ତାଙ୍କୁ ଦେବାକୁ ହେବ । ଏହା ପରୋକ୍ଷରେ ରୋହିତଙ୍କ ଭାଗ୍ୟ ନିର୍ଭର କରିବ । ଯଦି ସେ ସମ୍ପୂର୍ଣ୍ଣ ଫିଟ ରହିବେ ତେବେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ସୁଯୋଗ ପ୍ରଦାନ କରାଯିବ । ରୋହିତ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଅଭ୍ୟାସ ମଧ କରିବେ। ୧୧ରୁ ୧୫ ସେପ୍ଟମ୍ବର ପର୍ଯ୍ୟନ୍ତ ଏଠାରେ ଥିବା ଗ୍ରାଉଣ୍ଡ ୧ରେ ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ ଖେଳାଯିବ । ସେଥିପାଇଁ ରୋହିତଙ୍କ ଫିଟନେସ ଟେଷ୍ଟ ଅନ୍ୟ ଏକ ଗ୍ରାଉଣ୍ଡରେ ହେବ। ଅନ୍ୟ ଏକ ରିପୋର୍ଟ ଅନୁସାରେ ରୋହିତ ଏବଂ କୋହଲି ଅଷ୍ଟ୍ରେଲିଆ ଏ ବିପକ୍ଷ ମୁକାବିଲାରେ ଭାରତ ଏ ପକ୍ଷରୁ ମଧ ଖେଳିବା ସମ୍ଭାବନା ରହିଛି।

## ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡାବିତ୍ ସମ୍ବର୍ଦ୍ଧିତ

ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଉତ୍ସାହ ଏବଂ ଏକତାର ଦେଶ ବ୍ୟାପୀ ଉତ୍ସବ ଆଜି ପାଳନ କରାଯାଉଛି ତଥା ଏ ବର୍ଷର ଥିମ୍ 'ଖେଳ ପଡିଆରେ ଗୋଟିଏ ଘଣ୍ଟା' ବୋଲି ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବି କ୍ରୀଡାର ଭିତ୍ତିଭୂମି ବିକାଶ ହେବା, ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ କ୍ରୀଡା ପ୍ରତି ନିଷ୍ଠା ଆଦର୍ଶକୁ ମନେପକାଇ ଅନ୍ତର୍ନିହିତ କ୍ରୀଡା ପ୍ରତିଭାକୁ ଜାଗ୍ରତ କରିବା, କ୍ରୀଡା ବିତ୍ ଓ ପ୍ରତିଭା ମାନଙ୍କୁ



ଯୋଗଦେଇ ଜାତୀୟ କ୍ରୀଡା ଉତ୍ସବରେ ଶପଥ ପାଠ କରି ଜିଲ୍ଲାର ୧୪ ଜଣ ଜାତୀୟ ସ୍ତରର ମନୋନିତ ହୋଇଥିବା ପୁଅ ଓ ଝିଅ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କ୍ରୀଡ଼ା, ନାରାୟଣ ସାହୁ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ ରାୟ ଓ ଏସ୍ ଡି ରମେଶ ମହାନ୍ତି, ଜିଲ୍ଲା ଆଥେଲେଟିକ ଆସୋସିଏସନର ଯୁଗ୍ମ ସମ୍ପାଦକ ଅତିଶ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ଏବଂ ଜାତୀୟ ଆନ୍ତର୍ଜାତୀୟ ଶୀର୍ଷରେ ପହଞ୍ଚିବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଶତାଧିକ କ୍ରୀଡାବିତ୍ ଯୋଗ ଦେଇଥିଲେ।

## କେନ୍ଦୁଝରରେ ଜାତୀୟ କ୍ରୀଡା ଦିବସ : ଯୋଗ ଦେଲେ ଜିଲ୍ଲାପାଳ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ କେନ୍ଦୁଝର ପକ୍ଷରୁ ଆଜି କେନ୍ଦୁଝର ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କ୍ରୀଡ଼ାକୁ ଜୀବନରେ ସଫଳତା ପାଇବାକୁ ଏକ ଉପାୟ ଭାବରେ ଗ୍ରହଣ କରିବାକୁ ଖେଳାଳି ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବର ଏକ ଅଂଶ ଭାବରେ, ଏକ ପ୍ରଦର୍ଶନୀ ହ୍ୟାଣ୍ଡବଲ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା, ଯେଉଁଥିରେ ଦର୍ଶକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଂଶଗ୍ରହଣକାରୀ, ଅଧିକାରୀ ଏବଂ ଖେଳାଳିମାନେ ମଧ୍ୟ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଅକ୍ଷୁଣ୍ଣ ରଖିବା ପାଇଁ କ୍ରୀଡା ପ୍ରତିଜ୍ଞା ଗ୍ରହଣ କରିଥିଲେ। ଏହି ଅବସରରେ ନିଜ ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝରରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଉଦୀୟମାନ ପ୍ରତିଭାଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଉପରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସେ ପ୍ରଦର୍ଶନୀ ମ୍ୟାଚ୍ ସମୟରେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ସହ ମେଜର ଧ୍ୟାନ ଚାନ୍ଦଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ପ୍ରେରଣା ନେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍, ଶିକ୍ଷକ ଏବଂ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

## ଜାତୀୟ କ୍ରୀଡା ଦିବସ: ଅଂଶ ଗ୍ରହଣ କଲେ ୩୦ ଟିମ୍



ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ହରିହର ହାଇସ୍କୁଲ ମିନି ଷ୍ଟାଡିୟମରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। କିମ୍ବଦନ୍ତୀ ହକି ଖେଳାଳୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ର ପୁଷ୍ପମାଲ୍ୟ ଅର୍ପଣ କରି ଏହି ଜାତୀୟ କ୍ରୀଡା ଉତ୍ସବ ଶୁଭାରମ୍ଭ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ଯୁବ ସମାଜ ସେବୀ ସନ୍ଦୀପ ପାଢ଼ୀ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ ମିଶ୍ର, ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଆସ୍କା ବ୍ୟାଡ଼ମିଣ୍ଟିନ୍‌ର ସଭାପତି ସାଗର ସାବତ, ବରିଷ୍ଠ ଖେଳାଳି ସନ୍ତୋଷ ପଣ୍ଡିତ, ଆର.ଚିଦାନନ୍ଦ ଆଚାରୀ, ବଣିକ ସଙ୍ଘ ସଭାପତି ଅରୁଣ ଗୁପ୍ତା, କ୍ରୀଡା କାର୍ଯ୍ୟାଳୟର ଓ ଏସଡି ହରେ କୃଷ୍ଣ ସାହୁ, ଦିପକ ରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଜାତୀୟ କ୍ରୀଡା ଦିବସ ଅବସରରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ୩୦ଟି କବାଡି ଟିମ୍‌କୁ ନେଇ ଆସିକା ହରିହର ମିନି ଷ୍ଟାଡିୟମ ପରିସରରେ କବାଡି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସେହିଭଳି କ୍ରୀଡା ବିଭାଗ ପକ୍ଷରୁ। ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ଭିତରେ ବେଡ଼ମିଣ୍ଟିନ୍ ଖେଳ ଅନୁଷ୍ଠିତ ହୋଇଥିଲା। ସବ ଜୁନିୟର ସ୍ତରେରେ ୧୩, ୧୫, ୧୭ ବର୍ଷ ର କନିଷ୍ଠ ଖେଳାଳିର ୨୦ ଟି ଟିମ୍ କୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଚ ରୂପେ ବାବୁ ଗୌଡ଼, ଚନ୍ଦନ ବେହେରା ଖେଳ ପରିଚାଳନା କରିଥିଲେ।

## ଜାତୀୟ କ୍ରୀଡା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଓ ଶୋଭାଯାତ୍ରା



ପୁରୀ (ଭାସ୍କର ନ୍ୟୁଜ) : ପୃଥିବୀରେ କ୍ରୀଡ଼ା ଥିବା ପର୍ଯ୍ୟନ୍ତ କିମ୍ବଦନ୍ତୀ କ୍ରିଡାବିତ ଧ୍ୟାନଚାନ୍ଦ ଜନମାନସରେ ରହିଥିବେ। ତାଙ୍କ କ୍ରୀଡା ପ୍ରତିଭା ଅତୁଳନୀୟ। ଆଜିର ଯୁବପିଢ଼ି ଓ କ୍ରୀଡା ପ୍ରତି ମନୋନିବେଶ କରୁଥିବା ପ୍ରତିଟି କ୍ରିଡାବିତ ଙ୍କ ପାଇଁ ଧ୍ୟାନଚାନ୍ଦ ଆଦର୍ଶ ହୋଇ ରହିଥିବେ ।ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକ ଘଣ୍ଟା କ୍ରିଡା ପାଇଁ ଆମେ ପ୍ରତ୍ୟେକ ବ୍ୟୟ କରିପାରିଲେ ସୁସ୍ଥ ନୀରୋଗ ରହି ପାରିବା ବୋଲି ମତବ୍ୟକ୍ତ କରିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ।ଜାତୀୟ କ୍ରୀଡା ଦିବସ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ସାଂସଦ ଡା ପାତ୍ର ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉଦଘାଟନ କରିବା ସହ କ୍ରୀଡା ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଂସଦ ଡା ପାତ୍ର ସରକାର କ୍ରିଡା ଓ କ୍ରିଡାବିତଙ୍କ ଉନ୍ନତି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀ ଙ୍କ ପରାମର୍ଶ କ୍ରମେ ସେପ୍ଟେମ୍ବର ମାସରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯାଇଛି। ଏଥିରେ ୮ଟି କ୍ରିଡା ବର୍ଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ କ୍ରିଡାବିତ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରୁ ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡା ପାତ୍ର ଯୋଗ ଦେବା ସହ କୋଚ ଓ କ୍ରିଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସେ ସମସ୍ତଙ୍କୁ କ୍ରିଡା ଶପଥ ପାଠ କରାଇଥିଲେ। ବେଟୀ ବଚାଓ ବେଟୀ ପଢାଓ ଏବଂ ସାଂସଦ ଖେଳ ପ୍ରତିଯୋଗିତାର ଲିଫଲେଟକୁ ଡା ପାତ୍ର ଓ ଅନ୍ୟ ଅତିଥି ମାନେ ପ୍ରଦର୍ଶନ କରିଥିଲେ ।ବାଲୁକା କଳା ଶିଳ୍ପୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ କ୍ରିଡା ଦିବସ ଓ ବେଟୀ ବଚାଓ ବେଟୀ ପଢାଓ ର କୃତିକୁ ସାଂସଦ ଉନ୍ମୋଚନ କରିଥିଲେ। ଯୋଗ ଗୁରୁ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନ ସହ, ମାଲଖମ୍ଭ କ୍ରିଡା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଭାରତୀୟ କ୍ରିଡା କର୍ତ୍ତୃପକ୍ଷ ର ଭାରପ୍ରାପ୍ତ ଅଧିକାରୀ ତୈଲୋକ୍ୟ ନାଥ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କ୍ରୀଡାର ମୁଖ୍ୟ କୋଚ ସଞ୍ଜୀବ ଶର୍ମା ,ବିଭିନ୍ନ କ୍ରିଡା ସଂଘର ମୁଖ୍ୟ ମାନେ ଯୋଗଦେଇ ଜାତୀୟ କ୍ରୀଡା ଦିବସର ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ କ୍ରୀଡା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କ୍ରିଡାବିତ, କ୍ରୀଡ଼ା କେନ୍ଦ୍ରରେ ରହୁଥିବା ଅନ୍ତେବାସୀ ମାନେ ଯୋଗ ଦେଇଥିଲେ।

## ଜାତୀୟ କ୍ରୀଡ଼ା ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଚିଲିକା ଷ୍ଟାଡିୟମ ଠାରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ କରି ଖେଳାଳି ମାନେ ଜାତୀୟ କ୍ରୀଡ଼ା ଦିବସ ପାଳନ କରିଥିବା ଜଣାପଡ଼ିଛି। ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ବିଜୟ କୁମାର ରାଉତ, ଡାକ୍ତର ମଧୁସୂଦନ ସେନାପତି, ପ୍ରାକ୍ତନ ଫୁଟବଲ ଖେଳାଳୀ ଅରୁଣ ରଂଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ସାମ୍ବାଦିକ ରଘୁନାଥ ସାହୁ, ଦିଲିପ କୁମାର ନାଥ, ପୂର୍ବତନ ସେନାନୀ ଅଧିକାରୀ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୨୯ ତାରିଖ କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯିବା ସହ ଚଳିତବର୍ଷ ରହିଥିବା ବିଷୟ'ଏକ ଘଣ୍ଟା ଖେଳ କେ ମଇଦାନ ମେ' ସମ୍ପର୍କରେ ଉପସ୍ଥିତ ଖେଳାଳି ମାନଙ୍କୁ ବକ୍ତବ୍ୟ ରଖିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ରେ ୧୦ ଟି କ୍ଲବ୍ ଗଜାନନ୍ଦ ୱରିୟର,ଲି କ୍ଲବ୍,ରୟାଲ ଟାଇଗର, ଲିଜେଣ୍ଡ ୱରିୟର, ବିନାୟକ ଷ୍ଟାର,ମା ମଙ୍ଗଳା କ୍ଲବ୍, ଲମ୍ବୋଦର କ୍ଲବ,ଗଜାନନ ଷ୍ଟାର,ୟୁନିକ ଷ୍ଟାର, ଲାୟନ୍ସ ଷ୍ଟାର ଭାଗ ନେଇଥିଲେ। ନନ୍ଦ କିଶୋର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ବିଶ୍ୱାଳ,ଅନୀଲ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଣୟ ପାଇକରାୟ,ସମର ମାଝୀ,ତପୁ ଜେନା, ସ୍ୱାଗତ କର, ରଶ୍ମି ରଂଜନ ଲେଙ୍କା ପ୍ରମୁଖ କାର୍ଯ୍ୟ କ୍ରମ କୁ ପରିଚାଳନା କରିଥିଲେ ।ବହୁ ସଂଖ୍ୟକ କ୍ରୀଡ଼ା ପ୍ରେମୀ ମାନେ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ।



# ଆମ କଳାହାଣ୍ଡି





### ଧାନ ବ୍ୟବସାୟୀଙ୍କ କବଜାରେ ମେଦିନୀପୁର କୃଷି ସମବାୟ ସମିତି

## ଧାନ ବିକ୍ରୟ ପ୍ରକ୍ରିୟାରେ ବେଧଡ଼କ ହେରଫେର ଅଭିଯୋଗ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ଧାନ କିଣାବିକାରେ ସ୍ୱଚ୍ଛତା ଆଣିବା ପାଇଁ ଯେତେ ଉଦ୍ୟମ କଲେ ମଧ୍ୟ କିଛି କାମ ଦେଉନି କଟକଣା । ବରଂ ଆହୁରି ଅଧିକ ସୁହାଉଛି ଧାନ ବେପାରୀମାନଙ୍କୁ । ମିଲ ଏଜେଣ୍ଟମାନେ ସାଜିଛନ୍ତି ବଡ଼ ବଡ଼ ଧାନ ବେପାରୀ । ସରକାର ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଇଣ୍ଟାଲ ପ୍ରତି ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପରେ ଧାନ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି । ସେମାନେ ବର୍ତ୍ତମାନ ଧାନ ବିକ୍ରି ପାଇଁ ଅନଲାଇନ ଚାଲିଥିବାରୁ ଚାଷୀ ମାନଙ୍କୁ ସାଙ୍ଗରେ ସମବାୟ ସଂସ୍ଥାକୁ ନେଇ ଅନଲାଇନ କରାଉଥିବା ସହ ଅପରେଟରକୁ ହାତଗୁଞ୍ଜା ଦେଇ ତାଙ୍କ କାମ ସବୁଠାରୁ ଆଗରେ କରାଇ ନେଉଛନ୍ତି । ବେପାରୀଙ୍କ କାମ ଆଗ ହେଉଥିବା ବେଳେ ନିରୀହ ଚାଷୀଟିଏ ହଇରାଣ ହରକତ ହୋଇ ମରୁଥିବା ଅଭିଯୋଗ ଆସୁଛି । ଚାଷୀ ନିଜେ ଯାଇ ଆବଶ୍ୟକୀୟ କାଗଜ ପତ୍ର ଦେଇଥିଲେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଅନଲାଇନ କାମ ହୋଇପାରୁନାହିଁ । ସଦର ବ୍ଲକ ସରଗଲାଞ୍ଜି ଗ୍ରାମର ଜଣେ ଚାଷୀଙ୍କ କହିବା ମୁତାବକ ସେ ଦୀର୍ଘ ୨୫ ଦିନରୁ ଅଧିକ ସମୟ ହେଲାଣି ସମସ୍ତ କାଗଜ ପତ୍ର ସୋସାଇଟିରେ ଦେଇଛନ୍ତି ହେଲେ ତାଙ୍କ ଅନଲାଇନ ଏ ଯାଏଁ ହୋଇପାରି ନାହିଁ । ଏ ବିଷୟରେ ସେ ସୋସାଇଟିକୁ ଯାଇ ବୁଝିଲେ ସର୍ଭର ସ୍ଲୋ ଅଛି କହି ବାରମ୍ବାର ତାଙ୍କୁ ଫେରାଇ ଦିଆଯାଉଛି । କିନ୍ତୁ ତାଙ୍କ କହିବା ମୁତାବକ ତାଙ୍କ ପରେ କାଗଜ ପତ୍ର ଦେଇଥିବା ଲୋକଙ୍କ ଅନଲାଇନ ସରିଗଲାଣି ହେଲେ ତାଙ୍କର ହୋଇ ପାରୁନାହିଁ । ବେପାରୀଙ୍କ କଳା କାରନାମାକୁ ରୋକିବା ପାଇଁ ସରକାର ଯେତେ ସବୁ କଟକଣା କରୁଛନ୍ତି ବେପାରୀଙ୍କୁ ସେତେ ଅଧିକ ସୁହାଉଛି, କାରଣ ନିରୀହ ଛୋଟ ଚାଷୀ ମାନେ କିଏ ଏତେ ଝାମେଲା ଭିତରେ ପଡିବ ବୋଲି ଧାନ ବେପାରୀଙ୍କ ହାତକୁ କମ ଦରରେ ଧାନ ଦେଉଥିବା ଅଭିଯୋଗ ହେଉଛି । ରବିରେ ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୨୪୦୦ ଟଙ୍କାରେ ଧାନ କିଣାଯାଇ ଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି । ଧାନ ଦର ବଢ଼ିବା ପରେ ଧାନ ବେପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇଛି । ଧାନ ଅନଲାଇନ ଠାରୁ ଆରମ୍ଭ କରି ମଣ୍ଡିରେ ଧାନ ଦେବା ପର୍ଯ୍ୟନ୍ତ ସାଧାରଣ ଚାଷୀଙ୍କ ପାଇଁ କାଠିକର ପାଠ ହେଉଛି ଓ ସେମାନଙ୍କୁ ଏମିତି କରିଦିଆଯାଉଛି ବାଧ୍ୟ ହୋଇ ବେପାରୀଙ୍କ ସାହାରା ନେବାକୁ ପଡୁଛି । କିନ୍ତୁ ବେପାରୀ ମାନେ ଭିତିରିଆ ମଧୁଚନ୍ଦ୍ରିକା କରି ସୁରୁଖୁରୁରେ ତାଙ୍କ କାମ ହାସଲ କରିନେଉଥିବା ଅଭିଯୋଗ ହେଉଛି, ଚଳିତ ବର୍ଷ ଭାଗଚାଷୀଙ୍କ ପାଇଁ ଜମି ମାଲିକଙ୍କ ଆଧାର କାର୍ଡ, ଫର୍ମରେ ଦସ୍ତଖତ, ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ଇତ୍ୟାଦି ସାମିଲ କରାଯାଇଥିବା ବେଳେ ଜମିମାଲିକଙ୍କ ବିନା ସହମତିରେ ଭାଗ ଚାଷୀଙ୍କ ନାମରେ ଅନଲାଇନ କରାଯାଇଥିବା ନଜିର ଦେଖିବାକୁ ମିଳିଛି । ଚାଷୀ ନିଜ ନାମରେ ଅନଲାଇନ କରିବାକୁ କାଗଜ ପତ୍ର ସମବାୟ ସଂସ୍ଥାରେ ଦେଇଥିଲେ ମଧ୍ୟ ଅନଲାଇନ ହୋଇପାରୁନି । ଏଭଳି ଘଟଣା ଘଟିଛି ବଳରାମ ପୁର ଗ୍ରାମର ଚାଷୀ ରାକେଶ କୁମାର ମୁନୀଙ୍କ କ୍ଷେତ୍ରରେ । ସେ ଅନଲାଇନ ପାଇଁ ସମସ୍ତ କାଗଜପତ୍ର ସମବାୟ ସମିତିରେ ଦାଖଲ କରିଥିଲେ ହେଁ ତାଙ୍କ ନାମରେ ଅନଲାଇନ କରାଯିବା ସମୟରେ ସେହି ସମସ୍ତ ସାତ ଏକର ଜମି କେଶବ ଚନ୍ଦ୍ର ସାଙ୍କ ନାମରେ ପଞ୍ଜିକରଣ କରି ଦିଆଯାଇଥିବା ଜଣାପଡିଥିଲା । ଏସମ୍ପର୍କରେ ଡାଟା ଏଣ୍ଟ୍ରି ଅପାରେଟରଙ୍କୁ ପଚାରିବାରୁ ଭୁଲରେ ଖସିଯାଇଥିବ ସଫେଇ ଦେଇ ଥିଲେ, ଏଠାରେ ପ୍ରଶ୍ନ ଉଠୁଛି ଭୁଲରେ ଖସିଗଲା କେମିତି ଯେହେତୁ ଏହି ଜମିରେ ତ୍ରିଲୋଚନ ମୁନୀ, ଧନେଶ୍ୱର ମୁନୀ ପିତା -କାନ୍ତାରୁ ମୁନୀ, ମାର୍କଣ୍ଡ ମୁନୀ, ମନୋଜ କୁମାର ମୁନୀ, ମଦନ ମୋହନ ମୁନୀ ପିତା - ସତ୍ୟନାରାୟଣ ମୁନୀ, ଶଶୀରେଖା ମୁନୀ ସ୍ୱାମୀ -ସତ୍ୟନାରାୟଣ ମୁନୀଙ୍କ ନାମ ଉଲ୍ଲେଖ ଅଛି । ଯେହେତୁ ଏହା ଏକ ଜଏଣ୍ଟ ପଟ୍ଟା ସମସ୍ତଙ୍କ ସହମତି ଦରକାର । ଏଭଳି ସ୍ଥଳେ ଜଣେ ଭାଗଚାଷୀଙ୍କ ନାମରେ କେଉଁ ପରିସ୍ଥିତିରେ ଅନଲାଇନ କରାଗଲା ତାହା ଏବେ ତଦନ୍ତ ସାପେକ୍ଷ । ଏଥିରୁ ପ୍ରମାଣିତ ହେଉଛି ଯେ ଏହା ଉଦ୍ଦେଶ୍ୟ ମୂଳକ ଭାବେ ଅନଲାଇନ କରାଯାଇଛି । ଏ ସମ୍ପର୍କରେ ଡିଆର୍‌ସିଏସ୍‌କୁ ପଚାରିବାରୁ ସେ କହିଲେ ଏହି ଭଳି ହେବା କଥା ନୁହଁ ମୁଁ ଏହାର ତଦନ୍ତ କରିବି ଓ ଏହାକୁ ବାତିଲ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଡିଆର୍‌ସିଏସ୍‌ଙ୍କ ହସ୍ତକ୍ଷେପ ପରେ ବାତିଲ କରି ଅନ୍ୟ ଚାଷୀଙ୍କ ନାମରେ ଅନଲାଇନ କରାଯାଇଛି । ଏହି କୃଷି ସମବାୟ ସମିତିରେ ଧାନମଣ୍ଡିରେ ଦେବା ସମୟରେ ମଧ୍ୟ ଚାଷୀ ହଇରାଣ ହେଉଛନ୍ତି, କିଛି ଲୋକ ଏହାକୁ କବଜା କରି ରଖିଛନ୍ତି । ସେମାନଙ୍କ ହିସାବରେ ହିଁ ସବୁ ଚାଲିଛି, ଧନୀ ହେବାଲୋକ ଧନୀ ହେଉଛନ୍ତି ଚାଷୀ ଯେଉଁ ଗରିବକୁ ସେହି ଗରିବ ହୋଇ ପଡ଼ିରହିଛି । ଏଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦୋଷୀକୁ ଦଣ୍ଡ ବିଧାନ କରାଯିବାକୁ ଚାଷୀ ମାନେ ଦାବି କରିଛନ୍ତି ।

## ଏକାଠି ନୂଆ ଖାଇଲେ ବାରିକ ପରିବାରର ୮୦ ସଦସ୍ୟ



ନର୍ଲା (ଭାସ୍କର ନ୍ୟୁଜ୍) : ଅଗ୍ରପୂଜ୍ୟ ଗଣପତିଙ୍କ ପୂଜା ଓ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବା ବେଳେ ରାଜ୍ୟ ସରକାର ମଧ୍ୟ ନୂଆଁଖାଇ ପାଇଁ ଦୁଇ ଦିନ ଛୁଟି ଘୋଷଣା କରିଛନ୍ତି । ସେଥିପାଇଁ ପଶ୍ଚିମ ଓଡ଼ିଶାବାସୀ ମଧ୍ୟ ପୂର୍ବ ବର୍ଷ ଠାରୁ ଅଧିକ ଉତ୍ସାହିତ ଅଛନ୍ତି । ଆଜିର ଦୁନିଆଁରେ ଗୋଟିଏ ଘରେ ଦୁଇ ଭାଇ ଥିଲେ ମଧ୍ୟ ନିଜ ନିଜ ଭିତରେ ତିକ୍ତତା ଯୋଗୁଁ ଏକାଠି ନୂଆଁ ନ ଖାଇ ଅଲଗା ଅଲଗା ନୂଆଁ ଖାଉଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ମାଣ୍ଡେଲ୍ ଗାଁର ବାରିକ୍ ପରିବାରରେ ୮୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏକାଠି ନୂଆଁ ଖାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସେମାନେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଭଳି ଏକାଠି ନୂଆଁ ଖାଉଥିବା ବେଳେ ଏହି ପରମ୍ପରାକୁ ବଜାୟୀ ରଖିବେ ବୋଲି ମତ ରଖିଛନ୍ତି । ଏହି ପରିବାରରେ ଶିକ୍ଷକଠୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ଅଛନ୍ତି । ଦୂରଦୁରାନ୍ତରେ ଚାକିରି କରୁଥିଲେ ମଧ୍ୟ ନୂଆଁଖାଇରେ ସମସ୍ତେ ଆସି ଏକାଠି ନୂଆଁ ଖାଇଥାନ୍ତି । ଏମାନଙ୍କ ଏଭଳି ପ୍ରୟାସ୍ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିଛି । ଯେଉଁ ପରିବାର ଯେତେ ଏକତ୍ରିତ ଓ ସଂଗଠିତ ସେହି ପରିବାର ସେତେ ଆଗୁଆ ତାହା ପ୍ରମାଣିତ କରିଛନ୍ତି ।

### ବନ୍ଧାଗାଁରେ ନିଆରା ନୂଆଁଖାଇ

## ଆମ୍ବେଦକର ଓ ବୁଦ୍ଧଙ୍କୁ ପୂଜିବା ପରେ ଖାଇଲେ ନବାନ୍ନ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ସମଗ୍ର ପଶ୍ଚିମାଞ୍ଚଳରେ ନୂଆଁଖାଇ ପାଇଁ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇଉଠିଛି । ସକାଳୁ ଉଠି ଘରର ମୁରବି ମାନେ ନୂଆଁ ଧାନ, କୁରେପତ୍ର ସଂଗ୍ରହ କରିବା ପାଇଁ କେହି ଜଙ୍ଗଲକୁ ଯାଇଥାଏ ତ ଆଉ କେହି ସହରକୁ ଯାଇଥାନ୍ତି । ନୂଆଁଖାଇ ପାଇଁ ପ୍ରତ୍ୟେକ ଘରେ ନୂଆଁ ଧାନର ଚୁଡା, କ୍ଷୀରି ପୁରି, ପିଠା, ପଣା, ଭାତ ତରକାରୀ ପ୍ରତ୍ୟେକ ଘରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ନୂଆଁ ଅନ୍ନ ଭକ୍ଷଣ କରନ୍ତି । ନୂଆଁ ଖାଇ ସାରିବା ପରେ ଗ୍ରାମର ବୟୋଜେଷ୍ଠ ମାନଙ୍କୁ ନୂଆଁଖାଇ ଜୁହାର ଭେଟ ହୋଇଥାନ୍ତି । କିନ୍ତୁ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବନ୍ଧା ଗାଁ ଗ୍ରାମବାସୀ । ମହାତ୍ମା ଫୁଲେ ଆମ୍ବେଦକର ସମାଜ ସଚେତନ ସଂଗଠନ ବନ୍ଧା ଗାଁର ଉଦ୍ୟମ କ୍ରମେ ଆମ୍ବେଦକରପଡ଼ାର ସମସ୍ତ ପରିବାର କୁରେପତ୍ରରେ ନବାନ୍ନ ଖାଇଥିଲେ । ନିଜର ପୂର୍ବପୁରୁଷକୁ ମନେ ପକେଇ ସେମାନଙ୍କ ଫୋଟୋଚିତ୍ର ସହ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକର ଓ ତଥାଗତ ଗୌତମ ବୁଦ୍ଧଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପଞ୍ଚଶୀଳ ତ୍ରିଶର ଗାନ କରି ଏହି ଗ୍ରାମବାସୀ ଏକାଠି ନୂଆଁଖାଇ ଥିଲେ । ଗ୍ରାମର ବୟୋଜେଷ୍ଠଙ୍କୁ ନୂଆଁଖାଇ ଜୁହାର ସହିତ ଭାଇ ଭାଇ ମଧ୍ୟରେ ଅତୀତରେ ଥିବା ରାଗ ରୁଷାକୁ ଭୁଲି ଯାଇ ଏକ ସୂତ୍ରରେ ବାନ୍ଧି ହୋଇ ସଭ୍ୟ ସମାଜ ଗଠନ କରିବା ନିମନ୍ତେ ଶପଥ ନିଆଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସଂଗଠନର ସଭାପତି ବୈବସ୍ୱତ ସୁନାନୀ, ଉପସଭାପତି ଯୋଶୋବନ୍ତ ବିହାରୀ, ସମ୍ପାଦକ ଧନିରାମ ଖରା, ସହସମ୍ପାଦକ ମିଥୁନ ସୁନାନୀ, କୋଷାଧ୍ୟକ୍ଷ ମାଧବ ସୁନାନୀ ମଦନ ସୁନାନୀ, ଦୀପକ ତାଣ୍ଡି, ମନୋଜ ସୁନାନୀ, ବୀରେନ୍ଦ୍ର ସୁନାନୀ, ଅନ୍ତର୍ଯ୍ୟାମୀ ସୁନାନୀ, ବୁଦ୍ଧିମନ୍ତ ବିହାରୀ, ରାଜିନ ସୁନାନୀ, ଲକ୍ଷ୍ମୀଧର ସୁନାନୀ, ମାଗୁଣି ଖରାସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ୧୮୭ ଲିଟର ଚୋରା ମଦ ଜବତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ଭିରକାପଡ଼ା, ଫଟାମୁଣ୍ଡା ତେରେସିଂହା ଛକର ବିଭିନ୍ନ ଦୋକାନରେ ବୁଧବାର ଅଚାନକ ଚଢ଼ାଉ କରି ସଂପୃକ୍ତ ବେପାରୀମାନଙ୍କ ଠାରୁ ବିଭିନ୍ନ ପ୍ରକାର ୧୮୭ ଲିଟର ଚୋରା ମଦ ଜବତ ହୋଇଛି । ଏଥିରେ କେସିଙ୍ଗା ଏସଡିପିଓ ସଞ୍ଜିବ ମାଝୀଙ୍କ ନେତୃତ୍ୱରେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକା ସମେତ ଏକ ସ୍ୱତନ୍ତ୍ର ଟିମ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ୨୧୫,୨୧୬,୨୧୭ କେସ୍ ନମ୍ବର ରୁଜୁ କରି ଜବତ ହୋଇଥିବା ବିଦେଶୀ ମଦ ମ.ରାମପୁର ଥାନା ପଠାଇଥିବା ସୂଚନା ମିଳିଛି ।

## ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଓ ଲାଞ୍ଜିଗଡ଼ ବ୍ଲକ ଜନସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆଜି ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଖ୍ୟାତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ଶତାଧିକ ମହିଳାଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ । ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଜନସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପ୍ରଧାନଙ୍କ ସମେତ ଫାର୍ମାସିଷ୍ଟ ବି. ନେତ୍ରାନନ୍ଦ ସୁବୁଦ୍ଧି, କମ୍ୟୁନିଟି ହେଲଥ ଅଫିସର ସୁନୀତା ପାତ୍ର, ଜୟବ ନାଏକ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ବାଗ ପ୍ରମୁଖ ପରିଚାଳନା କରିଥିଲେ । ଖଗେଶ୍ୱର ରାଉତ, କୃଷ୍ଣ ନାଏକ, ସନ୍ଦୀପ ହରିଜନ ପ୍ରମୁଖ ସହଯୋଗ କରିଥିଲେ ।

## ଗୋପାଳପୁରରେ ନୂଆଁଖାଇ ଭେଟଘାଟ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ନୂଆଁଖାଇ ପରେ ଅପରାହ୍ନରେ ଗାଁ ଗାଁରେ ନୂଆଁଖାଇ ଜୁହାରଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡା ପଞ୍ଚାୟତ କାଠସମା ଗାଁରେ ସାମୁହିକ ଜୁହାରଭେଟ ଅତୀବ ଆକର୍ଷଣୀୟ ହୋଇଥିଲା । ନୂଆଖାଇ ପରେ ଗାଁ ଦାଣ୍ଡରେ ସମସ୍ତ ଲୋକେ ଏକାଠି ହୋଇଥିବାବେଳେ ସାନ ମାନେ ବଡ଼ମାନଙ୍କୁ ନୂଆଖାଇ ଜୁହାର କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସେହିପରି ବୟସ୍କମାନେ ଆଶୀର୍ବାଦ ଦେଇଥିଲେ । ଏହି ନିଆରା ଦୃଶ୍ୟ ସମସ୍ତଙ୍କୁ ଆହ୍ଲାଦିତ କରିଥିଲା । ସେହିପରି ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରରେ ଅନୁଷ୍ଠିତ ନୂଆଖାଇ ଜୁହାରଭେଟ ଉପଲକ୍ଷେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ରୋଚକ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅନୀଲ କୁମାର ପାଢ଼ୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଅଶୋକ କୁମାର ପାଢ଼ୀ, ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ ଯୋଗ ଦେଇଥିଲେ । ଗୋପାଳପୁର ଗଣେଶ ପୂଜା କମିଟି ଦ୍ୱାରା ଆୟୋଜିତ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଚାରକ ନୀଲେଶ କୁମାର ପାଢ଼ୀ, ପିଣ୍ଟୁ ପୁଟେଲ ଦାୟିତ୍ୱ ତୁଲାଇ ଥିବାବେଳେ କଳା ଓ ସଂସ୍କୃତି ପ୍ରେମୀ ଭକ୍ତରାମ ପୁଟେଲ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅନେକ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଇଶିକା କରୁଆଁ ପ୍ରଥମ, ମୋନାଲିସା ପୁଟେଲ ଦ୍ୱିତୀୟ ଓ ଶ୍ରାବଣୀ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । କମିଟିର ସୁଦର୍ଶନ ଗଉଡ଼, ସୁଶାନ୍ତ ଗଉଡ଼, ନବୀନ ଗଉଡ଼, ମୂରଲୀ ଗଉଡ଼, କୁଞ୍ଜ ଗଉଡ଼ଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।

### ପଞ୍ଚମୀ ତିଥିରେ ନୂଆଖାଇ ସଂପନ୍ନ

## ଆଦିମ କୃଷିଜୀବୀ ସଭ୍ୟତାର ଚିତ୍ର ଉଭାସିତ



କୋକସରା, (ଭାସ୍କର ନ୍ୟୁଜ୍) : ଭାଦ୍ର ଶୁକ୍ଳ ପଞ୍ଚମୀ ତିଥି ଗୁରୁବାର ଦିନ କଳାହାଣ୍ଡିର ଗ୍ରାମାଞ୍ଚଳରେ ପାରମ୍ପାରିକ ରିତି ନିତି ଅନୁକ୍ରମେ ସଂପନ୍ନ ହୋଇଛି ଗଣପର୍ବ ନୂଆଖାଇ । ବିଧିମତେ ଗ୍ରାମଦେବାଦେବୀ ଓ ପିଦର (ପିତୃ ଉପାସନା ସ୍ଥଳୀ)ରେ ନିଜ ନିଜର ଇଷ୍ଟ ଦେବୀଙ୍କୁ ପ୍ରଥମ ଅନ୍ନ ସମର୍ପଣ ପୂର୍ବକ ନୂଆ ଖାଇବାର ପରମ୍ପରାକୁ ସମ୍ମାନ ଦେବାକୁ ଯାଇ, କୋକସରା ସମେତ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନରେ ଘରେ ଘରେ ପାଳିତ ହୋଇଯାଇଛି ଏହି କୃଷିଭିତ୍ତିକ ପର୍ବ । ଜନସାଧାରଣ ନୂଆଖାଇବା ପରେ ପରସ୍ପର ମଧ୍ୟରେ ଜୁହାର ଭେଟ ହୋଇଛନ୍ତି । ଏହା ନୂଆଖାଇ ବାସୀ, ତିଆସି ଯାଏଁ ଜାରି ରହିବ । ଗାଁ ଗାଁ ଘରେ ଘରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ତେବେ ନୂଆଖାଇରେ ଆଦିମ କୃଷି ସଭ୍ୟତାର ଚିତ୍ର ଉଭାଶିତ ହୋଇଛି । ନୂଆଖାଇର କିଛିଦିନ ପୂର୍ବରୁ ଘରଦ୍ୱାର ସଫା ସୁତୁରା କରାଯାଏ । ଏହି ସମୟରେ ଗାଁର ଗୌନ୍ତିଆଙ୍କ ନିର୍ଦ୍ଦେଶମତେ ଜାନୀ, ଦିଶାରୀ ଓ ଗଣା 'ପନା ପାଏନ୍' ଢାଳିଥାନ୍ତି । ଏହାପରେ ନୂଆଖାଇର ଅବ୍ୟବାହିତ ପୂର୍ବରୁ 'ରୁଗୀ ବଲା' କାର୍ଯ୍ୟକ୍ରମ ସମାପନ ହୋଇଥାଏ । ଗାଁର ଗଣା ରୁଗୀବଲା କାର୍ଯ୍ୟ ସଂପାଦନ କରୁଥିବାବେଳେ ଜାନୀ ଓ ଦିଶାରୀ ତାଙ୍କୁ ସହଯୋଗ କରିଥାନ୍ତି । ନୂଆଖାଇର ପୂର୍ବଦିନକୁ 'ଉପାସ ବାର' ବୋଲି କୁହାଯାଇଥାଏ । ଏହି ଦିନ ସନ୍ଧ୍ୟାରେ ପିଦର ଠାରେ ଦେବାଦେବୀଙ୍କୁ ଆସିବାକୁ ଆବାହନ କରାଯାଇଥାଏ । ଗୃହକର୍ତ୍ତା ଓ ଗୃହିଣୀ ଉପବାସରେ ରହି ପୂର୍ବ ପୁରୁଷ ବିଧିମତେ ଏହି ରିତି ସଂପନ୍ନ କରିଥାନ୍ତି । ସନ୍ଧ୍ୟା ସମୟରେ ପିଦରରେ ପିତୃ ପୁରୁଷଙ୍କୁ ଆବାହନ କରି ପରଦିନ ଅର୍ଥାତ ପଞ୍ଚମୀ ତିଥିରେ ନୂଆ ଖାଇବାର ସୂଚନା ଦିଆ ଯାଇଥାଏ । ବର୍ଷକୁ ଥରେ ଆସୁଥିବା ଏହି ପର୍ବ ଯେମିତି ସୁରୁଖୁରୁରେ ସଂପନ୍ନ ହେବ ସେଥିପାଇଁ ଇଷ୍ଟ ଦେବାଦେବୀ ଓ ପିତୃ ପୁରୁଷଙ୍କ ଠାରେ ଆଶିର୍ବାଦ ଭିକ୍ଷା କରିଥାନ୍ତି ଗୃହ କର୍ତ୍ତା । ଉପାସ ବାର ଦିନ ଗାଁର ଧରଣୀ ପୀଠରେ ଖେଡ୍ ସୁଆ ନୀତି ପାଳିତ ହୋଇଥାଏ । ଗ୍ରାମର ଗୌନ୍ତିଆ ଏହି ନିତି ସଂପାଦନ କରୁଥିବାବେଳେ ଜାନୀ, ଦିଶାରୀ ଓ ଗଣା ସହଯୋଗ କରିଥାନ୍ତି । ଗୌନ୍ତିଆ ଭଟାରେ ପୂଜାର୍ଚ୍ଚନା କରି ଛେଟ୍'କା ଧାନକେଣ୍ଡା ଆଣି ଧରଣୀ ପିଠରେ ରଖିଥାନ୍ତି, ଯାହାକୁ ଖେଡ୍ ସୁଆ ବୋଲି କୁହାଯାଏ । କେତେକ ଗ୍ରାମରେ ଜାନୀ, ଦିଶାରୀ ଓ ଗଣା ଘର ଘର ଯାଇ ନୂଆ ଧାନ କେଣ୍ଡା ଦେଇ ଆସିଥାନ୍ତି । ଅନ୍ୟ କେତେକ ଗ୍ରାମରେ ଗୃହ କର୍ତ୍ତାମାନେ ନୂଆଖାଇ ଦିନହିଁ ଧାନ ସଂଗ୍ରହ କରି ଆଣିଥାନ୍ତି । ନୂଆଖାଇ ପୂର୍ବରୁ ଗଜାମୁଙ୍ଗ, ମକର, ମିତ, ମାର୍ସାଦ, ସାଇ ଆଦି ବିଭିନ୍ନ ମାନ୍ୟ କରୁଥିବା ଯୋଡିମାନେ ନିଜ ନିଜ ମଧ୍ୟରେ 'ଜୁଗାର୍ ଭାର' ଦିଆନିଆ ହୋଇଥାନ୍ତି । ଏହା ନିଜ ନିଜ ମଧ୍ୟରେ ମୈତ୍ରୀ ବନ୍ଧନକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ । ପୁଅ ପାଇଁ ବୋହୁ ଠିକ୍ ହୋଇଥିଲେ ବୋହୁ ପାଇଁ ମଧ୍ୟ ଜୁଗାର୍ ଭାର ଯାଇଥାଏ । ଏଥିରେ ଶାଢି ସହ ବିଭିନ୍ନ ପ୍ରସାଧନ ସାମଗ୍ରୀ ପଠା ଯାଇଥାଏ । ନୂଆଁଖାଇ ଦିନ ପ୍ରାତ କାଳରୁ ଗୃହକର୍ତ୍ତା ଭଟାକୁ ଯାଇ ଗୋରସ, ଚାଉଳ, ଫୁଲ ଆଦି ଅର୍ପଣକରି ନୂଆ ଧାନକୁ ଘରକୁ ଆଣିଥାନ୍ତି । ଏହି ଧାନକୁ କୁଟି ପ୍ରସାଦ ତିଆରି କରାଯାଏ । ଏପଟେ ଗୃହିଣୀମାନେ ବିବିଧ ବର୍ଣ୍ଣର ପିଠା, ଅନ୍ନ ଆଦି ପ୍ରସ୍ତୁତ କରିଥାନ୍ତି । କୂଳାଚାର ବିଧିରେ ପିଦରରେ ପିତୃ ଉପାସନା କରାଯାଏ । ଗୃହ ଦେବାଦେବୀ ଓ ପିତୃ ପୁରୁଷଙ୍କ ଠାରେ ନବାନ୍ନ ସମର୍ପଣ ପରେ ଘରର ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି । ଏହାପରେ କନିଷ୍ଠମାନେ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରିଥାନ୍ତି । ନୂଆଖାଇ ଓ ଜୁହାର ପର୍ବ ସମାପନ ହେବାପରେ ଘରର ଛୋଟ ଛୋଟ ଶିଶୁ ମାନଙ୍କୁ ଏକାଠି ବସାଇ ସେମାନଙ୍କୁ କ୍ଷୀର ଦ୍ୱାରା ସେମାନଙ୍କ ପାଦ ପ୍ରକ୍ଷାଳନ କରାଯାଏ ଓ ଅକ୍ଷତ ଅରୁଆ ଚାଉଳ ଏବଂ ଫୁଲ ଦେଇ ଆଶିର୍ବାଦ କରାଯାଏ । ଛୋଟବେଳୁ ଏମିତି ଏକ ନିଆରା ପରମ୍ପରା ସଂସ୍ପର୍ଶରେ ଆସି ଶିଶୁଟିଏ ସଂସ୍କାରିତ ହୋଇଥାଏ । ଘରେ ସମସ୍ତଙ୍କୁ ମୁଣ୍ଡିଆ ମାରିବାପରେ ପ୍ରସ୍ତୁତ ହୋଇଥିବା ବିବିଧ ଅନ୍ନ ବ୍ୟଞ୍ଜନ ଭକ୍ଷଣ କରାଯାଏ । ଏହାପରେ ସମସ୍ତେ ଗାଁ ଦାଣ୍ଡକୁ ବାହାରି ସମସ୍ତଙ୍କ ସହ ଜୁହାର ଭେଟ ହୋଇଥାନ୍ତି । ବର୍ଷ ଜାକର ମନୋମାଳିନ୍ୟ ଜୁହାର ଭେଟ ଦ୍ୱାରା ପାଣି ଫୋଟକା ପରି ମିଳାଇ ଯାଇଥାଏ । କଳାହାଣ୍ଡିର ଗଡ଼ଜାତ ଅଞ୍ଚଳକୁ ଛାଡିଦେଇ କୋକସରା ସମେତ ୧୩ ଗୋଟି ବ୍ଲକର ଗ୍ରାମାଞ୍ଚଳରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପାଳିତ ହୋଇଯାଇଛି । ଏହା ପୂର୍ବରୁ ଜିଲ୍ଲାର ପଥର୍ଲା, ବାହାଦୂରପଦର ଓ ପାଲକାପଡ଼ା ଗ୍ରାମବାସୀ ଭାଦ୍ର ଶୁକ୍ଳ ପ୍ରତିପଦ ତିଥିରେ ନୂଆ ଖାଇଥିଲେ । ଏହାପରେ ଆସନ୍ତା ଦଶମୀ ତିଥିରେ ଭବାନୀପାଟଣା ସମେତ କଳାହାଣ୍ଡି ଗଡ଼ଜାତର ପୁରାତନ ଜମିଦାରୀ ଅଞ୍ଚଳ ଲାଞ୍ଜିଗଡ଼ ସହର, ମହୁଲପାଟଣା, କର୍ଲାପାଟ, ଜୟପାଟଣା, ମଦନପୁର ରାମପୁର ଓ ଥୁଆମୂଳ ରାମପୁର ସହରବାସୀ ନୂଆ ଖାଇବେ । ତେବେ ଅନ୍ନକୁ ବ୍ରହ୍ମର ମାନ୍ୟତା ଦେଇଥିବା ଆଦିମ କୃଷିଜୀବୀ ସମାଜରେ କେଉଁ ଏକ ଆବାହମାନ କାଳରୁ ଚଳି ଆସୁଥିବା ପ୍ରଥା ଓ ପରମ୍ପରା ପଞ୍ଚମୀ ତିଥିରେ ପାଳିତ ହୋଇଥିବା ନୂଆଖାଇରେ ଦେଖିବାକୁ ମିଳିଛି ।




## ରାଶିଫଳ


**ଶନିବାର, ୩୦ ଅଗଷ୍ଟ ୨୦୨୫**



**ମେଷ:** ଦିନଟି ଲାଭଦାୟକ ହେବ । ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଆଜିର ଦିନଟି ଭଲ ଆକାରରେ କଟିବ । କାରବାରକୁ ଶୀଘ୍ର କର ନାହିଁ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ । ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ । ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ । ଅଧିକ ତ୍ୱରାନ୍ୱିତ ହେବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ ।




**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ । ତୁମେ ସମ୍ମାନ ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଶତ୍ରୁମାନେ ସକ୍ରିୟ ରହିବେ ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ବ୍ୟବସାୟ ଅନୁକୂଳ ଲାଭ ଦେବ ।



**ବିଚ୍ଛା:** ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ । ଜୀବନ ପରିବାର ସହିତ ଖୁସିରେ ବିତାଇବ । ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ । ବ୍ୟବସାୟ ଭଲ ହେବ ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ସେଠାରେ ଭୟ ଏବଂ ସନ୍ଦେହ ରହିବ । ପରିବାର ସହାୟତା ଉପଲବ୍ଧ ହେବ । ସୁଖ ରହିବ । ଅଳସୁଆ ହୁଅ ନାହିଁ ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ । ଚାକିରିରେ କାମ କରିବାକୁ ଭଲ ପାଆନ୍ତି । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କ ସହଯୋଗ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ । ଅଳସୁଆତା ଜିତିବ । ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଥାଇପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯